DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୫/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, February 25/2025 | Page 14 | ₹ 7.00

୫୧ଶ ଭାଗ ୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 93 | ମୂଲ୍ୟ ₹୭/-



## ସବିତାଙ୍କ ୩୦୦ ମାଇଲଖୁଣ୍ଟ

ଏଫ୍ଆଇଏଚ୍ ମହିଳା ପ୍ରୋ ଲିଗ୍‌ରେ ଭାରତର ସବିତା ପୁନିଆ ସୋମବାର ନେଦରଲାଣ୍ଡ ବିପକ୍ଷରେ କ୍ୟାରିୟରର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି।

୧୪

୦୨

## ନିରାଶ କଲା 'ମେରେ ହଜ୍‌ବ୍ୟାଣ୍ଡ୍ କି ବିବି'

ଅଭିନେତା ଅର୍ଜୁନ କପୁରଙ୍କ 'ମେରେ ହଜ୍‌ବ୍ୟାଣ୍ଡ୍ କି ବିବି' ଫିଲ୍ମ ବକ୍ସ ଅଫିସରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି।





ସୋମବାର ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀଉଦ୍ୟାନରେ ନବଜାତକ ସହ ବାଘୁଣୀ 'ଅଙ୍କିତା'।

# ତୃତୀୟ ଥର ମା' ହେଲା ବାଘୁଣୀ 'ଅଙ୍କିତା'

### ନନ୍ଦନକାନନରେ ୨୮କୁ ବଢ଼ିଲା ବାଘ ସଂଖ୍ୟା

ବାରଙ୍ଗ,୨୪।୨(ଲିଙ୍ଗରାଜ ରାଉତ)

ନନ୍ଦନକାନନର ଅନ୍ୟତମ ଆକର୍ଷଣ ସାଧାରଣ ରଙ୍ଗର ବାଘୁଣୀ 'ଅଙ୍କିତା' ୧୩ ବର୍ଷ ୧ ମାସ ବୟସରେ ତୃତୀୟ ଥର ପାଇଁ ମା' ହୋଇଛି। ସେ ସୋମବାର ସକାଳେ ଏକ ଶାବକ ଜନ୍ମ ଦେଇଛି। ୨୦୨୪ ନଭେମ୍ବର ୧୩ରେ 'ସୈଫ' ସହ ତା'ର ମିଳନ ହୋଇ ୧୦୩ ଦିନ ଗର୍ଭଧାରଣ ପରେ ଶାବକ ଜନ୍ମ ହୋଇଛନ୍ତି। ଏହି ନବଜାତକକୁ ମିଶାଇ ନନ୍ଦନକାନନରେ ବାଘସଂଖ୍ୟା ୨୮କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୧୧ ମାଈ, ୧୬ ଅଣ୍ଡିରା ଥିବାବେଳେ ନବଜାତ ଶାବକଙ୍କ ଲିଙ୍ଗ ଚିହ୍ନଟ ହୋଇନାହିଁ। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସିସିଟିଭି ନଜରରେ ଉଭୟ ମା' ଓ ଶାବକଙ୍କ ଗତିବିଧିକୁ ନଜର ରଖାଯାଇଛି। ଏହି ଶାବକକୁ ମିଶାଇ ଅଙ୍କିତା ଏପର୍ଯ୍ୟନ୍ତ ମୋଟ ୮ଟି ସନ୍ତାନଙ୍କୁ ଜନ୍ମ ଦେବାରେ ସଫଳ ହୋଇଛି। ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ଦୁଇ ବିରୋଧୀଙ୍କ ମେଣ୍ଟ

# ଆତଙ୍କବାଦୀ ଆକ୍ରମଣ ଆଶଙ୍କା, ପାକିସ୍ତାନରେ ହାଇ ଆଲର୍ଟ

ଲାହୋର,୨୪।୨

### ଚାମ୍ପିୟନ୍ସ ଟ୍ରଫି

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫି ବେଳେ ଆତଙ୍କବାଦୀ ଆକ୍ରମଣ ଆଶଙ୍କାଥିବା ସୂଚନା ମିଳିଛି। ଫଳରେ ପାକିସ୍ତାନରେ ହାଇଆଲର୍ଟ ଜାରି କରାଯାଇଛି। ଟୁର୍ନାମେଣ୍ଟ ପାଇଁ ଆସିଥିବା ବିଦେଶୀ ଅତିଥି ଓ ଖେଳପ୍ରେମୀଙ୍କୁ ଅପହରଣ କରିବା ଲାଗି ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ଓ ଆଇଏସ୍ଆଇଏସ୍ ଭଳି କିଛି ଚରମପନ୍ଥୀ ଗୋଷ୍ଠୀ ଯୋଜନା ଚଳାଇଛନ୍ତି ବୋଲି ପାକିସ୍ତାନୀ ଗୋଇନ୍ଦା ଏଜେନ୍ସି ସୂତ୍ରରୁ ପ୍ରକାଶ। ଫଳତଃ ବିଦେଶୀ ଅତିଥିଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଘରୋଇ ପରିବେଶରେ ଟୁର୍ନାମେଣ୍ଟ ହେଉଥିବାବେଳେ ପାକିସ୍ତାନ ଦଳ ଅତ୍ୟନ୍ତ ନିମ୍ନମାନର ପ୍ରଦର୍ଶନ କରିବାରୁ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ପାକିସ୍ତାନର ଶୀଘ୍ର ବିଦାୟ ଦେଶର କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରିଛି। ଦେଶର ଗଣମାଧ୍ୟମ ଗୁଡ଼ିକରେ ମଧ୍ୟ ଘରୋଇ ଖେଳାଳିଙ୍କ ପ୍ରଦର୍ଶନକୁ କଡ଼ା ସମାଲୋଚନା କରାଯାଇଛି। ପାକିସ୍ତାନ ଦୀର୍ଘ ୨୯ବର୍ଷ ବ୍ୟବଧାନରେ ଏକ ଆଇସିସି ଇଭେଣ୍ଟ ଆୟୋଜନ କରୁଛି। ମାତ୍ର ଏବେ ଆତଙ୍କବାଦୀ ଆକ୍ରମଣ ଭୟ ଦେଶରେ ଟୁର୍ନାମେଣ୍ଟର ଭବିଷ୍ୟତକୁ ଆଶଙ୍କା ମଧ୍ୟକୁ ନେଇ ଯାଇଛି। ସୂଚନାଯୋଗ୍ୟ, ଦୁଇ ଦେଶ ମଧ୍ୟରେ ରାଜନୈତିକ ତିକ୍ତତା ଲାଗି ରହିଥିବାରୁ ପୃଷ୍ଠା-୪

# ଓଡ଼ିଶାର ଚାଷୀଙ୍କ ଆକାଉଣ୍ଟକୁ ଗଲା ୬୯୯ କୋଟି

ଭୁବନେଶ୍ୱର, ୨୪।୨(ସୁନିତ୍ ମିଶ୍ର)

### ପିଏମ୍ କିଷାନ ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ବିହାରର ଭାଗଲପୁରରୁ ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୧୯ତମ କିସ୍ତି ଦେଶର ବିଭିନ୍ନ ରାଜ୍ୟର ଚାଷୀଙ୍କୁ ପ୍ରଦାନ କରିଛନ୍ତି। ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ଡିବିଟି ମାଧ୍ୟମରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଦିଆଯାଇଛି। ରାଜ୍ୟର ମୋଟ ୩୪ ଲକ୍ଷ ୯୫ ହଜାର ୧୪୭ ଚାଷୀଙ୍କ ଆକାଉଣ୍ଟକୁ ଏହି ଯୋଜନାର ୧୯ତମ କିସ୍ତି ଅର୍ଥ ଭାବେ ୨ ହଜାର ଟଙ୍କା ଲେଖା ପ୍ରଦାନ କରାଯାଇଛି। ରାଜ୍ୟର ଚାଷୀଙ୍କ ଆକାଉଣ୍ଟକୁ ମୋଟ ୬୯୯ କୋଟି ଟଙ୍କା ଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ଏହା ୩ୟ କିସ୍ତି ପ୍ରଦାନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ପୂର୍ବରୁ ଜୁନ୍ ଏବଂ ଅକ୍ଟୋବରରେ ପ୍ରଥମ ଓ ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଥିଲା। ତେବେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ସାଚ୍ୟୁରେଶନ ଡ୍ରାଇଭ କରାଯାଇଥିଲା। ସେହି ଡ୍ରାଇଭ ଅନୁଯାୟୀ ରାଜ୍ୟର ୩ ଲକ୍ଷ ୪୩ ହଜାର ୪୪୭ ଜଣ ଅଧିକ ହିତାଧିକାରୀଙ୍କୁ ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ୧୯ତମ କିସ୍ତି ପ୍ରଦାନ କରାଯାଇଛି। ପିଏମ୍ କିଷାନ ଲାଗି ଏକ ପୃଷ୍ଠା-୪

# ବରକୁ ହତ୍ୟା ପାଇଁ ସୁପାରି

ଶ୍ୱଶୁର ଘର ଲୋକଙ୍କ ପ୍ରତି ହେଉଥିବା ନିର୍ଯାତନାର ପ୍ରତିଶୋଧ ନେବାକୁ ଯାଇ ସୁଶାନ୍ତ ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ରଚିଥିଲେ ସାଂଘାତିକ ଷଡ଼ଯନ୍ତ୍ର। ନିର୍ଯାତନା ଦେଉଥିବା ଯୁବକ ରାଜକୁମାର ପଧାନ ଓ ତାଙ୍କ ସହଯୋଗୀ ସନ୍ତୋଷ ପଧାନଙ୍କୁ ହତ୍ୟା ପାଇଁ ସେ ଯୋଜନା କରିଥିଲେ। ତାହାକୁ କାର୍ଯ୍ୟକାରୀ କରିବା ପାଇଁ କେବଳ ସୁଯୋଗକୁ ଅପେକ୍ଷା ଥିଲା। ଏଭଳିସ୍ଥଳେ ରାଜକୁମାରଙ୍କ ବାହାଘର ନିକଟସ୍ଥ ଗାଁରେ ସ୍ଥିର ହୋଇଥିବା ଜାଣି ସୁଶାନ୍ତ ତାଙ୍କ ହତ୍ୟା ଯୋଜନାକୁ ବାସ୍ତବ ରୂପ ଦେବାପାଇଁ ନିଷ୍ପତ୍ତି ନେଇଥିଲେ। ରାଜକୁମାର ବାହାହେବା ପାଇଁ ଶୋଭାଯାତ୍ରାରେ ଯିବା ସମୟରେ ଗଣ୍ଡଗୋଳ ସୃଷ୍ଟି କରି ତାଙ୍କୁ ଓ ତାଙ୍କ ସହଯୋଗୀଙ୍କୁ ହତ୍ୟା କରିବାକୁ ଯୋଜନା ହୋଇଥିଲା। ଏଥିପାଇଁ ସୁଶାନ୍ତ କେତେଜଣଙ୍କୁ ୨ ହଜାର ଟଙ୍କା ଲେଖାଏ ସୁପାରି ଦେଇ ପଠାଇଥିଲେ। ସେମାନେ ବର ଶୋଭାଯାତ୍ରାରେ ଗଣ୍ଡଗୋଳ କରି ହତ୍ୟାକାଣ୍ଡ ଘଟାଇବା ପୂର୍ବରୁ ଗାଁ ଲୋକଙ୍କ ଦ୍ୱାରା ଧରାପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୮ଜଣଙ୍କୁ ବଲାଙ୍ଗୀର ଜିଲା ଦେଓଗାଁ ପୋଲିସ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ଓ ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

## ■ ୮ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ଦେଓଗାଁ,୨୪।୨
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ରବିବାର ରାତିରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଗାଇବାହାଲ ଗାଁରୁ ଏକ ବିବାହ ଶୋଭାଯାତ୍ରା ବାହାରି ଉଡାର ପଞ୍ଚାୟତ ବାବିଯୋର ଗାଁକୁ ଯାଇଥିଲା। ସମସ୍ତେ ନାଚଗୀତରେ ମସ୍‌ଗୁଲ ଥିଲେ। କନ୍ୟାଘର ପାଖେଇ ଆସିବାବେଳେ ହଠାତ୍ ଆରମ୍ଭ ହୋଇଗଲା ଝାମେଲା। ହୋ ହଲ୍ଲା, ପାଟିତୁଣ୍ଡ ଓ ଗଣ୍ଡଗୋଳ ଭିତରେ କେହି କିଛି ବୁଝି ପାରି ନ ଥିଲେ। ବରଯାତ୍ରୀଙ୍କ ମଧ୍ୟରୁ କେତେଜଣ ଗଣ୍ଡଗୋଳକାରୀ ଯୁବକମାନଙ୍କୁ ଧରି ପଚରାଉଚରା କରିଥିଲେ। ଏହି ସମୟରେ ଗଣ୍ଡଗୋଳକାରୀ ଯୁବକମାନଙ୍କ ମଧ୍ୟରୁ ଜଣଙ୍କ ଅଣ୍ଟାରୁ ଲୁହା ହାତୁଡ଼ି ଖସି ତଳେ ପଡ଼ିଯାଇଥିଲା। ଗାଁ ଲୋକେ ଏହା ଦେଖି ତାଙ୍କୁ କାବୁ କରି ପଚରାଉଚରା କରିବା ପରେ ବର ରାଜକୁମାର ପଧାନ ଓ ତାଙ୍କ ସହଯୋଗୀ ପୃଷ୍ଠା-୪

# ଭାରତରେ ପ୍ରତି ୫ ଜଣରୁ ୩ କ୍ୟାନ୍‌ସର ରୋଗୀଙ୍କ ହେଉଛି ମୃତ୍ୟୁ

ନୂଆଦିଲ୍ଲୀ,୨୪।୨(ପି.ଟି.)



### ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟା ଅଧିକ

ଭାରତରେ କ୍ୟାନ୍‌ସର ରୋଗରେ ଆକ୍ରାନ୍ତ ହେଉଥିବା ପ୍ରତି ୫ ଜଣ ରୋଗୀଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହେଉଛି। ଦେଶରେ କ୍ୟାନ୍‌ସରଜନିତ ମୃତ୍ୟୁ ସଂଖ୍ୟାରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟା ଅଧିକ ବୋଲି ସୋମବାର 'ଦି ଲାନ୍‌ସେଣ୍ଟ ରିଜିଓନାଲ ହେଲ୍‌ଥ ସାଉଥ୍ ଇଷ୍ଟ ଏସିଆ' ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରେ କୁହାଯାଇଛି। ବିଶ୍ୱବ୍ୟାପୀ କ୍ୟାନ୍‌ସର ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ କେବଳ ୧୦%ରୁ ଅଧିକ ଘଟଣା ଭାରତରୁ ଆସୁଥିବା ଏହି ରିପୋର୍ଟ କହିଛି। କ୍ୟାନ୍‌ସର ମୃତ୍ୟୁରେ ଭାରତ ଚାଇନା ପରେ ସମଗ୍ର ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ରିପୋର୍ଟ ଅନୁଯାୟୀ, ଆମେରିକାରେ ପ୍ରତି ୪ କ୍ୟାନ୍‌ସର ରୋଗୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହେଉଥିବାବେଳେ ଚାଇନାରେ ପ୍ରତି ୨ କ୍ୟାନ୍‌ସର ରୋଗୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହେଉଛି। 'ଗ୍ଲୋବାଲ କ୍ୟାନ୍‌ସର ଅବଜର୍‌ଭେଟୋରି (ଗ୍ଲୋବୋକାନ୍) ପୃଷ୍ଠା-୪

SIKSHA 'O' ANUSANDHAN

SAAT-2025

Empowering students for a brighter future

VETERINARY SCIENCE AND ANIMAL HUSBANDRY PROGRAMME
- Bachelor of Veterinary Science and Animal Husbandry (B.V.Sc. & A.H.)

APPROVAL & RECOGNITIONS
- Approved by UGC and VCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 21st Best in Medical Category
- 09th Best in Dental Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ଉତ୍ସରୁ ବର୍ଜ୍ୟ ପୃଥକୀକରଣ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୪।୨

ଉତ୍ସରୁ ବର୍ଜ୍ୟବସ୍ତୁଗୁଡ଼ିକର ପୃଥକୀକରଣ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଏହା କରା ନ ଗଲେ ବର୍ଜ୍ୟରୁ ଶକ୍ତି ଉତ୍ପାଦନ ପ୍ରକଳ୍ପଗୁଡ଼ିକ ଅଧିକ ପ୍ରଦୂଷଣ ସୃଷ୍ଟି କରିବ। କଠିନ ବର୍ଜ୍ୟ ପରିଚାଳନା ନିୟମାବଳୀ, ୨୦୧୬ ଅନୁପାଳନ ପାଇଁ ଅଦାଲତ ଏନ୍‌ସିଆର୍ (ଜାତୀୟ ରାଜଧାନୀ ଅଞ୍ଚଳ) ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ସିଆର୍‌ରେ ବର୍ଜ୍ୟ ପୃଥକୀକରଣ ହାର ଅତ୍ୟନ୍ତ କମ୍ ବୋଲି ବରିଷ୍ଠ ଆଇନଜୀବୀ ତଥା ଆମିକସ୍ କ୍ୟୁରି ଅପରାଜିତା ସିଂ ଅଦାଲତଙ୍କୁ ଜଣାଇଥିଲେ। ନିୟମ ଅନୁପାଳନ କରା ନ ଗଲେ ଦେଶର ସବୁ ସହର ପ୍ରଭାବିତ ହେବ ବୋଲି ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। କଠିନ ବର୍ଜ୍ୟ ପରିଚାଳନା ନିୟମ ଅନୁପାଳନ ବିନା ସହରଗୁଡ଼ିକ କିପରି ସ୍ମାର୍ଟ ହେବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।



## ଆଲ୍ଲାହାବାଦିଆଙ୍କ ବୟାନ ରେକର୍ଡ

ୟୁଟ୍ୟୁବ୍ ଶୋ' ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟରେ ମା'ବାପାଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟ ମାମଲାରେ ଜେରା ପାଇଁ ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆ ଏବଂ ଆଶିଷ ଚଞ୍ଚଲାନି ସୋମବାର ନଭି ମୁମ୍ବାଇସ୍ଥିତ ମହାରାଷ୍ଟ୍ର ସାଇବର ସେଲର ମୁଖ୍ୟାଳୟରେ ହାଜର ହୋଇଛନ୍ତି। ସେଠାରେ ସାଇବର ସେଲ୍‌ର ଅଧିକାରୀମାନେ ୪ ଘଣ୍ଟା ଧରି ଉଭୟଙ୍କର ବୟାନ ରେକର୍ଡ କରିଛନ୍ତି।



**ସଂକ୍ଷେପରେ**

### ଅଧ୍ୟୟନ, କାର୍ଯ୍ୟ ଭିଜା ବାତିଲ କରିବ କାନାଡା

ନୂଆଦିଲ୍ଲୀ,୨୪।୨

କାନାଡା ଏହାର ଆପ୍ରବାସ ନିୟମାବଳୀରେ ବଡ଼ ପରିବର୍ତ୍ତନ କରିଛି। ଜାନୁଆରୀ ୩୧ରୁ କାର୍ଯ୍ୟକାରୀ ହୋଇଥିବା ନୂଆ ଇମିଗ୍ରେଶନ ଆଣ୍ଡ ରିଫ୍ୟୁଜି ପ୍ରୋଟେକ୍ସନ ରେଗୁଲେଶନ ଅଧିକାରୀମାନଙ୍କୁ ଅସ୍ଥାୟୀ ଆବାସିକ ଦସ୍ତାବିଜ୍ ଯଥା ଇଲେକ୍ଟ୍ରୋନିକ୍ ଟ୍ରାଭେଲ ଅଥରାଇଜେଶନ ଏବଂ ଟେମ୍ପରାରି ରେସିଡେଣ୍ଟ ଭିଜା ରଦ୍ଦ କରିବା କ୍ଷମତା ଦେଇଛି। ନୂଆ ନିୟମାବଳୀ ଭାରତୀୟଙ୍କ ସମେତ ଅନେକ ହଜାର ବିଦେଶୀଙ୍କୁ ପ୍ରଭାବିତ କରିପାରେ। ବିଶେଷ କରି ଛାତ୍ରୀଛାତ୍ର, କର୍ମଚାରୀ ଏବଂ ଅସ୍ଥାୟୀ ନିବାସୀ ଆଗନ୍ତୁକ ପ୍ରଭାବିତ ହେବେ ବୋଲି କୁହାଯାଉଛି।

### ବାଂଲାଦେଶ ବାୟୁସେନା ଘାଟିରେ ଆକ୍ରମଣ: ଜଣେ ମୃତ

**ଢାକା,୨୪।୨ :** ବାଂଲାଦେଶର କକ୍ସ ବଜାରସ୍ଥିତ ବାୟୁସେନା ଘାଟିରେ ସୋମବାର ଆକ୍ରମଣ ହୋଇଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ନିକଟବର୍ତ୍ତୀ ସମିତି ପରା ଅଞ୍ଚଳରୁ ଏହି ଆକ୍ରମଣ ହୋଇଥିବା ଇଣ୍ଟରସର୍ଭିସ ପବ୍ଲିକ୍ ରିଲେଶନ (ଆଇଏସ୍‌ପିଆର୍) ପକ୍ଷରୁ କୁହାଯାଇଛି। ସଂଘର୍ଷ ବେଳେ ସ୍ଥାନୀୟ ବ୍ୟବସାୟୀ ଶାହାବ କବିରଙ୍କୁ ଗୁଳିମାଡ଼ ହୋଇଥିଲା। ସ୍ଥିତିକୁ ଆୟତ୍ତ କରିବା ପାଇଁ ବାଂଲାଦେଶ ବାୟୁସେନା ଆବଶ୍ୟକ ପଦକ୍ଷେପ ନେଇଥିବା ଆଇଏସ୍‌ପିଆର୍ ସହକାରୀ ନିର୍ଦ୍ଦେଶକ ଆୟେଶା ସିଦ୍ଦିକ୍କା କହିଛନ୍ତି। ଆକ୍ରମଣର କାରଣ ଜଣାପଡ଼ି ନାହିଁ।

# ସମ୍ପୂର୍ଣ୍ଣ ବନ୍ଦୀ ବିନିମୟ ପ୍ରସ୍ତାବ ଦେଲେ ଜେଲେନ୍‌ସ୍କି

**ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଉଦ୍ୟମ**

କିଭ୍,୨୪।୨


ଭୋଲୋଡିମିର୍ ଜେଲେନ୍‌ସ୍କି

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ସୋମବାର ୩ ବର୍ଷ ପୂରିଛି। ୨୦୨୨ ଫେବୃଆରୀ ୨୪ରେ ରୁଷିଆ ସେନା ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଏହି ଯୁଦ୍ଧରେ ଉଭୟ ଦେଶ ବ୍ୟାପକ କ୍ଷତି ସହିଲେଣି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଶର ବିଦେଶ ନୀତିରେ ପରିବର୍ତ୍ତନ ଆଣି ୟୁକ୍ରେନ୍‌କୁ ସହାୟତା ବନ୍ଦ କରିବା ସହ ରୁଷିଆ ପକ୍ଷ ନେବା ପରେ ଯୁଦ୍ଧ ବନ୍ଦ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଉଦ୍ୟମ କ୍ରମେ ମସ୍କୋ ଏବଂ କିଭ୍ ମଧ୍ୟରେ ସମସ୍ତ ଯୁଦ୍ଧବନ୍ଦୀମାନଙ୍କୁ ବିନିମୟ କରିବା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି ସୋମବାର ପ୍ରସ୍ତାବ ଦେଇଛନ୍ତି। ରୁଷିଆ ୟୁକ୍ରେନୀୟମାନଙ୍କୁ ମୁକ୍ତ କରିବା ଜରୁରୀ। ଏହା ବଦଳରେ ୟୁକ୍ରେନ୍ ସମସ୍ତ ରୁଷୀୟ ବନ୍ଦୀଙ୍କୁ ମୁକ୍ତ କରିବାକୁ ପ୍ରସ୍ତୁତ ବୋଲି ଜେଲେନ୍‌ସ୍କି ଯୁଦ୍ଧର ୩ ବର୍ଷ ପୂର୍ତ୍ତି ଅବସରରେ କିଭ୍‌ରେ ଏକ ସମିଟ୍‌କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଗତବର୍ଷ ଅକ୍ଟୋବରରେ ୟୁଏଇ ମଧ୍ୟସ୍ଥତାରେ ୯୫ ଜଣ ବନ୍ଦୀ ବିନିମୟ ହୋଇଥିଲେ। ଏହା ପୂର୍ବରୁ ସେପ୍ଟେମ୍ବରରେ ୧୦୩ ଜଣ ବନ୍ଦୀଙ୍କୁ ଅଦଳବଦଳ କରାଯାଇଥିଲା। ୩ ବର୍ଷ ଧରି ୟୁକ୍ରେନ୍‌ର ପ୍ରତିରୋଧ ଏବଂ ସାହସକୁ ଜେଲେନ୍‌ସ୍କି ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ୟୁକ୍ରେନ୍‌କୁ ନାଟୋ ସଦସ୍ୟତା ମିଳିଲେ ଜେଲେନ୍‌ସ୍କି ରାଷ୍ଟ୍ରପତି ପଦ ଛାଡ଼ିବାକୁ ପ୍ରସ୍ତୁତ ବୋଲି ଦିନକ ପୂର୍ବରୁ କହିଥିଲେ।

ଗତ ମଙ୍ଗଳବାର ରିୟାଧରେ ଆମେରିକା ଏବଂ ରୁଷିଆ ପ୍ରତିନିଧିଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଏକାଠି କାର୍ଯ୍ୟ କରିବାକୁ ଉଭୟ ଦେଶ ରାଜି ହେବା ସହ କୂଟନୈତିକ ଏବଂ ଅର୍ଥନୈତିକ ସମ୍ପର୍କ ବଢ଼ାଇବାକୁ ସହମତ ହୋଇଥିଲେ। ବୈଠକରେ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏବଂ ତାଙ୍କ ରୁଷିଆ ପ୍ରତିପକ୍ଷ ସର୍ଗେଇ ଲାଭରୋଭଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ଦେଶ ଏକାଠି କାର୍ଯ୍ୟ କରିବାକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୋମବାର ଆହ୍ୱାନ ଦେଇଛନ୍ତି। ୟୁକ୍ରେନ୍ ଯୁଦ୍ଧର ୩ ବର୍ଷ ପୂର୍ତ୍ତିରେ ଏକ ସ୍ଥାୟୀ ଶାନ୍ତି ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଯୁଦ୍ଧ ବନ୍ଦ ଦିଗରେ କୌଣସି ଉଦ୍ୟମ ହାତଛଡ଼ା କରାଯିବ ନାହିଁ ବୋଲି ଗୁଟେରେସ୍ ଜେନେଭାସ୍ଥିତ ଜାତିସଂଘ ମାନବାଧିକାର ପରିଷଦର ଏକ ଉଚ୍ଚସ୍ତରୀୟ ବୈଠକରେ କହିଛନ୍ତି। ୨୦୨୨ ଫେବୃଆରୀରେ ରୁଷିଆର କାର୍ଯ୍ୟ ଜାତିସଂଘ ଚାର୍ଟରର ଉଲ୍ଲଂଘନ ବୋଲି ମାନବାଧିକାର ପରିଷଦ କହିଛି।

ଯୁଦ୍ଧର ୩ ବର୍ଷ ପୂର୍ତ୍ତି ଅବସରରେ ସୋମବାର ୟୁରୋପ ଏବଂ କାନାଡାର ବହୁ ନେତା ୟୁକ୍ରେନ୍ ରାଜଧାନୀ କିଭ୍‌ରେ ପହଞ୍ଚିଛନ୍ତି। ସେମାନେ ୟୁକ୍ରେନ୍‌କୁ ସମର୍ଥନ ଜଣାଇଛନ୍ତି। ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ ଏବଂ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କିଭ୍‌ରେ ପହଞ୍ଚିଥିବାବେଳେ ସେମାନଙ୍କୁ ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ରେଲଷ୍ଟେଶନରେ ସ୍ୱାଗତ କରିଥିଲେ। ୟୁକ୍ରେନ୍ ୟୁରୋପରେ ହୋଇଥିବାରୁ ସମଗ୍ର ୟୁରୋପ ଏହି ଦେଶ ସହ ରହିଛି ବୋଲି ଲେୟେନ ସୋସିଆଲ ମିଡିଆରେ ଲେଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁରୋପିଆନ୍ କାଉନ୍‌ସିଲ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଉତ୍ତର ୟୁରୋପୀୟ ଦେଶ ଏବଂ ସ୍ପେନ୍ ପ୍ରଧାନମନ୍ତ୍ରୀ କିଭ୍‌ରେ ଯୁଦ୍ଧର ତୃତୀୟ ବର୍ଷ ପୂର୍ତ୍ତିରେ ଯୋଗଦେବାକୁ ଯାଇଛନ୍ତି। ଡୋନାଲ୍ଡ ଟ୍ରମ୍ପ୍ କ୍ଷମତାକୁ ଆସିବା ପରେ ଆମେରିକା ନୀତିରେ ପରିବର୍ତ୍ତନ ହୋଇଥିବାରୁ ଏନେଇ ୟୁରୋପୀୟ ନେତାମାନେ ଜେଲେନ୍‌ସ୍କିଙ୍କ ସହ ଆଲୋଚନା କରିବେ। ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନର ମୁକାବିଲା ପାଇଁ ୟୁରୋପ ଏହାର ରଣନୀତି ଆରମ୍ଭ କରିଛି। ମାର୍ଚ୍ଚ ୬ରେ ୨୭ ଜଣ ୟୁରୋପୀୟ ୟୁନିୟନ ନେତାଙ୍କୁ ନେଇ ଜରୁରୀ ବୈଠକ ବସିବାକୁ ଯାଉଥିଲାବେଳେ ସେଥିରେ ୟୁକ୍ରେନ୍ ମୁଖ୍ୟ ପ୍ରସଙ୍ଗ ରହିଛି।


ରୁଷିଆ-ୟୁକ୍ରେନ୍ ଯୁଦ୍ଧର ୩ୟ ବର୍ଷ ପୂର୍ତ୍ତିରେ କିଭ୍ ଉପକଣ୍ଠ ରୋମାନିଭସ୍କା ବ୍ରିଜ୍‌ଠାରେ ସୋମବାର ଜଣେ ମହିଳା ତାଙ୍କ ନିକଟ ସମ୍ପର୍କୀୟଙ୍କ ସ୍ମୃତିରେ ଶୋକବ୍ୟକ୍ତ କରୁଛନ୍ତି। ଯୁଦ୍ଧ ଆରମ୍ଭରେ ଏହି ବ୍ରିଜ୍ ଧ୍ୱଂସ ହୋଇଥିଲା।

**ସୁଡଙ୍ଗରେ ଫସିଛନ୍ତି ୮ ଶ୍ରମିକ**

### ଉଦ୍ଧାର ପାଇଁ ପହଞ୍ଚିଲା ର୍ୟାଟ୍ ମାଇନର୍ସ ଟିମ୍

ହାଇଦ୍ରାବାଦ, ୨୪।୨

ତେଲଙ୍ଗାନାର ନାଗର୍‌କୁଲ୍‌ନୁର୍‌ଠାରେ ଶନିବାର ଏକ ନିର୍ମାଣାଧୀନ ସୁଡଙ୍ଗ ଭୁଶୁଡ଼ି ପଡ଼ିବାରୁ ଏହା ତଳେ ୮ ଜଣ ଶ୍ରମିକ ଫସି ରହିଛନ୍ତି। ଗତ ୪୮ ଘଣ୍ଟା ଧରି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଭାରତୀୟ ସେନା, ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବଳ (ଏସ୍‌ଡିଆର୍‌ଏଫ୍) ପକ୍ଷରୁ ରେସ୍କ୍ୟୁ ଅପରେଶନ ଜାରି ରହିଥିଲେ ସୁଦ୍ଧା ଏହି ଅଭିଯାନକୁ ସଫଳତା ମିଳିନାହିଁ। ତେବେ ଫସିରହିଥିବା ଶ୍ରମିକମାନଙ୍କୁ ଜୀବିତ ଉଦ୍ଧାର କରିବାର ସମ୍ଭାବନା ଖୁବ କମ୍ ରହିଛି ବୋଲି ସୋମବାର ତେଲଙ୍ଗାନାର ମନ୍ତ୍ରୀ ଜୁପାଲି କୃଷ୍ଣ ରାଓ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଟନେଲରେ ଫସିଥିବା ଶ୍ରମିକଙ୍କ ସହ ସମ୍ପର୍କ ହୋଇପାରି ନାହିଁ। ତେବେ ସେମାନଙ୍କ ନିକଟରେ ପହଞ୍ଚିବା ପାଇଁ ଯଥା ସମ୍ଭବ ପ୍ରୟାସ କରାଯାଉଛି ବୋଲି ସେ କହିଛନ୍ତି। ୨୦୨୩ ନଭେମ୍ବରରେ ଉତ୍ତରାଖଣ୍ଡର ସିଲ୍କ୍ୟାରା ସୁଡଙ୍ଗ ଦୁର୍ଘଟଣାର ସଫଳ ରେସ୍କ୍ୟୁ ଅପରେଶନରେ ସାମିଲ ଥିବା ର୍ୟାଟ୍ ମାଇନର୍ସର ଏକ ୬ ଜଣିଆ ଟିମ୍ ସୋମବାର ନାଗର୍‌କୁଲ୍‌ନୁର୍‌ଠାରେ ଜାରି ରହିଥିବା ରେସ୍କ୍ୟୁ ଅପରେଶନରେ ସାମିଲ ହୋଇଛନ୍ତି। ସେହିପରି ର୍ୟାଟ୍ ମାଇନର୍ସର ଆଉ ଏକ ଟିମ୍ ମଙ୍ଗଳବାର ନାଗର୍‌କୁଲ୍‌ନୁର ପହଞ୍ଚିବ ବୋଲି ଜୁପାଲି ସୂଚନା ଦେଇଛନ୍ତି।

## ୨,୦୦୦ ୟୁଏସ୍‌ଏଆଇଡି କର୍ମଚାରୀ ଛଟେଇ ହେବେ

**ଅନେକ ହଜାରଙ୍କୁ ଛୁଟିରେ ଯିବାକୁ ନିର୍ଦ୍ଦେଶ**

ୱାଶିଂଟନ,୨୪।୨

ୟୁଏସ୍ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭେଲପମେଣ୍ଟ (ୟୁଏସ୍‌ଏଆଇଡି)ର ୨,୦୦୦ କର୍ମଚାରୀଙ୍କୁ ଛଟେଇ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଘୋଷଣା କରିଛି। ଏଥିସହିତ ବିଶ୍ୱସ୍ତରରେ ରହିଥିବା ଅଧିକାଂଶ ୟୁଏସ୍‌ଏଆଇଡି କର୍ମଚାରୀଙ୍କୁ ପ୍ରଶାସନିକ ଛୁଟିରେ ରଖାଯାଇଛି। ଆମେରିକା ଏବଂ ବିଦେଶରେ ଥିବା ୟୁଏସ୍‌ଏଆଇଡି କର୍ମଚାରୀଙ୍କୁ ଛଟେଇ ପାଇଁ ଏକ ସଂଘୀୟ ଅଦାଲତ ଅନୁମତି ଦେବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ୟୁଏସ୍‌ଏଆଇଡି କର୍ମଚାରୀମାନେ ଦାଏର କରିଥିବା ଏକ ଲ'ସୁଟ୍‌ରେ ସରକାରଙ୍କ ଯୋଜନା ଉପରେ ଅସ୍ଥାୟୀ ରହିତାଦେଶ ବଢ଼ାଇବାକୁ ଦାଏର ପିଟିଶନକୁ ଆମେରିକା ଜିଲା ଜଜ୍ କାର୍ଲ ନିକୋଲ୍ସ ଖାରଜ କରିଦେଇଥିଲେ। ଫଳରେ ଟ୍ରମ୍ପ ପ୍ରଶାସନକୁ କର୍ମଚାରୀ ଛଟେଇ ପାଇଁ ସୁଯୋଗ ମିଳିଯାଇଛି। ପ୍ରଶାସନ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ମିଶନ କାର୍ଯ୍ୟ, କୋର୍ ଲିଡରଶିପ୍ କିମ୍ବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିୟୋଜିତ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ପ୍ରତ୍ୟକ୍ଷ ନିଯୁକ୍ତ କର୍ମଚାରୀଙ୍କୁ ରବିବାର ରାତି ୧୨ଟାରୁ ପ୍ରଶାସନିକ ଛୁଟିରେ ରଖାଯାଇଛି। ବିଦେଶରେ ୟୁଏସ୍‌ଏଆଇଡି କାର୍ଯ୍ୟ କମାଇବା ପାଇଁ ଟ୍ରମ୍ପ ପ୍ରଶାସନ ଚଳାଇଥିବା ଉଦ୍ୟମର ଏହା ସଦ୍ୟତମ ପଦକ୍ଷେପ। ଟ୍ରମ୍ପ ପ୍ରଶାସନ ୱାଶିଂଟନସ୍ଥିତ ୟୁଏସ୍‌ଏଆଇଡି ହେଡ୍‌କ୍ୱାର୍ଟର୍ସକୁ ବନ୍ଦ କରିବା ସହ ବିଶ୍ୱବ୍ୟାପୀ ଅନେକ ହଜାର ସହାୟତା ଓ ବିକାଶମୂଳକ କାର୍ଯ୍ୟ ବନ୍ଦ କରିବା ଦିଗରେ ଉଦ୍ୟମ ଚଳାଇଛି। ଟ୍ରମ୍ପ ଏବଂ ତାଙ୍କର ଖର୍ଚ୍ଚକାଟ ବିଭାଗ ମୁଖ୍ୟ ଥିବା ଏଲନ୍ ମସ୍କ ବିଦେଶୀ ସହାୟତା କାର୍ଯ୍ୟକ୍ରମକୁ କ୍ରମାଗତ ସମାଲୋଚନା କରିଆସୁଛନ୍ତି।

କର୍ମଚାରୀ ଛଟେଇ ଏବଂ ପ୍ରଶାସନିକ ଛୁଟି ନିର୍ଦ୍ଦେଶ ସହ ଶତାଧିକ ୟୁଏସ୍‌ଏଆଇଡି ଠିକାଦାରଙ୍କୁ ଗୋପନ ବରଖାସ୍ତ ପତ୍ର ମିଳିଛି। ୟୁଏସ୍‌ଏଆଇଡି ଉପରେ ଟ୍ରମ୍ପ ପ୍ରଶାସନର ଆକ୍ରମଣାତ୍ମକ ପଦକ୍ଷେପକୁ ଅନ୍ତର୍ଜାତୀୟ ସହଯୋଗ ସଂଗଠନ ଏବଂ ଆଇନ ପ୍ରଣେତାମାନେ କଡ଼ା ସମାଲୋଚନା କରିଛନ୍ତି। ହଠାତ୍ ପାଣ୍ଠି ଏବଂ କର୍ମଚାରୀ ପ୍ରତ୍ୟାହାର ବୈଶ୍ୱିକ ମାନବୀୟ ଉଦ୍ୟମକୁ ଗୁରୁତର ପ୍ରଭାବିତ କରିବ ବୋଲି ସେମାନେ କହିଛନ୍ତି।

## ରୁଷିଆ କନ୍‌ସୁଲେଟ୍‌ରେ ବିସ୍ଫୋରଣ



ପ୍ୟାରିସ୍,୨୪।୨

**ଆତଙ୍କବାଦୀ ଆକ୍ରମଣ କହିଲା ମସ୍କୋ**

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ସୋମବାର ୩ ବର୍ଷ ପୂରିଥିବାବେଳେ ଫ୍ରାନ୍ସର ମାର୍ସେଇଲ୍ ସହରରେ ଥିବା ରୁଷିଆ କନ୍‌ସୁଲେଟ୍‌ରେ ବଡ଼ ଧରଣର ବିସ୍ଫୋରଣ ଘଟିଛି। ମସ୍କୋ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିବା ସହ ଫ୍ରାନ୍ସ ସରକାର ଏହାର ପୂର୍ଣ୍ଣ ତଦନ୍ତ କରିବାକୁ ଦାବି କରିଛନ୍ତି। ପ୍ରାଥମିକ ତଦନ୍ତ ଅନୁଯାୟୀ, କନ୍‌ସୁଲେଟ୍ ପରିସରରେ ଥିବା ବଗିଚା ମଧ୍ୟକୁ କେହି ଅଜଣା ବ୍ୟକ୍ତି ଦୁଇଟି ମୋଲୋଟୋଭ୍ କକ୍‌ଟେଲ୍ ଫିଙ୍ଗିଥିଲେ ବୋଲି ବେଲାରୁଷ ମିଡିଆ ହାଉସ୍ ନେକ୍‌ସ୍ଟା ପକ୍ଷରୁ ଖବର ପ୍ରକାଶ ପାଇଛି। ସେଥିରୁ ଗୋଟିଏ ଡିଭାଇସ୍ ବିସ୍ଫୋରଣ ହୋଇଥିବାବେଳେ ଅନ୍ୟଟି ବିଫଳ ହୋଇଥିଲା। ବିସ୍ଫୋରଣ ସ୍ଥଳରୁ ଏକ ଚୋରା କାର୍ ମିଳିଛି। ତେବେ ବିସ୍ଫୋରଣରେ କେହି ମୃତାହତ ହୋଇ ନାହାନ୍ତି। ବିସ୍ଫୋରଣରୁ ଆତଙ୍କବାଦୀ ଆକ୍ରମଣର ସମସ୍ତ ସୂଚନା ମିଳୁଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭା କହିବା ସହ ଫ୍ରାନ୍ସ କର୍ତ୍ତୃପକ୍ଷ ଏହାର ସବିଶେଷ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଏଥିସହିତ ସେଠାରେ ଥିବା ରୁଷିଆର ବିଦେଶୀ ମିଶନଗୁଡ଼ିକର ସୁରକ୍ଷା କଡ଼ାକଡ଼ି କରିବା ଦିଗରେ ପ୍ୟାରିସ୍ ପଦକ୍ଷେପ ନେବ ବୋଲି ଜାଖାରୋଭା କହିଛନ୍ତି।

## ମେର୍ଜଙ୍କ ଦଳ ବିଜୟୀ

ବର୍ଲିନ୍,୨୪।୨(ରଏଟର୍ସ)

**ଜର୍ମାନୀ ନିର୍ବାଚନ**

**କଠିନ ହୋଇପାରେ ସରକାର ଗଠନ**


ଫେଡେରିକ୍ ମେର୍ଜ

ଜର୍ମାନୀର ଜାତୀୟ ନିର୍ବାଚନରେ ବିରୋଧୀ ଦଳ ନେତା ଫେଡେରିକ୍ ମେର୍ଜଙ୍କ କଞ୍ଜରଭେଟିଭ୍ ଖ୍ରୀଷ୍ଟିଆନ୍ ଡେମୋକ୍ରାଟ୍ସ (ସିଡିୟୁ) ବିଜୟୀ ହୋଇ ସରକାର ଗଢ଼ିବାକୁ ଯାଉଛି। ବିଦାୟୀ ଚାନ୍ସେଲର ଓଲାଫ୍ ସ୍କୋଲ୍ଜଙ୍କ ଦଳ ଏସ୍‌ପିଡି ତୃତୀୟ ସ୍ଥାନରେ ରହିଥିବାବେଳେ ଫାର୍ ରାଇଟ୍ ଅଲ୍‌ଟର୍ନେଟିଭ୍ ଫର୍ ଜର୍ମାନୀ (ଏଏଫ୍‌ଡି) ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳି ନ ଥିବାରୁ ସରକାର ଗଠନ ମେର୍ଜଙ୍କ ପାଇଁ ସହଜ ହେବ ନାହିଁ ବୋଲି କୁହାଯାଉଛି। ମେଣ୍ଟ ଗଠନ ପାଇଁ ତାଙ୍କୁ ଅନ୍ୟ ଦଳଗୁଡ଼ିକର ସହଯୋଗ ନେବାକୁ ପଡ଼ିବ। ସେପଟେ ଫାର୍-ରାଇଟ୍ ଏବଂ ଫାର୍-ଲେଫ୍ଟ ଦଳଗୁଡ଼ିକ ଅଧିକ ଆସନ ଜିତିଥିବାରୁ ମେର୍ଜଙ୍କୁ ପାର୍ଲାମେଣ୍ଟରେ କଡ଼ା ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। ସରକାର ଗଠନ ପାଇଁ ଏକ ଯଥାର୍ଥ ବିକଳ୍ପ ହେଲା ସ୍କୋଲ୍ଜଙ୍କ ସୋସିଆଲ ଡେମୋକ୍ରାଟ୍ସଙ୍କ ସହ ମେଣ୍ଟ କରିବା। ୬୩୦ ଆସନ ବିଶିଷ୍ଟ ଜର୍ମାନ ପାର୍ଲାମେଣ୍ଟରେ ମେର୍ଜଙ୍କ ୟୁନିୟନ ବ୍ଲକ୍ ଏବଂ ଏହାର ସେଣ୍ଟର-ଲେଫ୍ଟ ପ୍ରତିଦ୍ୱନ୍ଦ୍ୱୀ ମିଳିତ ଭାବେ ୩୨୮ ଆସନ ଜିତିଛନ୍ତି। ଅନ୍ୟପକ୍ଷରେ ଏଏଫ୍‌ଡି ଏବଂ ଲେଫ୍ଟ ପାର୍ଟିକୁ ମିଳିତ ଭାବେ ଏକ-ତୃତୀୟାଂଶ ଆସନ ମିଳିଛି। ଜର୍ମାନୀରେ ୩ ଦଳିଆ ମେଣ୍ଟ ସରକାରରେ ବିଭିନ୍ନ ନୀତିକୁ ନେଇ ମତଭେଦରୁ ୨୦୨୪ ଡିସେମ୍ବରରେ ସରକାର ଭାଙ୍ଗିଯାଇଥିଲା। ରବିବାର ଅନୁଷ୍ଠିତ ନିର୍ବାଚନରେ ଆର୍ଥିକ ସ୍ଥିତି ସୁଧାରିବା ଏବଂ ଆପ୍ରବାସନ ସଂସ୍କାର ସମେତ ଦରଦାମ୍ ବୃଦ୍ଧି, ୟୁକ୍ରେନ୍ ଯୁଦ୍ଧ ଏବଂ ସୁରକ୍ଷା ଆଦି ପ୍ରମୁଖ ପ୍ରସଙ୍ଗ ପାଲଟିଥିଲା। ସ୍କୋଲ୍ଜଙ୍କ ସୋସିଆଲ ଡେମୋକ୍ରାଟ୍ସ ମାତ୍ର ୧୬.୪ ପ୍ରତିଶତ ଭୋଟ ପାଇଥିବାବେଳେ ମେର୍ଜଙ୍କ ଦଳ ୨୮.୫ ପ୍ରତିଶତ ଭୋଟ ପାଇଛି।

### ଚର୍ମରୋଗ ସହ ଫେରୁଛନ୍ତି ମହାକୁମ୍ଭ ଶ୍ରଦ୍ଧାଳୁ

ରାଞ୍ଚି, ୨୪।୨

ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଗତ କିଛିଦିନ ମଧ୍ୟରେ ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିର ଲୋକଙ୍କଠାରେ ଚର୍ମ ସମ୍ବନ୍ଧୀୟ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଖାସ୍‌କରି ମହାକୁମ୍ଭ ମେଳାକୁ ଯାଇ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ଫେରୁଥିବା ଶ୍ରଦ୍ଧାଳୁମାନଙ୍କ ନିକଟରେ ବିଭିନ୍ନ ଚର୍ମ ସମ୍ବନ୍ଧୀୟ ସମସ୍ୟା ଦେଖାଦେଉଥିବା ନେଇ ସହରର କେତେଜଣ ବିଶିଷ୍ଟ ଚର୍ମରୋଗ ବିଶେଷଜ୍ଞ ଦାବି କରିଛନ୍ତି। ନିକଟରେ ମହାକୁମ୍ଭ ମେଳାରୁ ଫେରିଥିବା ବ୍ୟକ୍ତିମାନଙ୍କ ଦେହ କୁଣ୍ଡେଇ ହେବା, ଚର୍ମରେ ଦାଗ, ଫଙ୍ଗଲ ସଂକ୍ରମଣ ଆଦି ଚର୍ମରୋଗ ସମ୍ବନ୍ଧୀୟ ମାମଲା ବୃଦ୍ଧି ଘଟିଥିବା ନେଇ ରାଞ୍ଚିସ୍ଥିତ ଲକ୍ଷ୍ମୀ କ୍ଲିନିକ୍‌ର ଚର୍ମରୋଗ ବିଶେଷଜ୍ଞ ଯଶୋବନ୍ତ ଲାଲ କହିଛନ୍ତି। ସମ୍ଭବତଃ ଅଧିକ ସମୟ ଧରି ଓଦା ପୋଷାକ ପିନ୍ଧିବା, ଅପରିଷ୍କାର ପରିବେଶରେ ରହିବା ଏବଂ ମହାକୁମ୍ଭ ମେଳାରେ ବିଭିନ୍ନ ଅଂଶୀଦାର ସୁବିଧାଗୁଡ଼ିକୁ ଉପଭୋଗ କରିବା ଦ୍ୱାରା କୁଣ୍ଡେଇ ହେବା ଏବଂ ଶରୀରର ବିଭିନ୍ନ ସ୍ଥାନରେ ଦାଗ ପରି ଚର୍ମ ଜନିତ ସମସ୍ୟା ଲୋକଙ୍କ ନିକଟରେ ବଢ଼ିଥିବା ସେ କହିଛନ୍ତି।

## ୬ ଜଣଙ୍କୁ ହତ୍ୟା ପରେ ଥାନାରେ ଆତ୍ମସମର୍ପଣ

ଥିରୁଭାନନ୍ତପୁରମ୍,୨୪।୨

କେରଳ ଥିରୁଭାନନ୍ତପୁରମ୍‌ର ଜଣେ ୨୩ ବର୍ଷୀୟ ଯୁବକ ସୋମବାର ସନ୍ଧ୍ୟାରେ ନିଜ ଜେଜେମା', ନାବାଳକ ଭାଇ ଓ ବାନ୍ଧବୀଙ୍କ ସମେତ ୬ ଜଣଙ୍କୁ ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅଳ୍ପ କେତେ ଘଣ୍ଟା ମଧ୍ୟରେ ସେ ୩ଟି ଭିନ ଭିନ ସ୍ଥାନରେ ହତ୍ୟାକାଣ୍ଡ ଘଟାଇଥିଲେ। ଅଫାନ୍ ନାମକ ଉକ୍ତ ଯୁବକ ଥାନାରେ ଆତ୍ମସମର୍ପଣ କରି ୬ ଜଣଙ୍କୁ ହତ୍ୟା କରିଥିବା ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ତେବେ ଅଫାନ୍‌ଙ୍କ ୧୩ ବର୍ଷୀୟ ଭାଇ ଅହସାନ, ଜେଜେମା' ସଲମା ବିବି, ଦାଦା ଲତିଫ, ଖୁଡ଼ୀ ଶାହିଦା ଏବଂ ଗର୍ଲଫ୍ରେଣ୍ଡ ଫର୍ସାନାଙ୍କ ମୃତ୍ୟୁ ଘଟିଥିବା ପୋଲିସ ସ୍ପଷ୍ଟ କରିଛି। ମାଆ ଗୁରୁତର ଅବସ୍ଥାରେ ଥିରୁଭାନନ୍ତପୁରମ୍ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଫାନ୍ ବିଷ ପିଇଥିବା ପୋଲିସକୁ ଜଣାଇବା ପରେ ତାଙ୍କୁ ମଧ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଗଣହତ୍ୟା ପଛର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ କରୁଛି।

## ବିକାଶରେ ଭାରତକୁ ପଛରେ ନ ପକାଇଲେ ମୋ ନାଁ ଶେହବାଜ ରହିବନି

ଇସଲାମାବାଦ,୨୪।୨

**ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଭାଇରାଲ**



ବିକାଶରେ ପାକିସ୍ତାନ ଯଦି ଭାରତକୁ ପଛରେ ନ ପକାଏ ତେବେ ମୋ ନାଁ ଶେହବାଜ ଶରିଫ୍ ରହିବ ନାହିଁ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ନିକଟରେ ଦେଇଥିବା ଭାଷଣ ଭାଇରାଲ ହେବାରେ ଲାଗିଛି। ଏଭଳି ଦାବି କରି ଶରିଫ ନିଜ ନାମ ହରାଇବା ନେଇ ଚିନ୍ତାରେ ପଡ଼ିଛନ୍ତି।

ଶେହବାଜ ବିଭିନ୍ନ ସମୟରେ ରାଲିରେ ଚିତ୍କାର କରି କହିବା ସହ ବେଳେବେଳେ ଅତ୍ୟଧିକ ଭାବପ୍ରବଣ ହୋଇପଡ଼ିଥାନ୍ତି। ସେ ନିକଟରେ ପାକିସ୍ତାନ ପଞ୍ଜାବ ପ୍ରଦେଶର ଡେରା ଘାଜି ଖାନ୍‌ରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଭାଷଣ ଦେବାବେଳେ ସେ ହାତକୁ ଉପରକୁ ଟେକି ଜୋର୍‌ରେ ହଲାଇବା ସହ ମଞ୍ଚରେ ଡେଇଁଥିଲେ ଓ ବାରମ୍ବାର ଛାତି ଓ ଟେବୁଲ ବାଡ଼େଇଥିଲେ। ସେ କହିଥିଲେ, ସାଧାରଣ ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ତାଙ୍କ ସରକାର କଠିନ ପରିଶ୍ରମ କରୁଛନ୍ତି। ପାକିସ୍ତାନକୁ ବିକଶିତ କରିବା ପାଇଁ ଆମେ ଦିନରାତି କାମ କରିବୁ। ଆଲ୍ଲାଙ୍କ ଆଶୀର୍ବାଦ ସବୁବେଳେ ପାକିସ୍ତାନ ସହ ରହିଛି। ଆମ ଉଦ୍ୟମ ବଳରେ ପାକିସ୍ତାନ ବିକାଶ ଓ ସମୃଦ୍ଧିରେ ଭାରତକୁ ଯଦି ପଛରେ ନ ପକାଏ, ତେବେ ମୋ ନାଁ ଶେହବାଜ ଶରିଫ ରହିବ ନାହିଁ ବୋଲି ପାକ୍ ପ୍ରଧାନମନ୍ତ୍ରୀ କହିଥିଲେ।

## ନିରାଶ କଲା ମେରେ ହଜ୍‌ବ୍ୟାଣ୍ଡ୍ କି ବିବି

ମୁମ୍ବାଇ: ଅଭିନେତା ଅର୍ଜୁନ କପୁର, ଅଭିନେତ୍ରୀ ଭୂମି ପେଡ୍‌ନେକର ଏବଂ ରକୁଲ ପ୍ରୀତ ସିଂଙ୍କର ଫିଲ୍ମ 'ମେରେ ହଜ୍‌ବ୍ୟାଣ୍ଡ୍ କି ବିବି' ଗତ ୨୧ରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ୩ ଦିନ ମଧ୍ୟରେ ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବକ୍ସ ଅଫିସରେ ବିଭିନ୍ନ ଫିଲ୍ମର ପ୍ରଦର୍ଶନକୁ ଅନୁଧ୍ୟାନ କରୁଥିବା ସଂସ୍ଥା 'ସାକନିଲ୍କ'ର ରିପୋର୍ଟ ଅନୁଯାୟୀ, 'ମେରେ ହଜ୍‌ବ୍ୟାଣ୍ଡ୍ କି ବିବି' ଫିଲ୍ମ ରିଲିଜ୍ ହେବାର ପ୍ରଥମ ୩ ଦିନ ମଧ୍ୟରେ ମାତ୍ର ୪.୪୫ କୋଟି ଟଙ୍କାର ରୋଜଗାର କରିଛି। ଶୁକ୍ରବାର ରିଲିଜ୍ ହେବାର ପ୍ରଥମ ଦିନ ଏହି ଫିଲ୍ମ ୧.୫ କୋଟି, ଶନିବାର ୧.୭ କୋଟି ଏବଂ ରବିବାର ୧.୨୫ କୋଟି ଟଙ୍କା ସଂଗ୍ରହ କରି ବକ୍ସ ଅଫିସରେ ନିଜ ନୈରାଶ୍ୟଜନକ ପ୍ରଦର୍ଶନକୁ ଜାରି ରଖିଛି। ସମ୍ପ୍ରତି ଅଭିନେତା ଭିକି କୌଶଲଙ୍କ 'ଛାବା' ଫିଲ୍ମ ସହ 'ମେରେ ହଜ୍‌ବ୍ୟାଣ୍ଡ୍ କି ବିବି' ଫିଲ୍ମ ମଧ୍ୟରେ ବକ୍ସ ଅଫିସ ଲଢ଼େଇ ଚାଲିଥିବାବେଳେ 'ଛାବା' ଆଗରେ ଅର୍ଜୁନଙ୍କ ଏହି ରୋମାଣ୍ଟିକ କମେଡି ଫିଲ୍ମ ଫିକା ପଡ଼ିଛି। ଗତ ଫେବୃଆରୀ ୧୪ରେ ରିଲିଜ୍ ହୋଇଥିବା 'ଛାବା' ଫିଲ୍ମ ରବିବାର ସୁଦ୍ଧା ବିଶ୍ୱବ୍ୟାପୀ ୪୪୪.୫ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ଏହା କେବଳ ଭାରତୀୟ ଫିଲ୍ମ ହଲଗୁଡ଼ିକରୁ ୩୧୧.୩୫ କୋଟି ଟଙ୍କାର ରୋଜଗାର କରିଛି। ପ୍ରକାଶ ଯେ, ମୁଦସର୍ ଅଜିଜ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ 'ମେରେ ହଜ୍‌ବ୍ୟାଣ୍ଡ୍ କି ବିବି' ଫିଲ୍ମର ପ୍ରଯୋଜନା ଜ୍ୟାକି ଭଗ୍ନାନି, ବାସୁ ଭଗ୍ନାନି ଏବଂ ଦୀପଶିକ୍ଷା ଦେଶମୁଖ ଦେଇଛନ୍ତି।






# ଶୀଘ୍ର ନ୍ୟାୟ ପ୍ରଦାନ ଲାଗି ଚିଠି ଲେଖିଲା ନେପାଳ ମାନବାଧିକାର କମିଶନ

## କିଟ୍ ଛାତ୍ରୀ ମୃତ୍ୟୁ ଘଟଣା

**ଭୁବନେଶ୍ୱର, ୨୪।୨(ସୁନିତ୍ ମିଶ୍ର)**

ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ନେପାଳର ମାନବାଧିକାର କମିଶନ ଉଦ୍‌ବେଗ ପ୍ରକାଶ କରିଛି। ଶୀଘ୍ର ତଦନ୍ତ କରି ନ୍ୟାୟ ପ୍ରଦାନ ପାଇଁ ଭାରତୀୟ ମାନବାଧିକାର କମିଶନକୁ ନେପାଳ ମାନବାଧିକାର କମିଶନ ଚିଠି ଲେଖିଛି। ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମାଡ଼ମରା ଓ ଦୁର୍ବ୍ୟବହାର ନେଇ କାର୍ଯ୍ୟାନୁଷ୍ଠାନ ନେପାଳ ମାନବାଧିକାର କମିଶନ ଦାବି କରିଛି। ଏହାସହ ନେପାଳର ଛାତ୍ରୀଛାତ୍ରଙ୍କ ପୂର୍ଣ୍ଣ ସୁରକ୍ଷା ସହ ଭୟମୁକ୍ତ ବାତାବରଣ ସୁନିଶ୍ଚିତ କରିବାକୁ ମଧ୍ୟ ଦାବି କରାଯାଇଛି।

ଏହି ଘଟଣାରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ପୂର୍ବରୁ କିଟ୍ ଘଟଣାରେ ନେପାଳ ବୈଦେଶିକ ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫୋନ୍ ଯୋଗେ କଥାହୋଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଲୋକସେବା ଭବନରେ ନେପାଳ ଦୂତାବାସର ୨ ଜଣ ଅଧିକାରୀ ମଧ୍ୟ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସରକାର ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିବା ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି। ଏହାସହ ନେପାଳ ଦୂତାବାସର ୨ ଅଧିକାରୀ ନବୀନ ରାଜ୍ ଅଧିକାରୀ ଓ ସଞ୍ଜୀବ ଶର୍ମା ଦାସ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ବେଳେ ଏହି ଆଲୋଚନାରେ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଏସିଏସ୍ ଭାଗ ନେଇଥିଲେ।




# ଆମେ ମହାଭାରତୀୟ ଚେତନାରେ ବାନ୍ଧିହୋଇ ରହିଛୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବାରାଣସୀଠାରେ ଆୟୋଜିତ କାଶୀ-ତାମିଲ ସଙ୍ଗମ ୩.୦ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, କାଶୀ-ତାମିଲ ସଙ୍ଗମ ହେଉଛି ଦେଶର ସାଂସ୍କୃତିକ ଐତିହ୍ୟ ଓ ଏକତାର ଅନନ୍ୟ ନିଦର୍ଶନ। ଭାରତର ପ୍ରତ୍ୟେକ ଅଞ୍ଚଳର ଭାଷା, ରୀତିନୀତି ଓ ପ୍ରଥା ଅଲଗା ହୋଇପାରେ, କିନ୍ତୁ ଆମ ସମସ୍ତଙ୍କର ପାରସ୍ପରିକ ସ୍ନେହ, ସୌହାର୍ଦ୍ଦ୍ୟ ଓ ଆଧ୍ୟାତ୍ମିକ ଚିନ୍ତାଧାରା ସମାନ। ଆମର ଏହି ସାଂସ୍କୃତିକ ଏକତା ଭାରତକୁ ଅନ୍ୟସବୁ ରାଷ୍ଟ୍ରଠାରୁ ସ୍ୱତନ୍ତ୍ର କରିଛି। ଆମେ ସମସ୍ତେ ମହାଭାରତୀୟ ସାଂସ୍କୃତିକ ଐତିହ୍ୟର ଗୋଟିଏ ଗୋଟିଏ ଅଂଶ। ଆମେ ସମସ୍ତେ ଏହି ମହାଭାରତୀୟ ଚେତନାରେ ବାନ୍ଧି ହୋଇ ରହିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଭାରତର ସାଂସ୍କୃତିକ ଏକତାକୁ ସୁଦୃଢ଼ କରିବା ପାଇଁ ଓ ଏହାର ପ୍ରଚାର ପ୍ରସାର ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ରେ କାଶୀ-ତାମିଲ ସଙ୍ଗମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚଳିତବର୍ଷ ଏହା ଫେବୃଆରୀ ୧୫ରୁ ବାରାଣସୀର ନମୋ-ଘାଟରେ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଏବଂ ଉତ୍ତର ପ୍ରଦେଶର କ୍ୟାବିନେଟ ମନ୍ତ୍ରୀ ଅନିଲ ରାଜଭର ଯୋଗ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜକୁ ଖୁବ୍ ଗୌରବାନ୍ୱିତ ମନେକରୁଛି। କାଶୀ ଓ ତାମିଲନାଡୁ ମଧ୍ୟରେ ଆଧ୍ୟାତ୍ମିକ ସମ୍ପର୍କ ଖୁବ୍ ପ୍ରାଚୀନ। କାଶୀ କେବଳ ଏକ ସହର ନୁହେଁ, ଏହା ଭାରତର ଶାଶ୍ୱତ, ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ। ସେହିପରି ତାମିଲନାଡୁର ଶାସ୍ତ୍ରୀୟ ଭାଷା, ସାହିତ୍ୟ, ଭବ୍ୟମନ୍ଦିର ଓ ଦାର୍ଶନିକ ପରମ୍ପରା ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିଛି। କାଶୀ-ତାମିଲ ସଙ୍ଗମ ହେଉଛି ବିବିଧତା ମଧ୍ୟରେ ଆମ ଏକତାର ପ୍ରତୀକ। ଆମର ଓଡ଼ିଶା ମଧ୍ୟ ସେହି ଭାରତୀୟ ସାଂସ୍କୃତିକ ଭାବଧାରାର ପରିଚୟ ବହନ କରେ। ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରକୁ ଦେଶର ସବୁକୋଣରୁ ଭକ୍ତମାନେ ଆସିଥାନ୍ତି ଏବଂ ରଥଯାତ୍ରାରେ ସବୁ ଧର୍ମ, ସବୁ ସଂସ୍କୃତିର ଲୋକ ଯୋଗ ଦେଇଥାନ୍ତି। ଏହି ମହାଭାରତୀୟ ଐଶ୍ୱରିକ ଚିନ୍ତାଧାରାର ପ୍ରସାରରେ ଜଗନ୍ନାଥ ସଂସ୍କୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଓଡ଼ିଶାର ଓଡ଼ିଶୀ ନୃତ୍ୟ ଓ ତାମିଲନାଡୁର ଭାରତନାଟ୍ୟମ୍ ଆଞ୍ଚଳିକ ଭାଷାଗତ ପାର୍ଥକ୍ୟର ଉପରକୁ ଯାଇ ଶାସ୍ତ୍ରୀୟ ନୃତ୍ୟକଳା ଜରିଆରେ ଭକ୍ତିଭାବର କାହାଣୀ ବର୍ଣ୍ଣନା କରିଥାନ୍ତି। କାଶୀ ଓ ତାମିଲନାଡୁର ସାଂସ୍କୃତିକ ଐତିହ୍ୟକୁ ଯୋଡ଼ିବା ପାଇଁ ଉକ୍ତ ଅନନ୍ୟ ପ୍ରୟାସ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେବା ସହ ଆୟୋଜକମାନଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମର ଏହି ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବର ଆଦାନପ୍ରଦାନ ଦେଶର ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଇ ଏକତାର ବନ୍ଧନରେ ବାନ୍ଧି ରଖିବ।



ବାରାଣସୀଠାରେ ଆୟୋଜିତ କାଶୀ-ତାମିଲ ସଙ୍ଗମ ୩.୦ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

## ଅଯୋଧାରେ ଓଡ଼ିଶା ଭବନ ନିର୍ମାଣ କରାଯିବ

**ଭୁବନେଶ୍ୱର,୨୪।୨ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାରଠାରୁ ୩ ଦିନିଆ ଉତ୍ତର ପ୍ରଦେଶ ଗସ୍ତରେ ଅଛନ୍ତି। ପ୍ରଥମ ଦିନରେ ସେ ତାଙ୍କ ପରିବାର ସହିତ ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରେ ସ୍ନାନ କରି ପୂଜା, ଗଙ୍ଗା ଆଳତି କରିଥିଲେ। ସୋମବାର ସେ ତାଙ୍କ ପରିବାର ସହିତ ଅଯୋଧ ଯାଇ ରାମ ମନ୍ଦିରରେ ରାମଲାଲାଙ୍କ ଦର୍ଶନ କରିଛନ୍ତି। ଏହାପରେ ସେ ବୁଦ୍ଧିଷ୍ଟ ହେରିଟେଜ ସାଇଟ୍‌କୁ ଯାଇ ବୁଲି ଦେଖିଛନ୍ତି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି, ଅଯୋଧାରେ ଓଡ଼ିଶା ଭବନ ନିର୍ମାଣ କରିବା ଲାଗି ଜମି ଦେବାକୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେବେ। ରାମଲାଲାଙ୍କ ଦର୍ଶନ ଲାଗି ଆସୁଥିବା ଭକ୍ତଙ୍କ ରହିବା ଓ ସେମାନଙ୍କ ପାଇଁ ଓଡ଼ିଶାର ଏକ ଉପସ୍ଥିତି ଦେବା ସକାଶେ ରାଜ୍ୟ ସରକାର ବ୍ୟବସ୍ଥା କରିବେ। ଏଥିଲାଗି ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

# ୮ ଅସାଧୁ ପରୀକ୍ଷାର୍ଥୀଙ୍କୁ ଧରିଲା ଏଆଇ

## ମାଟ୍ରିକ ଦ୍ୱିତୀୟ ଭାଷା ପରୀକ୍ଷା

**କଟକ,୨୪।୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ସୋମବାର ଦ୍ୱିତୀୟ ଭାଷା (ଇଂଲିଶ ଓ ହିନ୍ଦୀ) ପରୀକ୍ଷାରେ ୮ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ମାଲ୍‌ପ୍ରାକ୍ଟିସ୍ ହୋଇଛନ୍ତି। ଏହି ପରୀକ୍ଷାର୍ଥୀମାନେ ହଲ୍ ମଧ୍ୟରେ କପି କରୁଥିବାବେଳେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭେଲାନ୍ସ ଜରିଆରେ ଧରାପଡ଼ିଛନ୍ତି। ବୋର୍ଡ ପକ୍ଷରୁ ପରୀକ୍ଷା କେନ୍ଦ୍ରରେ କରାଯାଇଥିବା ଏଆଇ ବ୍ୟବସ୍ଥା ହିଁ ଏଥିପାଇଁ ସହାୟକ ହୋଇଛି। ବୋର୍ଡ ମୁଖ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଦାୟିତ୍ୱରେ ଥିବା ଅଧିକାରୀ ସହଜରେ ଏହି ପରୀକ୍ଷାର୍ଥୀମାନଙ୍କୁ ଧରିପାରିଛନ୍ତି। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି ଯେ, ମାଟ୍ରିକ ସହ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଶୃଙ୍ଖଳିତ ଭାବେ ଚାଲିଛି। ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ିଥିବା ପରୀକ୍ଷାର୍ଥୀମାନେ ଦଳଗତ ଭାବେ ଏଥିରେ ସମ୍ପୃକ୍ତ ନାହାନ୍ତି। ବ୍ୟକ୍ତିଗତ ସ୍ତରରେ ସେମାନେ ଏଭଳି ଉପାୟ ଅବଲମ୍ବନ କରୁଥିବାରୁ ସେମାନଙ୍କ ଦ୍ୱାରା ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ବିଭ୍ରାଟ ସୃଷ୍ଟି ହୋଇନାହିଁ।

# ୩ ଦିନରେ ୩ ଡିଗ୍ରୀ ବଢ଼ିବ ତାତି

**ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)**

ଗତ ୭ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଥିବାବେଳେ ସୋମବାର ମଧ୍ୟ କିଛି ସ୍ଥାନରେ ହାଲୁକା ବର୍ଷା ହୋଇଛି। ବର୍ଷା ପାଇଁ ରାଜ୍ୟରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲା। ମାତ୍ର ଆଗକୁ ପାରଦ ଉପରମୁହାଁ ହେବା ସହ ପ୍ରବଳ ଗରମ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ସର୍ବାଧିକ ତାପମାତ୍ରା ବୌଦ୍ଧରେ ୩୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ୩ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିଲା। ସେହିପରି ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୪.୩ ଡିଗ୍ରୀ ରେକର୍ଡ କରାଯାଇଥିଲା। ତେବେ ମଙ୍ଗଳବାରଠାରୁ ପାଗ ଶୁଖିଲା ରହିବା ସହ ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ମାତ୍ର ପରବର୍ତ୍ତୀ ୩ଦିନରେ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ୨ ହଜାର ଗଛ କାଟି ନେଲେ

## ଦାଢ଼େରା ଆଦିବାସୀଙ୍କ ପ୍ରତିବାଦ ପରେ ଉତ୍ତେଜନା

**ନୟାଗଡ଼,୨୪।୨(ଲୋକନାଥ ମିଶ୍ର)**

ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ ରଣପୁର ବ୍ଲକ ଡମସାହି ପଞ୍ଚାୟତର ଦାଢ଼େରା ମୌଜାରେ ଥିବା ସରକାରୀ ପ୍ଲଟର ସାମାଜିକ ବନ ପ୍ରକଳ୍ପରୁ ୨ ହଜାର ଚାକୁଣ୍ଡା, ଆକାଶିଆ, ପଟାସ ଆଦି ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ଡମସାହିର କେତେଜଣ ଲୋକ ଗଛ କାଟି ନେଇଥିବା ଅଭିଯୋଗ ହେଉଛି। ଗଛକଟାକୁ ନେଇ ଦାଢ଼େରା, ଡମସାହି ଗାଁ ଲୋକଙ୍କ ମଧ୍ୟରେ ଉତ୍ତେଜନା ବଢ଼ିଛି। ଗଛ କଟାର ଫଟୋ ଉଠାଇବାକୁ ନେଇ ଦାଢ଼େରା ଗାଁର ୨ ଆଦିବାସୀ ଯୁବକଙ୍କୁ ଅପହରଣ କରାଯିବା ପରେ ବିବାଦ ବିସ୍ଫୋରକ ରୂପ ନେଇଥିଲା। ଦାଢ଼େରା ଗାଁ ଲୋକ ଘଟଣା ସମ୍ପର୍କରେ ଅଭିଯୋଗ କରିବାକୁ ଜିଲାପାଳଙ୍କ ପାଖକୁ ଯିବା ପରେ ଅପହୃତ ଯୁବକ ଦ୍ୱୟଙ୍କୁ ସୋମବାର ଛାଡ଼ି ଦିଆଯାଇଛି। ନ୍ୟାୟ ପାଇବାକୁ ଦାଢ଼େରା ଗାଁର ଲୋକ ସୋମବାର ଖଣ୍ଡପଡ଼ାଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଯାଇଥିଲେ। ସେଠାରେ ପହଞ୍ଚିବା ବେଳକୁ ଜିଲାପାଳ ଅନ୍ୟ କାମରେ ଚାଲି ଯାଇଥିଲେ। ପରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ପକ୍ଷ ରଖିଥିଲେ। ପରେ ଡିଏଫ୍‌ଓଙ୍କୁ ଭେଟି ଅନୁରୂପ ଭାବେ ଅଭିଯୋଗ ରଖିଥିଲେ। ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉପଜିଲାପାଳ ଓ ଜିଲାପାଳଙ୍କୁ ଭେଟି ଗଛକଟା, ଅପହରଣ ସମ୍ପର୍କରେ ଅବଗତ କରାଇଥିଲେ।

ଏ ନେଇ ଦାଢ଼େରା ଗାଁର ଭାଗ୍ୟଧର ପ୍ରଧାନ, ଶାନ୍ତିଲତା ପ୍ରଧାନ, ଶିଶିର ପ୍ରଧାନ କହିଛନ୍ତି, ଗାଁରେ ଆଦିବାସୀ ଲୋକ ରହୁଛନ୍ତି। ୧୯୮୯ ମସିହାରେ ୩୭ ଏକର ସରକାରୀ ଜମିରେ ଦାଢ଼େରା ମୌଜାର ପ୍ଲଟ ନଂ. ୩୧୯ରେ ସରକାର ଚାକୁଣ୍ଡା, ଆକାଶିଆ ଓ ପଟାସ ଗଛ ଲଗାଇଥିଲେ। ଗଛଗୁଡ଼ିକୁ ଦାଢ଼େରା ମୌଜାର ଲୋକ ସୁରକ୍ଷା ଦେଇ ବଡ଼ କରିଥିଲେ। ତେବେ ୨୦୧୨ରେ ଡମସାହିର କେତେଜଣ ଲୋକ ଗଛକୁ କାଟି ନେଇଥିଲେ। ସେ ସମୟରେ ଦାଢ଼େରା ଓ ଡମସାହି ଲୋକଙ୍କ ମଧ୍ୟରେ ବିବାଦ ହୋଇଥିଲା। ପରେ ପୁଣି ବନ ପ୍ରକଳ୍ପର ସୁରକ୍ଷା ଦେବା ପରେ ନୂଆ ଗଛ ସୃଷ୍ଟି ହୋଇଥିଲା। ଏବେ କିଛିଦିନ ହେବ ଜଙ୍ଗଲରୁ ଗଛ କଟା ଚାଲିଛି। ଦାଢ଼େରା ଗାଁ ଲୋକ ବାରମ୍ବାର ଅଭିଯୋଗ, ପ୍ରତିବାଦ କଲା ପରେ ସୁଫଳ ମିଳିଲାନି। ୨ ଆଦିବାସୀ ଯୁବକ ଲକ୍ଷ୍ମୀଧର ପ୍ରଧାନ ଓ ପ୍ରକାଶ ବାଣ୍ଡ ଜଙ୍ଗଲ ଗଛ କଟାଯିବା ସମୟରେ ଫଟୋ ଉତ୍ତୋଳନ କରୁଥିଲେ। ଖବରପାଇ ଡମସାହିର କେତେଜଣ ଲୋକ ଯୁବକ ଦ୍ୱୟଙ୍କୁ ରବିବାର ସନ୍ଧ୍ୟା ୭ଟାରେ ଅପହରଣ କରି ନେଇଥିଲେ। ଏ ସମ୍ପର୍କରେ ଦାଢ଼େରା ଗାଁ ଲୋକ ରଣପୁର ଥାନାରେ ଅଭିଯୋଗ କରିଥିଲେ। ପୁଣି ଜିଲାପାଳ, ଡିଏଫ୍‌ଓଙ୍କୁ ଯାଇ ଅଭିଯୋଗ କରିଛନ୍ତି। ଏ ନେଇ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କୁ ପଚାରିବାରେ ଡମସାହି ଲୋକ ଦାଢ଼େରା ଲୋକଙ୍କ ନାଁରେ ଗଛ କାଟିବାର ଅଭିଯୋଗ ଆଣୁଛନ୍ତି। ଦାଢ଼େରାବାସୀ ଡମସାହି ଲୋକଙ୍କ ନାଁରେ ଗଛ କଟାର ଅନୁରୂପ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଆସିବା ପରେ ପଞ୍ଚରିଡ଼ା ରେଞ୍ଜର ଓ ନୟାଗଡ଼ ଏସିଏଫ୍‌ଙ୍କୁ ତଦନ୍ତ ପାଇଁ ପଠାଯାଇଛି। କଟା ଯାଇଥିବା ଗଛକୁ ଜବତ କରାଯାଇଛି। ଅନ୍ୟପକ୍ଷେ ଯେଉଁ ଜମିରୁ ଗଛ କଟାଯାଉଛି ତାହା ସାମାଜିକ ବନପ୍ରକଳ୍ପ କୁହାଯାଉଛି। ସାମାଜିକ ବନପ୍ରକଳ୍ପରୁ ଗଛ କଟା ଯାଇପାରିବ ନାହିଁ। ଡିମାରକେଶନ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଦାଢ଼େରା ମୌଜାରେ ଥିବା ସାମାଜିକ ବନ ପ୍ରକଳ୍ପରୁ ଗଛକୁ ଦୁର୍ବୃତ୍ତମାନେ କାଟି ନେଉଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଭିଲେଖା ସପ୍ତାହ ପାଳନ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ପୂର୍ବାହ୍ନ ୧୧ଟା।
- ୱାର୍ଲ୍ଡ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ ଅର୍ଗାନାଇଜେଶନ ପକ୍ଷରୁ ଜାତୀୟ ସ୍ତରୀୟ କର୍ମଶାଳା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଚାଷୀ ବିକ୍ଷୋଭ, ସ୍ଥାନ: ବିଧାନସଭା ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ନୃତ୍ୟାୟନ ପକ୍ଷରୁ ୩ୟ ମୀରା ଫେଷ୍ଟିଭାଲ ଅଫ୍ ଡ୍ୟାନ୍ସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ପ୍ରଥମ ରାଜ୍ୟସ୍ତରୀୟ ପତିତପାବନ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ପଞ୍ଚାୟତ ଖେଳ ପଡ଼ିଆ, ଭୋଗଡା ପଞ୍ଚାୟତ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ୭୩ତମ ରାଜ୍ୟ ପୋଲିସ ଆଥ୍ଲେଟିକ୍ ଚାମ୍ପିୟନ୍ସିପ୍-୨୦୨୫ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସିବଜାର, ସମୟ: ଅପରାହ୍ନ ୪ଟା।
- ହାଇକୋର୍ଟ ପକ୍ଷରୁ ମ୍ୟୁଜିୟମ ଅଫ୍ ଜଷ୍ଟିସ୍‌ର ପ୍ରତିଷ୍ଠା ଦିବସ, ସ୍ଥାନ: ବାରବାଟୀ ଦୁର୍ଗ ପରିସର, ସମୟ: ଅପରାହ୍ନ ୫ଟା ୪୫ମି.।

## ବାଲେଶ୍ୱର
- ଏଫ୍‌ଏମ୍‌ୟୁରେ ଜାତୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରୟମ୍ବକେଶ୍ୱର ଓ ରାଧାକୃଷ୍ଣଜୀଉ ମନ୍ଦିର ପ୍ରତିଷ୍ଠା ଦିବସ, ସ୍ଥାନ: ରାଜାବଗିଚା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦
- ବାର୍ଷିକ ଯୁବ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ବିସିଇଟି କଲେଜ, ସେରଗଡ଼, ରେମୁଣା, ସମୟ: ସନ୍ଧ୍ୟା ୭ଟା ୩୦।

## ଭଦ୍ରକ
- ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ସଚେତନତା ସଭା, ସ୍ଥାନ: ମଣିନାଥପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ଓ ନଗର ଭ୍ରମଣ, ସ୍ଥାନ: ସୁଲଣ, ଛେନାପଦି, ସମୟ: ସକାଳ ୬ ଟା।
- ଗ୍ରାମଦେବତୀ ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଡଙ୍କୁରୀ, ଛେନାପଦି, ସମୟ: ସକାଳ ୮ ଟା।
- ଆନ୍ତଜିଲା ଜୈବ ବିବିଧତା ମେଳା ଉଦ୍‌ଯାପନ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଅଧିକାରୀଙ୍କ ପରିଦର୍ଶନ ଏବଂ ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ, ସ୍ଥାନ : ହାଟଡିହୀ ବ୍ଲକ, ସମୟ : ପୂର୍ବାହ୍ନ ୧୧ଟା।
- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ : ଶାଳନିଆଁ, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।
- ଆଞ୍ଚଳିକ ହର୍ବାଲ ମେଳା ଉଦ୍‌ଘାଟନ ସ୍ଥାନ: କେନ୍ଦୁଝରସ୍ଥିତ କାଳୀପଡ଼ିଆ, ସମୟ: ଅପରାହ୍ନ ୪ ଟା।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ଭଜନ, କୀର୍ତ୍ତନ ଏବଂ ବେଦ ପାଠ, ସ୍ଥାନ : ହାବଳେଶ୍ୱର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୫ ଟା।
- ଶ୍ରୀ ବୈଦ୍ୟନାଥଙ୍କ ମନ୍ଦିରରେ ଏକବାର ଉପଲକ୍ଷେ ଭଜନ ସମାରୋହ, ପୂଜା, ସ୍ଥାନ: ଶଢ଼ା, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ବାବା ଧନେଶ୍ୱର ଶିବମନ୍ଦିର କମିଟି ପକ୍ଷରୁ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ:ଧନପୁର, ଶାମାଖୁଣ୍ଟା, ସମୟ: ସକାଳ ୭ଟା।
- ରାଇରଙ୍ଗପୁର ସହିତ ଡିଆର୍‌କେ(ବି) କ୍ରିକେଟ ଫାଇନାଲ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୯ଟା।
- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାର ଟେବୁଲ ଟପ୍ ଏକ୍ସରସାଇଜ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି,ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ
- ତାଳସାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା ବ୍ଲକ ତାଳସାକର ବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ଟା।
- ବୁଗୁଡ଼ାରେ ପଞ୍ଚ ଠାକୁରାଣୀଙ୍କ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ବିରଞ୍ଚିନାରାୟଣ କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ମହାଶୈବ ଯଜ୍ଞ ଆରମ୍ଭ, ସ୍ଥାନ: ମହାକାଳେଶ୍ୱର ମନ୍ଦିର, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ଶ୍ରୀ ସନ୍ତୋଷୀ ମିଷ୍ଟାନ୍ନ ଭଣ୍ଡାର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା
- ଜୟରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମହାକୁମ୍ଭ କାବ୍ୟ ନୈବେଦ୍ୟ, ସ୍ଥାନ: ପବ୍ଲିକ ରିଡିଂ ରୁମ, ଉପଜିଲାପାଳ କାର୍ଯ୍ୟାଳୟ ନିକଟ, କେନ୍ଦ୍ରାପଡ଼ା ସହର, ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଧର୍ମଶାଳା ପଞ୍ଚାୟତ ସମିତିର ୯ମ ସାଧାରଣ ଅଧିବେଶନ, ସ୍ଥାନ : ପଞ୍ଚାୟତ ସମିତି ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା ୩୦।
- କଳିଙ୍ଗନଗର ବୁଲେଟିନର ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ସେଲିବ୍ରେଶନ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୧୮ତମ ଦିବସ, ସ୍ଥାନ: କଣ୍ଟିଲୋ ମିନିଷ୍ଟାଡିୟମ, ସମୟ: ସକାଳ ୭ଟା।
- ଜାଗର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା ପଞ୍ଚାୟତର କନ୍ଧମିରିଗି ଗାଁ, ସମୟ: ଅପରାହ୍ନ ୨ଟା।
- ବ୍ଲକର ୮ମ ସାଧାରଣ ଅଧିବେଶନ, ସ୍ଥାନ: ଓଡ଼ଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ ଦିବସ ମ୍ୟାଚରେ ଖଣ୍ଡପଡ଼ା ବନାମ ଢ଼େଙ୍କାନାଳ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ରାୟଗଡା ପୌର ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପଦମପୁର ସେବାଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ: ମୁନିଗୁଡ଼ା ସେବାଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତୃତୀୟ ତ୍ରିବେଣୀ ମହୋତ୍ସବ-୨୦୨୫, ସ୍ଥାନ: ମୀନାଖୋଲା, ଜନ କଲ୍ୟାଣ ଆଶ୍ରମ, ଚନ୍ଦ୍ରପୁର, ସମୟ: ଅପରାହ୍ନ ୪ ଟା ।

## ନବରଙ୍ଗପୁର
- ଇନ୍ଦ୍ରାବତୀ ପ୍ରୋଜେକ୍ଟରେ କାର୍ଯ୍ୟରତ ସୁରକ୍ଷା ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଖାତିଗୁଡା ପୁରୁଣା ପେଟ୍ରୋଲ ଟାଙ୍କି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦ ବୈଠକ, ସ୍ଥାନ: ରାଜୀବ ଭବନ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୀମ ମଣ୍ଡଳୀ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଘୁଷୁରାମାଳ ପଞ୍ଚାୟତର ଭୀମ ମଣ୍ଡଳୀସ୍ଥଳ, ସମୟ : ପୂର୍ବାହ୍ନ ୧୦ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ୮୯ତମ ତ୍ରିମୂର୍ତ୍ତି ଶିବ ଜୟନ୍ତି ମହୋତ୍ସବ , ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟାରୁ ରାତି ୯ଟା।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମୀକ୍ଷା ବୈଠକ, ସ୍ଥାନ : ରେଢ଼ାଖୋଲ, ସମୟ : ଅପରାହ୍ନ ୨ଟା ୩୦।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ , ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ଗୋଷ୍ଠି ବିକାଶ କାର୍ଯ୍ୟକ୍ରମ, ସ୍ଥାନ : ପଡିଆବାହାଲ ନିକଟସ୍ଥ ବଡଡୁରାଙ୍ଗ, ସମୟ : ଅପରାହ୍ନ ୫ଟା୧୫।

## ବଲାଙ୍ଗୀର
- ଆଗଲପୁର ବ୍ଲକ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଡୁଡୁକା ବ୍ଲକ ସଭାଗୃହ, ଆଗଲପୁର, ସମୟ: ପୂର୍ବାହ୍ନ ୧୧ଟା।
- ବଲାଙ୍ଗୀର ବହି ହାଟର ଦ୍ୱିତୀୟ ଦିବସ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।

## ରାଉରକେଲା
- ଇସ୍କନ ପକ୍ଷରୁ ନଗର ସଙ୍କୀର୍ତ୍ତନ, ସ୍ଥାନ: ଓରାମପଡା, ଉଦିତନଗର, ସମୟ: ସକାଳ ୬ଟା ୩୦।
- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ପାନପୋଷ, ୱାଟକୋ ଅଫିସ୍, ସମୟ: ପୂର୍ବାହ୍ନ ୧୧ଟା ।
- ବ୍ରହ୍ମାକୁମାରୀ ପକ୍ଷରୁ ଚୈତନ୍ୟ ଝାଙ୍କି, ସ୍ଥାନ: ଶନି ମନ୍ଦିର ପରିସର, ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା ୩୦।
- ପଣ୍ଡା-ସମଦଗାର, ସିହ୍ନା ମେମୋରିଆଲ୍ ଲେକ୍ଚର ସିରିଜର ଉଦ୍‌ଯାପନୀ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡା ମହୋତ୍ସବର ୭ମ ଦିବସ, ସ୍ଥାନ: ପ୍ଲେସ୍ ଅଫ୍ ସେଫ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡା ତାଲିମ ଶିବିରର ୫ମ ଦିବସ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- କମ୍ପ୍ୟୁଟର ବିଭାଗ ପକ୍ଷରୁ ଆମେଗା-୨୦୨୫ ଛାତ୍ର ସମ୍ମିଳନୀ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- କୁଆଁରମୁଣ୍ଡା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ସମାଜ ଗଠନ କାର୍ଯ୍ୟକ୍ରମ, ସ୍ଥାନ: କୁଆଁରମୁଣ୍ଡା ଚିଲଡ୍ରେନ ପାର୍କ, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ଶିବ ପୁରାଣ ପାରାୟଣ, ସ୍ଥାନ:ଭୁଡିବାହାଲ, ଗାଇସିଲେଟ୍, ସମୟ: ସକାଳ ୭ଟା।
- ଶନି ଓ ସମରପାଟ୍ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସିଲାଟ୍, ଅତାବିରା, ସମୟ: ସକାଳ ୮ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ପାଇକମାଳ,ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଅତାବିରା, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଲାଞ୍ଜିଗଡ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସର, ବିଶ୍ୱନାଥପୁର, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଦ୍ୱିତୀୟ ସେବା ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୯ଟା ।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଶିବ ମନ୍ଦିର ପ୍ରତିଷ୍ଠା, ସୂର୍ଯ୍ୟ ପୂଜା, ଗୋପୂଜା, ପ୍ରତିଷ୍ଠା କର୍ମ, ମହାସ୍ନାନ, ଧାନ୍ୟସ୍ନାନ, ହୋମ, ଶିବ ସହସ୍ରନାମ, ଚଣ୍ଡିପାଠ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ ସକାଳ ୬ଟା।
- ମହାଶିବ ରାତ୍ରୀ ଉପଲକ୍ଷେ ଅଖଣ୍ଡ ଷୋହଳ ପ୍ରହରୀ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ଧରମସାଗର ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା ୫ ।
- ୮୦ ଘର ବିଶ୍ୱବସୁ ଶବର ସମାଜର ଏକ ସାଧାରଣ ବୈଠକ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଖୋଳପଥର ଗାଁ, ସମୟ: ପୂର୍ବାହ୍ନ ୧୦ ଟା।
- ଶ୍ରୀମଦ୍ ଭାଗବତ କଥା ପ୍ରସାଦ ସେବନ, ସ୍ଥାନ: ନୂଆପଡା ସଦର ମହକୁମା ପତୋରା ରାସ୍ତା, ମଧ୍ୟାହ୍ନ ୧୨ଟା।
- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ଗାଁ, ସମୟ: ଅପରାହ୍ନ ୫ ଟା।
- ମହାଶିବ ରାତ୍ରୀ ଉପଲକ୍ଷେ ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ, କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ରଜନା ଗାଁ, ସମୟ: ଅପରାହ୍ନ ୫ ଟା।
- ଯୋଗେଶ୍ୱର ମହୋତ୍ସବ ୨୦୨୫ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ସଦର ବ୍ଲକ ପତୋରା ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ଦୁର୍ଗାଙ୍କ ସହସ୍ର ନାମ ଜପ ଓ ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ଖଇରଗୋଠ, ସମୟ: ସକାଳ ୭ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ ଝାଡ଼େଶ୍ୱର ଶିବ ମନ୍ଦିର, ପୁରୁଣାବସ୍ତି, ସମୟ: ସକାଳ ୯ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱିଦିବସୀୟ ଟି-୨୦ କ୍ରିକେଟ ଫାଇନାଲ ମ୍ୟାଚ୍, ସ୍ଥାନ: ପଞ୍ଚଗାଁ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆର୍ଥିକ ସ୍ଥିତି ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ। ବାଣିଜ୍ୟ, ସଭାସମିତି, ରାଜନୀତି, ଯୋଗାଯୋଗ ଏବଂ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ରହିପାରେ। ବନ୍ଧୁଙ୍କ ମନରେ ବିଶ୍ୱାସ ସୃଷ୍ଟିହେଲା ଭଳି କାମ କରି ଅନ୍ୟମାନଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**ବୃଷ**
ଆଜିର କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇରହନ୍ତୁ। ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା କିମ୍ବା ବିବାଦୀୟ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ସଫଳ ହେବେ। କ୍ରୀଡ଼ା, ଚଳଚ୍ଚିତ୍ର,ସାହିତ୍ୟ,ସଙ୍ଗୀତ ତଥା ଖେଳକୁଦରେ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ରବିବାରର ନିଷ୍ପତ୍ତି ଅନୁଯାୟୀ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ କାମ ହାସଲର ଦୁରଭିସନ୍ଧି ରଖି ମିତ୍ରମାନେ ପ୍ରଶଂସା ଗାଇବୁଲିପାରନ୍ତି। ସାହିତ୍ୟ ଚର୍ଚ୍ଚା, ପ୍ରତିଦ୍ୱନ୍ଦ୍ୱିତା ଏବଂ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବନ୍ଧୁଙ୍କ ଜରିଆରେ ସାୟାହ୍ନେ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ।

**କର୍କଟ**
ବିଭିନ୍ନ ବିଷୟ ଚିନ୍ତାକରି ମନ ଉତ୍ତେଜନାପୂର୍ଣ୍ଣ ରହିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିପାରେ। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବା ଆଶା କରାଯାଇପାରେ। ସାହିତ୍ୟ, ସଙ୍ଗୀତ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ**
ନିଜେ ଅସୁବିଧାରେ ରହିଥିଲେ ମଧ୍ୟ ଅନ୍ୟମାନଙ୍କ ପ୍ରତି ଉଦାର ମନୋଭାବରୁ ପ୍ରଶଂସିତ ହେବେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବ। ପ୍ରବାସୀମାନଙ୍କର ଘର କଥା ମନକୁ ବେଶି ଆନ୍ଦୋଳିତ କରିବା ସାଙ୍ଗକୁ ଭାବପ୍ରବଣତା ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା**
ଆଜି ଆପଣଙ୍କ ମୂଲ୍ୟବାନ୍ ନିଷ୍ପତ୍ତି ପ୍ରତ୍ୟେକଙ୍କ ମନକୁ ପାଇବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଓ ଆପଣଙ୍କ କାମରେ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। କୌଣସି ଆବଶ୍ୟକ ଜିନିଷ ସୁବିଧାରେ ପାଇଯିବେ, କିନ୍ତୁ ଏଥିପାଇଁ କିଛି କରିବାକୁ ପଡ଼ିବ।

**ତୁଳା**
ଦିନଟି ବହୁତ ଭଲରେ ଅତିବାହିତ ହେବ ଓ ମନ ମଧ୍ୟ ଭଲ ରହିବ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ନିଜ ସମ୍ପର୍କୀୟଙ୍କ ସମ୍ବନ୍ଧରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ନିଜର କ୍ଷମାଗୁଣରୁ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ।

**ବିଛା**
ଅନାବଶ୍ୟକ କଥା ଓ ଅନାହୂତ ପ୍ରବେଶ ଆପଣଙ୍କ ପାଇଁ ଆଜି ମହଙ୍ଗା ପଡ଼ିପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବେ। ସାହିତ୍ୟ ଚର୍ଚ୍ଚା, ସଙ୍ଗଠନ, ମାଲିମକଦ୍ଦମା, ରାଜନୀତି, ପ୍ରଶାସନ ପାଇଁ ଭଲ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ଧନୁ**
ଦେହ ଭଲ ଥିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ଛୋଟ ଛୋଟ କଥାକୁ ନେଇ ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ। ତଥାପି ଆପଣଙ୍କ ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ କରିବେ। ଦୀର୍ଘଦିନରୁ ଅଟକି ରହିଥିବା ଅଭିଳାଷ ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର**
ନିଜ ଲୋକ ଦାଉ ସାଧିଲା ଭଳି କାମକଲେ ମଧ୍ୟ ଭଲ ସମ୍ପର୍କ ଥିବା ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। ଆର୍ଥିକ ସ୍ଥିତିରେ ବ୍ୟତିକ୍ରମ ଘଟିବା ଆଶଙ୍କା ରହିଛି। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ,ନଚେତ୍ ହରାଇବାକୁ ପଡ଼ିପାରେ। ଆପଣଙ୍କ କାମ ଓ ଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**କୁମ୍ଭ**
ସମସ୍ୟା ଘେରରେ ରହିଥିଲେ ସୁଦ୍ଧା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ତଥାପି କେତେକ ଘରୋଇ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସପାଇବ। ନିର୍ମାଣ, ବାଣିଜ୍ୟ, ଶିଳ୍ପ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରନ୍ତି। ବନ୍ଧୁଙ୍କ ଗହଣରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**ମୀନ**
ଆଜି ପ୍ରତ୍ୟେକ କ୍ଷେତ୍ରରେ କାମ କଷ୍ଟଦାୟକ ହେବ। ବନ୍ଧୁବର୍ଗଙ୍କ ଆହ୍ୱାନକ୍ରମେ ପାର୍ଟିରେ ଯୋଗଦେଇପାରନ୍ତି କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗରେ ସହଭାଗିତା କରିପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥିଲେ ମଧ୍ୟ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଫେବୃଆରୀ ୨୫ ତାରିଖ, ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ.୦୯।୦୬ ମି. ଗତେ, ୧୦।୫୦ ମଧ୍ୟେ, ଘ.୦୧।୦୯ ଗତେ, ଘ. ୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ମି. ଗତେ, ଘ.୦୪।୧୯ ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ବରକୁ ହତ୍ୟା...

ସନ୍ତୋଷ ପଧାନଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ହୋଇଥିବା ସେ ସ୍ୱୀକାର କରିଥିଲେ। ଆକ୍ରମଣ ପାଇଁ ଆସିଥିବା ୧୦ ଜଣଙ୍କ ମଧ୍ୟରୁ କେତେଜଣଙ୍କୁ କାବୁ କରି ଗ୍ରାମବାସୀ ଦେଓଗାଁ ପୋଲିସକୁ ଖବର ଦେଇଥିଲେ। ବିଳମ୍ବିତ ରାତିରେ ପୋଲିସ ପହଞ୍ଚି ୮ ଜଣଙ୍କୁ ଗିରଫ କରିଥିଲା। ବାବିଯୋର ଗ୍ରାମ ନିକଟ ମହଲେଇ ଗ୍ରାମର ସୁଶାନ୍ତ ବିଶ୍ୱାଳ ଜଣ ପିଛା ୨ ହଜାର ଟଙ୍କା ଲେଖାଏ ସୁପାରି ଦେଇ ବର ରାଜକୁମାର ଓ ସହଯୋଗୀ ସନ୍ତୋଷଙ୍କୁ ହତ୍ୟା କରିବା ପାଇଁ ନିକଟବର୍ତ୍ତୀ କଟାପାଲି ଗ୍ରାମର ଏକ କୁକୁଡ଼ା ଫାର୍ମ ହାଉସ୍‌ରେ ଷଡ଼ଯନ୍ତ୍ର ରଚିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। କାରଣ ସୁଶାନ୍ତଙ୍କ ଶ୍ୱଶୁର ଘର ଗାଇବାହାଲ ଗ୍ରାମରେ। ତାଙ୍କ ଶ୍ୱଶୁର ଘର ଲୋକଙ୍କୁ ରାଜକୁମାର ଓ ସନ୍ତୋଷ ବାରମ୍ବାର ନିର୍ଯାତନା ଦେଉଥିବା ଏବଂ ତାଙ୍କ ଜମିକୁ ଚାଷ କରିବା ପାଇଁ ସୁଯୋଗ ଦେଉ ନ ଥିଲେ। ଏହି କାରଣରୁ ରାଜକୁମାର ଏବଂ ସନ୍ତୋଷଙ୍କୁ ହତ୍ୟା କରିବାକୁ ସୁଶାନ୍ତ ଯୋଜନା କରିଥିଲେ ବୋଲି ପୋଲିସ ସୂଚନା ଦେଇଛି । ରାଜକୁମାରଙ୍କ ବାପା ନେତ୍ରାନନ୍ଦ ପଧାନଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଦେଓଗାଁ ଥାନାରେ ନଂ. ୬୬/୨୫ରେ ମାମଲା ରୁଜୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତୁଷୁରା ଥାନା ଅନ୍ତର୍ଗତ ଥାଳବନ୍ଧର ସାହିଲ ଦୀପ(୧୮), ଚମରୁ ଭୋଇ(୨୦), ଭୀମଡୁଙ୍ଗୁରୀର ଲକ୍ଷ୍ମୀକାନ୍ତ କୁଅଁର(୧୮), ଲିପୁନ କୁଅଁର(୧୮), ଶକ୍ତିମାନ୍ ଭୋଇ(୧୮), ଦେଓଗାଁ ଥାନା ଅନ୍ତର୍ଗତ ଉପରଝରର ଜଣେ ନାବାଳକ, କୁକୁରଖାଇର ସୁଶିଲ ସାହୁ(୨୦) ଓ ଅମ୍ବରୀଶ ମିର୍ଦ୍ଧା(୨୧)ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ଅଭିଯୁକ୍ତମାନଙ୍କଠାରୁ ଦୁଇଟି ମୋବାଇଲ, ଦୁଇଟି ବାଇକ୍, ଗୋଟିଏ ଦେଶୀ ପିସ୍ତଲ, ଲଙ୍କାଗୁଣ୍ଡ, ଛୁରି, ହାତୁଡ଼ି ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଛି। ଫେରାର ଥିବା ସୁଶାନ୍ତ ଓ ଅନ୍ୟଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ସୂଚନାଥାଉ କି, ଏହି ଘଟଣା ପାଇଁ ରାଜକୁମାରଙ୍କ ବିବାହ ବିଳମ୍ବରେ ଅନୁଷ୍ଠିତ ହୋଇଥିଲା।

### ଫେରିବାଲାଙ୍କଠାରୁ କିଣାଯାଇଥିଲା ପିସ୍ତଲ

ଜଣେ ଅଭିଯୁକ୍ତଙ୍କଠାରୁ ମିଳିଥିବା ଦେଶୀ ପିସ୍ତଲ ଆସିଲା କେଉଁଠୁ, ତାହାକୁ ନେଇ ପଚରାଉଚୁରା କରିଥିଲା ପୋଲିସ। ବାହାର ରାଜ୍ୟର ଜଣେ ଫେରିବାଲାଙ୍କଠାରୁ ପିସ୍ତଲ ୧୫ ଶହ ଟଙ୍କାରେ କିଣିଥିବା ଜଣେ ଅଭିଯୁକ୍ତ ପୋଲିସ ନିକଟରେ କହିଛନ୍ତି। ତେବେ ଫେରିବାଲା ଜଣକ କିଏ, ସେନେଇ ପୋଲିସ ତଦନ୍ତ ଚଳାଇଛି।

### ରାତ୍ର ଜଗୁଆଳି ମୁଖ୍ୟ ଅଭିଯୁକ୍ତ

ଘଟଣାର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ବିଶ୍ୱାଳ ହେଉଛନ୍ତି ସେବା ସମବାୟ ସମିତିର ରାତ୍ର ଜଗୁଆଳି। ସେ ଗାଇବାହାଲ ଗ୍ରାମରେ ବାହା ହୋଇଛନ୍ତି। ତାଙ୍କ ଶ୍ୱଶୁର ଘର ଏବଂ ରାଜକୁମାରଙ୍କ ପରିବାର ମଧ୍ୟରେ ପୂର୍ବରୁ ସୁସମ୍ପର୍କ ଥିଲା। କିନ୍ତୁ କୌଣସି ଉଭୟ ପରିବାର ମଧ୍ୟରେ ଫାଟ ସୃଷ୍ଟି ହେଲା। ଫଳରେ ସୁଶାନ୍ତଙ୍କ ଶ୍ୱଶୁର ଘର ଲୋକଙ୍କୁ କ୍ଷେତକୁ ଚାଷ କରିବାକୁ ଯିବାପାଇଁ ରାସ୍ତା ମିଳିଲା ନାହିଁ। ଗତ ୨୦ ଦିନ ତଳେ ପୀଡ଼ିତ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପୋଲିସଠାରୁ କୌଣସି ନ୍ୟାୟ ମିଳି ନ ଥିଲା। ଏହାର ପ୍ରତିଶୋଧ ନେବା ପାଇଁ ରାଜକୁମାର ଓ ସନ୍ତୋଷଙ୍କୁ ହତ୍ୟା କରିବାକୁ ସୁଶାନ୍ତ ଯୋଜନା କରିଥିଲେ।

### ବଞ୍ଚିଗଲା ୨ ଜୀବନ

ବର ରାଜକୁମାର ଓ ତାଙ୍କ ସହଯୋଗୀ ସନ୍ତୋଷଙ୍କୁ ହତ୍ୟା ପାଇଁ ଦୁଇଟି ବାଇକ୍‌ରେ ବାବିଯୋରରେ ପହଞ୍ଚି ଥିଲେ ଅଭିଯୁକ୍ତମାନେ। ସେମାନେ ପ୍ରଥମେ ବରଯାତ୍ରୀମାନଙ୍କ ସହ ମିଶି ନାଚିବା ଆରମ୍ଭ କରିଥିଲେ। ପରେ କନ୍ୟା ଘର ପାଖେଇ ଆସିବା ସମୟରେ ଗଣ୍ଡଗୋଳ କରିଥିଲେ। ଗ୍ରାମବାସୀ ସେମାନଙ୍କୁ ଧରି ନିସ୍ତୁକ ମାଡ଼ ଦେବା ପରେ ଅଭିଯୁକ୍ତମାନେ ସତ ବଖାଣି ଥିଲେ। ଅଭିଯୁକ୍ତମାନେ ଅତ୍ୟଧିକ ନିଶା ସେବନ ଯୋଗୁ ହତ୍ୟା ଷଡଯନ୍ତ୍ର ଫସର ଫାଟିଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

## ଭାରତରେ ପ୍ରତି ୫...

୨୦୨୨' ଏବଂ 'ଗ୍ଲୋବାଲ ହେଲ୍‌ଥ ଅବଜର୍‌ଭେଟୋରି (ଜିଏଚ୍‌ଓ)'ର ଡେଟାବେସ୍‌କୁ ବ୍ୟବହାର କରି ଗତ ୨୦ ବର୍ଷ ମଧ୍ୟରେ ଭାରତର ବିଭିନ୍ନ ବୟସ ବର୍ଗ ଏବଂ ଲିଙ୍ଗ ମଧ୍ୟରେ ୩୬ ପ୍ରକାରର କ୍ୟାନ୍‌ସରକୁ ଅନୁସନ୍ଧାନ କରି ଏହି ଅଧ୍ୟୟନକୁ ପ୍ରସ୍ତୁତ କରାଯାଇଛି। ଉଭୟ ପୁରୁଷ ଏବଂ ମହିଳାଙ୍କଠାରେ ସର୍ବାଧିକ ଦେଖାଦେଉଥିବା ୫ ସାଧାରଣ କ୍ୟାନ୍‌ସର, ଭାରତର ବାର୍ଷିକ କ୍ୟାନ୍‌ସର ମାମଲାର କେବଳ ୪୪% ବହନ କରୁଥିବା ଏହି ଅଧ୍ୟୟନ କହିଛି।

ଭାରତରେ କ୍ୟାନ୍‌ସର ରୋଗରେ ମହିଳାମାନେ ବେଶି ପ୍ରଭାବିତ ହେଉଛନ୍ତି। ଦେଶରେ ସମୁଦାୟ କ୍ୟାନ୍‌ସର ମାମଲାରୁ ୧୩.୮% ସ୍ତନ କର୍କଟ ମାମଲା ହୋଇଥିବା ବେଳେ ୯.୨% ମାମଲା ସର୍ଭାଇକାଲ କ୍ୟାନ୍‌ସର (ଗର୍ଭାଶୟ କର୍କଟ ରୋଗ) ରହିଛି। ଭାରତରେ ମହିଳାଙ୍କଠାରେ ଦେଖାଯାଉଥିବା କ୍ୟାନ୍‌ସର ମଧ୍ୟରୁ ସର୍ବାଧିକ ୩୦% ସ୍ତନ କର୍କଟ ହୋଇଥିବାବେଳେ ୧୯% ଗର୍ଭାଶୟ କର୍କଟ ହୋଇଥିବା ଏହି ଅଧ୍ୟୟନ କହିଛି। ପୁରୁଷଙ୍କଠାରେ ହେଉଥିବା କର୍କଟ ରୋଗରେ ସର୍ବାଧିକ ୧୬% ମୁଖ ଗହ୍ୱର କର୍କଟ ମାମଲା ରହିଛି। ସେହିପରି ଭାରତରେ କ୍ୟାନ୍‌ସରଜନିତ ମୃତ୍ୟୁର ଏକ ବଡ଼ ଭାଗ ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କଠାରେ ଦେଖାଦେଉଥିବାବେଳେ ସମୁଦାୟ କ୍ୟାନ୍‌ସର ମୃତ୍ୟୁର ୨୦% ମାମଲା ୧୫ରୁ ୪୯ ବର୍ଷ ବୟସ୍କଙ୍କ ମଧ୍ୟରେ ଘଟୁଥିବା ଏହି ଅଧ୍ୟୟନ କହିଛି। ଆଗାମୀ ୨ ଦଶନ୍ଧିରେ କ୍ୟାନ୍‌ସର ସମ୍ବନ୍ଧିତ ମୃତ୍ୟୁ ପରିଚାଳନାରେ ଭାରତକୁ ଏକ କଠିନ ଆହ୍ୱାନକୁ ସାମ୍ନା କରିବାକୁ ପଡ଼ିପାରେ। ଜନସଂଖ୍ୟାର ବୟସ ବଢ଼ିବା ସହ ବାର୍ଷିକ ୨% ହାରରେ ଭାରତରେ କ୍ୟାନ୍‌ସର ମାମଲାରେ ବୃଦ୍ଧି ଘଟିବ ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ପ୍ରକାଶ ଯେ, ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ତଥ୍ୟ ଅନୁଯାୟୀ, କ୍ୟାନ୍‌ସରର ସର୍ବାଧିକ ମାମଲା ଥିବା ବିଶ୍ୱର ତୃତୀୟ ଦେଶ ହେଉଛି ଭାରତ। ଏହି ତାଲିକା ଅନୁଯାୟୀ, ଭାରତ ଉପରେ ଆମେରିକା ଓ ଚାଇନା ରହିଛି।

## ତୃତୀୟ ଥର ମା'...

ସେ ୧୨ ଜାନୁଆରୀ ୨୦୧୮ରେ ପ୍ରଥମ ଥର ପାଇଁ ମା' ହୋଇଥିଲା। ସେତେବେଳେ ସେ ୨ଟି ଶାବକ ଜନ୍ମ ଦେଇଥିବାବେଳେ ଗୋଟିଏ ଦିନ ପରେ ଜଣଙ୍କର ମୃତ୍ୟୁ ଘଟିଥିଲା। ସିଙ୍କି ନାମ୍ନୀ ମାଇ ଶାବକଟି ବଞ୍ଚି ଯାଇଥିଲା। 'ଅଙ୍କିତା'ର ଦ୍ୱିତୀୟ ଗର୍ଭରୁ ୧୭ ଫେବୃଆରୀ ୨୦୨୩ରେ ୫ଟି ଶାବକ ଜନ୍ମ ହୋଇଥିଲେ। ଅଣ୍ଡିରା ଶାବକ ଅମିତ, ମାଇ ଶାବକ ଶ୍ରୀ, ଜୟଶ୍ରୀ, ତୃପ୍ତି ବଞ୍ଚିଥିବାବେଳେ ଗୋଟିଏର ମୃତ୍ୟୁ ଘଟିଥିଲା।

ଅନ୍ୟପଟେ ଶାବକ ବାଘୁଣୀ 'ସିଙ୍କି'କୁ ୨୦୨୧ ମାର୍ଚ୍ଚ ୧୭ରେ ଜୟପୁର ଚିଡ଼ିଆଖାନାକୁ ଓ 'ତୃପ୍ତି'କୁ ୨୦୨୪ ଅଗଷ୍ଟ ୨୭ରେ କୋଲକାତାର ଆଲିପୁର ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆଉ ୪ ବାଘ ନନ୍ଦନକାନନରେ ଥିବା ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି। 'ରିଷି' ଏବଂ 'ସାରା' ଔରସରୁ ଅଙ୍କିତା ୨୦୧୨ ଜାନୁଆରୀ ୧୩ରେ ନନ୍ଦନକାନନରେ ଜନ୍ମ ହୋଇଥିଲା।

## ଆତଙ୍କବାଦୀ ଆକ୍ରମଣ...

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୁରକ୍ଷାଜନିତ କାରଣରୁ ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନକୁ ଦଳ ପଠାଇବାକୁ ମନା କରିଦେଇଥିଲା। ଏଥିଯୋଗୁ ଆୟୋଜକ ପାକିସ୍ତାନ ସମେତ ଅଂଶଗ୍ରହଣକାରୀ ଦଳଗୁଡ଼ିକର ସହମତି କ୍ରମେ ହାଇବ୍ରିଡ୍ ମଡେଲ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଇଛି। ତଦନୁସାରେ ଟୁର୍ନାମେଣ୍ଟରେ ଭାରତ ଏହାର ସମସ୍ତ ମ୍ୟାଚ ନିରପେକ୍ଷ ଭେନ୍ୟୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଦୁବାଇସ୍ଥିତ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଖେଳୁଛି।

ପାକିସ୍ତାନରେ ଅତୀତରେ ବିଦେଶୀ ଖେଳାଳିଙ୍କୁ ଲକ୍ଷ୍ୟକରି ଆତଙ୍କବାଦୀ ଆକ୍ରମଣ ହୋଇଥିବାର ନଜିର ରହିଛି। ୨୦୦୯ ମାର୍ଚ୍ଚ ୩ରେ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟର ତୃତୀୟ ଦିବସ ଖେଳ ପାଇଁ ଶ୍ରୀଲଙ୍କା ଟିମ୍ ଏକ ମୋଟରକେଡ୍‌ରେ ଗଦାଫି ଷ୍ଟାଡିୟମ ଅଭିମୁଖେ ଯାଉଥିବା ବେଳେ ବ୍ୟସ୍ତବହୁଳ ଲିବର୍ଟି ଟ୍ରାଫିକ୍‌ଠାରେ ପ୍ରାୟ ୧୨ଜଣ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏହି ଘଟଣାରେ ୮ଜଣ ନିହତ ହୋଇଥିବାବେଳେ ଶ୍ରୀଲଙ୍କାର ବହୁ ଖେଳାଳିଙ୍କ ସମେତ ଅନ୍ୟ ୨୦ଜଣ ଆହତ ହୋଇଥିଲେ। ଆଘାତପ୍ରାପ୍ତ ହୋଇଥିବା ଶ୍ରୀଲଙ୍କା ଖେଳାଳିମାନେ ହେଲେ କୁମାର ସଙ୍ଗକାରା, ଅଜନ୍ତା ମେଣ୍ଡିସ, ଥିଲନ ସମରବୀରା, ଥରଙ୍ଗା ପରାନାଭିତନା, ସୁରଙ୍ଗ ଲକମଲ ଓ ଥିଲିନା ଥୁସାରା। ୨୦୦୯ରେ ଏହି ଘଟଣା ପରେ ୨୦୧୦ ଦଶନ୍ଧିର ଅଧିକାଂଶ ସମୟ ଏହି କ୍ରିକେଟ ପାଗଳ ଦେଶ ଅନ୍ତର୍ଜାତୀୟ କ୍ରିକେଟର ମୁଖ୍ୟସ୍ରୋତରୁ ବଞ୍ଚିତ ହୋଇଥିଲା। ପରେ ୨୦୨୧ ସେପ୍ଟେମ୍ବରରେ କରାଚୀରେ ଟିମ୍ ହୋଟେଲ ବାହାରେ ବୋମା ବିସ୍ଫୋରଣ ହେବାରୁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ତୁରନ୍ତ ଏହାର ଟୁର୍ ବାତିଲ କରି ସ୍ୱଦେଶ ଫେରିଯାଇଥିଲ। ଏହା ଏକ ଆତ୍ମଘାତୀ ବିସ୍ଫୋରଣ ଥିଲା। ଏଥିରେ ୧୨ଜଣ ଲୋକ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଫ୍ରାନ୍ସ ପ୍ରତିରକ୍ଷା ବିଭାଗର ୧୦ଜଣ ଟେକ୍ନିସିଆନ ରହିଥିଲେ।

## ଓଡ଼ିଶାର ଚାଷୀଙ୍କ...

ଅନ୍‌ଲାଇନ ପୋର୍ଟାଲ କରାଯାଇଛି। ଚାଷୀମାନେ ସେହି ପୋର୍ଟାଲରେ ଆବେଦନ କରିପାରିବେ। ହେଲେ ଚାଷୀମାନେ ଇ-କେୱାଇସି କରିବାକୁ ବାଧ୍ୟ। ପିଏମ୍ କିଷାନରେ ଜଣେ ଚାଷୀର ଜମି ରହିଥିବା ଦରକାର। ହେଲେ ସିଏମ୍ କିଷାନରେ ଭୂମିହୀନଙ୍କୁ ମଧ୍ୟ ଲାଭ ମିଳିପାରିବ।

ଏହି କାର୍ଯ୍ୟକ୍ରମ ରାଜ୍ୟ ଓ ଜିଲାସ୍ତରରେ ପାଳନ କରାଯାଇଛି। ଏହି ଯୋଜନାରେ ୩ଟି କିସ୍ତିରେ ବର୍ଷକୁ ଚାଷୀଙ୍କ ଆକାଉଣ୍ଟକୁ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ଏହି ଆର୍ଥିକ ସହାୟତା ହିତାଧିକାରୀଙ୍କୁ ରବି ଫସଲ ଋତୁରେ ଆବଶ୍ୟକ କୃଷି ସାମଗ୍ରୀ ଯଥା ବିହନ, ସାର, ରୋଗପୋକ ମରା ଔଷଧ କ୍ରୟ ତଥା ଶ୍ରମିକ ମଜୁରି ପ୍ରଦାନ ଓ ଚାହିଦା ମୁତାବକ ଅନ୍ୟାନ୍ୟ କୃଷି କାର୍ଯ୍ୟ ତୁଲାଇବା ନିମନ୍ତେ ସହାୟକ ହେବ। ପିଏମ୍-କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏବଂ ସମସ୍ତ ବାଧ୍ୟତାମୂଳକ ଆବଶ୍ୟକତା ପୂରଣ କରିବା ପାଇଁ ସବୁ ରାଜ୍ୟରେ ଏକ ସ୍ୱତନ୍ତ୍ର ଅଭିଯାନ ନୂଆଖାଇଠାରୁ ଆରମ୍ଭ ହୋଇ ଗତ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା। ଚାଷୀମାନେ ଏହି ପଞ୍ଜୀକରଣ କାର୍ଯ୍ୟ ରାଜ୍ୟର ସମସ୍ତ ଜନସେବା କେନ୍ଦ୍ରରେ ବିନା ଦେୟରେ ସମାପନ କରିଛନ୍ତି। ଏହି ଉଦ୍ୟମ ଦ୍ୱାରା ୧୮ରୁ ୧୯ତମ କିସ୍ତି ମଧ୍ୟରେ ୩.୪୪ ଲକ୍ଷ ଯୋଗ୍ୟ ହିତାଧିକାରୀ ଏଥିରେ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। ତେବେ ଓଡ଼ିଶାରେ ପିଏମ୍ କିଷାନ ସମ୍ମାନ ନିଧି ଅଧୀନରେ କେତେକ ଚାଷୀଙ୍କ ଆକାଉଣ୍ଟକୁ ସୋମବାର ସକାଳୁ ୨ହଜାର ଟଙ୍କା ଲେଖାଏଁ ଛେକ ଛେକ ଆସିବାରୁ ସମ୍ପୃକ୍ତ ବ୍ୟକ୍ତି ଖୁସି ହୋଇଥିବା ଜଣାପଡ଼ିଛି। ସନ୍ଧ୍ୟା ପର୍ଯ୍ୟନ୍ତ ଜଣ ଜଣଙ୍କ ଆକାଉଣ୍ଟରେ ୩୦,୦୦୦ଟଙ୍କା ପଡ଼ିଥିବା ଆଲୋଚନା ହେଉଛି। ସେଥିପାଇଁ ଚାଷୀ ଓ ତାଙ୍କ ପରିବାର ଲୋକେ ସକାଳୁ ମୋବାଇଲ ଫୋନ୍ ଧରି ବସିଥିବା ଦେଖିବାକୁ ମିଳିଛି।

**ଲଳିତ ଭୋରା ୱାଲ୍‌ଟିୟର ଡିଭିଜନର ନୂଆ ଡିଆର୍‌ଏମ୍**

ରାୟଗଡା,(ଆଶିଷ ରଞ୍ଜନ ପଣ୍ଡା): ବିଶାଖାପାଟଣାସ୍ଥିତ ୱାଲ୍‌ଟିୟର ଡିଭିଜନର ନୂତନ ଡିଆର୍‌ଏମ୍ ରୂପେ ଲଳିତ ଭୋରା ସୋମବାର କାର୍ଯ୍ୟରେ ଯୋଗଦେଇଥିବା ଜଣାପଡ଼ିଛି। ସେ ପୂର୍ବରୁ କେନ୍ଦ୍ର ସରକାରଙ୍କ ଏମ୍.ଏନ୍.ଆର୍.ଇ. ବିଭାଗର ଯୁଗ୍ମ ସଚିବ ରୂପେ କାର୍ଯ୍ୟ କରୁଥିଲେ। ଭୋରା ପୂର୍ବରୁ ଭାରତୀୟ ରେଲୱେର ମୁଖ୍ୟ ବାଣିଜ୍ୟ ପରିଚାଳକ, ମୁଖ୍ୟ ଯାତ୍ରୀ ପରିବହନ ପରିଚାଳକ, ମୁଖ୍ୟ ଜନସମ୍ପର୍କ ଅଧିକାରୀ, ଡେପୁଟି ଜେନେରାଲ ମ୍ୟାନେଜର ଓ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀ ରୂପେ ସଫଳତାର ସହ କାର୍ଯ୍ୟ କରିଥିବା ଜଣାପଡ଼ିଛି। ଭୋରାଙ୍କ ପୂର୍ବରୁ ମନୋଜ କୁମାର ସାହୁ ୱାଲ୍‌ଟିୟର ଡିଭିଜନର ଡି.ଆର୍.ଏମ୍ ରୂପେ କାର୍ଯ୍ୟ କରୁଥିଲେ।

# ଅସୁସ୍ଥତା ଦର୍ଶାଇ ସମୟ ନେଲେ ପ୍ରତିପକ୍ଷ

## ୨୦୨୩ ପଦ୍ମଶ୍ରୀ ପୁରସ୍କାର ବିବାଦ ମାମଲା
### ମାର୍ଚ୍ଚ ୧୮ରେ ପରବର୍ତ୍ତୀ ଶୁଣାଣି

କଟକ,୨୪।୨(କାର୍ତ୍ତିକ ସାହୁ)

୨୦୨୩ ମସିହାର ପଦ୍ମଶ୍ରୀ ପୁରସ୍କାର ବିବାଦକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ସୋମବାର ଶୁଣାଣି ହୋଇଛି। ଆଦେଶ ମୁତାବକ ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ଅଦାଲତରେ ହାଜର ହୋଇ ୨୯ଟି ପ୍ରକାଶିତ ପୁସ୍ତକ ସମେତ ଅନ୍ୟାନ୍ୟ କାଗଜାତ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ପ୍ରତିପକ୍ଷ ସମାନ ନାମଧାରୀ ଅନ୍ତର୍ଯ୍ୟାମୀ ମିଶ୍ର ଅସୁସ୍ଥତା କାରଣ ଦର୍ଶାଇ ହାଇକୋର୍ଟରୁ ସମୟ ମାଗିଛନ୍ତି। ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ମାମଲାର ଶୁଣାଣି କରି ପ୍ରତିପକ୍ଷଙ୍କୁ ଅଧିକ ସମୟ ଦେଇଛନ୍ତି। ଏଥିସହ ବ୍ୟକ୍ତିଗତ ଭାବେ ହାଜର ନ ହୋଇ ଓକିଲଙ୍କ ମାଧ୍ୟମରେ ନିଜର ପକ୍ଷ ରଖିପାରିବେ ବୋଲି କହିଛନ୍ତି। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୮ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ଆବେଦନ କରିଥିଲେ। ହେଲେ କେନ୍ଦ୍ର ସରକାର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିବା ପରେ ବିବାଦ ସୃଷ୍ଟି ହୋଇଥିଲା। ଆବେଦନକାରୀ ଉକ୍ତ ପଦ୍ମଶ୍ରୀ ପୁରସ୍କାରର ଦାବିଦାର ବୋଲି ଦର୍ଶାଇ ୨୦୨୩ ମାର୍ଚ୍ଚ ୨୯ରେ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ତାଙ୍କ ଆବେଦନ ଅନୁଯାୟୀ, ସେ ଜଣେ ଡାକ୍ତର ଏବଂ ଓଡ଼ିଆ ଭାଷାର ଜଣେ ସାହିତ୍ୟିକ। ସେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ପ୍ରାୟ ୨୯ଟି ପୁସ୍ତକ ରଚନା କରିଛନ୍ତି। ସାହିତ୍ୟ କ୍ଷେତ୍ରକୁ ତାଙ୍କର ଏହି ଅବଦାନ ଯୋଗୁ ତାଙ୍କ ନାମ ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଅପରପକ୍ଷରେ ପ୍ରତିପକ୍ଷ ପଦ୍ମଶ୍ରୀ ପାଇଥିବା ଅନ୍ତର୍ଯ୍ୟାମୀ ମିଶ୍ର ପେଶାରେ ଜଣେ ସାମ୍ବାଦିକ, ହେଲେ ସେ କୌଣସି ପୁସ୍ତକ ରଚନା କରିନାହାନ୍ତି। ତେଣୁ ସରକାର ଏ ଦିଗରେ ସ୍ପଷ୍ଟ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ଏହି ମାମଲାରେ କେନ୍ଦ୍ର ସରକାର, ପ୍ରତିପକ୍ଷ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସମେତ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଗତ ୧୧ ତାରିଖରେ ହାଇକୋର୍ଟ ମାମଲାର ଶୁଣାଣି କରି ଉଭୟ ପକ୍ଷଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ରହିଥିବା ପ୍ରକାଶନ ସାମଗ୍ରୀ ଓ କାଗଜାତ ଅଦାଲତରେ ଦାଖଲ କରିବାକୁ ଆଦେଶ ଦେଇଥିଲେ। ଆଇନଜୀବୀ ଏସ୍. ଏ. ସ୍ୱାଇଁ ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି।

# ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ

## ଆଧାର ସଂଯୋଗ ନ ଥିବାରୁ ବ୍ୟାଙ୍କ ଫେରାଉନି ଜମାଅର୍ଥ

କଟକ,୨୪।୨(କାର୍ତ୍ତିକ ସାହୁ)

ପାନ୍ କାର୍ଡ ସହ ଆଧାର କାର୍ଡ ସଂଯୋଗ ନ ଥିବାରୁ ବ୍ୟାଙ୍କ ଆକାଉଣ୍ଟରେ ଜମାଥିବା ଅର୍ଥରାଶି ଜମାକାରୀ ପାଇପାରୁ ନାହାନ୍ତି। ଜମା ଅର୍ଥରାଶି ଫେରାଇବା ପାଇଁ ପାନ୍-ଆଧାର ଜରୁରୀ ବୋଲି ବ୍ୟାଙ୍କ କହୁଛି। ମାତ୍ର ଜମାକାରୀ ଏହାକୁ ବେଆଇନ ଦର୍ଶାଇ ଅର୍ଥରାଶି ଫେରସ୍ତ ପାଇଁ ଯୁକ୍ତି ଦର୍ଶାଇଥିଲେ। ବ୍ୟାଙ୍କ ଓ ଜମାକାରୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ବିବାଦକୁ ନେଇ ରୁଜୁ ମାମଲାରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି। ଡିମାଟ୍ ଆକାଉଣ୍ଟ ପାଇଁ ଆଧାର-ପାନ୍ ଲିଙ୍କେଜ୍ ସାମ୍ବିଧାନିକ ଭାବେ ବାଧ୍ୟତାମୂଳକ ବୋଲି ବିଚାରପତି ଡ. ଏସ୍.କେ. ପାଣିଗ୍ରାହୀ ଦର୍ଶାଇ ସମସ୍ତ ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଉଠାଇ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆବେଦନକାରୀ ତଥାଗତ ସତପଥୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କଟକ-ପୁରୀ ରୋଡ୍ ଶାଖାରେ ଏକ ଜମାଖାତା ୨୦୧୭ ଏପ୍ରିଲ ୨୦ ତାରିଖରେ ଖୋଲି ନିୟମିତ ଚଳାଇ ଆସୁଥିଲେ। ସମୟ କ୍ରମେ ଉକ୍ତ ବ୍ୟାଙ୍କର ଶାଖା ପରିଚାଳକ ଆବେଦନକାରୀଙ୍କୁ ଜମାଖାତାରେ ଥିବା ଅର୍ଥରୁ ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ରେ ନିବେଶ କରି ଅଧିକ ଲାଭ ପାଇବା ପାଇଁ ପ୍ରବର୍ତ୍ତାଇଥିଲେ। ଶାଖା ପରିଚାଳକଙ୍କ କଥା ଅନୁସାରେ ଆବେଦନକାରୀ ୨୦୧୯ ଡିସେମ୍ବର ୨୪ ତାରିଖରେ ଉକ୍ତ ବ୍ୟାଙ୍କର ଜମାଖାତାରୁ ୨୫ ଲକ୍ଷ ଟଙ୍କା ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ର ଏକ ଡିମାଟ୍ ଆକାଉଣ୍ଟରେ ଜମା କରିଥିଲେ। ସେଥିରେ ଟ୍ରେଡିଂ କାରବାର ୨୦୨୦ ଜାନୁୟାରୀ ୬ ତାରିଖରୁ ଆରମ୍ଭ ହୋଇଥିଲା। ସେହି ଆକାଉଣ୍ଟରେ ଆବେଦନକାରୀ କାରବାର ଚଳାଇଥିବା ବେଳେ ୨୦୨୩ ଜୁଲାଇରେ ବ୍ୟାଙ୍କ ତାହାକୁ ଅଚଳ(ଡରମାଣ୍ଟ) କରିଦେଇଥିଲା। ସମ୍ପୃକ୍ତ ବ୍ୟାଙ୍କ ଆକାଉଣ୍ଟ ଆଧାର ସହ ସଂଯୋଗ ହୋଇନାହିଁ ବୋଲି ବ୍ୟାଙ୍କ ଯୁକ୍ତି ଦର୍ଶାଇଥିଲା। ଜମାଖାତା ଓ ଡିମାଟ ଆକାଉଣ୍ଟ ସହ ମଧ୍ୟ ଆଧାର ସଂଯୋଗ ହୋଇନାହିଁ ବୋଲି କୁହାଯାଇଥିଲା। ତେବେ ଆବେଦନକାରୀଙ୍କ ଆଧାର କାର୍ଡ ନ ଥିବାରୁ ଖାତା ଖୋଲିବାବେଳେ ଉଭୟ ଆକାଉଣ୍ଟରେ ଆଧାର ସଂଯୋଗ କରାଯାଇ ନାହିଁ। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ବ୍ୟାଙ୍କ ଆକାଉଣ୍ଟ କାରବାର ଲାଗି ଆଧାର ବାଧ୍ୟତାମୂଳକ ନୁହେଁ ଦର୍ଶାଇ ଟଙ୍କା ଫେରାଇଦେବା ପାଇଁ ଆବେଦନକାରୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦର୍ଶାଇଥିଲେ। ବିଭିନ୍ନ ସମୟରେ ଇମେଲ୍ ଯୋଗେ ଚିଠି ଆଦାନପ୍ରଦାନ ପରେ ବି କୌଣସି ସୁଫଳ ମିଳି ନ ଥିଲା। ଏହାପରେ ଆବେଦନକାରୀ ବ୍ୟାଙ୍କରୁ ତାଙ୍କର ଜମାଅର୍ଥ ଫେରିପାଇବା ନିମନ୍ତେ ଆଦେଶ ଦେବାକୁ ହାଇକୋର୍ଟଙ୍କ ନିକଟରେ ନିବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଯଶୋବନ୍ତ ଦାଶ ଓ ଆଇନଜୀବୀ ଏନ୍.ସି. ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଆଦିବାସୀଙ୍କ ଦେବସ୍ଥଳୀ, କବରସ୍ଥାନ ଖୋଳିଦେଲେ




ଜାତୀୟ ବାଘ ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ଏବଂ ଶିମିଳିପାଳ ବାଘ ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ଜାତିବାଦୀ ଅତ୍ୟାଚାର ବିରୋଧରେ ଶିମିଳିପାଳ ଯମୁନାଗଡ଼ର ମା ମାଟି ସୁରକ୍ଷା ସମିତି ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

## ଶିମିଳିପାଳ ଟାଇଗର ରିଜର୍ଭ କର୍ତ୍ତୃପକ୍ଷଙ୍କ ଅତ୍ୟାଚାର ବିରୋଧରେ ରଣହୁଙ୍କାର

ଭୁବନେଶ୍ୱର,୨୪।୨(ସୁଚିସ୍ମିତା ସାହୁ)

ଶିମିଳିପାଳ ଟାଇଗର ରିଜର୍ଭ ପାଇଁ ବିସ୍ଥାପିତ ହୋଇ ଭିଟାମାଟି ହରାଇଥିଲେ ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ୍ ଗୁଡୁଗୁଡିଆ ପଞ୍ଚାୟତ ଯମୁନଗଡ଼ର ମୁଣ୍ଡା ଆଦିବାସୀ ସମାଜର ଅଧିବାସୀ। ଏବେ ସେମାନଙ୍କ ଦେବସ୍ଥଳୀ(ମୁଣ୍ଡାରି ଭାଷାରେ ଜାୟାର୍) ଓ କବରସ୍ଥାନ (ସାସାନ୍ ପିଳି)କୁ ଯିବାକୁ ଦିଆଯାଉନାହିଁ। ଆକ୍ରମଣ, ଅତ୍ୟାଚାର ଓ ଗାଳିଗୁଲଜ କରାଯାଉଛି। ଏପରିକି ବହୁ ଦେବସ୍ଥଳୀ ଓ କବରସ୍ଥଳୀକୁ ଖୋଳିତାଡ଼ି ଦିଆଯାଇଥିବାରୁ ସମ୍ପୃକ୍ତ ଆଦିବାସୀ ସମ୍ପ୍ରଦାୟ ବିଦ୍ରୋହ ଆରମ୍ଭ କରିଦେଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଏବେ ରାଜଧାନୀରେ ଭୁବନେଶ୍ୱରରେ ପହଞ୍ଚିଛି। ସୋମବାର ସକାଳେ ଯମୁନାଗଡ଼ର ମା ମାଟି ସୁରକ୍ଷା ସମିତି ନେତୃତ୍ୱରେ ଆଦିବାସୀମାନେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରଣହୁଙ୍କାର ଦେଇଥିଲେ। ଅପରାହ୍ନରେ ଲୋହିଆ ଏକାଡେମୀଠାରେ ଖବରଦାତା ସମ୍ମିଳନୀ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚିଫ୍ କଞ୍ଜରଭେଶନ ଅଫ୍ ଫରେଷ୍ଟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ମୁଖ୍ୟତଃ ଜାୟାର୍ ଓ ସାସାନ୍ ପିଳିର ସୁରକ୍ଷା ଦାବି କରାଯାଇଛି। ଶିମିଳିପାଳ ଟାଇଗର ରିଜର୍ଭର ଅଧିକାରୀମାନେ ଆଦିବାସୀମାନଙ୍କୁ ସେମାନଙ୍କ ଧାର୍ମିକ ଓ ଆଧ୍ୟାତ୍ମିକ ଅଧିକାରରୁ ବଞ୍ଚିତ କରିବା ଉଦ୍ୟମକୁ ତୁରନ୍ତ ବନ୍ଦ କରନ୍ତୁ। ଜାୟାର୍ ଓ ସାସାନ ପିଳିଗୁଡିକୁ ନଷ୍ଟ କରି ନିର୍ମାଣ/ସଂପ୍ରସାରଣ କରାଯାଉଥିବା ବାଘ-ଖୁଆଡକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବା ସହିତ ବାଘ ଜିନତର ସ୍ୱାସ୍ଥ୍ୟବସ୍ଥାର ଏକ ଶ୍ୱେତପତ୍ର ଘୋଷଣା କରାଯାଉ। ୨୦୧୫ ଓ ୨୦୨୨ ମସିହାରେ କରାଯାଇଥିବା ବେଆଇନ ବିସ୍ଥାପନକୁ ନିରପେକ୍ଷ ଓ ନ୍ୟାୟିକ କମିଶନ ଦ୍ୱାରା ତଦନ୍ତ କରାଯାଉ। ସମ୍ପ୍ରତି, ଶିମିଳିପାଳରୁ ବିସ୍ଥାପନ ଉଦ୍ଦେଶ୍ୟରେ ଆଦିବାସୀ ଓ ଅନ୍ୟ ପାରମ୍ପରିକ ବନବାସୀ ସମୁଦାୟଙ୍କ ଉପରେ ବାରମ୍ବାର ପକାଯାଉଥିବା ଚାପକୁ ତୁରନ୍ତ ବନ୍ଦ କରାଯାଉ। ବାଘ ସଂରକ୍ଷଣ ଆଳରେ ଶିମିଳିପାଳ ଟାଇଗର ରିଜର୍ଭ ଅଧିକାରୀଙ୍କ ବିଭିନ୍ନ ନ୍ୟାସ୍ତସ୍ୱାର୍ଥ, ପର୍ଯ୍ୟଟନ କମ୍ପାନୀ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ଚାଲିଆସୁଥିବା ମଧୁଚନ୍ଦ୍ରିକାର ତୁରନ୍ତ ତଦନ୍ତ କରାଯାଉ ବୋଲି ସମିତିର କର୍ମକର୍ତ୍ତା ତେଲେଙ୍ଗା ହାବା ଦାବି କରିଛନ୍ତି। ସେ କହିଛନ୍ତି, ଆମେ ଯମୁନାଗଡର ପବିତ୍ର ଦେବସ୍ଥଳୀ(ଜାୟାର) ଏବଂ କବରସ୍ଥାନ(ସାସାନପାଲି)ରେ ପୂଜା କରିବା ସହିତ ସମଗ୍ର ଶିମିଳିପାଳବାସୀଙ୍କ ଶୁଭକାମନା କରୁଥିଲୁ। କିନ୍ତୁ ବନବିଭାଗ ଅଧିକାରୀମାନେ ବଳ ଓ ଛଳ ମାଧ୍ୟମରେ ଭିଟାମାଟି ଛଡାଇ ନେଇଥିବାରୁ ଏବେ ମୁଣ୍ଡା ସମାଜର ଆଦିବାସୀଙ୍କୁ ନିଜ ଭିଟାମାଟିଠାରୁ ପ୍ରାୟ ୧୩୦ କି.ମି. ଦୂର ଉଦଳା ବ୍ଲକସ୍ଥିତ ନାବେରା ଗ୍ରାମରେ ଦୁର୍ବିସହ ଅବସ୍ଥାରେ ଜୀବନ ବିତାଇବାକୁ ପଡୁଛି। ସେମାନେ ଆମ ଠାକୁରଙ୍କୁ ଧ୍ୱଂସ କରୁଛନ୍ତି। ଆମ ବିନା ସହମତିରେ ଯମୁନାଗଡରେ ବାଘ ଖୁଆଡ଼ ନିର୍ମାଣ କରାଯାଇ ମହାରାଷ୍ଟ୍ରରୁ ଆସିଥିବା ବାଘ 'ଜିନତ'କୁ ରଖାଯାଇଛି। ହେଲେ ତା'ର ସ୍ୱାସ୍ଥ୍ୟାବସ୍ଥା ଖରାପଥିବା ଜଣାପଡିଛି। ତେଣୁ ମୁଣ୍ଡା ସମାଜର ଆସ୍ଥା, ବିଶ୍ୱାସ, ଧର୍ମ, ଆଧ୍ୟାତ୍ମିକତା ଓ ସାମୂହିକ ଜୀବନ ଦର୍ଶନକୁ ବଞ୍ଚାଇବା ସହିତ ବାଘ ଜିନତର ମଙ୍ଗଳ କାମନା କରିଛୁ ବୋଲି ସେ କହିଛନ୍ତି।

# ନବ ଦାସଙ୍କ ଘରେ କାମ କରୁଥିବା କର୍ମଚାରୀଙ୍କୁ ପୁଣି ଜେରା

## ନବ ଦାସଙ୍କ ରୋଷେୟା ଲଳିତ ସାହୁ ଆତ୍ମହତ୍ୟା ମାମଲା

ଝାରସୁଗୁଡ଼ା,୨୪।୨
(ଆଶିଷ ରଞ୍ଜନ ଦାଶ)

ନବ ଦାସଙ୍କ ରୋଷେୟା ଲଳିତ ସାହୁ ଆତ୍ମହତ୍ୟା ମାମଲାର ପୁଣି ତଦନ୍ତ କରିବାକୁ ପୋଲିସ ଡିଜି ଉତ୍ତରାଞ୍ଚଳ ଆଇଜିଙ୍କୁ ଗତ ୧୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହି ସନ୍ଦେହଜନକ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଲଳିତଙ୍କ ବାପା ବେଲାଲସେନ ସାହୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରିବା ପରେ ଏହାର ପୁନଃ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀ ଭାବେ ଜଣେ ଆଇଆଇସି ଏବଂ ସୁପରଭିଜନ ଲାଗି ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଘଟଣାରେ ନବ ଦାସଙ୍କ ଝାରସୁଗୁଡ଼ାସ୍ଥିତ ସରବାହାଲ ଘରେ କାମ କରୁଥିବା ବିଭିନ୍ନ କର୍ମଚାରୀଙ୍କୁ ଝାରସୁଗୁଡ଼ା ପୋଲିସ ଜେରା କରିଛି। ଏହିକ୍ରମରେ ସୋମବାର ନବଙ୍କ ଘରେ କାମ କରୁଥିବା କର୍ମଚାରୀ ମୁନୁ ପ୍ରସାଦଙ୍କୁ ୨ୟ ଥର ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏବଂ ତଦନ୍ତକାରୀ ଅଧିକାରୀ ଦୀର୍ଘ ୩ ଘଣ୍ଟା ଧରି ପଚରାଉଚରା କରିଥିଲା। ସେ ଲଳିତଙ୍କ ମୃତ୍ୟୁର ୨ ଦିନ ପୂର୍ବରୁ ଆସିଥିବା ବେଳେ ଲଳିତଙ୍କୁ ଭଲ ଭାବେ ଜାଣି ନ ଥିଲେ ବୋଲି ପୋଲିସକୁ କହିଥିଲେ। ଲଳିତଙ୍କ ମୃତ୍ୟୁର ଦେଢ଼ ମାସ ପରେ କାମ ଛାଡ଼ି ଦେଇଥିଲେ ବୋଲି ପୋଲିକୁ ମୁନୁ ବୟାନ ଦେଇଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଗତ ଶନିବାର ହେମସାଗର ନାୟକ ଏବଂ ମୁନୁ ପ୍ରସାଦଙ୍କୁ ପୋଲିସ ପଚରାଉଚରା କରିଥିଲା।

ପୋଲିସ କହିବା ଅନୁଯାୟୀ ପୂର୍ବରୁ ଦେଇଥିବା ବୟାନ ଓ ଏବେ ଦେଉଥିବା ବୟାନ ମଧ୍ୟରେ ତାଳମେଳ ରହୁନାହିଁ। ସାକ୍ଷୀମାନେ ତାଙ୍କର ବୟାନ ବଦଳାଉଛନ୍ତି। ଏହି ଘଟଣାରେ ଅନ୍ୟ ସାକ୍ଷୀମାନଙ୍କ ବୟାନ ରେକର୍ଡ ବା ଜେରା ଜାରି ରହିବ ବୋଲି ପୋଲିସ କହିଛି। ଏହି ଘଟଣାରେ ଜଡିତ ଥିବା ବିଭିନ୍ନ ବ୍ୟକ୍ତିଙ୍କୁ ଝାରସୁଗୁଡ଼ା ଥାନାରେ ହାଜର ପାଇଁ ନୋଟିସ ଦିଆଯାଇଥିବା ବେଳେ ବୟାନ ଦେଇଥିବା ହେମସାଗର ନାୟକ ଏବଂ ମୁନୁଙ୍କ ଉପରେ ମଧ୍ୟ ନଜରରେ ରଖାଯାଇଛି ବୋଲି ତଦନ୍ତ ଅଧିକାରୀ ରଞ୍ଜନ ବରିହା କହିଛନ୍ତି।

# ହଟଷ୍ଟ୍ରିପ୍ ମିଲ୍‌ରେ କାର୍ଯ୍ୟରତ ସୁପରଭାଇଜରଙ୍କ ମୃତ୍ୟୁ

## ଟାଟା ଷ୍ଟିଲ୍ କମ୍ପାନୀ ପରିସରରେ ଦୁର୍ଘଟଣା

ଢେଙ୍କାନାଳ,୨୪।୨(ରତନ ନାୟାର)

ଢେଙ୍କାନାଳ ଜିଲା ଟାଟା ଷ୍ଟିଲ୍ ମେରାମଣ୍ଡଳୀ କମ୍ପାନୀ ପରିସରରେ ସୋମବାର ଭୋର୍ ପ୍ରାୟ ୫ଟାରେ ଏକ ଦୁର୍ଘଟଣାରେ ସବ୍‌ସିଡାରି କମ୍ପାନୀ ଟାଟା ଷ୍ଟିଲ୍ ଟେକ୍ନିକାଲ ସର୍ଭିସ୍ ଲିମିଟେଡର ସୁପରଭାଇଜର ଅବଦୁଲ ରାଉଫ୍(୪୨)ଙ୍କ ମୃତ୍ୟୁ ଘଟିଛି। ସେ ହଟଷ୍ଟ୍ରିପ୍ ମିଲ୍‌ରେ କାର୍ଯ୍ୟରତ ଥିବା ବେଳେ ଦୁର୍ଘଟଣା ଘଟି ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ କାରଖାନା ପରିସରରେ ଥିବା ଚିକିତ୍ସାକେନ୍ଦ୍ର ଓ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁପରଭାଇଜରଙ୍କ ଘର ଝାଡ଼ଖଣ୍ଡ ଜାମତାରା ଜିଲା ନାରାୟଣପୁର ଅଞ୍ଚଳରେ। ଏହି ଘଟଣା ପରେ କମ୍ପାନୀ ପରିସରରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର ଅଧିକାରୀ ପୁଷ୍ପମିତ୍ରା ଜେନା କହିଛନ୍ତି, ପୋଲିସ ଉପସ୍ଥିତିରେ ତଦନ୍ତ କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନୋଟିସ କରାଯାଇଛି। ଘଟଣାକୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଏ ସମ୍ପର୍କରେ ତାଙ୍କ ପରିବାରକୁ ମଧ୍ୟ ଜଣାଇଛନ୍ତି।

# ୱାଟ୍‌କୋକୁ 'ପ୍ରଯୁକ୍ତିବିଦ୍ୟା ସଭା ପୁରସ୍କାର'



ୱାଟ୍‌କୋକୁ ମିଳିଥିବା 'ପ୍ରଯୁକ୍ତିବିଦ୍ୟା ସଭା ପୁରସ୍କାର'ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କୁ ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୨୪।୨ (ଅନୁରାଧା ମହାରଣା)

ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଜଳ ନିଗମ (ୱାଟ୍‌କୋ)କୁ ସମ୍ମାନଜନକ 'ପ୍ରଯୁକ୍ତିବିଦ୍ୟା ସଭା ପୁରସ୍କାର-୨୦୨୫' ପୁରସ୍କାର ପ୍ରଦାନ କରାଯାଇଛି। ଫେବୃଆରୀ ୨୧ରୁ ୨୩ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ପ୍ରଯୁକ୍ତିବିଦ୍ୟା ସଭା କାର୍ଯ୍ୟକ୍ରମରେ ଜଳ ଗୁଣବତ୍ତା ତଥ୍ୟ ସଂଗ୍ରହ ଏବଂ ମନିଟରିଂ ସିଷ୍ଟମ ପାଇଁ ଏଣ୍ଟରପ୍ରାଇଜ ଆପ୍ଲିକେଶନ ବର୍ଗରେ ଏହି ପୁରସ୍କାର ମିଳିଛି। ଭୁବନେଶ୍ୱରସ୍ଥିତ ଏନ୍‌ଆଇସି କେନ୍ଦ୍ରର ବୈଷୟିକ ସହଯୋଗରେ ବିକଶିତ, ଜଳ ଗୁଣବତ୍ତା ତଥ୍ୟ ସଂଗ୍ରହ ଏବଂ ମନିଟରିଂ ସିଷ୍ଟମ ଏକ ଅନ୍‌ଲାଇନ ସମନ୍ୱିତ କାର୍ଯ୍ୟପ୍ରଣାଳୀ ମୁଖୀ ପ୍ଲାଟ୍‌ଫର୍ମ, ଯାହା ସରକାରରୁ ନାଗରିକ (ଜି୨ସି) ଏବଂ ସରକାରରୁ ସରକାର (ଜି୨ଜି) ସେବାକୁ ବାସ୍ତବ ସମୟ ସିଷ୍ଟମ ସହିତ ଯୋଡିଥାଏ। ଏହା ଓଡ଼ିଶାର ସହରାଞ୍ଚଳରେ ୱେବ୍ ସକ୍ଷମ ଏବଂ ମୋବାଇଲ ଆପ୍ ଚାଳିତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଜଳ ଗୁଣବତ୍ତା ନମୁନା ସଂଗ୍ରହ, ପରୀକ୍ଷଣ ଏବଂ ତଥ୍ୟ ସର୍ବେକ୍ଷଣ ମନିଟରିଂ ପାଇଁ ଏକ ବ୍ୟାପକ ସମାଧାନ ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ଏହି ସିଷ୍ଟମ ପ୍ରତ୍ୟେକ ଘରକୁ ନିରାପଦ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଠିକ୍ ସମୟ ଗୁଣବତ୍ତା ସର୍ବେକ୍ଷଣ କରିଥାଏ। ମିଳିଥିବା ପୁରସ୍କାରକୁ ୱାଟ୍‌କୋ ଏମ୍‌ଡି ଗୁରୁଚରଣ ଦାସ ଏବଂ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କୁ ପ୍ରଦାନ କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବାଶିଷ ସିଂହ ମଧ୍ୟ ଉପସ୍ଥିତ ଥିଲେ।

# ସ୍କୁଟି ଉପରେ ଚଢ଼ିଗଲା ହାଇୱା, ମହିଳା ମୃତ, ୨ ଗୁରୁତର

କେନ୍ଦ୍ରାପଡ଼ା,୨୪।୨ (ଜଗନ୍ନାଥ ଧଳ)

କଟକ-ଚାନ୍ଦବାଲି ରାଜ୍ୟ ରାଜପଥ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ତିନିମୁହାଣି ନିକଟ ଚଟିପୋଲଠାରେ ସୋମବାର ଏକ ସଡ଼କ ଦୁର୍ଘଟଣା ହୋଇଛି। ସ୍କୁଟିରେ ଯାଉଥିବା ଜଣେ ମହିଳାଙ୍କ ଉପରେ ହାଇୱା ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଶ୍ରଦ୍ଧାଞ୍ଜଳି ପୃଷ୍ଟି (୩୦)। ଏହି ସ୍କୁଟି (ନଂ. ଓଡି ୨୯ କେ ୬୨୫୨)ରେ ଯାଉଥିବା ମୃତାଙ୍କ ସ୍ୱାମୀ କାମାକ୍ଷା ପ୍ରସାଦ ସାହୁ ଓ ୮ବର୍ଷର ପୁଅ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଗୁରୁତର ୨ ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏ ସମ୍ପର୍କରେ ମୃତା ଶ୍ରଦ୍ଧାଞ୍ଜଳିଙ୍କ ଶ୍ୱଶୁର ଦୁର୍ବାସା କହିଛନ୍ତି, ତାଙ୍କ ଘର ସହରର ମହିପାଳରେ। ସକାଳ ସାଢ଼େ ୯ଟାରେ ପୁଅବୋହୂ ଓ ନାତି ସ୍କୁଟିରେ ସ୍କୁଲକୁ ଯାଉଥିଲେ। ଏହି ସମୟରେ ପଛପଟୁ ଏକ ହାଇୱା ଧକ୍କା ମାରି ପଳାଇ ଯାଇଥିଲା। ଅପରପକ୍ଷରେ ଏହି ଦୁର୍ଘଟଣା ପରଠାରୁ ସ୍ଥାନୀୟ ଲୋକ ଉପଯୁକ୍ତ କ୍ଷତିପୂରଣ ଦାବିରେ ଦୀର୍ଘ ୩ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆଲୋଚନା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦିବ୍ୟାଙ୍ଗ ଅନ୍ନପୂର୍ଣ୍ଣାଙ୍କ ହାତ ଧରିଲେ ପଞ୍ଚାନନ

ଜଳେଶ୍ୱର, ୨୪।୨(ନବୀନ ସାହୁ)



ଅନ୍ନପୂର୍ଣ୍ଣା ଏବଂ ପଞ୍ଚାନନଙ୍କ ବିବାହ ସମୟର ଫଟୋ।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ପ୍ରହରାଜପୁର ଗ୍ରାମର ମଦନ କୁମାର ପାତ୍ରଙ୍କ ଜ୍ୟେଷ୍ଠ କନ୍ୟା ଦିବ୍ୟାଙ୍ଗ ଅନ୍ନପୂର୍ଣ୍ଣାଙ୍କ ହାତ ଧରିଛନ୍ତି ଦକ୍ଷିଣ ପ୍ରହରାଜପୁର ଗ୍ରାମର ପଞ୍ଚାନନ ପାତ୍ର। ଉଭୟଙ୍କ ବିବାହ ବୈଦିକ ରୀତିରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଯୌତୁକବିହୀନ ବିବାହ କରି ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ପଞ୍ଚାନନ।

ଅନ୍ନପୂର୍ଣ୍ଣା ଯୁକ୍ତ ୩ କଳା ବିଭାଗରେ ଜଗନ୍ନାଥ ମହାବିଦ୍ୟାଳୟରେ ପଢୁଛନ୍ତି। ଅନ୍ନପୂର୍ଣ୍ଣା ଏବଂ ପଞ୍ଚାନନ ୮ମାସ ହେଲା ଭଲ ପାଉଥିଲେ। ଦୁହିଁଙ୍କର ପରିଚୟ ଇନ୍‌ଷ୍ଟା ମାଧ୍ୟମରେ ହୋଇଥିଲା। ଅନ୍ନପୂର୍ଣ୍ଣାଙ୍କ ପରିବାର କହିଲେ ମା', ବାପା, ଦୁଇ ଭଉଣୀ ଓ ଜଣେ ଭାଇ। ଚାଷ କରି ବାପା ଚଳନ୍ତି। ଜନ୍ମରୁ ତାଙ୍କର ଦୁଇ ଗୋଡ଼ ଅଚଳ। ପଞ୍ଚାନନ ଜଣେ ଦିବ୍ୟାଙ୍ଗଙ୍କୁ ସ୍ୱଇଚ୍ଛାରେ ବିବାହ କରି ଜୀବନସାଥୀ ରୂପେ ଗ୍ରହଣ କରି ମହାନତାର ପରିଚୟ ଦେଇଛନ୍ତି। ଏହି ବିବାହରେ ଜେଜେବାପା ଓ ପରିବାର, ବନ୍ଧୁବାନ୍ଧବ, ଗ୍ରାମବାସୀ ଉପସ୍ଥିତ ଥିଲେ। ବିବାହରେ ଜେଜେ ବାପା ତଥା ଗ୍ରାମମୁଖ୍ୟ ନାରାୟଣ ପ୍ରସାଦ ଜେନା ମୁଖ୍ୟ ପୁରୋଧା ସାଜିଥିବା ବେଳେ ସରପଞ୍ଚ ପ୍ରତିନିଧି ଗୌରାଙ୍ଗ ବେହେରା, ସମିତି ସଦସ୍ୟ ମୁକୁନ୍ଦରଞ୍ଜନ ଜେନା, ଦିଲୀପ କୁମାର ଦାସ, ଅବସରପ୍ରାପ୍ତ ଶିକ୍ଷକ ଗୁଣାଧାର ଭୂୟାଁ, ୱାର୍ଡସଭ୍ୟ କମଳଲୋଚନ ପାତ୍ର, ସତ୍ୟାନନ୍ଦ ବେହେରା, ଗଗନ ପାତ୍ର, ଅମଳ ସାମଲ ଓ ରମାକାନ୍ତ ବେହେରା ପୂର୍ଣ୍ଣ ସହଯୋଗ କରିଥିଲେ।

# ଏସ୍‌ସିବିରେ ଶିଶୁ ବଦଳ ଅଭିଯୋଗ

- କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର ଲୋକଙ୍କ ଧାରଣା
- ପୋଲିସ ଉପସ୍ଥିତିରେ ଏସ୍‌ଏନ୍‌ସିୟୁରେ ଯାଞ୍ଚ

କଟକ,୨୪।୨ (ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ୍‌ର ଏସ୍‌ଏନ୍‌ସିୟୁରୁ ଶିଶୁ ବଦଳ ନେଇ ଅଭିଯୋଗ ଆସିଛି। ଗତ ୧୧ତାରିଖରେ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ପୁରୀ କୁମ୍ଭାରପଡ଼ା ଅଞ୍ଚଳର ରତନା ବେହେରାଙ୍କ ସ୍ତ୍ରୀ ଚନ୍ଦ୍ରମା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ନବଜାତ ଶିଶୁର ସ୍ୱାସ୍ଥ୍ୟବସ୍ଥା ଠିକ୍ ନ ଥିବାରୁ ତାକୁ ଏସ୍‌ଏନ୍‌ସିୟୁକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ପରଦିନ ତା'ର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ କୁହାଯିବା ସହ ମୃତଦେହ ଦିଅଯାଇଥିଲା। ମୃତ ଶିଶୁକୁ କାଠଯୋଡ଼ି ବାଲିରେ ପୋତି ପରିବାର ଲୋକେ ପୁରୀ ଫେରିବା ପରେ ମନରେ ସନ୍ଦେହ ଉପୁଜିଥିଲା। ତେଣୁ ସେମାନେ ପୁଣି କଟକ ଆସି ଉକ୍ତ ସ୍ଥାନରେ ଦେଖିବାରୁ ଶିଶୁର ମୃତଦେହ ନ ଥିବା ବେଳେ ନିକଟରେ ଲୁଗା ପଡ଼ିରହିଥିଲା। ଏନେଇ ପୂର୍ବରୁ ମେଡିକାଲ ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସଙ୍କ ନିକଟରେ ସେମାନେ ଅଭିଯୋଗ କରିଥିଲେ ଏବଂ ଏହାର ତଦନ୍ତ କରାଯିବ ବୋଲି ମେଡିକାଲ ପକ୍ଷରୁ କୁହାଯାଇଥିଲା। ଏଥିସହ ପରିବାର ଲୋକଙ୍କ ପକ୍ଷରୁ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସୋମବାର ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଲୋକେ ଧାରଣା ଦେଇଥିଲେ।



ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିଶୁକନ୍ୟାର ପରିବାର ଲୋକଙ୍କ ଧାରଣା।

ଏନେଇ ସମ୍ପୃକ୍ତ ଶିଶୁକନ୍ୟାଙ୍କ ସମ୍ପର୍କୀୟ ସସ୍ମିତା ବେହେରା କହିଛନ୍ତି ଯେ, ଘଟଣା ସମ୍ପର୍କରେ କିଛିଦିନ ପୂର୍ବେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲୁ। ପରେ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଥିଲୁ, କିନ୍ତୁ କୌଣସି ତଦନ୍ତ କରାଯାଉ ନାହିଁ। ଏପରିକି ଏହି ଘଟଣାରେ ମେଡିକାଲ ଏସ୍‌ଏନ୍‌ସିୟୁର କର୍ମଚାରୀଙ୍କ ସମ୍ପୃକ୍ତି ଥିବାରୁ କର୍ତ୍ତୃପକ୍ଷ ଚୁପ୍ ରହିଛନ୍ତି। ଘଟଣାର ଠିକ୍ ଭାବେ ତଦନ୍ତ ସହ ସିସିଟିଭି ଯାଞ୍ଚ କରାଯାଇ ପ୍ରକୃତ ଶିଶୁକନ୍ୟାକୁ ହସ୍ତାନ୍ତର କରିବା ପାଇଁ ଆମେ ଦାବି କରୁଛୁ। ଅନ୍ୟପଟେ ଘଟଣାସ୍ଥଳରେ ମଙ୍ଗଳାବାଗ ଥାନା ପୋଲିସ ଅଧିକାରୀ ଉମାକାନ୍ତ ସାହୁ ପହଞ୍ଚି ଧାରଣାରତ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଶିଶୁର ମା', ବାପାଙ୍କୁ ଏସ୍‌ଏନ୍‌ସିୟୁ ନେଇ ନିଜ ଶିଶୁକନ୍ୟାକୁ ଚିହ୍ନଟ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିବାରୁ ପରିବାର ଲୋକେ ଧାରଣା ପ୍ରତ୍ୟାହୃତ କରିଥିବା ସୂଚନା ମିଳିଛି। ଏନେଇ ଥାନା ଅଧିକାରୀ ସାହୁ କହିଛନ୍ତି, ଘଟଣା ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ମେଡିକାଲର ସିସିଟିଭି ଯାଞ୍ଚ କରାଯାଇଛି। ସିସିଟିଭି ଫୁଟେଜରେ ମୃତଶିଶୁକୁ ନେଇ ପରିବାର ଲୋକେ ଯିବା ଦୃଶ୍ୟ ନଜରକୁ ଆସିଛି। ଅନ୍ୟପଟେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ସୋମବାର ଏସ୍‌ଏନ୍‌ସିୟୁକୁ ନେଇ ସେଠାରେ ଶିଶୁକନ୍ୟା ଚିହ୍ନଟ କରିବାକୁ କୁହାଯାଇଥିଲା। ପରିବାର ଲୋକେ ଗୋଟିଏ ଶିଶୁକନ୍ୟାକୁ ନିଜ ଶିଶୁ ଭାବେ ସନ୍ଦେହ କରିବାରୁ ତା'ର ସମସ୍ତ ତଥ୍ୟ ସଂଗ୍ରହ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ଶିଶୁକନ୍ୟା ସୋମବାର ମେଡିକାଲରେ ଭର୍ତ୍ତି କରାଯାଇଥିବା ନେଇ ମେଡିକାଲ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପରିବାର ଲୋକେ ଶିଶୁକନ୍ୟାକୁ ଚିହ୍ନଟ କରିବାରେ ବିଫଳ ହୋଇଛନ୍ତି। ଅନ୍ୟପଟେ ମେଡିକାଲ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଥିବା ସାହୁ ପ୍ରକାଶ କରିଛନ୍ତି।

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା



# ଦୁଇ ବିରୋଧୀଙ୍କ ମେଣ୍ଟ

ୟୁରୋପ ମହାଦେଶର ଅନ୍ୟତମ ପ୍ରଭାବଶାଳୀ ରାଷ୍ଟ୍ର ଜର୍ମାନୀ ଏବେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଭାବେ ପରିଚିତ। ପୃଥିବୀର ଅନେକ ଦେଶ ଭଳି ସେଠାରେ ମଧ୍ୟ ରାଜନୈତିକ ସଙ୍କଟ ଲାଗି ରହିଛି। ୨୦୨୫ ସେପ୍ଟେମ୍ବରରେ ଜର୍ମାନୀର ଜାତୀୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ତା' ପୂର୍ବରୁ ଡିସେମ୍ବର ୨୦୨୪ରେ ମେଣ୍ଟ ସରକାର ଭାଙ୍ଗିଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୨୧ ନିର୍ବାଚନରେ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି (ଏସ୍‌ପିଡି) ଏବଂ ଅନ୍ୟ ଦୁଇ ଦଳ ଦି ଗ୍ରୀନ୍‌ସ ଓ ଫ୍ରି ଡେମୋକ୍ରାଟିକ୍ ପାର୍ଟି(ଏଫ୍‌ଡିପି) ମିଶି ସରକାର ଗଢ଼ିଥିଲେ। ଏସ୍‌ପିଡି ନେତା ଓଲାଫ୍ ସ୍କୋଲଜ ଚାନ୍‌ସେଲର ହୋଇଥିଲେ। ତେବେ ୨୩ ଫେବୃଆରୀ ୨୦୨୪ରେ ଜର୍ମାନୀରେ ହୋଇଥିବା ଜାତୀୟ ନିର୍ବାଚନର ଫଳାଫଳ ଶାସକ ଦଳକୁ ପଛରେ ପକାଇ ଦେଇଛି। ଏଥିରେ ଓଲାଫ୍‌ଙ୍କ ଦଳ ୬୩୦ ଆସନ ବିଶିଷ୍ଟ ପାର୍ଲାମେଣ୍ଟ 'ବୁନ୍ଦେଷ୍ଟାଗ୍'ରେ ୧୨୧ ଆସନ ଅର୍ଥାତ୍ ମାତ୍ର ୧୬ ପ୍ରତିଶତ ଭୋଟ ପାଇ ପରାଜୟ ବରଣ କରିଛି। ଅନ୍ୟପକ୍ଷରେ କଞ୍ଜରଭେଟିଭ୍ ଦଳ ଯଥା ଖ୍ରୀଷ୍ଟିଆନ୍ ଡେମୋକ୍ରାଟିକ୍ ୟୁନିୟନ (ସିଡିୟୁ) ଓ ଖ୍ରୀଷ୍ଟିଆନ୍ ସୋସିଆଲ ୟୁନିୟନ(ସିଏସ୍‌ୟୁ) ମେଣ୍ଟ ୨୦୮ ସିଟ୍ ଅର୍ଥାତ୍ ପାଖାପାଖି ୨୯ ପ୍ରତିଶତ ଭୋଟ ପାଇ ସର୍ବାଗ୍ରେ ରହିଛି। ଦ୍ୱିତୀୟ ସର୍ବବୃହତ୍ ଆସନ ଅଲଟରନେଟିଭ୍ ଫର୍ ଜର୍ମାନୀ (ଏଏଫ୍‌ଡି) ୨୧ ପ୍ରତିଶତ ଭୋଟ ହାସଲ କରି ୧୫୧ ଆସନ ହାତେଇଛି। ସେହିପରି ଦି ଗ୍ରୀନ୍ସ ୮୫ ଓ ଲେଫ୍ଟ ପାର୍ଟି ୬୪ ଆସନ ପାଇଥିବା ସୂଚନା ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୫ ପ୍ରତିଶତରୁ କମ୍ ଭୋଟ ପାଇଥିବା ଦଳ ସମ୍ପୂର୍ଣ୍ଣ ଭାବେ ନାକଚ ହୋଇଯାଇଥାଆନ୍ତି।

ନିର୍ବାଚନ ଫଳାଫଳକୁ ଦେଖିଲେ ସିଡିୟୁ–ସିଏସ୍‌ୟୁ ମେଣ୍ଟର ଫେଡେରିକ୍ ମେର୍ଜଙ୍କ ନେତୃତ୍ୱରେ ନୂତନ ସରକାର ଗଠନ ହେବାକୁ ଯାଉଛି। ୬ ଫୁଟ ୭ ଇଞ୍ଚ ଡେଙ୍ଗା ମେର୍ଜଙ୍କ ସହ ଆଲିସ୍ ୱିଡେଲ୍‌ଙ୍କ ଏଏଫ୍‌ଡି ସରକାରରେ ମିଶିବା ନେଇ ଆଲେଚନା ହେଉଥିବା ଖବର ଶୁଣିବାକୁ ମିଳୁଛି। ଅତ୍ୟନ୍ତ ଦକ୍ଷିଣପନ୍ଥୀ ତଥା ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସମର୍ଥକ ଭାବେ ପରିଚିତ ଏଏଫ୍‌ଡି ସରକାରରେ ସାମିଲ ହେଲେ ତାହା ଜର୍ମାନ ରାଜନୀତିରେ ହୁଏତ ନୂଆ ସ୍ଥିତି ସୃଷ୍ଟି କରିବ। ଏହି ସମ୍ପାଦକୀୟ ଲେଖା ହେଲା ବେଳକୁ ମେର୍ଜ ଏଏଫ୍‌ଡିର ଆଲିସ୍‌ଙ୍କୁ ସ୍ୱୀକାର କରିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ସିଡିୟୁ ନେତା ମେର୍ଜ ବୃତ୍ତିରେ ଜଣେ କର୍ପୋରେଟ୍ ଆଇନଜୀବୀ, ବ୍ୟବସାୟୀ ଓ ଅଭିଜ୍ଞ ପାର୍ଲାମେଣ୍ଟାରିଆନ୍ ଭାବେ ଜଣାଶୁଣା। ନାରୀଙ୍କୁ ନାପସନ୍ଦ କରୁଥିବା ମେର୍ଜଙ୍କ ଦଳର ନେତୃସ୍ଥାନରେ ପ୍ରାୟତଃ କୌଣସି ମହିଳା ନାହାନ୍ତି। କିନ୍ତୁ ତାଙ୍କ ଦଳକୁ ମିଳିଥିବା ସଫଳତା ପଛରେ ରହିଛି–ଆପ୍ରବାସନ ସଂକ୍ରାନ୍ତ ସଂସ୍କାର, ୟୁରୋପୀୟ ଅର୍ଥନୀତିରେ ଜର୍ମାନୀର ଗୁରୁତ୍ୱକୁ ଠିକ୍ ଭାବେ ଦର୍ଶାଇବା ଓ ସମଲିଙ୍ଗୀ ସମ୍ପର୍କ ବିରୋଧୀ ମନୋଭାବ। ଏଠାରେ ସୂଚନା ଦିଆଯାଇପାରେ ୨୦୨୫ ଜାତୀୟ ନିର୍ବାଚନରେ ଦେଶର ଆର୍ଥିକ ସ୍ଥିତି ସୁଧାରିବା, ଆପ୍ରବାସନ ସଂସ୍କାର ସମେତ ଦରଦାମ ବୃଦ୍ଧି ନିୟନ୍ତ୍ରଣ, ୟୁକ୍ରେନ୍ ଯୁଦ୍ଧ ଓ ନିରାପତ୍ତା ଆଦି ପ୍ରମୁଖ ପ୍ରସଙ୍ଗ ପାଲଟିଥିଲା। ମେର୍ଜ ଏହିସବୁ ବିଷୟକୁ ଭୋଟରଙ୍କ ସମ୍ମୁଖରେ ଭଲ ଭାବେ ପ୍ରଦର୍ଶନ କରିବା ପରେ ତାଙ୍କୁ ଅଧିକ ଆସନ ମିଳିଥିବା କୁହାଯାଉଛି। ସେହିଭଳି ଏଏଫ୍‌ଡିର ନେତ୍ରୀ ଆଲିସ୍‌ଙ୍କ ସ୍ଥାନ ୨୦୨୧ ନିର୍ବାଚନରେ ୫ମରେ ଥିବା ବେଳେ ଏବେ ଦ୍ୱିତୀୟକୁ ଉନ୍ନୀତ ହୋଇଛି। ସୂଚନା ଦିଆଯାଇପାରେ ଯେ, ୱେଷ୍ଟ ଜର୍ମାନୀରେ ଜନ୍ମିତ ଆଲିସ ଚଳିତ ନିର୍ବାଚନରେ ଇଷ୍ଟ ଜର୍ମାନୀରୁ ଅଧିକ ଭୋଟ ପାଇ ଦଳକୁ ସଶକ୍ତ କରିପାରିଛନ୍ତି। ନାଜି ଶାସନ ବେଳେ ତାଙ୍କ ଜେଜେ ହାନ୍ସ ୱେଡେଲଙ୍କୁ ଖୋଦ୍ ହିଟ୍‌ଲର ବିଚାରପତି ଭାବେ ଅବସ୍ଥାପିତ କରିଥିଲେ। ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା ଯେକୌଣସି ବ୍ୟକ୍ତି ନାଜି ଦଳ ବା ହିଟ୍‌ଲରଙ୍କୁ ବିରୋଧ କଲେ, ତାଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବେ। ଆଲିସଙ୍କ ବ୍ୟକ୍ତିଗତ ଜୀବନକୁ ଦେଖିଲେ ଶ୍ରୀଲଙ୍କା ଜନ୍ମିତ ତଥା ସୁଇସ୍ ଦମ୍ପତିଙ୍କ ପୌଷ୍ୟ ସନ୍ତାନ ସାରା ବୋସାର୍ଡଙ୍କ ସହ ତାଙ୍କର ସମଲିଙ୍ଗୀ (ଲେସ୍‌ବିୟାନ୍) ସମ୍ପର୍କ ରହିଛି। ଉଭୟଙ୍କର ମଧ୍ୟ ଦୁଇ ପୌଷ୍ୟ ପୁତ୍ର ରହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଲିସ୍ ଗୋଲ୍ଡମ୍ୟାନ୍ ସାଚ୍, ବ୍ୟାଙ୍କ ଅଫ୍ ଚାଇନାରେ କାର୍ଯ୍ୟ କରିଥିବା ବେଳେ ଅର୍ଥନୀତି ସମ୍ବନ୍ଧରେ ତାଙ୍କର ଅନେକ ଅଭିଜ୍ଞତା ରହିଛି। ବିଶ୍ୱ ସମ୍ମୁଖୀନ ହେଉଥିବା ଆର୍ଥିକ ଦୁଃସ୍ଥିତି ପରିପ୍ରେକ୍ଷୀରେ ତାଙ୍କ ଦେଶକୁ ସମୃଦ୍ଧ କରିବା ଲାଗି ସେ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ମଧ୍ୟବିତ୍ତ ବର୍ଗଙ୍କୁ ଆକୃଷ୍ଟ କରିଛି। ଏଥିସହିତ ମେର୍ଜଙ୍କ ଭଳି ତାଙ୍କର ଆପ୍ରବାସନ ବିରୋଧୀ ଦୃଷ୍ଟିକୋଣ ରହିଥିବାରୁ ସେ ମଧ୍ୟ ଭୋଟରଙ୍କ ଦ୍ୱାରା ଗ୍ରହଣୀୟ ହୋଇଛନ୍ତି। ହେଲେ ମେର୍ଜ ଓ ଆଲିସଙ୍କ ମହିଳା ସମ୍ପର୍କିତ ଚିନ୍ତାଧାରା ଏବେ ଆଲୋଚନାର ବିଷୟ ହୋଇଛି। ମେର୍ଜ ମହିଳାଙ୍କ ନେତୃତ୍ୱକୁ ପସନ୍ଦ କରୁ ନ ଥିବା ବେଳେ ଆଲିସ ନିଜେ ଜଣେ ମହିଳା। ପୁଣି ମେର୍ଜ ସମଲିଙ୍ଗୀ ସମ୍ପର୍କ ବିରୋଧୀ ଭାବେ ଜଣାଶୁଣା ଥିବା ବେଳେ ଅଲିସ୍ ଲେସ୍‌ବିୟାନ୍ ସମ୍ପର୍କରେ ରହିଛନ୍ତି।

ଆଗକୁ ଜର୍ମାନୀ ରାଜନୀତି ଓ ଅର୍ଥନୀତି କେଉଁ ଦିଗକୁ ଯିବ ପରେ ଜଣାପଡ଼ିବ। କିନ୍ତୁ ଆପ୍ରବାସନ ଓ ଅର୍ଥନୀତି ବିଷୟକୁ ବାଦ୍ ଦେଇ ମହିଳା ଓ ସମଲିଙ୍ଗୀ ପ୍ରସଙ୍ଗରେ ଭିନ୍ନ ମତ ପୋଷଣ କରୁଥିବା ଦୁଇ ନେତା କ୍ଷମତା ରାଜନୀତିରେ ତିଷ୍ଠିରହିବାକୁ ଯାଇ ମିଶିଲେ ୟୁରୋପୀୟ ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହେବ। ପୁଣି ଶୁଣାଗଲାଣି ଆବଶ୍ୟକ ପଡ଼ିଲେ ମେର୍ଜ ଏସ୍‌ପିଡି ନେତା ଓଲାଫ୍ ସ୍କୋଲଜଙ୍କ ସହ ମିଶି ସରକାର ଗଢ଼ି ମହାମେଣ୍ଟ କରିପାରନ୍ତି। ତାହା ମଧ୍ୟ ହେଲେ ଦୁଇ ବିରୋଧୀ ମେଣ୍ଟ ଘଟଣା ଆହୁରି ଚର୍ଚ୍ଚାର ବିଷୟ ପାଲଟିବ।

# ଅଶ୍ଳୀଳତାର ମାୟାଜାଲ



ପ୍ରକାଶ ତ୍ରିପାଠୀ

ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ ଇଣ୍ଟରନେଟ୍‌ର ମାୟାଜାଲ ଅଭଦ୍ରତା, ଅସଭ୍ୟତା ଓ ଅଶ୍ଳୀଳତାର ଭଣ୍ଡାର ପାଲଟି ଗଲାଣି। ବିଶେଷକରି ଦେଶର କିଶୋର ଓ ଯୁବ ଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରିବା ପାଇଁ ଏହି ମାୟାଜାଲ ମାଧ୍ୟମରେ ସତେଯେମିତି ନିତି କସରତ ଓ ଷଡଯନ୍ତ୍ର ଚାଲିଛି। ଟିଭିରେ ପ୍ରଦର୍ଶିତ 'ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟ' ଭାରତ ତଥା ଭାରତ ବାହାରେ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ। ଏହି ଶୀର୍ଷକର ଲୋକପ୍ରିୟତାକୁ ଆଧାର କରି 'ଇଣ୍ଡିଆଜ ଗଟ୍ ଲେଟେଣ୍ଟ' ନାମରେ ଏକ ନୂତନ ୟୁଟ୍ୟୁବ୍ ଚ୍ୟାନେଲ ପ୍ରସ୍ତୁତ କରାଯାଇଛି। ଏହାକୁ ପ୍ରସ୍ତୁତ କରିଛନ୍ତି ସମୟ ରୈନା। ଟ୍ୟାଲେଣ୍ଟର ଅର୍ଥ ସମସ୍ତେ ଜାଣନ୍ତି ପ୍ରତିଭା। କିନ୍ତୁ ଟ୍ୟାଲେଣ୍ଟ ବା ପ୍ରତିଭା ବଦଳରେ ଯୋଡି ଦିଆଗଲା ଲେଟେଣ୍ଟ ଅର୍ଥାତ ଅବ୍ୟକ୍ତ, ଗୁପ୍ତ ବା ସୁପ୍ତ। ଅତି ଚତୁରତାର ସହିତ ଏହି କାର୍ଯ୍ୟକ୍ରମର ନାମ ବଦଳାଯାଇ ଲକ୍ଷ୍ୟ ରଖାଯାଇଛି ଗୁପ୍ତ , ଅବ୍ୟକ୍ତ କଥାର ଯେପରି ସାର୍ବଜନୀନ କରାଯାଇପାରିବ। ଆଉ ଏହି ଗୁପ୍ତ, ଅବ୍ୟକ୍ତ କଥାର ମୂଳମନ୍ତ୍ରୀ ହେଉଛି ସେକ୍ସ। ତେଣୁ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ସର୍ବସାଧାରଣରେ ସେକ୍ସ ସମ୍ବନ୍ଧୀୟ କଥା ଆଲୋଚନା କରାଯାଇ ଯୁବ ଗୋଷ୍ଠୀଙ୍କୁ ଭ୍ରମିତ କରାଯାଉଛି। ନିକଟରେ ୟୁଟ୍ୟୁବର ରଣବୀର ଆଲ୍ଲାହବାଦିଆ ଓ ସମୟ ରୈନା ୟୁଟ୍ୟୁବ୍ ଶୋ'ରେ ଯେପରି ଭାବରେ ମା' ବାପାଙ୍କ ଉପରେ ବିବାଦୀୟ ଓ ଲଜ୍ଜାଜନକ ମନ୍ତବ୍ୟ ଦେଇଛନ୍ତି ତାହା ତା'ର ଜ୍ୱଳନ୍ତ ସଦ୍ୟ ଉଦାହରଣ।

ସାଧାରଣ ଦର୍ଶକଙ୍କ ପାଇଁ ଯୌନାଳାପ ଅଶ୍ଳୀଳତା ହୋଇପାରେ, କିନ୍ତୁ ୟୁଟ୍ୟୁବର ରଣବୀର ଆଲ୍ଲାହବାଦିଆ ଓ ସମୟ ରୈନାଙ୍କ ପାଇଁ ତ ଏହା ରୋଜଗାରର ଉତ୍ସ। ୟୁଟ୍ୟୁବରମାନେ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି କେବଳ ଲକ୍ଷ ଲକ୍ଷ ଯୁବ ଓ କିଶୋର ଗୋଷ୍ଠୀଙ୍କ ପାଇଁ। ୟୁଟ୍ୟୁବ୍ ହେଉଛି ଏକ ଆମେରିକୀୟ ଅନ୍‌ଲାଇନ ଭିଡିଓ–ଶେୟାରିଂ ପ୍ଲାଟ୍‌ଫର୍ମ, ଯାହାର ମୁଖ୍ୟାଳୟ କାଲିଫର୍ନିଆର ସାନ ବ୍ରୁନୋରେ ଅବସ୍ଥିତ। ପ୍ରଥମେ ୨୦୦୫ରେ ଏହା ତିନି ଜଣ ପୂର୍ବତନ ପେ ପଲ କର୍ମଚାରୀ – ଚାଡ ହର୍ଲି, ଷ୍ଟିଭ ଚେନ ଏବଂ ଜାୱେଦ କରିମଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ବର୍ଷକ ପରେ ଗୁଗ୍‌ଲ ଏହି ସାଇଟ୍ କିଣିଥିଲା। ଜଣେ ୟୁଟ୍ୟୁବର ପ୍ରତି ଦୃଶ୍ୟ ପାଇଁ କେତେ ଟଙ୍କା ରୋଜଗାର କରନ୍ତି ତାହା ବହୁତ ଭିନ୍ନ ହୋଇଥାଏ ଏବଂ ଏହା ବିଜ୍ଞାପନର ପ୍ରକାର, ଦର୍ଶକଙ୍କ ସ୍ଥାନ ଏବଂ ବିଜ୍ଞାପନଦାତାଙ୍କ ବଜେଟ ଭଳି ଅନେକ କାରଣ ଉପରେ ନିର୍ଭର କରେ। ହାରାହାରି ଭାବରେ ପ୍ରତି ଏକ ହଜାର ଦର୍ଶକଙ୍କ ପାଇଁ ଜଣେ ୟୁଟ୍ୟୁବର ଦଶ ମଧ୍ୟରେ ରୋଜଗାର କରିବାର ଆଶା କରିପାରିବେ। ଇଣ୍ଟରନେଟ୍‌ରେ ଉପଲବ୍ଧ ୟୁଟ୍ୟୁବ୍‌ରେ କ'ଣ ସବୁ ପ୍ରଦର୍ଶନ ହେଉଛି



ତାହା ୟୁଟ୍ୟୁବ୍ ମାଲିକଙ୍କ କିଛି ଯାଏ ଆସେ ନହିଁ। କେତେ ଅଧିକ ଦର୍ଶକ ଏହାକୁ ଦେଖିଲେ ସେଥିରେ ତାଙ୍କର ମତଲବ ଥାଏ। ନିକଟରେ ପ୍ରସାରିତ ଏହି ବିବାଦୀୟ ଇଣ୍ଡିଆଜ ଗଟ୍ ଲେଟେଣ୍ଟରେ ଜଣେ ପ୍ରତିଯୋଗୀଙ୍କୁ ଏପରି ଅଶାଳୀନ ଓ ଅଭଦ୍ର ପ୍ରଶ୍ନ ରଣବୀର ଆଲ୍ଲାହବାଦିଆ ପଚାରିଲେ ତାହା ଏହି ଆଲେଖ୍ୟରେ ଲେଖିବା ସମ୍ଭବ ନୁହେଁ। ନିଜ ମାତା–ପିତାଙ୍କ ଶାରୀରିକ ସମ୍ବନ୍ଧ ସମ୍ପର୍କରେ ଯେତେବେଳେ ପ୍ରତ୍ୟାଶୀଙ୍କୁ ରଣବୀର ଆଲ୍ଲାହବାଦିଆ ପ୍ରଶ୍ନ କରୁଥିଲେ ସେତେବେଳେ ପ୍ରତ୍ୟାଶୀ ହସୁଥିଲେ, କିନ୍ତୁ ଏହାକୁ ଦେଖୁଥିବା ଲକ୍ଷ ଲକ୍ଷ ଦର୍ଶକ ରକ୍ତଚାଉଳ ଚୋବାଉଥିଲେ। ସମୟ ରାଇନାଙ୍କ ୟୁଟ୍ୟୁବ୍ ଶୋ' ଇଣ୍ଡିଆଜ ଗଟ୍ ଲାଟେଣ୍ଟର ଏହି ଅଧ୍ୟାୟ ବଡ଼ ବିବାଦରେ ପରିଣତ ହେବାର କିଛି ଦିନ ପରେ ହାସ୍ୟ ଅଭିନେତା ସମୟ ରାଇନା ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରୁ ଶୋ'ର ସମସ୍ତ ଭିଡିଓ ଡିଲିଟ୍ କରିଦେଇଛନ୍ତି। ଆଲ୍ଲାହବାଦିଆ ପଚାରିଥିବା ପ୍ରଶ୍ନ ସମ୍ପର୍କରେ କିଏ ବା ନ ଜାଣେ। ତା' ବୋଲି କ'ଣ ଏ ସମ୍ପର୍କରେ ସାଧାରଣ ମଞ୍ଚରେ ଆଲୋଚନା କରିବା ? ଏବେ ଇଣ୍ଟରନେଟ୍‌ରେ ଅନେକ ୟୁଟ୍ୟୁବର ହାସ୍ୟରସ ନାମରେ କେବଳ ଦ୍ୱିଅର୍ଥବୋଧକ ଛାଡି ମାଲାମାଲ ହେଉଛନ୍ତି। ଶସ୍ତା ଲୋକପ୍ରିୟତା ଓ କମ୍ ପରିଶ୍ରମରେ ଅଧିକ ଆୟ ପାଇଁ ଅନେକ ୟୁଟ୍ୟୁବର ଅଶ୍ଳୀଳ ଭିଡିଓକୁ ମାଧ୍ୟମ କରୁଛନ୍ତି। ପୁରୁଷ ଓ ମହିଳାଙ୍କ ଶରୀରର ବିଭିନ୍ନ ଅଙ୍ଗକୁ ଏପରି ଚର୍ଚ୍ଚା କରାଯାଉଛି ଯେପରି ଆସବାବପତ୍ରର ଚର୍ଚ୍ଚା ହେଉଛି। ଯୌନଭିତ୍ତିକ କଥା କହି ହାସ୍ୟରସ ସୃଷ୍ଟି କରୁଥିବା ଷ୍ଟାଣ୍ଡ ଅପ୍ କମେଡି ସମ୍ପ୍ରତି ଯୁବ ଗୋଷ୍ଠୀଙ୍କ ଅତି ପ୍ରିୟ କାର୍ଯ୍ୟକ୍ରମ ହୋଇଛି। ଯେଉଁମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଟିକେଟ କିଣି ଷ୍ଟାଣ୍ଡ ଅପ୍ କମେଡି ଦେଖିପାରୁନାହାନ୍ତି ସେମାନଙ୍କ ପାଇଁ ଇଣ୍ଟରନେଟ୍‌ରେ ତାହା ଛାଡି ଦିଆଯାଉଛି। ଲକ୍ଷ ଲକ୍ଷ ଲାଇକ ଓ କମେଣ୍ଟ ମିଳି ଯାଉଛି ଏବଂ ତା' ସହ ସେମାନଙ୍କର ରୋଜଗାର ବି ଭଲ ହେଉଛି।

ସର୍ବେକ୍ଷଣ କୁହେ ବୟସ ଓ ଲିଙ୍ଗ ନିର୍ବିଶେଷରେ ପ୍ରାୟ ୮୬ କୋଟି ଭାରତୀୟ ଇଣ୍ଟରନେଟ୍‌ର ସୋସିଆଲ ମିଡିଆରେ ଯୋଡି ହୋଇ ରହିଛନ୍ତି ଯାହାକି ବିଶ୍ୱରେ ସର୍ବାଧିକ। ଯଦି ଯୁବପିଢିଙ୍କ କଥା ବିଚାରକୁ ନିଆଯାଏ ତେବେ ସେମାନେ ସୋସିଆଲ ମିଡିଆରେ ପ୍ରତିଦିନ ହାରାହାରି ପ୍ରାୟ ଅଢେଇ ଘଣ୍ଟା ବିତାଉଛନ୍ତି। ଆଉ କିଶୋରଗୋଷ୍ଠୀ ଇନ୍‌ଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍ ଭଳି ପ୍ଲାଟ୍‌ଫର୍ମରେ ପ୍ରାୟତଃ ଦୈନିକ ଦୁଇ ତିନି ଘଣ୍ଟାରୁ ଅଧିକ ସମୟ ବ୍ୟୟ କରୁଛନ୍ତି। ଯୌନଭିତ୍ତିକ ହାସ୍ୟରସ ପ୍ରତି ଯୁବ–କିଶୋରଙ୍କ ଦୁର୍ବଳତାକୁ ଆୟୁଧ କରି ୟୁଟ୍ୟୁବରମାନେ ଏହାକୁ ଇଣ୍ଟରନେଟ୍‌ରେ ପରଷି ଦେଉଛନ୍ତି। ଏମିତି ତ ଇଣ୍ଟରନେଟ୍‌ରେ ପର୍ନସାଇଟ୍ ବା ଅଶ୍ଳୀଳ ଚିତ୍ର ଦେଖିବାରେ ଭାରତୀୟମାନେ ବିଶ୍ୱରେ ସର୍ବାଧିକ। ଏହାକୁ ଭିତ୍ତିକରି ଭାରତୀୟ ସଂସ୍କୃତି ଉପରେ ଏହା ଆକ୍ରମଣ ହେଉନାହିଁ କି? କୁହାଯାଏ କୌଣସି ରାଷ୍ଟ୍ରକୁ ଧ୍ୱଂସ କରିବାକୁ ହେଲେ ପ୍ରଥମେ ତାହାର ସଂସ୍କୃତିକୁ ନଷ୍ଟ କରିଦିଅ। ତେବେ ମହାନ୍ ଭାରତୀୟ ସଂସ୍କୃତିକୁ, ସାମାଜିକ ସ୍ଥିତିକୁ ନଷ୍ଟ କରିବା ପାଇଁ ଇଣ୍ଟରନେଟ୍‌ର ସୋସିଆଲ ମିଡିଆ ଚକ୍ରାନ୍ତ ହେଉ ନାହିଁ ତ ? ଖବର ପ୍ରକାଶ ପାଇଛି ଯେ ଆମେରିକାର ଗୋଇନ୍ଦା ସଂସ୍ଥା ସିଆଇଏ ୩୦ଟି ଦେଶରେ ଲୋକତନ୍ତ୍ରକୁ ବଞ୍ଚାଇ ରଖିବା ପାଇଁ ୯ ହଜାର ମିଡିଆ କର୍ମୀଙ୍କୁ ତାଲିମ ଦେଇଛି। ସେମାନଙ୍କୁ ପ୍ରଚୁର ଆର୍ଥିକ ପ୍ରୋତ୍ସାହନ ବି ଦିଆଯାଇଛି ଓ ଭାରତରେ ମଧ୍ୟ ଏହି ମିଡିଆ କର୍ମୀ ସାମିଲ ଅଛନ୍ତି। ଏହି କର୍ମୀମାନେ ୟୁଟ୍ୟୁବର ନୁହନ୍ତି ତ ? ଏମାନଙ୍କୁ କୋଟି କୋଟି ଟଙ୍କା କେମିତି ମିଳୁଛି ? ଏହା ନିଶ୍ଚିତ ବିଚାର ସାପେକ୍ଷ। ଅବଶ୍ୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଇତିମଧ୍ୟରେ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ବିବାଦୀୟ ୟୁଟ୍ୟୁବର ଆଲ୍ଲାହବାଦିଆଙ୍କ ବିରୋଧରେ ଦେଶର ବିଭିନ୍ନ ଥାନାରେ ମାମଲା ରୁଜୁ ହେବା ପରେ ସୁପ୍ରିମକୋର୍ଟ ସେସବୁର ଏକତ୍ର ଶୁଣାଣି କରିଛନ୍ତି ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ବଢିଚାଲିଥିବା ଅଶ୍ଳୀଳ ବିଷୟବସ୍ତୁର ଦୁରୁପଯୋଗ ରୋକିବା ପାଇଁ ଆଇନ ଆଣିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାକ୍ ସ୍ୱାଧୀନତା ନାମରେ ସାମାଜିକ ନିୟମ ବିରୋଧରେ ଯାହାକିଛି କହିବା ପାଇଁ କାହାକୁ ଲାଇସେନ୍ସ ଦିଆଯାଇନାହିଁ। ଅଶ୍ଳୀଳତାର ସୀମାକୁ ସମସ୍ତେ ବୁଝିବା ଉଚିତ ବୋଲି ଖଣ୍ଡପୀଠ କହିଥିଲେ ଓ ନିଜର ଅପରିଷ୍କାର ମାନସିକତାରେ ସବୁକିଛି କହିପାରିବେ ନାହିଁ ବୋଲି ୟୁଟ୍ୟୁବରଙ୍କୁ ତାଗିଦ କରିଥିଲେ। ବାସ୍ତବରେ ସୋସିଆଲ ମିଡିଆ ଉପରେ କୌଣସି ପ୍ରତିବନ୍ଧକ ନ ଥିବାରୁ ବା ଏହାକୁ ନିୟନ୍ତ୍ରଣ କରିବାକୁ କୌଣସି ସେନ୍‌ସର ବୋର୍ଡ ନ ଥିବାରୁ ଏହାର କୁପ୍ରଭାବ ଦିନକୁ ଦିନ ବଢିଚାଲିଛି। ଏହାଦ୍ୱାରା ବିଶେଷ ପ୍ରଭାବିତ ହେଉଛନ୍ତି ଆମର ଯୁବ ଓ କିଶୋର ଗୋଷ୍ଠୀ। ସିନେମାର ବିଷୟବସ୍ତୁ ଆଧାରରେ ଏହାର ସେନ୍‌ସର ହେଉଛି ଓ ପ୍ରଦର୍ଶିତ ପୂର୍ବରୁ ଏହାକୁ ତଦନୁଯାୟୀ ମିଳୁଛି ସାର୍ଟିଫିକେଟ। କିନ୍ତୁ ୟୁଟ୍ୟୁବ୍ ପାଇଁ ଏହା ସବୁଦିଗରୁ ମୁକ୍ତ ଓ ସୁଲଭ। ଯିଏ ଯାହା ଚାହୁଁଛି ତାହା ଦେଖାଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ ନ ହେଲେ ଅଶ୍ଳୀଳତାର ମାୟାଜାଲର ପ୍ରଭାବରେ ଆମର ଭବିଷ୍ୟତ କୁହାଯାଉଥିବା ଯୁବ ଓ କିଶୋର ଗୋଷ୍ଠୀଙ୍କ ସମ୍ପୂର୍ଣ୍ଣ ନୈତିକ ଅଧଃପତନ ହୋଇଯିବ ଏଥିରେ ସନ୍ଦେହ ନାହିଁ।

ମୋ: ୯୪୩୭୨୩୨୪୬୩

# ପୂଜା ଓ ବୟସ



ରୁଦ୍ର ପ୍ରସନ୍ନ ରଥ

ବାର ମାସରେ ତେର ପର୍ବର ଦେଶ ଭାରତ ହୋଇଥିବାରୁ ପର୍ବପର୍ବାଣି ଆମ ସମସ୍ତଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପର୍ବପର୍ବାଣି କଥା ଉଠିଲା ମାତ୍ରେ ପୂଜା କଥା ଆପଣାଛାଏଁ ମନକୁ ଆସିଥାଏ। ବିନା ପୂଜାରେ ଭାରତରେ ପର୍ବ ପାଳନ ଏକରକମ ଅସମ୍ଭବ। ତେଣୁ ବେଶ୍ ଛୋଟବେଳରୁ ମଣିଷ ପର୍ବପର୍ବାଣିରେ ଈଶ୍ୱରଙ୍କୁ ପୂଜା କରିବାର ପରମ୍ପରା ସହ ଯୋଡି ହୋଇଥାଏ।

ପିଲାଦିନେ ବେଶ୍ ଆଗ୍ରହର ସହ ମଣିଷ ସକାଳୁ ଉଠି ଗାଧେଇ ପାଧୋଇ ପୂଜା କରିବା ପାଇଁ ବାହାରି ଥାଏ। ସେ ସରସତୀ ପୂଜା ହେଉ କି ଗଣେଶ ପୂଜା ମଣିଷ ମନରେ ପୂଜାକୁ ନେଇ ବେଶ୍ ଉତ୍ସାହ ଥାଏ। ନୂଆ ପୋଷାକ ପିନ୍ଧି ଗାଁ ସାହି ବୁଲିବା ହେଉ କିମ୍ବା ପଙ୍ଗତରେ ବସି ଭୋଜିରେ ପୁରି ଖିରି ଖାଇବା ଏସବୁ ଭିତରେ ପୂଜାକୁ ନେଇ ପିଲା ମନରେ ଧୀରେ ଧୀରେ ନୂଆ ନୂଆ ଆକର୍ଷଣ ସବୁ ଦାନା ବାନ୍ଧୁଥାଏ। ସେ ବୁଝି ନ ଥାଏ ଈଶ୍ୱର କ'ଣ । ସେ ଏକଥା ବି ବୁଝି ନ ଥାଏ ଯେ ପୂଜା କାହିଁକି ହେଉଛି ? ତଥାପି ସେ ଆନନ୍ଦ ଉଠାଏ। ଭୋଗକୁ ଉପଭୋଗ କରେ । ନୂଆ ପୋଷାକ ପିନ୍ଧି ରଙ୍ଗିନ ପ୍ରଜାପତି ପରି ଉଡି ବୁଲୁଥାଏ । ଟିକିଏ ବଡ ହେଲା ପରେ ପିଲାଟି ଆଉ ପୂଜାକୁ ଦେଖୁଥିବା ଦର୍ଶକ ହୋଇ ରହେନାହିଁ ବରଂ ଛୋଟକାଟିଆ ସହାୟକ ହୋଇ ଯାଇଥାଏ। ଗୁରୁଙ୍କ ନିର୍ଦ୍ଦେଶରେ ନିମନ୍ତ୍ରଣପତ୍ର ବାଣ୍ଟିବା ହେଉ ବା ଗାଁର ଆମ୍ବତୋଟାର ପତ୍ର, ନଡୁବା ଗେଣ୍ଡୁଫୁଲ ଆଣି ମାଳ କରି ସ୍କୁଲ ଘର ସଜାଇବା ହେଉ ସେ ସବୁଥିରେ ସେ ଆନନ୍ଦ ପାଏ। ନୂଆ ପୋଷାକ ଆଉ ସୁମିଷ୍ଟ ଭୋଜନ ତା' ପାଇଁ ଆକର୍ଷଣ ପାଲଟି ଥାଏ। ଧୀରେ ଧୀରେ ସେ ବୁଝି ସାରିଥାଏ ଯେ ପୂଜା ଗୋଟେ ଏମିତି ସାମାଜିକ କାର୍ଯ୍ୟକ୍ରମ ଯେଉଁଥିରେ ତା'ର ଉପସ୍ଥିତି ଅନିବାର୍ଯ୍ୟ।

ଶିଶୁଟି କିଶୋର ଅବସ୍ଥାରେ ପହଞ୍ଚିଲା ବେଳକୁ ସହାୟକରୁ ଆୟୋଜକ ପାଲଟି ଯାଇଥାଏ। ପୂଜା କରିବା ଭିତରେ ବୁଝିଯାଇଥାଏ ଯେ ପୂଜା ପାଇଁ ବ୍ୟାପକ ଅର୍ଥ ଦରକାର। ଚାନ୍ଦା ମାଗିବା ହେଉ କିମ୍ବା ଫୁଲ ଚୋରି ହେଉ ଏ ସବୁ କଳା ଆୟତ୍ତ କରିବା ଭିତରେ କିଶୋର ଜଣଙ୍କ ପୋଖତ ଆୟୋଜକ ବନି ଯାଇଥାଏ। ସେ ଜାଣି ଯାଇଥାଏ ଯେ ବହୁତ ଲୋକଙ୍କଠାରୁ କିଛି କିଛି ଝଡେଇ ପାରିଲେ ହିଁ ବଡ ବଡ ପୂଜା କରିବା ସମ୍ଭବ ହୁଏ। ସେ କାହାଠାରୁ ଅର୍ଥ ତ ଆଉ କାହାଠାରୁ ରାଶନ ଯୋଗାଡ କରିବାରେ



ଲାଗିପଡେ। ସେ ବୁଝି ପାରିଥାଏ ଯେ ପୂଜା ଖାଲି ଗୋଟିଏ ବାହାନା, ବରଂ କ୍ଷମତାକୁ ଧରି ରଖିବାକୁ ହେଲେ ଏହି ପୂଜା ଆଉ ପର୍ବକୁ ବାହନ କରିବା ଜରୁରୀ। ବୋଧହୁଏ ଏହା ହିଁ ତାକୁ ବଡ ହେଲେ ଆହୁରି ବଡ ଓ ତହୁଁ ବଡ ପୂଜା କରିବାର ସ୍ୱପ୍ନ ଦେଖାଇଥାଏ।

ଆୟୋଜକରୁ ପ୍ରଯୋଜକ ପାଲଟି ଯାଏ। ନିଜର ପତିଆରା ଦେଖାଇବା ପାଇଁ ପକେଟରୁ ପାଞ୍ଚ ପଚିଶ କାଢି ପୂଜା ପେଣ୍ଡାଲର ଭାଇ ବନି ଯାଇଥାଏ। ପୂଜା ହେଉ ବା ଭସାଣି ତା' ନାମର ଜୟ ଜୟକାର ଶୁଣିବା ପାଇଁ ସେ ବ୍ୟସ୍ତ ହେଉଥାଏ। ଏମିତିରେ ବେଶ୍ କିଛି ବର୍ଷ ସେ କାଟି ଦେଇଥାଏ। ସେ ଭାବୁଥାଏ ଯେ ପୂଜା ତା' ପାଇଁ ହିଁ ହେଉଛି। ସେ ନ ଥିଲେ ବୋଧହୁଏ ପୂଜା ହୋଇପାରି ନ ଥାନ୍ତା। ପୂଜାକୁ ଧୁମଧାମରେ କରିବା ନିଶାରେ ନିଜ ପ୍ରତିଷ୍ଠାକୁ ବଢାଇବାକୁ ସେ ଲାଗି ପଡିଥାଏ। କେତେବେଳେ ପୂଜା କମିଟି ସମ୍ପାଦକ ତ ଆଉ କେତେବେଳେ ସାହି ସଭାପତି ଏ ସବୁ ଉପାଧି ଗୋଟାଉ ଗୋଟାଉ ସେ ନିଜକୁ ପୂଜାଠାରୁ ବଡ ବୋଲି ପ୍ରମାଣିତ କରି ଦେଇଥାଏ।

ବୟସ ବଢି ବଳ ହଟି ସାରିଥାଏ। ପୂଜା ପେଣ୍ଡାଲ ବୁଲିବା ତା'ପାଇଁ କଷ୍ଟକର ହୁଏ। ସେ ହଠାତ୍ ନିଜକୁ ନିଃସଙ୍ଗ ମନେକରେ। ତା'ଘର ଚାରିପାଖେ ବାଜୁଥିବା ଲାଉଡ୍‌ସ୍ପିକର ଅସହ୍ୟ ମନେହୁଏ। ରାତି ସାରା ଜଳୁଥିବା ନିଅନ ଆଲୁଅ ତା' ଆଖିକୁ କଷ୍ଟ ଦିଏ। ଭିଡ ଭିତରେ ସେ ଏକୁଟିଆ ମନେକରେ । ତାକୁ ଲାଗେ ମୂର୍ତ୍ତି ଭିତରେ ଈଶ୍ୱର ନାହାନ୍ତି । ସେ ଖୋଜି ବୁଲେ ହାତ ତିଆରି ଫୁଲମାଳ, ପଙ୍ଗତ ଭୋଜନ ଓ ନିରଡାମ୍ବର ଆୟୋଜନ କିନ୍ତୁ ସେ ସବୁ ଆଉ ମିଳେ ନାହିଁ ବରଂ ଏସବୁ କାହିଁ କେଉଁ କାଳରୁ କାଳର କରାଳ ଗର୍ଭରେ ବିଲୀନ ହୋଇ ଯାଇଥାଏ । ପୂଜାରୁ ଭକ୍ତି ହଟି ସାରିଥାଏ। ସିଏ ଭୁଲିଯାଇଥାଏ ଯେ ପର୍ବକୁ ବିଷାକ୍ତ କରି ବାହ୍ୟ ଚାକଚକ୍ୟର ଏ ଆଡମ୍ବର ସେ ଅତୀତରେ ନିଜେ ହିଁ ଆରମ୍ଭ କରିଥିଲା। ପୂଜାକୁ ବଡ କରି ବାହାବା ନେବାର କୁତ୍ସିତ ପରମ୍ପରାର ଜନକ ବି ସେ ନିଜେ। କେବଳ ମନଦୁଃଖ କରିବା କିମ୍ବା ଅନୁଶୋଚନା କରିବା ବ୍ୟତୀତ ଅନ୍ୟ କିଛି କରିବାର ଯୁ ନ ଥାଏ।

ମୋଟ ଉପରେ ଦର୍ଶକରୁ ସହାୟକ ଆଉ ସହାୟକରୁ ଆୟୋଜକ ଏବଂ ଆୟୋଜକର ଜୀବନଚକ୍ର ପୂରା ହେଲା ପରେ ମଣିଷ ପୂଜାଠାରୁ ନିଜେ ଦୂରେଇ ଯାଇଥାଏ ଆଉ ପୂଜାକୁ ଅନ୍ୟମାନଙ୍କଠାରୁ ଦୂରେଇ ନେଇଥାଏ। ଜୀବନର ଶେଷ ସମୟରେ ପୂଜା, ପର୍ବ ଆଉ ଏହାଜନିତ ସ୍ମୃତିକୁ ଧରି ନିଃସଙ୍ଗତାରେ ଜୀବନ କାଟିଥାଏ।

ଧବଳଗିରି ଯାଜପୁର ରୋଡ଼
୭୯୭୮୬୭୧୭୭୬

## ଏଇ ଭାରତରେ

ପଞ୍ଜାବର ଗ୍ରାମାଞ୍ଚଳରେ ପିଲା ଓ ମହିଳାଙ୍କ ପାଇଁ ନୂଆ ସୃଷ୍ଟି କରିଛନ୍ତି ଆଇଏଏସ୍ ଅଧିକାରୀ ଜିତେନ୍ଦ୍ର ଜୋରୱାଲ। ସଙ୍ଗୁର ଜିଲାର ଡିଷ୍ଟ୍ରିକ୍ଟ କମିଶନର ଭାବେ ନିଯୁକ୍ତ ଜୋରୱାଲ ବସ୍ତିର ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ 'ସ୍କୁଲ୍ସ ଅନ୍ ହ୍ୱିଲ୍ସ' ଆରମ୍ଭ କରିଛନ୍ତି। ଗରିବ ତଥା ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କ ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ବସ୍ ପ୍ରତିଦିନ ସକାଳେ ପିଲାମାନଙ୍କୁ ବିଭିନ୍ନ ଶିକ୍ଷାକେନ୍ଦ୍ର, ଜିଲାରେ ଚାଲୁ ରହିଥିବା ପୁଷ୍କରିଣୀ ପୁନରୁଦ୍ଧାର ସ୍ଥଳ, ବିଭିନ୍ନ ବିକାଶମୂଳକ ପ୍ରୋଜେକ୍ଟ ଏବଂ ଶିକ୍ଷା ପାର୍କକୁ ନିଆଯାଉଛି। ସେଠାରେ ପିଲାଙ୍କ ମନ ବଦଳାଇ ଶିକ୍ଷାପ୍ରତି ଆକୃଷ୍ଟ କରାଯାଉଛି। ବସ୍‌ରେ ବିଭିନ୍ନ ପ୍ରକାର ଶିକ୍ଷା ଉପକରଣ, ଶିକ୍ଷାଭିତ୍ତିକ ଭିଡିଓ ରଖାଯାଇଛି। ବସ୍‌ରେ ଜଣେ ଶିକ୍ଷକ ଓ ଦୁଇଜଣ ଅଙ୍ଗନୱାଡି କର୍ମଚାରୀ ରହୁଛନ୍ତି। ସେମାନେ ବସ ଭିତରେ ପିଲାମାନଙ୍କୁ ପଢ଼ାଉଛନ୍ତି। ଜିଲା ପ୍ରଶାସନ ତରଫରୁ ପିଲାମାନଙ୍କୁ ମାଗଣାରେ ସ୍କୁଲ ବ୍ୟାଗ, ଟିଫିନ ବ୍ୟାଗ, ୟୁନିଫର୍ମ, ଟୁଥବ୍ରସ ଯୋଗାଇ ଦିଆଯାଉଛି। ଏହି ପଦକ୍ଷେପ ଯୋଗୁ ପାଖାପାଖି ୧୦୦ ପିଲା ପୁନର୍ବାର ସେମାନଙ୍କ ସ୍କୁଲକୁ ଫେରିପାରିଛନ୍ତି। ଏହା ବ୍ୟତୀତ ଜୋରୱାଲଙ୍କ ନେତୃତ୍ୱରେ ମହିଳାଙ୍କୁ ସଶକ୍ତ କରିବା ଲାଗି ସ୍କୁଲପିଲାଙ୍କ ଡ୍ରେସ ଓ ପୋଲିସ ପୋଷାକ ତିଆରିରେ ନିଯୁକ୍ତ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଫେବୃଆରୀ ୧୯୭୬

- ନିଯୁକ୍ତି ଓ ଦକ୍ଷତା ପାଇଁ ୬ ଜଣ ବିଶିଷ୍ଟ ନିଯୁକ୍ତିକାରୀ ଓ ୨୦ ଜଣ ଶାରୀରିକ ବିକଳାଙ୍ଗଙ୍କୁ ଜାତୀୟ ପୁରସ୍କାର।
- ହାଇଦ୍ରାବାଦସ୍ଥିତ ଚିଗୁରହାଲି ତାଲୁକ ଅନ୍ତର୍ଗତ ଆନନ୍ଦପୁରମ ଗ୍ରାମରେ ଗୋଟିଏ ଟାଇଲ ଘରେ ନିଆଁ ଲାଗିଯିବା ଫଳରେ ୭ ମହିଳାଙ୍କ ସମେତ ୧୧ ଜଣଙ୍କ ପ୍ରାଣହାନି।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | | 2 | |
| | | 2 | 6 | 1 | | | 7 | |
| 4 | | 1 | | 2 | | | 3 | |
| 5 | | | | 3 | | | | 7 |
| 7 | | 3 | | | | | | |
| 8 | | | | 5 | 6 | 9 | | |
| | | | | | 2 | | | |
| | | | | | | 6 | | 5 |
| | | | | 6 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 6 | 7 | 2 | 9 | 5 | 8 | 1 |
| 2 | 8 | 7 | 1 | 5 | 4 | 3 | 9 | 6 |
| 9 | 1 | 5 | 8 | 6 | 3 | 4 | 7 | 2 |
| 3 | 4 | 8 | 5 | 7 | 1 | 6 | 2 | 9 |
| 5 | 9 | 1 | 2 | 3 | 6 | 8 | 4 | 7 |
| 6 | 7 | 2 | 9 | 4 | 8 | 1 | 3 | 5 |
| 7 | 6 | 3 | 4 | 1 | 2 | 9 | 5 | 8 |
| 1 | 2 | 9 | 3 | 8 | 5 | 7 | 6 | 4 |
| 8 | 5 | 4 | 6 | 9 | 7 | 2 | 1 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅର୍ଥନୀତି ଭୁଶୁଡ଼ି ପଡ଼ିବା ନିଶ୍ଚିତ

ମହାଶୟ,
ଦିନକୁ ଦିନ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ପାଖେଇ ଆସିଲେ ଯେପରି ଭାବରେ ପ୍ରତିଯୋଗିତା କରି ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାରର ମାଗଣା ଯୋଜନାର ଘୋଷଣା ନିର୍ବାଚନୀ ସଭାରେ କରୁଛନ୍ତି, ଫଳରେ ଦେଶର ଅବସ୍ଥା ଆଗାମୀ ଦିନରେ କେଉଁ ଅବସ୍ଥାରେ ରହିବ ତାହା ସେମାନେ ଚିନ୍ତା କରୁନାହାନ୍ତି । ଯେତେଗୁଡ଼ିଏ ଯୋଜନା ହେଉଛି ତାହା ନିଶ୍ଚିତ ଭାବରେ ସରକାରୀ ତହବିଲରୁ ହିଁ ହେଉଛି, ଯାହା ଟିକସଦାତାଙ୍କ ଧନ। କଲ୍ୟାଣମୂଳକ ଯୋଜନା ନାଁରେ ଲୋଭନୀୟ ପ୍ରତିଶ୍ରୁତି ରାଜନୈତିକ ଦଳଗୁଡ଼ିକ ଦେଉଛନ୍ତି । ତାହାର ଅନେକ ଉଦାହରଣ ସ୍ୱରୂପ ନିକଟରେ ଶେଷ ହୋଇଥିବା ଦିଲ୍ଲୀ ନିର୍ବାଚନରେ ଦେଖିବାକୁ ମିଳିଲା। ମାଗଣା ଯୋଜନା ଆଉ ନିର୍ବାଚନ ପ୍ରତିଶ୍ରୁତି ହୋଇ ନ ରହି ତାହା ନିର୍ବାଚନ ଜିତିବା ପାଇଁ ଏକ ଆଶାର ବୈତରଣୀ ପାଲଟି ଗଲାଣି। ଏହାର ପ୍ରଭାବ ଅତ୍ୟନ୍ତ ଭୟଙ୍କର । ରିପୋର୍ଟ ଅନୁସାରେ ଏହା ଆମ ଦେଶର ଅର୍ଥନୀତି ଉପରେ ଦୀର୍ଘକାଳୀନ ଅନେକ ସମସ୍ୟା ସୃଷ୍ଟି କରିବ । ଆମ ରାଜ୍ୟ ସହିତ କର୍ନାଟକ, ମହାରାଷ୍ଟ୍ର , ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀରେ ନିର୍ବାଚନ ପୂର୍ବରୁ ମାଗଣା ଯୋଜନା ଘୋଷଣା ସହିତ ଏବେ କାର୍ଯ୍ୟକାରୀ ହେବାରୁ ଏହାର ବୋଝ ଦେଶରେ ଦେଖିବାକୁ ମିଳିଲାଣି। ପଞ୍ଜାବ, ହିମାଚଳ ପ୍ରଦେଶ, କର୍ନାଟକ ପ୍ରଭୃତି ରାଜ୍ୟରେ ସରକାରୀ କର୍ମଚାରୀମାନଙ୍କୁ ଦରମା ଦେବାରେ ସମସ୍ୟା ସୃଷ୍ଟି ହେଲାଣି । ବର୍ତ୍ତମାନର କେନ୍ଦ୍ର ସରକାର ପ୍ରଥମରୁ ଏହି ମାଗଣା ଯୋଜନାକୁ ଖୁବ୍ ବିରୋଧ କରିଥିବାବେଳେ ଏବେ କିନ୍ତୁ ଏହାକୁ ଅତି ଆଗ୍ରହର ସହିତ ସ୍ୱାଗତ କରିଛନ୍ତି । ଆମ ଦେଶରେ ଏଭଳି ଯୋଜନା ଲୋକଙ୍କ ଜୀବନଶୈଳୀ ଉପରେ କିଭଳି ପ୍ରଭାବ ପକାଉଛି ଏବଂ ଲୋକମାନେ କାମ କରିବାକୁ ଚାହୁଁନାହାନ୍ତି ତାହା ସୁପ୍ରିମ କୋର୍ଟ ତାଙ୍କ ମନ୍ତବ୍ୟରେ ଦର୍ଶାଇଛନ୍ତି।

–ପ୍ରଦୀପ୍ତ କୁମାର କର, ସୂର୍ଯ୍ୟ ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯାଏ ଯେହୁ ବିସ୍ମୃତି ତଳେ
ଫେରିଆସେ ପୁଣି ହୋଇ ନୂଆ
ତୋଟାତଳ କୁଡ଼ିଆରୁ ଏଇ
କି ଶବଦ କାନେ ଆସେ ଡେଇଁ
କିଏ ଡାକେ କୁଆଁ କୁଆଁ କୁଆ
ପୁରାତନ ଫେରେ ହୋଇ ନୂଆ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭାଜପା ବିଧାୟକ ବିଜେନ୍ଦର ଗୁପ୍ତା ଦିଲ୍ଲୀ ବିଧାନସଭାର ନୂତନ ବାଚସ୍ପତି ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ବିଧାନସଭାର ବିରୋଧୀ ଦଳ ନେତା ଆତିଶୀ ଏବଂ କାମଚଳା ବାଚସ୍ପତି ଅରବିନ୍ଦର ସିଂ ଲଭ୍‌ଲି ଅଭିନନ୍ଦନ ଜଣାଉଛନ୍ତି।

# କିଟ୍ ଘଟଣାରେ ଥମୁନି ରାଜନୈତିକ ବୟାନବାଜି

**ଭୁବନେଶ୍ୱର, ୨୪।୨**
**(ସୁନିତ୍ ମିଶ୍ର)**

- କିଟ୍ ଘଟଣାରେ ସରକାର ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇ ନାହାନ୍ତି: ବିଜେଡି
- କିଟ୍ ବିଶ୍ୱରେ ଯାହା ନାଁ କମାଇଥିଲା ତାହା ମଳିନ ହୋଇଗଲା: କଂଗ୍ରେସ
- କିଟ୍ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ଭାଜପା

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା ନେଇ ରାଜନୈତିକ ବୟାନବାଜି ଥମିବାର ନାଁ ଧରୁନାହିଁ। ପ୍ରତିଦିନ କିଟ୍ ଘଟଣାକୁ ନିନ୍ଦା କରିବା ସହ ସବୁ ରାଜନୈତିକ ଦଳର ନେତୃବୃନ୍ଦ କାର୍ଯ୍ୟାନୁଷ୍ଠାନ ଦାବି କରିଆସୁଛନ୍ତି।

ଏହିପ୍ରସଙ୍ଗରେ ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, କିଟ୍ ଘଟଣାକୁ ଯଥାର୍ଥ ଭାବେ ପରିଚାଳନା କରିବାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି, ଯେଉଁଥିଲାଗି ସେମାନେ ବିଶ୍ୱବିଦ୍ୟାଳୟ ଫେରିବାକୁ ଆଗ୍ରହ ଦେଖାଉନାହାନ୍ତି। ନେପାଳ ମାନବାଧିକାର କମିଶନ ଚିଠି ଲେଖି ନ୍ୟାୟ ଦାବି କରିବା ପରେ ଜଣାପଡୁଛି, କିଟ୍ ଘଟଣାରେ ସରକାର ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇ ନାହାନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି, ନେପାଳୀ ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବା ପାଇଁ ଉତ୍ତମ ପରିବେଶ ପ୍ରସ୍ତୁତ କରିବା ସରକାରଙ୍କ ଦାୟିତ୍ୱ। କିଟ୍ ବିଶ୍ୱରେ ଯାହା ନାଁ କରିଥିଲା ତାହା ମଳିନ ହୋଇଗଲା। ରାଜ୍ୟ ସରକାର ଗୁରୁତ୍ୱର ସହ ଘଟଣାକୁ ନେଲେନାହିଁ। କେବଳ ଗଣମାଧ୍ୟମରେ ନେପାଳ ସରକାରଙ୍କ ସହ ଆଲୋଚନା ହେଲା ବୋଲି କହି ଚାଲିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ ମଧ୍ୟ ଫଳପ୍ରଦ ହେଲାନାହିଁ। ଆମର ନେପାଳ ସହ ଯେଉଁ ଭାଇଚାରା ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା ତାକୁ ଏମାନେ ମଳିନ କରିଦେଲେ। ଅପରାଧୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି ଯେ, କିଟ୍ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। କାହାକୁ କ୍ଷମା କରାଯିବାର ପ୍ରଶ୍ନ ଉଠୁନାହିଁ। ଓଡ଼ିଶା ସରକାର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ କାମ କରୁଛନ୍ତି। ଜାତୀୟ ମାନବାଧିକାର ଆୟୋଗ ଯାହା ତଥ୍ୟ ମାଗିବେ ରାଜ୍ୟ ସରକାର ଦେବେ। ଉଚ୍ଚସ୍ତରୀୟ କମିଟି ମଧ୍ୟ ତଦନ୍ତ କରୁଛି। ନେପାଳ ସହ ସମ୍ପର୍କ କିଛି ଖରାପ ହେବନାହିଁ। ନେପାଳ ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ନିମନ୍ତେ ଆମ ସରକାର କାର୍ଯ୍ୟ କରୁଛନ୍ତି। ନେପାଳ ଛାତ୍ରୀଛାତ୍ରୀମାନେ ଓଡ଼ିଶା ଆସିବାକୁ ଅମଙ୍ଗ ହେଉଥିବା ଅଭିଯୋଗ ସତ ନୁହେଁ ବୋଲି ସେ କହିଛନ୍ତି।

# ବିଜେଡିର ମମତା ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷା ନିର୍ବାଚିତ

**ବେଲଗୁଣ୍ଠା/ଭଞ୍ଜନଗର, ୨୪।୨**
**(କୃଷ୍ଣଚନ୍ଦ୍ର ପଟ୍ଟନାୟକ/ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ବିଜେଡିର ବଡ଼ବୋରସିଙ୍ଗି ସମିତିସଭ୍ୟା ମମତା ଭୋଳ ନିର୍ବାଚିତ ହୋଇଛନ୍ତି। ସେ ଭାଜପାର ଗୀତାଞ୍ଜଳି ବିଶୋୟୀଙ୍କୁ ହରାଇଛନ୍ତି। ଫଳାଫଳ ଘୋଷଣା ପରେ ବିଜେଡି ମହଲରେ ଖୁସି ପ୍ରକାଶ ପାଇଛି। ମମତା ଅଧ୍ୟକ୍ଷା ନିର୍ବାଚିତ ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୨୦୨୨ ପଞ୍ଚାୟତ ନିର୍ବାଚନରେ ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ଭାବେ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ନାୟକ ନିର୍ବାଚିତ ହୋଇଥିଲେ। ସେ ଧୁମୁଛାଇ ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ମାତ୍ର ଦେଢ ବର୍ଷ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ପରେ ଗତବର୍ଷ ସେପ୍ଟେମ୍ବର ୫ରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଫଳରେ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଉଥିଲେ। ବିଜେଡି ସମର୍ଥନରେ ବ୍ଲକ ଉପାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ ମଧ୍ୟ ରାଜ୍ୟରେ କ୍ଷମତା ବଦଳିବା ପରେ ପ୍ରମିଳା ବିଜେଡି ଛାଡି ଭାଜପାକୁ ଚାଲି ଯାଇଥିଲେ। ଏଭଳି ସ୍ଥିତି ଯୋଗୁ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଧାରିତ ସମୟରେ ଅଧ୍ୟକ୍ଷା ପଦ ପାଇଁ ବିଜେଡିରୁ ବଡବୋରସିଂ ସମିତିସଭ୍ୟା ମମତା ଭୋଳ ଓ ଭାଜପାରୁ ଗାଙ୍ଗପୁର ସମିତିସଭ୍ୟା ଗୀତାଞ୍ଜଳି ବିଷୋୟୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜାନୁୟାରୀ ୩୦ରେ ଉଭୟ ପକ୍ଷ ନିଜ ନିଜ ପ୍ରାର୍ଥୀଙ୍କୁ ମତଦାନ କରିଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟ ଗଣତି କିମ୍ବା ଫଳାଫଳ ଉକ୍ତ ଦିନ ଘୋଷଣା ହୋଇ ନ ଥିଲା। କଡ଼ା ସୁରକ୍ଷା ମଧ୍ୟରେ ମତଦାନ ହୋଇଥିବା ବାଲଟ ବକ୍ସ ସିଲ କରିଦିଆଯାଇ ଟ୍ରେଜେରିରେ ରଖାଯାଇଥିଲା। ଫଳାଫଳ ଘୋଷଣା ବିଳମ୍ବ ଦେଖି ବିଜେଡିର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଗତ ଶୁକ୍ରବାର ଭଞ୍ଜନଗର ଉପ ଜିଲାପାଳ ଉମାଶଙ୍କର ବେହେରାଙ୍କୁ ଭେଟି ଫଳାଫଳ ଘୋଷଣା କରିବାକୁ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ସୋମବାର ଫଳାଫଳ ଘୋଷଣା କରାଯାଇଛି। ଆସନ୍ତା ପଞ୍ଚାୟତିରାଜ ଦିବସରେ ମମତା ଅଧ୍ୟକ୍ଷା ରୂପେ ଦାୟିତ୍ୱ ଗ୍ରହଣ କରିବେ ବୋଲି ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି।

# ଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ପୋଲିସ: ସିପିଏମ୍

**ଭୁବନେଶ୍ୱର, ୨୪।୨ (ସୁନିତ୍ ମିଶ୍ର)**

କିଟ୍ ଘଟଣାରେ ପୋଲିସ କମିଶନରଙ୍କୁ ଭେଟି ସିପିଏମ୍‌ର ବରିଷ୍ଠ ନେତା ଜନାର୍ଦ୍ଦନ ପତି ସୋମବାର ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରି ସେ କହିଛନ୍ତି, ପୋଲିସ ଓ କିଟ୍ ପ୍ରଶାସନ ମଧ୍ୟରେ ହାତଗଣ୍ଠି ପଡ଼ିଛି। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କୁ ଭେଟି ସେ କହିଛନ୍ତି, ଏହି ଘଟଣାରେ ପୋଲିସ ଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ଘଟଣାରେ ସମ୍ପୃକ୍ତ ଲୋକ ତଥା କିଟ୍ କର୍ମଚାରୀ ଯେଉଁମାନେ ନେପାଳୀ ଛାତ୍ରୀଛାତ୍ରଙ୍କୁ ମାଡ ମାରିଛନ୍ତି ଓ ଅଶାଳୀନ ଭାଷାରେ ଗାଳିଗୁଲଜ କରିଛନ୍ତି ସେମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଏହି ଘଟଣା ସକାଶେ ବିଶ୍ୱରେ ଭାରତକୁ ଯେଉଁମାନେ ନିନ୍ଦିତ କରିଛନ୍ତି ସେମାନଙ୍କୁ ଏପର୍ଯ୍ୟନ୍ତ ପୋଲିସ ଗିରଫ କରିନାହିଁ। ଏ ସମ୍ପର୍କରେ ସିପିଏମ୍ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଇନର ଶାସନ ଏଠି ନ ଥିବା ଅଭିଯୋଗ କରି ସେ କହିଛନ୍ତି, ପୋଲିସ କିଭଳି ଦଫା ଲଗାଇଲା ଯେ, ଅଭିଯୁକ୍ତମାନଙ୍କୁ ସେଦିନ ହିଁ କୋର୍ଟରେ ଜାମିନ ମିଳିଗଲା। ଯେଉଁ ମହିଳା ନେପାଳର ବଜେଟକୁ ନେଇ କଟୁ ମନ୍ତବ୍ୟ ଦେଇଛନ୍ତି, ତାଙ୍କୁ ମଧ୍ୟ ପୋଲିସ ଗିରଫ କରିନାହିଁ। ଏକ ବିଶ୍ୱବିଦ୍ୟାଳୟରେ କେବଳ ଏକ ନିର୍ଦ୍ଦିଷ୍ଟ ଦେଶର ପିଲାଙ୍କ ପାଇଁ ସାଇନ୍‌-ଏ-ଡାଏ ଘୋଷଣା କରାଯିବା ଘଟଣା ଦେଶରେ ପ୍ରଥମ। ଏହା ଏକ ବିଶ୍ୱସ୍ତରୀୟ ପ୍ରସଙ୍ଗ। ନେପାଳ ଛାତ୍ରୀଛାତ୍ରଙ୍କୁ କିଟ୍ କର୍ମଚାରୀ ଓ ବାଉନ୍‌ସର ଅର୍ଥାତ ଭଡାଟିଆ ଗୁଣ୍ଡାମାନେ ଯେତେବେଳେ ପିଟୁଥିଲେ ସେତେବେଳେ ପୋଲିସ ଚୁପ୍ ରହିଥିଲା। ଯେଉଁ ବାଉନ୍ସରମାନେ ପିଟୁଥିଲେ, ସେମାନଙ୍କୁ ପୋଲିସ ଗିରଫ କରିନାହିଁ। ଏହି ବାଉନସରଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କ ଆପରାଧିକ ପୃଷ୍ଠଭୂମି ଯାଞ୍ଚ କରାଯିବାକୁ ସେ ଦାବି କରିଛନ୍ତି।

# ଅଚ୍ୟୁତଙ୍କୁ ସୁରକ୍ଷା ଦେଉଛନ୍ତି ରାଜ୍ୟ ସରକାର: ଯୁବ କଂଗ୍ରେସ

**ଭୁବନେଶ୍ୱର, ୨୪।୨ (ସୁନିତ୍ ମିଶ୍ର)**

କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ଯୁବ କଂଗ୍ରେସ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ପୂର୍ବତନ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନରେ ସୋମବାର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିଟ୍ ପ୍ରତିଷ୍ଠାତା ଅଚ୍ୟୁତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। କେବଳ ଅଚ୍ୟୁତଙ୍କୁ ସୁରକ୍ଷା ଦେବା ପାଇଁ କିଟ୍‌ର କେତେଜଣ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି। ଏହି ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରୁଛନ୍ତି ବୋଲି ରଞ୍ଜିତ ଅଭିଯୋଗ କରିଛନ୍ତି।

ରଞ୍ଜିତ ପୁଣି କହିଛନ୍ତି ପ୍ରତିବର୍ଷ କିଟ୍ ପରିସରରେ ମୃତ୍ୟୁ ଘଟୁଛି। କିନ୍ତୁ ଅଚ୍ୟୁତଙ୍କ ଲମ୍ବାହାତ ଯୋଗୁ ଏହି ଘଟଣାର ତଦନ୍ତ ହୋଇପାରୁନାହିଁ। କିଟ୍ ଘଟଣା ପରେ ଓଡ଼ିଶାର ଅନ୍ୟ ବିଶ୍ୱବିଦ୍ୟାଳୟ ଉପରେ ଦେଶ ଓ ବିଦେଶର ଲୋକଙ୍କ ବିଶ୍ୱସନୀୟତା ରହିବ ନାହିଁ। ରାଜ୍ୟ ସରକାର କିଟ୍ ୟୁନିଭରସିଟିକୁ ମୁକ୍ତ କରି ନିଜ ନିୟନ୍ତ୍ରଣକୁ ଆଣିବା ଦରକାର। ଓଡ଼ିଶା ସରକାର ରାସ୍ତା କଡ଼ରେ ଉଠା ଦୋକାନୀଙ୍କୁ ହଇରାଣ ହରକତ କରୁଛନ୍ତି। ବସ୍ତିବାସିନ୍ଦାଙ୍କ ଘର ଭାଙ୍ଗୁଛନ୍ତି। କିନ୍ତୁ ଅଚ୍ୟୁତ ସାମନ୍ତ ରାଜ୍ୟ ସରକାରଙ୍କର ବହୁ ମୂଲ୍ୟବାନ ଜମି ମାଡ଼ି ବସିଥିଲେ ମଧ୍ୟ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କ'ଣ ପାଇଁ ହେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।


## ଦ.ପୂ. ରେଳପଥ - ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ଓଟି-ଇଣ୍ଟରଲକିଂ-୯ଏଲ୍‌ସି-୨୫, ତାରିଖ: ୨୧।୦୨।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସିଓ)/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯେଉଁଗୁଡ଼ିକୁ ୧୨.୩୦ ଘଟିକାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** ନିମ୍ନଲିଖିତ ସଂକ୍ରାନ୍ତୀୟ କାର୍ଯ୍ୟର ଏସ୍ ଆଣ୍ଡ ଟି ଅଂଶ (i) ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ମଣ୍ଡଳରେ ୮ ଗୋଟି ଏଲସି ଫାଟକ: କେଏ-୩, କେଏ-୯, କେଓ୍ୱାଇ-୧୧, ପିଏଚ୍-୨, ପିଏଚ୍-୮, ପିଏଚ୍-୧୦, ଏଚ୍ଏ-୨୨ ଏବଂ ଏଚ୍ଏ-୨୭ର ଇଣ୍ଟରଲକିଂ । (ii) ଖଡ଼ଗପୁର ମଣ୍ଡଳର ନିମପୁରା-ଗୋକୁଳପୁର ସେକ୍ସନରେ ଏଲ୍‌ସି ଫାଟକ ନଂ. କେଓ୍ୱାଇ-୧୨ର ଇଣ୍ଟରଲକିଂ । **ଟେଣ୍ଡର ମୂଲ୍ୟ:** ₹୫,୧୭,୬୭,୬୧୮.୨୧ । **ଇଏମ୍‌ଡି:** ₹୪,୦୮,୮୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ । **ଖୋଲାଯିବା ତାରିଖ:** ୧୭।୦୩।୨୦୨୫ । **ସମାପ୍ତି ଅବଧି:** ୧୫ ମାସ । **ଦାଖଲ ତାରିଖ:** ତା୧୭।୦୩।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1168)



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-58-24

**କାର୍ଯ୍ୟର ବିବରଣୀ :** ପୁରୀ ଏବଂ ଭୁବନେଶ୍ୱର କୋଚିଂ ଡିପୋରେ ପିଟ୍ ଲାଇନ ଓ ସିକ୍ ଲାଇନରେ ଆଲୋକୀକରଣର ଉନ୍ନତି ସହିତ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ପାଇଁ ରକ୍ଷଣାବେକ୍ଷଣ ସୁବିଧାରେ ଉନ୍ନତିକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 6,69,99,580.27, EMD (₹): 4,85,000.00, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.03.2025ରିଖ 1500 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧାରୋଡ଼

PR-1016/P/24-25



## ଭାରତୀୟ ରିଜର୍ଭ ବ୍ୟାଙ୍କ
## RESERVE BANK OF INDIA
www.rbi.org.in

**୧୦, ୧୫ ଏବଂ ୨୦ ବର୍ଷର ରାଜ୍ୟ ସରକାର ପ୍ରତିଭୁତିଗୁଡ଼ିକର ନିଲାମ**

ଓଡ଼ିଶା ରାଜ୍ୟ ୧୦, ୧୫ ଏବଂ ୨୦ ବର୍ଷର ନିଲାମ ମାଧ୍ୟମରେ ପ୍ରତିଭୁତିଗୁଡ଼ିକୁ ମୋଟ **ଟ.୩୦୦୦ କୋଟି (ଅଙ୍କିତ ମୂଲ୍ୟ)**ରେ ବିକ୍ରି କରିବାର ପ୍ରସ୍ତାବ ଦେଇଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ **(ଇ-କୁବେର)**ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ, ୨୫ ଫେବୃଆରୀ **୨୦୨୫ (ମଙ୍ଗଳବାର)** ଦିନ ଅନୁଷ୍ଠିତ ହେବ । ବ୍ୟକ୍ତିଗତ ନିବେଶକମାନେ ମଧ୍ୟ **ରିଟେଲ ଡାଇରେକ୍ଟ ପୋର୍ଟାଲ** (https://rbiretaildirect.org.in) ମାଧ୍ୟମରେ ଅଣ-ପ୍ରତିଯୋଗିତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ ।

ଅଧିକ ବିବରଣୀ ପାଇଁ ଦୟାକରି ଆର୍‌ବିଆଇ ୱେବ୍‌ସାଇଟ୍‌ରେ **୨୪ ଫେବୃଆରୀ ୨୦୨୫** ସୋମବାର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଆପଣଙ୍କୁ ଟଙ୍କା ଦେବାର ପ୍ରତିଶ୍ରୁତି ଦେଉଥିବା ଇମେଲ/ଏସ୍‌ଏମ୍‌ଏସ୍/କଲ୍ ଦ୍ୱାରା ଠକାମିର ଶିକାର ହୁଅନ୍ତୁ ନାହିଁ"



## ଇଣ୍ଡିଆନ୍ ବ୍ୟାଙ୍କ / इंडियन बैंक / Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪ [ରୁଲ୍-୮ (୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ସହୀଦ ପାର୍କ ଶାଖା, ବାଲେଶ୍ୱର / ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଭାଗବତ ପାତ୍ର, ପିତା: ✓ ବନମାଳି ପାତ୍ର / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଦୀନବନ୍ଧୁ ପାତ୍ର, ପିତା: ପୁରୁଷୋତ୍ତମ ପାତ୍ର, ୨) ହରିହର ପାତ୍ର, ପିତା: ✓ ବନମାଳି ପାତ୍ର, ୩) ଅନ୍ନପୂର୍ଣ୍ଣା ବାରିକ, ସ୍ୱାମୀ: ହରେକୃଷ୍ଣ ବାରିକ, ୪) ଭାମାମଣି ପାତ୍ର, ସ୍ୱାମୀ: ✓ ବନମାଳି ପାତ୍ର, ସମସ୍ତଙ୍କ ଠିକଣା- କାହାଳିଆ, ଭାୟା: ଊପଦା, ନୀଳଗିରି, ବାଲେଶ୍ୱର, ପିନ୍-୭୫୬୦୪୦ | ୧୮.୦୨.୨୦୨୫ ସୁଦ୍ଧା ଟ.୨୮,୭୨,୬୮୬/- ଏବଂ ସେବାବଦ ସୁଧ | ୧୯.୦୯.୨୦୨୪ / ୧୮.୦୨.୨୦୨୫ | ✓ ପୁରୁଷୋତ୍ତମ ପାତ୍ର, ପିତା: ବୃନ୍ଦାବନ ପାତ୍ର, ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: ଭାଗବତ ପାତ୍ର, ଦୀନବନ୍ଧୁ ପାତ୍ର, ହରିହର ପାତ୍ର, ଭାନୁମଣି ପାତ୍ର ଏବଂ ଅନୁପମା ବାରିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କାହାଳିଆ, ଥାନା: ନୀଳଗିରି, ତହସିଲ/ଏସ୍‌ଆରଓ: ନୀଳଗିରି, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୩୧୭, ପ୍ଲଟ୍ ନଂ.: ୨୧୪୦, କ୍ଷେତ୍ର: ଏକର୦.୦୭ ଡିସିମିଲି, କିସମ: ଘରବାରି |

ତାରିଖ: ୨୪.୦୨.୨୦୨୫
ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



## GOVERNMENT OF ODISHA
### OFFICE OF THE EXECUTIVE ENGINEER
### RURAL WATER SUPPLY & SANITATION DIVISION, BOUDH

E-mail : eerwss_bou@nic.in / rwssboudh@gmail.com

**INVITATION FOR BIDS (IFB)**
Bid Identification No. 07/E.E. RWSS, Boudh of 2024-25
No.O-1508 Letter No. 657 // Dt. 17.02.2025

| | | |
|---|---|---|
| 1 | Nature of work | Building works |
| 2 | Estimated Cost | 344.23 lakhs |
| 3 | No. of works | 01 No. |
| 4 | Tender Cost | 10000.00 |
| 5 | Class of contractor | "A" Class |
| 6 | Availability of Bid document in the portal | Dt. 01.03.2025 11.00 hours to 15.03.2025 17.00 hours |
| 7 | Date of seeking clarification | During the office hours of 01.03.2025 to 10.03.2025 |
| 8 | Last Date & time of receipt of Bids | Dt. 15.03.2025 at 17.00 hours |
| 9 | Date & time of opening Bids | Dt. 17.03.2025 at 11.30 hours |

Further details can be seen in the bidding documents which is available in the e-procurement portal https//www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

Sd./- Executive Engineer, RWS&S Division, Boudh

OIPR-25039/11/0001/2425



## STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

Ref.No.IGH/Kit/Tender/2025-26/00625/005 Dated:16/01/2025

**OFFICE OF THE CMO I/C (M&HS) ISPAT GENERAL HOSPITAL**

**TENDER CASE**

Sealed Tenders are invited from intending Tenderers for supply of dietary items to Ispat General Hospital, RSP, Rourkela from 01.04.2025 to 31.03.2026 in respect of the items mentioned below:-

| Sl. No | Schedule No | Particulars | Number of Items | Earnest money to be deposited | Security Deposit |
|---|---|---|---|---|---|
| 1. | I | Grocery (Loose Items) | 11Nos. | Rs.15,000/- | 2.5% of order value |
| 2. | II | Vegetables | 23Nos. | Rs.15,000/- | -do- |
| 3. | IV | Fish | 1No. | Rs.15,000/- | -do- |
| 4. | V | Egg | 1No. | Rs.5,000/- | -do- |
| 5. | VI | Fruits | 8Nos. | Rs.5,000/- | -do- |
| 6. | VII | Bakery item | 1No. | Rs.5,000/- | -do- |
| 7. | VIII | Chicken | 1No. | Rs.5,000/- | -do- |
| 8. | IX | Grocery (Packet Items) | 26No. | Rs.15,000/- | -do- |

Tender form can be had from the Office of the Asst.Manager (Kitchen) IGH, from 24th February 2025 (Monday) to 16th March 2025 (Sunday) till 3pm. The tender will be received up to 4:00PM on 17th March 2025 (Monday) in the Office of the Asst.Manager (Kitchen) IGH, Rourkela-769005 and opened on 4:30PM on the same day.

Dy, CMO (kitchen), IGH, RSP

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life



## झारखण्ड सरकार
## पेयजल एवं स्वच्छता विभाग ई–प्रोक्योरमेन्ट सूचना अति अल्पकालिन
(प्रथम आमंत्रण)

**ई–निविदा सूचना संख्या - (धनबाद) 20/2024-25 तिथि – 22-02-2025**

| | | |
|---|---|---|
| 1 | वेबसाइट पर निविदा प्रकाशन की तिथि | 27-02-2025 समय 02.00 बजे अपराहन् तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 07-03-2025 समय 04.00 बजे अपराहन् तक |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 07-03-2025 समय 04.00 बजे अपराहन् तक |
| 4 | तकनीकी बिड खोलने की तिथि एवं समय | 08-03-2025 समय 05:00 बजे अपराहन् |
| 5 | तकनीकी बिड खोलने का स्थान | अधीक्षण अभियंता का कार्यालय पेयजल एवं स्वचछता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम/पदनाम :- | ई0 मयंक कुमार भगत, कार्यपालक अभियंता, पेयजल एवं स्वचछता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | 0326-2308988 |
| 8 | ई– प्रोक्यूरमेन्ट सेल का हेल्प लाईन सं0 | 0651-480345 |

| | कार्य का नाम | प्राक्कलित राशि (रू० में) | अग्रधन की राशि (रू० में) | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation, Testing and Commissioning of 1set of 7.5 MVA 33KV/11KV Copper Wound Out Door Type Power Transformer with OLTC for WTP Pumping Plant at Bhelatand of Dhanbad Urban Water Supply Scheme under D.W.& S. Mechanical Division, Dhanbad. | 99,78,881.00 | 1,99,600.00 | 10,000.00 | 03 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा।
निविदा की सूचना तथा नियम शर्तें की जानकारी वेबसाईट www.prdjharkhand.in , प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेबसाईट http://jharkhandtender.gov.in पर देखा जा सकता है।

कार्यपालक अभियंता
पेयजल एवं स्वचछता यांत्रिक प्रमंडल, धनबाद।

PR 347059 Drinking Water and Sanitation(24-25)D



## जिला अभियंता का कार्यालय
### जिला परिषद, रामगढ़
### अति–अल्पकालीन निविदा आमंत्रण सूचना

ई–निविदा सं० :– *ZP/RAMGARH/17/2024-25*

कार्य की विस्तृत विवरणी :–

| क्र. | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य (रु०) | कार्य पुर्ण करने की अवधि |
|---|---|---|---|---|---|---|
| 1 | पतरातू | ग्राम पंचायत पतरातू मैन रोड शहीद भगत सिंह चौक से दक्षिण नागेश्वर मुण्डा आवास प्रस्तावित रेलवे लाईन से नलकारी नदी तक 10 फीट गहरा गटर नाला, स्लैब सहित निर्माण (450 मी०) | 1,83,44,404.00 | 3,67,000.00 | 10,000.00 | 12 (बारह) माह |
| 2 | पतरातू | पतरातू प्रखण्ड अन्तर्गत सुथरपुर बहेरा टोला नदी में पुल निर्माण। | 2,43,10,100.00 | 4,87,000.00 | 10,000.00 | 12 (बारह) माह |

1. वेबसाईट में निविदा प्रकाशन की तिथि– दिनांक 01.03.2025
2. ई–निविदा डालने/प्राप्ति की तिथि एवं समय– दिनांक 01.03.2025 से दिनांक 06.03.2025 अपराह्न 4:00 बजे तक।
3. निविदा खोलने की तिथि एवं समय– दिनांक – 07.03.2025 को अपराह्न 4:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता– जिला अभियंता, जिला परिशद, रामगढ़।
5. ई–निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल *Online mode* द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई– भुगतान संवेदक द्वारा जिस बैंक खाता से किया जायेगा, उसी खाते मे अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा Double Bid पद्धति से होगा।
9. इस निविदा में जिला परिशद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय के सूचनापट्ट पर देखा जा सकता है।

ह०/–
जिला अभियंता, जिला परिषद, रामगढ़।

PR 347079 District(24-25)D



स्वच्छता ही सेवा 2024
रक्षा सम्पदा संगठन DEFENCE ESTATES ORGANIZATION

## भारत सरकार, रक्षा मंत्रालय
## रक्षा संपदा कार्यालय, ओडिशा मंडल,
## Govt. of India, Ministry of Defence,
## Defence Estates Office, Odisha Circle

**AUCTION NOTICE**

**File No. OR/19/AUCTION/Vol-XX Dated : 24.02.2024**

It is hereby brought to the notice of the interested person that 41 Nos. of different trees (Gulmohar-32, Coconut-04, Palm-04 & Banayan-01) inside INS Chilika, Distt.-Khurda, Odisha will be cut off/sold by open public Auction on 10.03.2025 at 11.00 Hrs. at INS Chilika, Distt.-Khurda. The interested person may contact Defence Estates Office, Odisha Circle, Bhubaneswar, Plot No. 163, Prachi enclave, Chandrashekharpur, Bhubaneswar-751016 during any working day for detail information & terms and conditions of the Auction.

Sd./-
(अनिंद्या दे, भा.र.सं.से)
(ANINDYA DE, I.D.E.S)
रक्षा संपदा अधिकारी, ओड़ीशा मंडल, भुवनेश्वर
Defence Estates Officer,
Odisha Circle, Bhubaneswar
Ph. No. 0674-2747631, 2747345
Email id : deobhub-stats@nic.in



See Career Appointment on every Wednesday & Saturday

## ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା

# ରାତି ୧୦ଟାରେ ମହାଦୀପ ଦର୍ଶନ

ପୁରୁଣା ଭୁବନେଶ୍ୱର,୨୪।୨ (ସୁବାସ ଚନ୍ଦ୍ର ପ୍ରଧାନ)

ବୁଧବାର ମହାଶିବରାତ୍ରି ତଥା ଜାଗରଯାତ୍ରା। ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ଧୁମଧାମରେ ପାଳନ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାଗରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନକୁ ଲକ୍ଷ୍ୟକରି ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଲୁଟେରାଙ୍କ ଉପରେ ନଜର ରଖିବା ପାଇଁ ସାଦା ପୋଷାକଧାରୀ ପୋଲିସ ମୁତୟନ କରାଯିବ। ତେବେ ରାତି ୧୦ଟାରେ ମହାଦୀପ ଦର୍ଶନ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି।



ମହାଶିବରାତ୍ରି ଓ ଜାଗର ଯାତ୍ରା ପାଇଁ ଆଲୋକ ମେଳାରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଝଲସୁଛି। (ଫଟୋ- ବିକାଶ ନାୟକ)

### ମହାଶିବରାତ୍ରି ପାଇଁ ନୀତିନିର୍ଘଣ୍ଟ

| ନୀତି | ନିର୍ଦ୍ଧାରିତ ସମୟ |
|---|---|
| ମଙ୍ଗଳ ଆଳତି ଓ ଅବକାଶ ପ୍ରାତଃ | ୩ଟାରୁ ୩ଟା ୩୦ |
| ସାହଣମେଳା ଦର୍ଶନ | ଭୋର ୩ଟା ୩୦ରୁ ପୂର୍ବାହ୍ନ ୧୧ଟା |
| ରୋଷହୋମ | ସକାଳ ୬ଟା ୩୦ |
| ଛାମୁ ପରିଷ୍କାର | ପୂର୍ବାହ୍ନ ୧୧ଟାରୁ ୧୨ଟା |
| ମହାସ୍ନାନ ଓ ବେଶ | ମଧ୍ୟାହ୍ନ ୧୨ଟାରୁ ୧୨ଟା ୪୫ |
| ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଶ୍ରୀଜୀଉଙ୍କ ଓଠାକୁରାଣୀ ବଲ୍ଲଭ ଏବଂ ଶ୍ରୀଜୀଉଙ୍କ ସକାଳ ଧୂପ | ମଧ୍ୟାହ୍ନ ୧୨ଟା ୪୫ରୁ ଅପରାହ୍ନ ୨ଟା ୩୦ |
| ଶ୍ରୀଭୁବନେଶ୍ୱରୀଙ୍କ ସକାଳ ଧୂପ | ଅପରାହ୍ନ ୨ଟା ୩୦ରୁ ୨ଟା ୪୫ |
| ଭୋଗମଣ୍ଡପ | ଅପରାହ୍ନ ୨ଟା ୪୫ରୁ ୩ଟା ୪୫ |
| ସାହାଣମେଳା ଦର୍ଶନ | ଅପରାହ୍ନ ୩ଟା ୪୫ରୁ ୪ଟା ୪୫ |
| ଛାମୁ ପରିଷ୍କାର | ଅପରାହ୍ନ ୪ଟା ୪୫ରୁ ୫ଟା ୧୫ |
| ଶ୍ରୀଜୀଉଙ୍କ ବେଶ | ଅପରାହ୍ନ ୫ଟା ୧୫ରୁ ୫ଟା ୪୫ |
| ବୀର କିଶୋର ବଲ୍ଲଭ, ଦ୍ୱିପ୍ରହର ଧୂପ ଓ ଭୁବନେଶ୍ୱରୀଙ୍କ ଦ୍ୱିପ୍ରହର ଧୂପ | ଅପରାହ୍ନ ୫ଟା ୪୫ରୁ ୭ଟା |
| ଶ୍ରୀଜୀଉଙ୍କ ପହୁଡ଼ | ସନ୍ଧ୍ୟା ୭ଟାରୁ ୭ଟା ୧୦ |
| ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତି ଓ ଟେରାଫିଟା | ସନ୍ଧ୍ୟା ୭ଟା ୧୦ରୁ ୭ଟା ୩୦ |
| ଶ୍ରୀଜୀଉଙ୍କ ମାଜଣା ଓ ବେଶ | ସନ୍ଧ୍ୟା ୭ଟା ୩୦ରୁ ୮ଟା ୧୦ |
| ଶ୍ରୀଜୀଉଙ୍କ ଯାତ୍ରା ପୂଜା ଓ ବେଢ଼ା | ରାତି ୮ଟା ୧୦ରୁ ୮ଟା ୫୫ |
| ଶ୍ରୀଜୀଉଙ୍କ ସନ୍ଧ୍ୟା ଧୂପ ଓ ତୀର୍ଥ ଜଳ ଆନୟନ | ରାତି ୮ଟା ୫୫ରୁ ୧୦ଟା |
| ମହାଦୀପ ଦର୍ଶନ | ରାତି ୧୦ଟା |
| ସାହାଣମେଳା ଦର୍ଶନ | ରାତି ୧୦ଟାରୁ ୧୧ଟା |
| ଭୁବନେଶ୍ୱରୀଙ୍କ ସନ୍ଧ୍ୟାଧୂପ ଓ ପୂଜା, ଶ୍ରୀଜୀଉଙ୍କଛାମୁ ପରିଷ୍କାର | ରାତି ୧୧ଟାରୁ ୧୧ଟା ୩୦ |
| ଚାରିପ୍ରହର ପୂଜା | ରାତି ୧୧ଟା ୩୦ରୁ ୩ଟା ୩୦ |
| ହରିହର ଭେଟ | ଭୋର ୩ଟା ୩୦ରୁ ୪ଟା ୩୦ |
| ବଡ଼ସିଂହାର ଓ ପହୁଡ଼ | ଭୋର ୪ଟା ୩୦ରୁ ୫ଟା ୧୫ |

# ଫୁଲରେ ସଜେଇ ହେବ ଲିଙ୍ଗରାଜ ମନ୍ଦିର

ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)

ମହାପ୍ରଭୁ ଲିଙ୍ଗରାଜଙ୍କ ପୀଠରେ ଆସନ୍ତା ୨୬ ତାରିଖରେ ହେବାକୁ ଥିବା ମହାଶିବରାତ୍ରି ଓ ଜାଗରଯାତ୍ରା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏନେଇ ମେୟର ସୁଲୋଚନା ଦାସ ସୋମବାର ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖିଛନ୍ତି। ଏଥିସହ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା ଦୃଷ୍ଟିରୁ ଆଲୋକୀକରଣ ସହ ଆଲୋକ ସଜ୍ଜା ପ୍ରତି ଧ୍ୟାନ ଦିଆଯାଇଛି। ଲିଙ୍ଗରାଜ ମନ୍ଦିରକୁ ଫୁଲରେ ସଜାଇବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ପରିମଳ ବ୍ୟବସ୍ଥା ତଦାରଖ କରିବା ପାଇଁ ନୋଡାଲ ଅଧିକାରୀ ଭାବେ ସହରାଞ୍ଚଳ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟ କରିବେ। ଲିଙ୍ଗରାଜଙ୍କ ମନ୍ଦିର ଏବଂ କପିଳେଶ୍ୱର ଦେବଙ୍କ ମନ୍ଦିର ସହ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ, ରଥ ରୋଡ୍, ବିନ୍ଦୁସାଗର ଅଞ୍ଚଳର ଅନନ୍ତ ବାସୁଦେବଙ୍କ ମନ୍ଦିର ଓ କୋରାପୁଟ ଭବନରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଆଦି ଅଞ୍ଚଳରେ ପରିମଳ ବ୍ୟବସ୍ଥାକୁ କଡାକଡି କରିବାକୁ କୁହାଯାଇଛି। ବିନ୍ଦୁସାଗର ମୌନୀ ଘାଟଠାରେ ସ୍ୱଚ୍ଛତା ରକ୍ଷା ପାଇଁ ଡିଭିଜନ-୩ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଇଲୁମିନେଶନ ଆଲୋକ ବ୍ୟବସ୍ଥା ଦାୟିତ୍ୱରେ ବିଦ୍ୟୁତ୍ ଉପବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରହିଛନ୍ତି। ପାନୀୟ ଜଳ ଯୋଗାଣ ପାଇଁ ଜୋନାଲ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିର ପ୍ରଶାସନ ଓ ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ ସହ ଯୋଗାଯୋଗ କରି ୨୫ ତାରିଖ ସନ୍ଧ୍ୟାରୁ ୨୭ ତାରିଖ ସକାଳ ପର୍ଯ୍ୟନ୍ତ ୨ଟି ପାଣି ଟ୍ୟାଙ୍କର ମହଜୁଦ ରହିବ। ଶ୍ରଦ୍ଧାଳୁଙ୍କ ପାଇଁ ୧୨ଟି ବାୟୋ ଟଏଲେଟ ବ୍ୟବସ୍ଥା ହୋଇଥିବାବେଳେ ଲିଙ୍ଗରାଜ ନୂଆ ମାର୍କେଟ କମ୍ପ୍ଲେକ୍ସ, ଭଜନ ମଣ୍ଡପ, ଓବିସିସି ସାଇଟ ଓ ୧୦ଟି ଅସ୍ଥାୟୀ ବାୟୋ ଟଏଲେଟ ଭ୍ୟାନ ସହ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଟଏଲେଟ୍‌ଗୁଡିକୁ ୨୪ ଘଣ୍ଟିଆ ପାଣି ଯୋଗାଣ ପାଇଁ ଲିଙ୍ଗରାଜ ମନ୍ଦିର ଏବଂ କପିଳେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଆଉ ୩ଟି ଅତିରିକ୍ତ ପାଣି ଟ୍ୟାଙ୍କର ରହିବ। ଆବଶ୍ୟକ ଅନୁଯାୟୀ ସେସପୁଲ ଗାଡି ମଧ୍ୟ ମୁତୟନ କରାଯିବ। ବିଏମ୍‌ସି ହସ୍ପିଟାଲରେ ସମସ୍ତ ପାରାମେଡିକାଲ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ଆବଶ୍ୟକ ପରିମାଣର ଔଷଧ, ଫାଷ୍ଟଏଡ ଆଦି ସରଞ୍ଜାମ ପ୍ରସ୍ତୁତ କରି ରଖିବାକୁ ସହରାଞ୍ଚଳ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲିଙ୍ଗରାଜ ମନ୍ଦିର ଚତୁର୍ପାର୍ଶ୍ୱ ଏବଂ ଆଖପାଖ ଅଞ୍ଚଳରେ ମଶା ଧୂଆଁ ଦେବା ପାଇଁ ସ୍ୱାସ୍ଥ୍ୟାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବିସି ଉପବିଭାଗ ବୁଲା ଗାଈଗୋରୁ ଓ ବୁଲା କୁକୁରଙ୍କୁ ସ୍ଥାନାନ୍ତର କରିବ। ମହାଶିବରାତ୍ରୀଙ୍କୁ ଶାନ୍ତି ଶୃଙ୍ଖଳାର ସହ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଦକ୍ଷିଣ ପୂର୍ବ ଜୋନାଲ କମିଶନରଙ୍କୁ ସମସ୍ତ କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଅନୁଷ୍ଠିତ ବୈଠକରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, ସସ୍ମିତା ସାହୁଙ୍କ ସହ ସମସ୍ତ ଉପାୟୁକ୍ତ, ସହକାରୀ କମିଶନର ଏନ୍. ଗଣେଶ ବାବୁ, ବିଏମ୍‌ସି ସହରାଞ୍ଚଳ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଦୀପକ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ଜାଗର ପାଇଁ ବିଏମ୍‌ସିର ବ୍ୟାପକ ପ୍ରସ୍ତୁତି**

## ୨୧ଜଣଙ୍କୁ ମିଳିବ ଏକାମ୍ର ସମ୍ମାନ

ପୁରୁଣା ଭୁବନେଶ୍ୱର,୨୪।୨(ସୁବାସ ଚନ୍ଦ୍ର ପ୍ରଧାନ): ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ଲାଇବ୍ରେରି ହଲରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଏବଂ ସମ୍ପାଦକ ସନତ ମିଶ୍ର କହିଥିଲେ, ଜାତୀୟସ୍ତରୀୟ ଏହି ଭଜନ ସମାରୋହ ଚଳିତ ବର୍ଷ ୩୬ ବର୍ଷ ପାଳନ କରିବ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଉଦ୍ୟମ ହୋଇଛି। ଖ୍ୟାତନାମା କଣ୍ଠଶିଳ୍ପୀ ଉଷା ଉଥପ, ଅନୁରାଧା ପୋଡ଼ୱାଲ, ଅଭିଜିତ୍ ଘୋଷାଲ, କୁମାର ସଞ୍ଜୟ, ପ୍ରତୋଷ ଶର୍ମା, ମଧୁମିତା ପାଉଲଙ୍କ ସମେତ ୨୫ରୁ ଉର୍ଦ୍ଧ୍ୱ କଣ୍ଠଶିଳ୍ପୀ ବହୁ ଯୋଗଦେବେ। ଉକ୍ତ ଦିନ ଭୋର ୪ଟାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଭାଗବତ, ଗୀତା ପାଠ, ଶିବ ଚେତନା, ହରି ଭଜନ, ରାମଚରିତ ପାରାୟଣ କରାଯିବ। ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହେବ। ଏହା ପରେ ଜାତୀୟସ୍ତରୀୟ ଭଜନ ସମାରୋହ କରାଯିବ। ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯିବ। ଚଳିତ ବର୍ଷ ୨୧ଜଣଙ୍କୁ ଏକାମ୍ର ସମ୍ମାନ ପ୍ରଦାନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶିବାନନ୍ଦ ରାୟ, ରତିକାନ୍ତ ମହାସୁଆର, ଲଲାଟେନ୍ଦୁ ମହାନ୍ତି, ଲିଙ୍ଗରାଜ ସାହୁ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କେଦାରନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, ପ୍ରମୋଦ ମହାନ୍ତି, ପ୍ରତାପ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ରାତି ୧୧ ଟାରୁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୨୪।୨(ସୂର୍ଯ୍ୟକାନ୍ତ ବେହେରା): ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ବା ମହାଶିବରାତ୍ରିକୁ ସୁରକ୍ଷିତ ତଥା ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ରଥ ରୋଡ ଏବଂ ପୁନାମା ଗେଟ ପଟୁ ଲିଙ୍ଗରାଜ ମନ୍ଦିର ଆଡକୁ ଆସୁଥିବା ସମସ୍ତ ଦୁଇ ଓ ଚାରି ଚକିଆ ଯାନବାହାନ ଗୁଡିକ ବଢେଇବାଙ୍କଠାରୁ ଆଗକୁ ନ ଯାଇ ବିଏମ୍‌ସି ହାଇସ୍କୁଲ ପଡ଼ିଆରେ ଗାଡ଼ି ପାର୍କିଂ କରିପାରିବେ। ସେହି ସମୟରେ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳକୁ ବାରଣ କରାଯାଇଛି। ସେହିପରି କେଦାର ଗୌରି ମନ୍ଦିର ପଟୁ ଓ ସାନିଟାରିୟମ ଛକ ପଟୁ ଲିଙ୍ଗରାଜ ମନ୍ଦିର ଆଡକୁ ଆସୁଥିବା ଯାନବାହାନ ଗୁଡିକ କୋଟି ତୀର୍ଥ ଗଳି ଦେଇ କଚେରୀ ପିଣ୍ଡି ରାସ୍ତାରେ ଯାଇ ତରଙ୍ଗ କ୍ଲବ ପଛପଟେ ଥିବା ଖାଲି ସ୍ଥାନରେ ଗାଡି ରଖି ପାରିବେ। ଏଥିନିମନ୍ତେ କୋଟି ତୀର୍ଥ ଗଳିଠାରୁ ସିଦ୍ଧି ମଣ୍ଡପ ଗଳି ପର୍ଯ୍ୟନ୍ତ ରାସ୍ତାକୁ ଯାନବାହନ ଚଳାଚଳ ନିମନ୍ତେ ୱାନ ୱେ ବ୍ୟବସ୍ଥା କରାଯାଇଛି। ଏହି କଟକଣା ୨୫ ରାତି ୧୧ ଟାରୁ ମହାଦୀପ ଉଠିବା ତଥା ଜନସମାଗମ ଅପସାରିତ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଶୈଶବ କର୍କଟ ସଚେତନତା ପାଇଁ ପଦଯାତ୍ରା





ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)

ଶୈଶବ କର୍କଟ ଉପରେ ଜନସଚେତନତା ସୃଷ୍ଟି କରିବା ପାଇଁ ଭାରତୀୟ ଶୈଶବ କର୍କଟ ଉଦ୍ୟମ ମଞ୍ଚ ପକ୍ଷରୁ ପଦଯାତ୍ରା କରାଯାଇଛି। ଶିଶୁ କର୍କଟ ବିଶେଷଜ୍ଞ ଡା. ସୋନାଲି ମହାପାତ୍ର, ଡା. ସରୋଜ ପଣ୍ଡା, ଡା. ନିର୍ମାଲ୍ୟ ଦେଓ ପ୍ରଧାନ, ଡା. ପଲାଶ ଦାସ ପ୍ରମୁଖ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟର ବିଭିନ୍ନ ସଂଗଠନ, ଡାକ୍ତରୀ ବୃତ୍ତିଧାରୀ, ନୀତି ଓ ଯୋଜନା ପ୍ରଣୟନକାରୀ ତଥା ସାଧାରଣ ଜନତା ଏହି ପଦଯାତ୍ରାରେ ସାମିଲ ହୋଇ ପଟିଆ ଛକରୁ ଇନ୍‌ଫୋସିଟି ଛକ ପର୍ଯ୍ୟନ୍ତ ଯାଇଥିଲେ। ଗୀତ, ପଥପ୍ରାନ୍ତ ନାଟକ, ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଜନସାଧାରଣଙ୍କୁ ଶୈଶବ କର୍କଟ ବିଷୟରେ ଅବଗତ ଓ ସଚେତନ କରାଯାଇଥିଲା। କର୍କଟ ରୋଗକୁ ଜିତିଥିବା ବ୍ୟକ୍ତି ବିଶେଷ ଓ ସେମାନଙ୍କ ପରିବାରବର୍ଗ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ପ୍ରେରଣାଦାୟୀ କାର୍ଯ୍ୟ'। ଶୈଶବ କର୍କଟ ବିରୋଧରେ ଲଢେଇରେ ଜନସାଧାରଣ ମିଳିତ ଭାବେ ସାମିଲ ହୋଇ ଏହାକୁ ପ୍ରତିହତ କରିବା ଦିଗରେ ଜନସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅବସରପ୍ରାପ୍ତ ପୋଲିସ ନିର୍ଦ୍ଦେଶକ ବଟକୃଷ୍ଣ ତ୍ରିପାଠୀ, ପ୍ରୀତିକାନ୍ତ ପଣ୍ଡା, ଡା. ମଧୁମିତା ଦାସ, ରୁବି ରାଉତ, ମାନସ କୁମାର ପ୍ରମୁଖ କର୍କଟ ପୀଡିତ ଶିଶୁଙ୍କ ପାଖରେ ଆବଶ୍ୟକ ସେବା କିପରି ପହଞ୍ଚାଇ ହେବ ସେ ସମ୍ପର୍କରେ ମତ ଦେଇଥିଲେ। ଶିଶୁ କର୍କଟ ରୋଗର ଲକ୍ଷଣ ଓ ତାହାକୁ ଚିହ୍ନଟ କରିବା ବିଷୟରେ ସଚେତନତା ସୃଷ୍ଟି, କର୍କଟ ରୋଗର ଚିକିତ୍ସା ସମ୍ବନ୍ଧରେ ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ବାଲୁକା କଳାରେ ଚକ୍ଷୁଦାନ ବାର୍ତ୍ତା



ବାଲିଅନ୍ତା,୨୪।୨(ନୀଳମାଧବ ସାହୁ)

ହଂସପାଳ ନିକଟ କୁଆଖାଇ ନଦୀକୂଳରେ ସୋମବାର ରୋଟାରୀ ଡେ' ପାଳନ ଅବସରରେ ଏକ ବାଲୁକା କଳା ପ୍ରଦର୍ଶନ ହେଉଛି। ରୋଟାରୀ ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ- ୩୨୬୨ ପକ୍ଷରୁ ଆୟୋଜିତ ଚକ୍ଷୁ ଆକୃତିରେ ପ୍ରାୟ ୨୦୦ ଫୁଟ ଲମ୍ବ ବିଶିଷ୍ଟ ବାଲୁକା କଳାରେ ଚକ୍ଷୁଦାନ ପାଇଁ ବାର୍ତ୍ତା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। ସାଧାରଣ ଲୋକ ଏହାର ସୁଯୋଗ ନେଇପାରିବେ ବୋଲି ଡିଷ୍ଟ୍ରିକ-୩୨୬୨ ଗଭର୍ନର ଯଜ୍ଞାଶିଷ ମହାପାତ୍ର କହିଛନ୍ତି। ଏହି ଅବସରରେ କୁଆଖାଇ ନଦୀକୂଳରେ ୧୦୦ କିଲୋର ଏକ କେକ୍ କଟାଯାଇଥିଲା।

# ମହାକୁମ୍ଭ ଫଟୋ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୨(ସୌମ୍ୟରଞ୍ଜନ ରାଉତ)

ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ସମାବେଶ 'ମହାକୁମ୍ଭ'କୁ ନେଇ ଫଟୋ ପ୍ରଦର୍ଶନୀ ସୂଚନା ଭବନରେ ଆରମ୍ଭ ହୋଇଛି। ଫଟୋ ସାମ୍ବାଦିକ ରାକେଶ ରାଉଳଙ୍କ ଏହି ପ୍ରଦର୍ଶନୀକୁ ସୋମବାର ଭାଜପା ନେତା ଗୋଲକ ମହାପାତ୍ର ଓ ସାହିତ୍ୟିକ ଗୌରହରି ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ, ଭାଜପା ମୁଖପାତ୍ର ସଜ୍ଜନ ଶର୍ମାଙ୍କ ସମେତ ବହୁ ବ୍ୟକ୍ତିମାନେ ଯୋଗଦେଇ ଫଟୋ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ରାକେଶଙ୍କ ଏହି ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିବା ସହ ଏହା ବାସ୍ତବରେ ଓଡ଼ିଆ ସଂସ୍କୃତିରେ ଏକ ଜୀବନ୍ତ ଚିତ୍ର ସୃଷ୍ଟି କରିଛି ବୋଲି କହିଥିଲେ। ଯେଉଁମାନେ ମହାକୁମ୍ଭ ଭଳି ମହାନ ଧାର୍ମୀୟ ପରିବେଶରେ ନିଜକୁ ସାମିଲ କରି ପାରିନାହାନ୍ତି ସେମାନେ ଏଠାକୁ ଆସି କିଛି ମାତ୍ରାରେ ସେହି ଅନୁଭୂତି ଲାଭ କରିପାରିବେ ବୋଲି ରାକେଶ ପ୍ରକାଶ କରିଛନ୍ତି। ଏହି ପ୍ରଦର୍ଶନୀ ଆସନ୍ତା ୨୬ରେ ମହାଶିବରାତ୍ରି ପର୍ଯ୍ୟନ୍ତ ସକାଳ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ।



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ଓଡ଼ିଆ ଅସ୍ମିତା ପ୍ରତି ଲକ୍ଷ୍ମୀକାନ୍ତଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୨୪।୨ (ସୌମ୍ୟରଞ୍ଜନ ରାଉତ)

**ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କାନ୍ତକବିଙ୍କ ଶ୍ରାଦ୍ଧୋତ୍ସବ**

ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଓଡ଼ିଶୀ କଣ୍ଠସଂଗୀତ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ କାନ୍ତକବିଙ୍କ କାଳଜୟୀ କାବ୍ୟ କବିତାର ତତ୍ତ୍ୱ ଓ ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଜାତିର ପରିଚୟ ଓ ଅସ୍ମିତା ପ୍ରତି ଲକ୍ଷ୍ମୀକାନ୍ତଙ୍କ ଅବଦାନ ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ତାପସ କୁମାର ସାମନ୍ତରାୟ ଯୋଗଦେଇ କହିଲେ, କାନ୍ତକବିଙ୍କ ଚିନ୍ତାଧାରା ଓ ଭାବଧାରା ତାଙ୍କ ସାମଗ୍ରିକ ସାହିତ୍ୟ ରଚନାରେ ପ୍ରତିଫଳିତ ହୋଇ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛି। ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ପୃଷ୍ଠାରେ ଏହି ମହାନ୍ ସାରସ୍ୱତ ସାଧକଙ୍କ ରଚନା ସମୂହ ଚିରସ୍ମରଣୀୟ ହୋଇ ରହିବ ବୋଲି ସେ ମତ ଦେଇଥିଲେ। ପ୍ରଫେସର ନିଶାମଣି କର ସମ୍ମାନିତ ବକ୍ତା ଭାବେ ଯୋଗଦେଇ କାନ୍ତକବିଙ୍କ ସାହିତ୍ୟ କୃତିର ଅନନ୍ୟତା ସମ୍ପର୍କରେ ତଥ୍ୟଭିତ୍ତିକ ସୂଚନା ଦେବା ସହ ତାଙ୍କ ରଚନାବଳୀର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କାନ୍ତକବିଙ୍କ ଜୀବନୀ ଓ ତାଙ୍କ ସାହିତ୍ୟ କୃତି ବିଷୟରେ ଆଲୋଚନା କରି ସମସାମୟିକ ଯୁବପିଢ଼ି ତାଙ୍କ ଜାତୀୟତାବାଦ ଭାବଧାରାରେ ଅନୁପ୍ରାଣିତ ହେଲେ ତାହା ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ଦେଇଥିଲେ। ଏହି ଅବସରରେ ଓଡ଼ିଶା କଣ୍ଠ ସଙ୍ଗୀତ ବିଭାଗ ପକ୍ଷରୁ ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଚିରସ୍ମରଣୀୟ 'ବନ୍ଦେ ଉତ୍କଳ ଜନନୀ' ସହିତ ତାଙ୍କ ରଚିତ ଅନ୍ୟ ସଂଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ।

# ତାରିଖ ବଦଳାଇ ଏତଲା ଦେବାକୁ ପୋଲିସର ଚାପ

## କ୍ରାଫ୍ଟ ନିର୍ମିତ୍ ଅଫିସରୁ ଚୋରି

■ଏଫ୍‌ଆଇଆର୍ କପି ନ ପାଇ ଥାନାରୁ ଫେରିଲେ ଅଭିଯୋଗକାରୀ

ଭୁବନେଶ୍ୱର,୨୪।୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ବଡ଼ରଘୁନାଥପୁର ଅଞ୍ଚଳରେ ଥିବା 'କ୍ରାଫ୍ଟ ନିର୍ମିତ' ଅଫିସରୁ ଚୋରି ହୋଇଛି। ଝରକା ଭାଙ୍ଗି ଜଣେ ଦୁର୍ବୃତ୍ତ ୧୫ ହଜାର ଟଙ୍କା, ଦାମୀ କ୍ୟାମେରା ଓ ହାଣ୍ଡଲୁମ୍ ସାମଗ୍ରୀ ନେଇଯାଇଥିବା ଅଭିଯୋଗ ହୋଇଛି। ମାଲିକ ପ୍ରସାଦ ପାତ୍ର ଏହି ଘଟଣାରେ ଇନ୍‌ଫୋଭ୍ୟାଲି ଥାନାକୁ ଅଭିଯୋଗ କରିବାକୁ ଯାଇ ପୋଲିସ ସେବାରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଘଟଣା ଜାଣିବା ପରେ ତୁରନ୍ତ ଏତଲା ଦେଇଥିଲେ ମଧ୍ୟ ଦିନକ ପରେ ତାରିଖ ବଦଳାଇ ଆଉ ଏକ ନୂଆ ଏତଲା ଲେଖି ଦେବାକୁ ବାଧ୍ୟ କରାଯାଇଛି। ମାମଲା ପଞ୍ଜିକୃତ କରି ପ୍ରସାଦଙ୍କୁ ଏଫ୍‌ଆଇଆର୍ କପି ନ ଦିଆଯିବାରୁ ସେ ସୋମବାର ରାତିରେ ଥାନାରୁ ନିରାଶ ହୋଇ ଫେରିଛନ୍ତି।



ଲକର ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ନେଇଯାଇଛନ୍ତି।

ସୂଚନା ଅନୁଯାୟୀ, ପ୍ଲଟ୍ ନଂ. ୬୬୫/୨୭୪୩ରେ ଥିବା ନଂ.୨୯ ଡୁପ୍ଲେକ୍ସର ତଳ ମହଲାରେ ବଡ଼ମ୍ବା ଥାନା ବୀରବରପୁର ଗାଁର ପ୍ରସାଦ ୩ବର୍ଷ ହେବ ଅଫିସ କରିଛନ୍ତି। ସେଠାରୁ ସେ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ହାଣ୍ଡଲୁମ୍ ସାମଗ୍ରୀ ବିକ୍ରି କରୁଛନ୍ତି। ଫେବୃଆରୀ ୧୩ରେ ପ୍ରସାଦ ଓମାନ୍ ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ମା' ଓ ଭଉଣୀ ରହୁଥିଲେ ମଧ୍ୟ ୨୧ ତାରିଖରେ ଉଭୟ ଗାଁକୁ ଚାଲିଯାଇଥିଲେ। ରବିବାର ପ୍ରସାଦ ବିଦେଶରୁ ଫେରି ଦିନ ୨ଟାରେ ଅଫିସରେ ପହଞ୍ଚି ଚୋରି ନେଇ ଜାଣିବାକୁ ପାଇଥିଲେ। ରବିବାର ପାହାନ୍ତାରେ କେହି ଜଣେ ଏହି କାଣ୍ଡ କରିଥିବା ଘଟଣାର ସିସିଟିଭିରୁ ଜଣାପଡ଼ିଥିଲା। ସେ ଅପରାହ୍ନ ୪ଟାରେ ଥାନାକୁ ଯାଇ ଏତଲା ଦେଇଥିଲେ। ତେବେ ଏତଲାରେ ମୋବାଇଲ ନମ୍ବର ଅଛି, କଲ୍ କରି କ୍ରାଇମ୍ ସିନ୍‌ରେ ପହଞ୍ଚିବୁ ବୋଲି ପୋଲିସ ପକ୍ଷରୁ ପ୍ରଥମେ କୁହାଯାଇଥିଲା। ପ୍ରସାଦ ଅଫିସକୁ ଫେରି ଘଟଣାସ୍ଥଳର ପୂର୍ବ ଅବସ୍ଥା ବଜାଇ ରଖି ଶୋଇଥିଲେ ମଧ୍ୟ ପୋଲିସର ଦେଖା ନ ଥିଲା। ପ୍ରସାଦ ସୋମବାର ଥାନାକୁ ଯିବା ପରେ ଦିନ ୧୨ଟା ବେଳେ ଜଣେ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପ୍ରସାଦ ଥାନାକୁ ଯାଇ ଏଫ୍‌ଆଇଆର୍ କପି ମାଗିବାରୁ, ତାଙ୍କୁ ସୋମବାର ଥାନାକୁ ଆସିଥିବା ଦର୍ଶାଇ ଏତଲାରେ ତାରିଖ ବଦଳାଇବାକୁ କୁହାଯାଇଥିଲା। କପି ନେବାକୁ ପ୍ରସାଦ ଜିଦ୍ ଧରିବାରୁ ତାଙ୍କ ଲେଖା ଭୁଲ୍ ଅଛି ଆଉ ଥରେ ଏତଲା ଦେବାକୁ ଚାପ ପକାଯାଇଥିଲା। ତେବେ କାହିଁକି ମିଛ ଲେଖିବି ବୋଲି ପ୍ରସାଦ ପ୍ରଶ୍ନ କରି ଫେରି ଆସିଥିଲେ। ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କହିଛନ୍ତି, ଚୋରି ଘଟଣା ବହୁତ ହେଉଥିବାରୁ ମାମଲା ସଂଖ୍ୟା କମାଇବାକୁ ଏଭଳି ବିଳମ୍ବ କରାଯାଉଛି। ବିଳମ୍ବରେ ତଦନ୍ତ କରାଗଲେ ପ୍ରମାଣ ନଷ୍ଟ ହୋଇଯାଏ। ଏଥିଯୋଗୁ ଅଭିଯୋଗକାରୀଙ୍କ କ୍ଷତି ହେଉଛି। ଏତଲା ଦେବା ପରେ ଏଫ୍‌ଆଇଆର୍ କପି ତୁରନ୍ତ ଦେବା କଥା ବୋଲି ଦାଶ କହିଛନ୍ତି। ଇନ୍‌ଫୋଭ୍ୟାଲି ଥାନାଧିକାରୀ କୃପାସିନ୍ଧୁ ବରାଡ କହିଛନ୍ତି, ଚୋରି କେସ୍‌ଟେ ହେବ। ତାରିଖ ବଦଳାଇବାକୁ କେହି ଅଭିଯୋଗକାରୀଙ୍କୁ କହି ନ ଥିବା କହିଥିଲେ। ମାମଲା ରୁଜୁ ହେବ ବୋଲି କହି କଥାକୁ ଏଡ଼ାଇ ଦେଇଥିଲେ।

**ଓଡ଼ିଶୀ ନୃତ୍ୟ ପ୍ରସାରରେ ପଦ୍ମଶ୍ରୀ ମାୟାଧରଙ୍କ ଅବଦାନ ଚିରସ୍ମରଣୀୟ**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀର ଅନ୍ୟତମ ବରପୁତ୍ର, ନୃତ୍ୟବିଶାରଦ, ପଦ୍ମଶ୍ରୀ ବିଜେତା ତଥା ଚର୍ଚ୍ଚିକା ସମ୍ମାନ ପାଇଥିବା ସ୍ୱର୍ଗତ ମାୟାଧର ରାଉତଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାରେ କବି କୌଶିକ ନାୟକ ସଭାପତିତ୍ୱ କରି ସ୍ୱର୍ଗତ ରାଉତ ବାଙ୍କୀ ବ୍ଲକ ଅଧୀନ କନ୍ତପହଁରା ଗ୍ରାମରେ ଜନ୍ମଗ୍ରହଣ କରିଥିବାବେଳେ ସାରା ବିଶ୍ୱରେ ଓଡ଼ିଶୀ ନୃତ୍ୟର ପ୍ରସାର ପାଇଁ ତାଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଉପସଭାପତି ପ୍ରାଧାପକ ମନୋଜ ମହାପାତ୍ର, ବାଙ୍କୀ ପୂଜ୍ୟପୂଜା ଅନୁଷ୍ଠାନ ସଭାପତି ସୁନୀଲ ମିଶ୍ର, ବିଜୟ ଦୀକ୍ଷିତ, ପ୍ରମୁଖ ଉପସ୍ଥିତ ଥିଲେ।



**ସଂକ୍ଷେପରେ**

## ଜିଲାପାଳ ଶୁଣିଲେ ୮୧ ଅଭିଯୋଗ

ଆଠଗଡ଼,୨୪।୨(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଏକ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୋଟ୍ ୮୧ଟି ଅଭିଯୋଗ ପଞ୍ଜୀକୃତ ହୋଇଛି। ସେଥିରୁ ୬୭ ବ୍ୟକ୍ତିଗତ ଏବଂ ୧୪ ସାମୂହିକ ଅଭିଯୋଗ ରହିଛି। ଶିବିରରେ ୨୪ ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଛି। ରେଡ୍‌କ୍ରସ୍ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ୪ ଅଭିଯୋଗ ଓ ବାର୍ଦ୍ଧକ୍ୟଭତ୍ତା ନିମନ୍ତେ ୪ ଅଭିଯୋଗ ହୋଇଛି। ଏହି ଅବସରରେ ଦୁଇଜଣଙ୍କୁ ୩ଚକିଆ ସାଇକେଲ ଏବଂ ଜଣଙ୍କୁ ଏକ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଜିଲାପାଳ ଶିବ ଟୋପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ କଟକ ପ୍ରଶାନ୍ତ କୁମାର ନାୟକ, ଉପଜିଲାପାଳ ଆଠଗଡ଼ ପ୍ରହ୍ଲାଦ ନାରାୟଣ ଶର୍ମା, ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା, ଭାରପ୍ରାପ୍ତ ବିଡିଓ ପ୍ରଣବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ଅବରୋଧ

### ମିଲର ଧାନ ନ ନେବାରୁ ପ୍ରତିବାଦ

ସାଲେପୁର,୨୪।୨(ଅରବିନ୍ଦ ଭୂୟାଁ)



ରାଇସୁଙ୍ଗୁଡ଼ା ବଜାର ନିକଟରେ ଚାଷୀମାନେ ରାସ୍ତାରେ ଧାନ ବସ୍ତା ରଖି ପ୍ରତିବାଦ କରୁଛନ୍ତି।

ମିଲର ଧାନ ନେଲେନାହିଁ। ପ୍ରତିବାଦରେ ଚାଷୀମାନେ ରାସ୍ତା ଉପରେ ଧାନବସ୍ତା ରଖି ଆନ୍ଦୋଳନ କରିଛନ୍ତି। ସାଲେପୁର ବ୍ଲକ୍ ରାଇସୁଙ୍ଗୁଡ଼ା ସମବାୟ ସମିତିରେ ସୋମବାର ଏହି ଘଟଣା ଦେଖିବାକୁ ମିଳିଛି। ଖବରପାଇ ପ୍ରଶାସନିକ ଅଧିକାରୀ ଆନ୍ଦୋଳନକାରୀ ଚାଷୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଅନ୍ୟ ଏକ ତାରିଖରେ ଧାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଏହି ସମିତି ଅଧୀନରେ ସରକାରଙ୍କୁ ଧାନ ବିକ୍ରୟ ନିମନ୍ତେ ଚାଷୀମାନେ ଆବେଦନ କରିବା ସହ ମଣ୍ଡିରେ ଧାନ ଦେବାକୁ ଟୋକନ ମଧ୍ୟ ପାଇଥିଲେ। ଏହାପରେ ତାରିଖ ନିର୍ଦ୍ଧାରଣ ହୋଇଥିଲା। ମଣ୍ଡିରେ ଆଖି ସ୍କାନ୍ ମଧ୍ୟ କରାଯାଇଥିଲା। ଏହାସତ୍ତ୍ୱେ ଚାଷୀଙ୍କ ଧାନ ନେବାକୁ ମିଲର ମନା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ରାଇସୁଙ୍ଗୁଡ଼ା ଅଞ୍ଚଳର ଉତ୍ୟକ୍ତ ଚାଷୀମାନେ ସାଲେପୁର-କୁଆଁପାଳ ରାସ୍ତାର ରାଇସୁଙ୍ଗୁଡ଼ା ବଜାର ନିକଟ ରାସ୍ତା ଉପରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଖବରପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପ୍ରଥମ ପର୍ଯ୍ୟାୟରେ ୩ ଗାଡ଼ିରେ ଚାଷୀଙ୍କ ଧାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ବିବାଦର ସମାଧାନ ହୋଇଛି।

## ପଙ୍କୋଦ୍ଧାର ଏକାଦଶୀରେ ଶୈବପୀଠରେ ଭିଡ଼

କଟକ,୨୪।୨(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ସହରର ବିଭିନ୍ନ ଶୈବପୀଠରେ ସୋମବାର ପଙ୍କୋଦ୍ଧାର ଏକାଦଶୀ ପାଳିତ ହୋଇଯାଇଛି। ପାତାଳଫୁଟା ଶିବଲିଙ୍ଗ ଥିବା ଦେବାଳୟରେ ପଙ୍କୋଦ୍ଧାର ଭିନ୍ନ ଭାବେ କରାଯାଇଛି। ସାଧାରଣତଃ ପୂର୍ବରୁ ଅନ୍ୟ ବାରରେ ଏହି ଏକାଦଶୀ ପଡ଼ିଆସିଥିବାରୁ ଏହାର ନୀତିକାନ୍ତି ସକାଳୁ ଆରମ୍ଭ ହେଉଥିଲା। ତେବେ ଚଳିତଥର ଏହା ସୋମବାରରେ ପଡ଼ିଥିବାରୁ ଦେବାଳୟରେ ମଧ୍ୟାହ୍ନ ପରେ ଏହାର ନୀତିକାନ୍ତି ଆରମ୍ଭ କରାଯାଇଥିଲା। କଟକ ସହରସ୍ଥ ସବୁଠାରୁ ପୁରୁଣା ଶୈବପୀଠ ଗଡ଼ଗଡ଼େଶ୍ୱର ମହାଦେବ ଓ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରରେ ଦର୍ଶନାର୍ଥୀଙ୍କ ଜନସମାଗମ ଦେଖିବାକୁ ମିଳିଥିଲା। ସହରର ହାତଗଣତି ପାତାଳଫୁଟା ଶିବଲିଙ୍ଗ ମଧ୍ୟରୁ ବକ୍ସିବଜାର ଅମରେଶ୍ୱର ପୀଠ ଅନ୍ୟତମ। ସୋମବାର ପଙ୍କୋଦ୍ଧାର ଏକାଦଶୀ ଅବସରରେ ଏଠାରେ ପଙ୍କ କଢ଼ାଯିବା ପରେ ମାତ୍ର କିଛି ସମୟ ପାଇଁ ସମ୍ପୂର୍ଣ୍ଣ ଲିଙ୍ଗ ଦୃଶ୍ୟମାନ ହୋଇଥିଲେ। ବର୍ଷସାରା ଲିଙ୍ଗ ଏଠାରେ ପାଣିରେ ବୁଡ଼ି ରହିଥାନ୍ତି। ମନ୍ଦିରର ୩୫ରୁ ୪୦ ଜଣ ସେବାୟତ ଭୂଗୌହରରୁ ପଙ୍କ କାଢ଼ିଥିଲେ। ଅନ୍ୟପଟେ ଜାଗର ବା ମହାଶିବରାତ୍ରୀ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଜାଗରଯାତ୍ରା ନିମନ୍ତେ ବୁଧବାର ସକାଳ ୫ଟାରେ ପହଡ଼ ଖୋଲି ମଙ୍ଗଳଆରତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ ଏବଂ ଏହା ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହାପରେ ପୁନର୍ବାର ପହଡ଼ ହୋଇ ରାତି ୧୨ଟା ବେଳେ ଫିଟିବ ଓ ଠାକୁରଙ୍କ ମହାସ୍ନାନ ନୀତି ପରେ ଗଙ୍ଗାସ୍ନାନ, ବଡ଼ସିଂହାର ବେଶ ଓ ହରିହର ଭେଟ ହୋଇ ଭୋଗ ଲାଗି କରାଯିବ। ପରେ ଆଳତି କରାଯାଇ ଗୁରୁବାର ଭୋର ୫ଟାରେ ମହାଦୀପ ମନ୍ଦିର ଉପରକୁ ଉଠିବ ବୋଲି ସୂଚନା ମିଳିଛି।

## ‘ମଧୁବର୍ଣ୍ଣବୋଧର ଆବଶ୍ୟକତା କାଳକାଳକୁ ଥିବ’

କଟକ,୨୪।୨(କାର୍ତ୍ତିକ ସାହୁ)

ଶିକ୍ଷା ସମୃଦ୍ଧି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଭକ୍ତକବି ମଧୁସୂଦନ ରାଓଙ୍କ ଉପରେ ଏକ ଆଲୋଚନାଚକ୍ର ଲିଙ୍କରୋଡ୍‌ସ୍ଥିତ କାର୍ଯ୍ୟାଳୟରେ ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ରାଜକିଶୋର ବେହେରା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ଶିଶୁ ସାହିତ୍ୟକ ବିଜୟ କୁମାର ପଢ଼ିହାରୀ ଯୋଗଦେଇ କହିଥିଲେ, ଆମର ଜାତୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାକୁ ଶୁଦ୍ଧ କରି ଲେଖିବା ଓ ପାଠ ପଢ଼ିବା ପାଇଁ ମଧୁବର୍ଣ୍ଣବୋଧର ଆବଶ୍ୟକତା କାଳକାଳକୁ ରହିଥିବ। ଓଡ଼ିଆ ଭାଷାର ସଙ୍କଟ ସମୟରେ ଭକ୍ତକବି ମଧୁସୁଦନ ରାଓ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ପାଠ୍ୟ ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟରେ କାଳଜୟୀ ହୋଇ ରହିଛନ୍ତି। ସେହିପରି ମୁଖ୍ୟ ଅତିଥି ଭାବେ ଶ୍ରୀରାମ ଲୀଳାର ନାଟ୍ୟ ନିର୍ଦ୍ଦେଶକ ଉଦୟନାଥ ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ି ଆଦର୍ଶ ମଣିଷ ହେବା ପାଇଁ କହିଥିଲେ। ଶଙ୍କରପୁର ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ରାମଲୀଳା ସମିତିର ସଭାପତି ପଣ୍ଡିତ କ୍ଷୀରୋଦ କୁମାର ପାତ୍ର ଗୁରୁବନ୍ଦନା ଗାନ କରିଥିଲେ। ଅନୁଷ୍ଠାନର ଆବାହକ କ୍ଷୀରୋଦ୍ କୁମାର ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ବିଜନ କୁମାର ପାଇଟାଲଙ୍କ ରଚିତ ‘ରେ ଆତ୍ମନ୍ ନିଦ୍ରା ପରିହରି...’ ଗାନ କରିଥିଲେ। ପାୟଲ୍ ପ୍ରିୟଙ୍କା ନାୟକ, ଅନିଶା ନାୟକ, ରାନୀ ବେହେରା, ସଂଜନା ସାମଲ, ବେଦନ୍ୱିତା ପ୍ରିୟଦର୍ଶିନୀ, ସ୍ୱାଗତିକା ରଥ, ସ୍ୱପ୍ନାରାଣୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କଠାରୁ ପୁରସ୍କାର ଲାଭ କରିଥିବା ଶ୍ରେଷ୍ଠ ଶିଶୁ ସାହିତ୍ୟିକ ବିଜୟ କୁମାର ପଢ଼ିହାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀମାନେ ଭକ୍ତକବିଙ୍କ ରଚିତ ‘ତୁହିମା ଜନମ ଭୂମି’ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ସୁଶ୍ରୀ ସ୍ୱାଗତିକା ଛୋଟରାୟ ଓ ମଳୟ ରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଭାରତେନ୍ଦୁ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଚାମ୍ପିୟନ



ଡ୍ରିମ୍‌ସ ଅଧିକାରୀଙ୍କ ସହ ଖେଳାଳିମାନେ।

### ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟ

କଟକ,୨୪।୨(କାର୍ତ୍ତିକ ସାହୁ)

ଆନ୍ତଃବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ତୃତୀୟ ଥର ଲାଗି ଚାମ୍ପିୟନ୍ ହୋଇଛି। କଟକସ୍ଥିତ ଏବିଆଇଟି ପରିସରରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଆୟୋଜକ ଦଳ ଏବିଆଇଟିକୁ ୨-୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଓ ସେମିଫାଇନାଲ ପର୍ଯ୍ୟାୟରେ ଡ୍ରିମ୍‌ସ ଯଥାକ୍ରମେ ଢେଙ୍କାନାଳର ସିନର୍ଜି ଇଂଜିନିୟରିଂ କଲେଜ ଏବଂ ଭୁବନେଶ୍ୱରର ଗିଫ୍ଟ ଇଂଜିନିୟରିଂ କଲେଜକୁ ୨-୦ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଓଡ଼ିଶା ୟୁନିଭର୍ସିଟି ଅଫ ଟେକ୍‌ନୋଲୋଜି ଓ ରିସର୍ଚ୍ଚ (ଓୟୁଟିଆର) ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ହରାଇ ଡ୍ରିମ୍‌ସ ଚାମ୍ପିୟନ୍ ହେବାର ଗୌରବ ହାସଲ କରିଥିଲା। କ୍ରମାଗତ ତୃତୀୟ ଥର ପାଇଁ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ୍ ଟ୍ରଫି ହାସଲ କରିଥିବାରୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଧ୍ୟକ୍ଷ ଡ. ରଥ ବିଜୟୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସେମାନେ ଶିକ୍ଷାନୁଷ୍ଠାନର ସୁନାମ ବଢ଼ାଇବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ରକଲ୍ୟାଣ) ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ଡ. କୁମ୍ଭକର୍ଣ୍ଣ ରାଉତ, ଡା. ଦୁର୍ଗାପ୍ରସାଦ ମିଶ୍ର, ଡ. ଚନ୍ଦ୍ରଶେଖର ବାରିକ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ବିଜୟୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ମାର୍ଚ୍ଚ ୧ରେ ଦହିବରା-ଆଳୁଦମ୍ ଦିବସ

କଟକ,୨୪।୨(କାର୍ତ୍ତିକ ସାହୁ)

ଦହିବରା କେବଳ ଏକ ଖାଦ୍ୟ ନୁହେଁ, ଏହା ହେଉଛି ଏକ ଆବେଗ। ଅନ୍ୟାନ୍ୟ ସ୍ୱାଦିଷ୍ଟ ଖାଦ୍ୟ ଭଳି ଦହିବରାର ଆଦର ସଭିଙ୍କ ନିକଟରେ ରହିଛି। ପ୍ରତ୍ୟେକ ଓଡ଼ିଆ ବିଶେଷ କରି କଟକିଆଙ୍କ ଭାବାବେଗ ଦହିବରା-ଆଳୁଦମ୍ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହି ଭାବାବେଗକୁ ଆଉ ପାଦେ ଆଗକୁ ନେବାକୁ ଆଗେଇ ଆସିଛି କଟକ ଜିଲା ପ୍ରଶାସନ। ଦହିବରା-ଆଳୁଦମ୍ ପାଇଁ ଏକ ଦିବସ ସମର୍ପିତ କରିବାକୁ ନିଷ୍ପତ୍ତି ନେଇଛି। ଫଳସ୍ୱରୂପ ଜିଲା ପ୍ରଶାସନ ଆସନ୍ତା ମାର୍ଚ୍ଚ ୧ ତାରିଖରେ ଦହିବରା ଆଳୁଦମ ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଛି। ଉକ୍ତଦିନ ସିଲଭର ସିଟି ବୋଟ୍ କ୍ଲବଠାରେ ଦହିବରା-ଆଳୁଦମ ଦିବସ ପାଳନ କରାଯିବ। ଏଠାରେ ସେଲ୍‌ଫି ଜୋନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ। କଟକବାସୀଙ୍କୁ ଆକର୍ଷିତ କରିବା ପାଇଁ ନାନା ଭାବରେ ପ୍ରୟାସ କରାଯାଉଥିବା ଜିଲା ପ୍ରଶାସନ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୋମବାର ସୂଚନା ଦିଆଯାଇଛି।

## କମିଶନରେଟ୍ ପୋଲିସରେ ଅଦଳବଦଳ

କଟକ,୨୪।୨(କାର୍ତ୍ତିକ ସାହୁ)

ମଧୁପାଟଣା ଟ୍ରାଫିକ ଥାନାର ନୂତନ ଆଇଆଇସି ଭାବେ ଆକାଶ ରଣାଙ୍କୁ ନୂଆ ନିଯୁକ୍ତି ମିଳିଛି। ଭୁବନେଶ୍ୱର ଟ୍ରାଫିକ ଥାନା-୧ରେ ଥିବା ରଣାଙ୍କୁ କଟକ ଟ୍ରାଫିକ ଥାନା ଆଇଆଇସି ଭାବେ ବଦଳି କରାଯାଇଛି। ଏଥିସହ କଟକ ଟ୍ରାଫିକ ଥାନା ଆଇଆଇସି କିଶୋର ଚନ୍ଦ୍ର ପ୍ରଧାନଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏ ସଂକ୍ରାନ୍ତରେ କମିଶନରେଟ୍ ପୋଲିସ ପକ୍ଷରୁ ସୋମବାର ନିର୍ଦ୍ଦେଶନାମା ଜାରି କରାଯାଇଛି। କମିଶନରେଟ୍ ପୋଲିସରେ ଡିଏସ୍‌ପି ଓ ଇନ୍‌ସପେକ୍ଟରଙ୍କୁ ମିଶାଇ ୯ଜଣଙ୍କ ବଦଳି ନିର୍ଦ୍ଦେଶନାମା ଜାରି ହୋଇଛି। କଟକ କମିଶନରେଟରେ ୫ଜଣ ଅଧିକାରୀଙ୍କୁ ନୂତନ ନିଯୁକ୍ତି ମିଳିଛି। କଟକ ସାଇବର୍ ଥାନା ଡିଏସପି ଭାବେ ଭୁବନେଶ୍ୱର କମିଶନରେଟ ପୋଲିସ ମୁଖ୍ୟାଳୟର ସତ୍ୟଜିତ ଦାସଙ୍କୁ ନିଯୁକ୍ତି ମିଳିଛି। ସେହିଭଳି ସାଇବର୍ ଥାନାରେ ଅତିରିକ୍ତ ଇନ୍‌ସପେକ୍ଟର ଭାବେ କଟକ କମିଶନରେଟ୍‌ର ତେରୋସ୍କୋଭା ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି। ଭୁବନେଶ୍ୱର ପୋଲିସ କମିଶନରେଟ ମୁଖ୍ୟାଳୟରେ ଥିବା ଆର୍ତ୍ତତ୍ରାଣ ସେଠୀଙ୍କୁ କଟକ କମିଶନରେଟ୍ ପୋଲିସକୁ ଏବଂ କମିଶନରେଟ ପୋଲିସ ମୁଖ୍ୟାଳୟ ସହିତ ଭୁବନେଶ୍ୱର ଟ୍ରାଫିକ ଦାୟିତ୍ୱରେ ଥିବା ପ୍ରମୋଦ କୁମାର ପଟ୍ଟନାୟକଙ୍କୁ କଟକ କମିଶନରେଟକୁ ବଦଳି କରାଯାଇଛି।

## ବାଙ୍କୀ ସ୍ୱୟଂଶାସିତ କଲେଜର ମାନ୍ୟତା ହ୍ରାସ

### ପୂର୍ବରୁ ମିଳିଥିଲା ‘ବି+ +’ ଏବେ ‘ବି’ ଗ୍ରେଡ୍

ବାଙ୍କୀ,୨୪।୨
(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ଜାତୀୟ ମାନ ନିର୍ଦ୍ଧାରଣ କମିଟି(ନାକ୍) ପକ୍ଷରୁ ବାଙ୍କୀ ସ୍ୱୟଂଶାସିତ କଲେଜକୁ ‘ବି’ ଗ୍ରେଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଫଳରେ ବାଙ୍କୀ କଲେଜ ସ୍ୱୟଂଶାସିତ ମାନ୍ୟତା ଅପରିବର୍ତ୍ତିତ ରଖିବାକୁ ସଫଳ ହୋଇଛି। ମାତ୍ର ପୂର୍ବଥର ଅପେକ୍ଷା ମାନ କମିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫେବୃଆରୀ ୧୨ ଓ ୧୩ରେ ନାକ୍ ଟିମ୍‌ର ଏକ ୩ ଜଣିଆ ପ୍ରତିନିଧି ଦଳ ୨ ଦିନ ପାଇଁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନରେ ଆସିଥିଲା। ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ କେରଳର ପ୍ରଫେସର ଡ. ସି.ଟି. ଅରବିନ୍ଦ କୁମାରଙ୍କ ନେତୃତ୍ୱରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ରତ୍ନକୁମାରୀ ବଣ୍ଡିଲା ଓ ମୁମ୍ବାଇର ପ୍ରଫେସର ଡ. ସୋନାଲି ପେଡେନ୍‌କର ଏଥିରେ ସାମିଲ ଥିଲେ। ଏହି ସମୟରେ କଲେଜର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଆଲୁମ୍ନି ଆସୋସିଏସନ ସଦସ୍ୟଙ୍କ ସହ ମିଶି ବାଙ୍କୀ ଜନସାଧାରଣ ଏଥିରେ ସହଯୋଗର ହାତ ବଢ଼ାଇଥିଲେ। ଏହାସତ୍ତ୍ୱେ କଲେଜକୁ ପୂର୍ବଥର ଅପେକ୍ଷା କମ୍ ମାନ୍ୟତା ମିଳିବାରୁ ସାଧାରଣରେ ଆଲୋଡ଼ନ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ୨୦୧୮ରେ ନାକ୍ ଟିମ୍ ଶେଷଥର ପାଇଁ ପରିଦର୍ଶନରେ ଆସି ‘ବି + +’ ମାନ୍ୟତା ପ୍ରଦାନ କରିଥିଲା।

## ରଘୁନାଥଜୀଉ ୟୁନାଇଟେଡ୍ କ୍ଲବ ଚାମ୍ପିୟନ

### କେଶବ ବେହେରା ମେମୋରିଆଲ ଶେଖବଜାର ପ୍ରିମିୟର ଲିଗ୍

କଟକ,୨୪।୨ (କାର୍ତ୍ତିକ ସାହୁ)

କଟକ ରୋଡ୍ ଶେଖବଜାର ପୂଜା କମିଟି ଆନୁକୂଲ୍ୟରେ ରଘୁନାଥଜୀଉ ୟୁନାଇଟେଡ୍ କ୍ଲବ ପକ୍ଷରୁ କେଶବ ବେହେରା ମେମୋରିଆଲ ଶେଖବଜାର ପ୍ରିମିୟର ଲିଗ୍ ଉପର ବାଲିଯାତ୍ରା ପଡ଼ିଆରେ ୩ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଜିଜି ଏକାଦଶକୁ ହରାଇ ରଘୁନାଥଜୀଉ ୟୁନାଇଟେଡ୍ କ୍ଲବ ଚାମ୍ପିୟନ ହୋଇଛି।

ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗ ନେଇ ୧୦ ଓଭର ଲେଖାଏ ଖେଳିଥିଲେ। ରବିବାର ରାତିରେ ଫ୍ଲଡ୍‌ଲାଇଟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଜିଜି ଏକାଦଶ ଓ ରଘୁନାଥଜୀଉ ୟୁନାଇଟେଡ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଜି ଏକାଦଶ ପ୍ରଥମେ ଟସ୍ ଜିତି ୮ ଓଭରରେ ୫ଉଇକେଟ ହରାଇ ୮୫ ରନ୍ କରିଥିଲେ। ଜବାବରେ ରଘୁନାଥଜୀଉ ୟୁନାଇଟେଡ୍ କ୍ଲବ ୬.୨ ଓଭରରେ ୩ ଉଇକେଟ ହରାଇ ୮୬ ରନ୍ କରି ଶେଖବଜାର ପ୍ରିମିୟର ଲିଗ ଚାମ୍ପିୟନ ହୋଇଥିଲା। ଦୁଇଟି ସେମିଫାଇନାଲ ମ୍ୟାଚ୍‌ରେ ମାନସ ନାୟକ ଓ ପବିତ୍ର ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ସେହିପରି ଫାଇନାଲ ମ୍ୟାଚ୍‌ରେ ରାହୁଲ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ମେୟର ସୁବାସ ସିଂହ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଫୁଟବଲ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ, ଓଡ଼ିଶା କ୍ରିକେଟ୍ ସଂଘ ସଭାପତି ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କଟକଚଣ୍ଡୀ ରୋଡ୍ ଶେଖବଜାର ପୂଜା କମିଟି ସଭାପତି ଦିଲ୍ଲୀପ ବେହେରା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ କିଶୋର ବେହେରା ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ।

## ତାଳବସ୍ତକୁ ହରାଇ ବାଙ୍କୀ ଚାମ୍ପିୟନ



ଚାମ୍ପିୟନ ଦଳର ଖେଳାଳିଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

### ସୁଜିତ୍ ମେମୋରିଆଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଙ୍କୀ,୨୪।୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅଧୀନ ତାଳବସ୍ତ ପଞ୍ଚାୟତସ୍ଥିତ ହାଇସ୍କୁଲ ପଡ଼ିଆରେ ଷଷ୍ଠବାର୍ଷିକ ସୁଜିତ ମେମୋରିଆଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଞ୍ଚଳର ୮ଟି ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା। ସୋମବାର ଫାଇନାଲ ମ୍ୟାଚରେ ବିବିସି ତାଳବସ୍ତକୁ ହରାଇ ବାଙ୍କୀ ଚାମ୍ପିୟନ ହୋଇଛି। ଶ୍ରୀରାମ ନାଟ୍ୟସଂସଦ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ସଂଯୋଜନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସାମାଜିକ କର୍ମୀ ନଳିନୀ ରାୟ, ଅମର କୁମାର ଧଳ, ଜିଲା ପରିଷଦ ସଭ୍ୟ ଆଶିଷ ସାହୁ, ତାଳବସ୍ତ ସୋସାଇଟି ସଭାପତି ଅକ୍ଷୟ ବେହେରା, ନାଏବ ସରପଞ୍ଚ ଗଦାଧର ବସ୍ତି, ଶ୍ୟାମସୁନ୍ଦର ପରିଡ଼ା, ଶିକ୍ଷକ ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ବାଙ୍କୀକୁ ଚାମ୍ପିୟନ ଟ୍ରଫି ଓ ତାଳବସ୍ତକୁ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା।

## ସାଇରାମ ମର୍ନିଂ କ୍ଲବ ଚାମ୍ପିୟନ

### ପ୍ରକାଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

କଟକ ସଦର,୨୪।୨(ସୁଶାନ୍ତ କୁମାର ଜେନା)

ଦିଘିର ବାପୁଜୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ରବିବାର ଆୟୋଜିତ ଦିନିକିଆ ପ୍ରକାଶ ଦାସ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତାପନଗରୀ ଦଳକୁ ହରାଇ ୩-୧ ଗୋଲରେ କଟକର ସାଇରାମ ମର୍ନିଂ କ୍ଲବ ଚାମ୍ପିୟନ ହୋଇଛି। ଆୟଡପୁର ପଞ୍ଚାୟତ ସରପଞ୍ଚ ରାକେଶ ବେହେରା ଏଥିରେ ପୌରୋହିତ୍ୟ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରା ଓ ସମ୍ପାଦକ ଡ. ଦେବଦତ୍ତ ନନ୍ଦଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସରପଞ୍ଚମାନେ ଯୋଗଦେଇଥିଲେ। ବିଜୟୀ ସାଇରାମ ମର୍ନିଂକୁ ବିଧାୟକ ସେଠୀ ଟ୍ରଫି ସହ ୧୫ ହଜାର ଟଙ୍କା ଓ ରନର୍ସଅପ୍ ପ୍ରତାପନଗରୀକୁ ବ୍ଲକ ଅଧ୍ୟକ୍ଷା ରାଉତ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ କମିଟି ବରିଷ୍ଠ ସଦସ୍ୟ ପ୍ରଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

## ଗ୍ରାମ୍ୟରାସ୍ତା ସଂଯୋଗୀକରଣ, ପାନୀୟଜଳକୁ ଗୁରୁତ୍ୱ

### ଡମପଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

ବାଙ୍କୀ, ୨୪।୨(ଶୁଭେନ୍ଦୁ ମହାପାତ୍ର)



ଡମପଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନରେ ବ୍ଲକ ଅଧ୍ୟକ୍ଷ ପ୍ରଣବ ପଟେଲ ଏବଂ ଅନ୍ୟମାନେ।

ଡମପଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ସୋମବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରଣବ ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତି ଗାଁରେ ବିକାଶ କିପରି ହୋଇପାରିବ ସେନେଇ ଅଧିବେଶରେ ଚର୍ଚ୍ଚା ହୋଇଥିଲା। ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ଅସମାପ୍ତ ହୋଇପଡ଼ିଥିବା ପ୍ରକଳ୍ପକୁ ତୁରନ୍ତ ଶେଷ କରିବାକୁ ସ୍ଥିର କରାଯାଇଥିଲା। ଏଥିସହ ନୂତନ ଭାବେ ୧ ଲକ୍ଷରୁ ସର୍ବାଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚରେ କିପରି ପ୍ରକଳ୍ପ ଶେଷ ହୋଇପାରିବ ସେ ଉପରେ ବିଶେଷ ଦୃଷ୍ଟିଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ସରକାରୀଭାବେ ବ୍ଲକକୁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ଆସିଥିବା ୨ କୋଟି ୪୦ ଲକ୍ଷ ୯ ହଜାର ୮୪୮ ଟଙ୍କାର ଅନୁଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୧୧ ଜନଗଣନା ଅନୁପାତରେ ଏହାକୁ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅନୁଦାନ ଅର୍ଥରେ ଗ୍ରାମ୍ୟରାସ୍ତା ମରାମତି, ପୁଷ୍କରିଣୀର ପୁନରୁଦ୍ଧାର, ଧାର୍ମିକ ଅନୁଷ୍ଠାନଗୁଡ଼ିକର ପୁନଃନିର୍ମାଣ, ଗ୍ରାମ୍ୟରାସ୍ତା ସଂଯୋଗୀକରଣ, କଲ୍ୟାଣମଣ୍ଡପ ନିର୍ମାଣକୁ ପ୍ରାଧାନ୍ୟ ଦିଆଯିବ ବୋଲି ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷ ପଟେଲ ସୂଚନା ଦେଇଥିଲେ। ଏଥିରେ ବିଡିଓ ଅଂଶୁମାନ ଦାଶ, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମଉଗଜସିଂ, ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ, କେନ୍ଦ୍ରୀୟ ଜୋନ୍ ଜିଲା ପରିଷଦ ସଭ୍ୟା ମିନତି ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ଗୀତାଞ୍ଜଳି ବେଉରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକଙ୍କ ସମେତ ୧୭ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

**ଓଡ଼ିଆ ଭାଷା ବିକାଶ ପରିଷଦର ସାହିତ୍ୟ ଉତ୍ସବ**

ଅସ୍ତରଙ୍ଗ,(ମମତା ଜେନା)- କାକଟପୁର ନିକଟସ୍ଥ କନ୍ଦଳପୁର ଅଧିଷ୍ଠାତ୍ରୀ ମା' ନାରାୟଣୀଙ୍କ ପୀଠରେ ଓଡ଼ିଆ ଭାଷା ବିକାଶ ପରିଷଦର ପ୍ରାରମ୍ଭିକ ସାହିତ୍ୟ ଉତ୍ସବ ୨ଟି ଅଧିବେଶନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ସାଧୁଚରଣ ବିଶ୍ୱାଳଙ୍କ ଅଧକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲାରୁ ୫୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଉତ୍ସବକୁ ଆନୁଷ୍ଠାନିକ ଭାବେ ମଙ୍ଗଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ. ସଂଗ୍ରାମ ଛାଟୋଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, କବି ହୃଦାନନ୍ଦ ସାସମଲ ମଞ୍ଚ ସଂଯୋଜନା କରିଥିଲେ।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୪।୨।୨୦୨୫

| | |
|---|---|
| ୬,୭୯,୯୦୯ ଟଙ୍କା | |
| ସୁନା | ୩.୧୦୦ ଗ୍ରାମ୍ |
| ରୁପା | ୫୦.୧୦୦ ଗ୍ରାମ୍ |

**ସଂକ୍ଷେପରେ**

## ରାଶନ କାର୍ଡ, ଭତ୍ତା ଲାଗି ବିଡିଓଙ୍କୁ ଅଭିଯୋଗ

ଗୋପ,୨୪।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘଦିନ ଧରି ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ଶତାଧିକ ଲୋକଙ୍କୁ ଭତ୍ତା ଟଙ୍କା ନ ମିଳିବା ସହିତ ରାଶନ କାର୍ଡରୁ ବଞ୍ଚିତ ହେବାକୁ ବ୍ଲକ ପକ୍ଷରୁ ନୋଟିସ୍ ହେବା ନେଇ ଶତାଧିକ ବ୍ୟକ୍ତିବିଶେଷ ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଯୁବନେତା ମନଦୀପ ପାଇକରାୟଙ୍କ ନେତୃତ୍ୱରେ ଶତାଧିକ ଯୁବନେତୃତ୍ୱ ଏହି ଅଭିଯୋଗ ମାଧ୍ୟମରେ ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ଦୀପକ କୁମାର ଜେନାଙ୍କୁ ଜଣାଇଛନ୍ତି। ଅତିରିକ୍ତ ବିଡିଓ ଜେନା ବ୍ଲକ ଯୋଗାଣ ନିରୀକ୍ଷକ ରୁଚିକା ପଣ୍ଡାଙ୍କ ସହିତ ବ୍ଲକ୍ ସାମାଜିକ ଅଧିକାରୀଙ୍କୁ ଡାକି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକରେ ଦୀର୍ଘଦିନ ଧରି କେତେଜଣ ବ୍ୟକ୍ତି ଜାଲ୍ ଭିନ୍ନକ୍ଷମ ସାର୍ଟିଫିକେଟ୍ ଦେଇ ଭତ୍ତା ଟଙ୍କା ହାତଉଥିବା ଭଳି ଅଭିଯୋଗ ହୋଇ ଆସୁଥିଲା। ଏହାକୁ ନେଇ ସରକାରଙ୍କ ନିର୍ଦ୍ଦେଶରେ ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚ କରାଯିବା ସହିତ ଅନ୍‌ଲାଇନ ମାଧ୍ୟମରେ ପୁନଃ ଭତ୍ତା ଆବେଦନ କରିବାକୁ କୁହାଯାଇଥିଲା। ଗୋପ ବ୍ଲକ୍‌ରେ ଅଫ୍‌ଲାଇନ ମାଧ୍ୟମରେ ୮ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ଭତ୍ତା ବଣ୍ଟାଯାଉଥିବାରୁ ଏହାକୁ ବନ୍ଦ କରାଯାଇ ତଦନ୍ତ କରାଯାଉଛି। ସେହିପରି ରାଶନକାର୍ଡ ହିତାଧିକାରୀମାନେ କାର୍ଡ ମାଧ୍ୟମରେ ଚାଉଳ ନେଉଥିବା ବେଳେ ଯେଉଁମାନଙ୍କ ନାମରେ ଇନ୍‌କମ ଟ୍ୟାକ୍ସ ଫାଇଲ୍ ହୋଇଛି, ସେମାନଙ୍କୁ ବ୍ଲକ ପକ୍ଷରୁ ନୋଟିସ ଜାରି କରାଯାଇଛି। ୨ଗୋଟି ଯୋଜନାରେ ଗରିବ ଲୋକମାନେ ବଞ୍ଚିତ ହେବାରୁ ତାହାକୁ ତୁରନ୍ତ ଯାଞ୍ଚ ପ୍ରକ୍ରିୟା କରାଯିବାକୁ ଦାବିପତ୍ରରେ ଦର୍ଶାଯାଇଛି। ଏହି ଅଭିଯୋଗ ସମୟରେ ଗୋପ ବ୍ଲକ୍‌ର ଯୁବ ନେତୃତ୍ୱମାନେ ଉପସ୍ଥିତ ରହି ଆଲୋଚନା ପର୍ଯ୍ୟାଲୋଚନା କରିଥିବା ଜଣାପଡ଼ିଛି।

## ଖବରକାଗଜ ବିକ୍ରେତା ମୁରଲୀ ବେହେରାଙ୍କ ପରଲୋକ



ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ଖବରକାଗଜ ବିକ୍ରେତା ମୂରଲୀ ବେହେରା (୭୩)ଙ୍କ ଶନିବାର ବିଳମ୍ବିତ ରାତିରେ ଖଣ୍ଡିଆବନ୍ଧ ଗୋପୀନାଥପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଖବରକାଗଜ ବିକ୍ରେତାମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଦୁଇବର୍ଷ ତଳେ ସ୍ୱର୍ଗତ ବେହେରାଙ୍କ ହାର୍ଟ ଅପରେଶନ ହୋଇଥିଲା। ଅନେକ ଖବରକାଗଜ ବିକ୍ରେତା ଓ ସହକର୍ମୀମାନେ ସ୍ୱର୍ଗଦ୍ୱାର ଯାଇ ସ୍ୱର୍ଗତ ବେହେରାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘ ସମ୍ପାଦକ ଶାନ୍ତନୁ ସାହୁ, ସହକର୍ମୀ କପୁର ମହାନ୍ତି, ବେଣୁଧର ସାହୁ, ଦିଲୀପ ମହାନ୍ତି, ହରିହର ମହାନ୍ତି, ବନମାଳି ଦେଓ ଏବଂ ଭିକାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତ ବେହେରାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଦୁଇପୁଅ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ବେହେରା ଦୀର୍ଘ ୪୦ ବର୍ଷ ଧରି ଖବରକାଗଜ ବିକ୍ରେତା ଭାବେ ପୁରୀ ସହରରେ ଜଣାଶୁଣା ଥିଲେ।

# ଶ୍ରୀଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର ନୀତି

- ଗମ୍ଭୀରାରୁ କଢ଼ାହେଲା ବର୍ଷଯାକର ଅର୍ପିତ ନୈବେଦ୍ୟ
- ଠାକୁରଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)



ଶ୍ରୀଲୋକନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡି ।

ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ ସୋମବାର ପଙ୍କୋଦ୍ଧାର ଏକାଦଶୀ ପାଳିତ ହୋଇଯାଇଛି। ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିକୁ ପଙ୍କୋଦ୍ଧାର ଏକାଦଶୀ କୁହାଯାଏ। ଏଥିଲାଗି ମନ୍ଦିରକୁ ରଙ୍ଗିନ ଆଲୋକ ଓ ଫୁଲରେ ସଜାଯାଇଥିଲା। ପ୍ରଭୁ ଶ୍ରୀଲୋକନାଥ ଦେବଙ୍କ ଗମ୍ଭୀରାରେ ବର୍ଷତମାମ ରହିପଙ୍କପାଲଟିଥିବା ବେଲପତ୍ର, ଫୁଲ, ଫଳ, ନୈବେଦ୍ୟ ଇତ୍ୟାଦିକୁ ପରମ୍ପରା ଅନୁଯାୟୀ କଢ଼ାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ଭାବେ ପରିଚିତ ଶ୍ରୀଲୋକନାଥଙ୍କ ପୀଠରେ ଏହି ଦିନର ବିଶେଷ ମହତ୍ତ୍ୱ ରହିଛି। ପଙ୍କୋଦ୍ଧାର ଏକାଦଶୀରେ ଶ୍ରୀଲୋକନାଥଙ୍କ ସମ୍ପୂର୍ଣ୍ଣ ଲିଙ୍ଗକୁ ଭକ୍ତମାନେ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ତେଣୁ ଏଠାରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା।

ବିଳମ୍ବିତ ରାତି ୧୨ଟା ୩୦ରେ ଦ୍ୱାରଫିଟା ହୋଇ ସକାଳ ଧୂପ ଓ ଦ୍ୱିପ୍ରହର ଧୂପ ପରେ ୩ଟାରୁ ମନ୍ଦିର ଗମ୍ଭୀରାରୁ ବର୍ଷସାରା ରହିଥିବା ବେଲପତ୍ର, ପୁଷ୍ପ, ଫଳ, ସୁନା, ରୁପା ଓ ନୈବେଦ୍ୟକୁ କଢ଼ାଯାଇଥିଲା। ଏସବୁ ନୈବେଦ୍ୟ ଗମ୍ଭୀରାରେ ରହି ପଙ୍କରେ ପରିଣତ ହୋଇଯାଇଥିଲା। ପଙ୍କକଢାରେ ସେବାୟତ ଓ ଭକ୍ତ ସାମିଲ ହୋଇଥିଲେ। ଶ୍ରୀଲୋକନାଥଙ୍କୁ ମହାସ୍ନାନ କରାଯାଇ ସକାଳ ୭ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଟିକେଟଧାରୀମାନେ ମଧ୍ୟ ନୈବେଦ୍ୟ ଧରି ପ୍ରଭୁଙ୍କ ଦର୍ଶନ ପାଇଁ ଧାଡ଼ିରେ ଶୃଙ୍ଖଳିତ ଭାବେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଭକ୍ତମାନେ ବ୍ୟାରିକେଡ୍‌ରେ ଧାଡ଼ିରେ ଯାଇ ଠାକୁରଙ୍କ ଦର୍ଶନ କରିବା ସହ ନିର୍ଗତ ପଙ୍କକୁ ଦେହରେ ବୋଳିହୋଇ ସକଳ ରୋଗ ଦୂର ହେବାର ବିଶ୍ୱାସ ରଖିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ ଚାଲିଥିଲା।

କିମ୍ବଦନ୍ତୀ ଅନୁଯାୟୀ, ପ୍ରଭୁ ଶ୍ରୀରାମଚନ୍ଦ୍ର ପ୍ରଭୁ ଶ୍ରୀଲୋକନାଥଙ୍କୁ ପ୍ରତିଷ୍ଠା କରିଥିଲେ। ଲକ୍ଷେ ଶିବଲିଙ୍ଗ ପୂଜାକଲେ ଯେଉଁ ଫଳ ମିଳିଥାଏ, ଆଜିର ଦିନରେ ଶ୍ରୀଲୋକନାଥଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କଲେ ସମପରିମାଣର ପୁଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପଙ୍କୋଦ୍ଧାର ଏକାଦଶୀ ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିପରି ଜାଗର ଯାତ୍ରାରେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ଲାଗି ପୋଲିସ ଫୋର୍ସ ମୁତୟନ ସହ ପାର୍କିଂ, ବ୍ୟାରିକେଡ୍, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ୍, ବ୍ୟାରିକେଡ୍, ଅଗ୍ନିନିର୍ବାପକ, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନାକେନ୍ଦ୍ର ଖୋଲାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନେଇ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ପଙ୍କୋଦ୍ଧାର ଏକାଦଶୀରେ ଲୋକନାଥଙ୍କ ପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଛି। ପୋଲିସ ପ୍ରଶାସନ ପକ୍ଷରୁ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୫ ଇନ୍ସପେକ୍ଟରଙ୍କ ସମେତ ୬ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ଓ ଗହଳି ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଇଛି। ମନ୍ଦିର ବାହାରେ ଓ ଭିତରେ ବ୍ୟାରିକେଡ୍ କରାଯାଇଛି। ସେହିପରି ମହାଶିବରାତ୍ରି ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୬୬ ଜଣ ଏଏସ୍‌ଆଇ ଏବଂ ଏସ୍‌ଆଇଙ୍କ ସହ ୧୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ଟ୍ରାଫିକ କଟକଣା ରହିବ। ଶ୍ରୀଲୋକନାଥ ମନ୍ଦିରକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ପଥରେ ଚେକିଂ କରାଯିବ। ଗାଣ୍ଡୁଆ ଚଉରା ଛକ, ମଙ୍ଗଳାଘାଟ ଓ ବଳିଆପଣ୍ଡା ଛକଠାରୁ ଗାଡ଼ି ଚଳାଚଳ ବନ୍ଦ ରହିବ ବୋଲି ଏସ୍‌ପି କହିଛନ୍ତି। ଲୋକନାଥ ମନ୍ଦିର ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟର ପ୍ରାୟ ୫ ଘଣ୍ଟା ପୂର୍ବରୁ ନୀତି କରାଯାଇଛି। ଫଳରେ ଭକ୍ତମାନେ ଅଧିକ ସମୟ ଠାକୁରଙ୍କ ଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଚଳିତ ବର୍ଷ ସୋମବାରରେ ଏକାଦଶୀ ପଡ଼ିଥିବାରୁ ଏହାକୁ ଶମ୍ଭୁ ଏକାଦଶୀ କୁହାଯାଏ। ତେଣୁ ଏଥର ଭକ୍ତଙ୍କ ସମାଗମ ଅଧିକ ହୋଇଥିବା ପଣ୍ଡା ପ୍ରକାଶ କରିଛନ୍ତି।



କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ମହାପ୍ରଭୁଙ୍କ ଦର୍ଶନ କରି ଫେରୁଛନ୍ତି ।

## ୨୮ରୁ ମାର୍ଚ୍ଚ ୩ ଯାଏ 'ସୁଭଦ୍ରା ଶକ୍ତିମେଳା'

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ପୁରୀ ସର୍କିଟ୍ ହାଉସ୍‌ରେ ସୋମବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ସୁଭଦ୍ରା ଶକ୍ତିମେଳାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ବିବରଣୀ ପାଠ କରିଥିଲେ। ଏହି ସୁଭଦ୍ରା ଶକ୍ତିମେଳା ଚଳିତ ମାସ ୨୮ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ତାଳବଣିଆସ୍ଥିତ ଜିଲା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମହିଳା ଓ ଶିଶୁବିକାଶ, ମିଶନଶକ୍ତି ବିଭାଗ ତରଫରୁ ଉକ୍ତମେଳା ଆୟୋଜନ କରାଯାଉଛି। ମେଳାରେ ପ୍ରାୟ ୧୫୦ ଷ୍ଟଲ୍ ଖୋଲାଯିବ ତଥା ବିଭିନ୍ନ ଜିଲାରୁ ମିଶନଶକ୍ତି ମା'ମାନେ ଆସି ଯୋଗଦେବେ। ୨୮ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଶକ୍ତିମେଳାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ହସ୍ତଶିଳ୍ପ, କଳାକୃତି, ମିଲେଟ୍ ଓ ଅର୍ଗାନିକ୍ ଉତ୍ପାଦନମାନ ପ୍ରଦର୍ଶନ ହେବ। ଓଡ଼ିଆ ଐତିହ୍ୟ, ସଂସ୍କୃତି, କଳା କାରିଗରୀ, କୌଶଳ, ପଟ୍ଟଚିତ୍ର, କଳାକାରୁକାର୍ଯ୍ୟ ଚାନ୍ଦୁଆ ପ୍ରସ୍ତୁତି ଇତ୍ୟାଦିର ଲାଇଭ୍ ଡେମୋ ଷ୍ଟଲ ରହିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲା ପରିବେଷଣ କରାଯିବ। ମେଳାରେ ବିଭିନ୍ନ ବିଭାଗ ସାମିଲ ହେବେ। ବୈଠକରେ ଶ୍ରମ ଓ ନିୟୋଜନ ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ବେହେରା, ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶନୀ, ଅତିରିକ୍ତ କୃଷି ଅଧିକାରୀ ସ୍ୱାଗତିକା ପଟ୍ଟନାୟକ, ଡିପିଏମ୍ ଅଜୟ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଯୋଗଦାନ କରିଥିଲେ।

## 'ଆଚାର୍ଯ୍ୟ ହରିହରଙ୍କ ଜୀବନ ଦର୍ଶନ ମାନବ ଜାତି ପାଇଁ ପ୍ରେରଣା'



ସମାରୋହରେ କୃତୀ ପ୍ରତିଯୋଗୀଙ୍କ ସହ ମଞ୍ଚାସୀନ ଅତିଥି ।

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସେବା, ସମର୍ପଣ ଓ ତ୍ୟାଗର ଶିକ୍ଷା ଦିଏ। ତାଙ୍କ 'ଭଲ ମଣିଷ ହୁଅ'ର ଆହ୍ୱାନ ପ୍ରତ୍ୟେକ ମଣିଷ ଚରିତ୍ରକୁ ସବୁଦିନ ସଂସ୍କାରିତ କରିଚାଲିଥିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ସୋମବାର ପୁରୀ ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ, ପୁରୀ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ୧୪୬ତମ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେହେରା ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତି ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ କହିଥିଲେ, ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟବୋଧର ପ୍ରତୀକ ଥିଲା। ଶିକ୍ଷାବିତ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ସମାରୋହରେ ପୁରୀ ପୌରପାଳିକାର ଏନଫୋର୍ସମେଣ୍ଟ ଅଫିସର ଲିପ୍ସା ରାୟ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ସମ୍ପାଦକ ଶିବପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ସର୍ବୋଦୟ ପ୍ରାର୍ଥନା ପରିବେଷଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ରାଜ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ଛାତ୍ରବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପୂର୍ବାହ୍ନରେ ହରିହର ଛକସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଅତିଥି, ସମାଜସେବୀ ଓ ବରିଷ୍ଠ ନାଗରିକଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା।

## ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ
## ବିକାଶର ନୂଆ ଶିଖରରେ ପହଞ୍ଚିବ ଗାଁ

ଅସ୍ତରଙ୍ଗ,୨୪।୨(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ରାଜ୍ୟ ସରକାରଙ୍କ ଗ୍ରାମାଭିମୁଖୀ ଯୋଜନା 'ବିକଶିତ ଗାଁ ବିକଶିତ ଓଡ଼ିଶା' ମାଧ୍ୟମରେ ସୁଦୃଢ଼ ହେବ ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ। ଏନେଇ ଅସ୍ତରଙ୍ଗ ବ୍ଲକ ପରିସରରେ ସୋମବାର ଏକ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ବ୍ଲକ୍ ଅଧକ୍ଷା ଆରତୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ୧ନଂ ଜୋନ ଜିଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ୨ନଂ. ଜୋନ୍ ଜିଲାପରିଷଦ ସଭ୍ୟା ବନିତା ବେହେରା, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠୀ, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ଭୋଳ, ସରପଞ୍ଚ ବୃନ୍ଦାବନ ନାୟକ, ମଞ୍ଜୁଲତା ଖୁଣ୍ଟିଆ ଓ ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ତଥା ଗ୍ରାମାଞ୍ଚଳରେ କ୍ରୀଡ଼ା, ପାନୀୟ ଜଳ, ଉତ୍ତମ ସ୍ୱାସ୍ଥ୍ୟ ଓ ସମସ୍ତ ପଞ୍ଚାୟତକୁ ସୁଦୃଢ଼ କରିବା ଲକ୍ଷ୍ୟକୁ ଗୁରୁତ୍ୱ ଦିଆଯିବା ସହ ପଞ୍ଚାୟତର ଜନସଂଖ୍ୟାକୁ ନେଇ ଅନୁଦାନ ରାଶି ସ୍ଥିର କରାଯିବ। ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ଗ୍ରାମସଭା ହୋଇ ଆସିଥିବା ପ୍ରକଳ୍ପଗୁଡ଼ିକୁ ଟେକ୍ନିକାଲ କମିଟି ଯାଞ୍ଚ କରିବା ପରେ ଜିଲାପାଳଙ୍କ ପାଖକୁ ପଠାଯିବ। ଜିଲାପାଳ ପ୍ରକଳ୍ପର ଅନୁମୋଦନ ଦେବା ପରେ କାମ ଆଗେଇବ।

## ୨ ମନ୍ଦିର ବେଢ଼ା ସଫେଇ କଲା 'ନୟାସବେରା'

ନିମାପଡ଼ା,୨୪।୨(ବିଚିତ୍ରାନନ୍ଦ ସାହୁ)

ପବିତ୍ର ମହାଶିବରାତ୍ରି ଅବସରରେ ନିମାପଡ଼ାର ସ୍ୱେଚ୍ଛାସେବୀ ସଂଗଠନ ନୟାସବେରା ୟୁଥ୍ ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟମାନେ ନିମାପଡ଼ା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ କୁଆଁସ ଗ୍ରାମର ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଓ ଗଡ଼ଅଣ୍ଡିଆ ଗ୍ରାମର ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ବେଢ଼ା ଓ ଚତୁଃପାର୍ଶ୍ୱ ସୋମବାର ସଫେଇ କରିଛନ୍ତି। ଏହି ଅବସରରେ ଟ୍ରଷ୍ଟର ସମସ୍ତ ସଦସ୍ୟ କୁଆଁଶ ଓ ଗଡ଼ଅଣ୍ଡିଆ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା– ଚାରାରୋପଣ, ସବୁଜିମା ସୃଷ୍ଟି ସମ୍ପର୍କରେ ସଚେତନ ବାର୍ତ୍ତା ବାଣ୍ଟିଥିଲେ। ମାନବ ସେବା ହିଁ ମାଧବ ସେବା, ସେବା ହିଁ ଆମର ମୂଳମନ୍ତ୍ର, ପରିବେଶର ସୁରକ୍ଷା ହେଲେ ମାନବ ସମାଜ ସହ ଜୀବଜଗତ ବଞ୍ଚିରହିବ ବୋଲି ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଜା ମତପ୍ରକାଶ କରିଛନ୍ତି। ଟ୍ରଷ୍ଟ ଉପଦେଷ୍ଟା ଜୀବନଜ୍ୟୋତି ଶତପଥୀ, ଶିକ୍ଷକ ପ୍ରତାପ ସାବୁତ, ସମ୍ପାଦକ ନିର୍ମଳ ପରିଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଟ୍ରଷ୍ଟର ଏଭଳି ମହତ୍ କାର୍ଯ୍ୟକୁ ୨ ଗ୍ରାମବାସୀଙ୍କ ପକ୍ଷରୁ ଓ ବିଭିନ୍ନ ମହଲରୁ ବେଶ୍ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ବହୁ ସଦସ୍ୟ ସାମିଲ ହୋଇଥିଲେ।

## ଦିଆସିଲି କାଠିରେ କେଦାରନାଥ ମନ୍ଦିର

ପୁରୀ,୨୪।୨ (ଅଜିତ୍ କୁମାର ମହାନ୍ତି)



ମହାଶିବରାତ୍ରି ଅବସରରେ ପୁରୀ କୁମ୍ଭାରପଡ଼ାର ଶାଶ୍ୱତ ରଞ୍ଜନ ସାହୁ ୬୦୨ଟି ଦିଆସିଲି କାଠି ବ୍ୟବହାର କରି କେଦାରନାଥ ମନ୍ଦିରର ଏକ କ୍ଷୁଦ୍ର ମଡେଲ ପ୍ରସ୍ତୁତ କରିଛନ୍ତି। ମଡେଲର ଉଚ୍ଚତା ୧୨ ସେମି ଓ ଲମ୍ବ ୯ ସେମି। ଏହାକୁ ପ୍ରସ୍ତୁତ କରିବା ପାଇଁ ଶାଶ୍ୱତଙ୍କୁ ପ୍ରାୟ ୪ ଦିନ ଲାଗିଛି।

## ବିଭିନ୍ନ ଫାର୍ମରେ କୁକୁଡ଼ା ମଡ଼କ

ଗୋପ,୨୪।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ୍‌ରେ ଥିବା ବିଭିନ୍ନ ଫାର୍ମରେ ଶତାଧିକ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ନାଗପୁର ପଞ୍ଚାୟତର ନେତପୁର ନିକଟସ୍ଥ ପାଇକପଡ଼ା କୁଶଭଦ୍ରା ନଦୀବନ୍ଧ କଡ଼ରେ ଶହଶହ ମଲା କୁକୁଡ଼ା ପଡ଼ିବା ଓ ପରେ ଜିଲା ପ୍ରାଣୀଧନ କାର୍ଯ୍ୟାଳୟ ପକ୍ଷରୁ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଯିବାର ଗୋଟିଏ ଦିନ ପରେ ପୁଣି କୁକୁଡ଼ା ମଡକ ସମସ୍ତଙ୍କୁ ଚକିତ କରିଛି। ଏହି କୁକୁଡ଼ା ମଡ଼କ ଉପରେ ଜିଲା ପ୍ରାଣୀଧନ ଅତିରିକ୍ତ ଚିକିତ୍ସାଧିକାରୀ ଡ. ସତ୍ୟବ୍ରତ ସାହୁ, ଗୋପ ପ୍ରାଣୀଧନ ଅଧିକାରୀ ରଞ୍ଜନ କୁମାର ସାହୁଙ୍କ ସମେତ ଏକ ୩ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଥିବା ଫାର୍ମରେ କାହିଁକି କୁକୁଡ଼ା ମରୁଛନ୍ତି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେତେଜଣ ଫାର୍ମ ମାଲିକ ଏହି କୁକୁଡ଼ା ମଡ଼କକୁ ଲୁଚାଇଥିବା ବେଳେ ଗୋପ ପ୍ରାଣୀଧନ ଅଧିକାରୀ ରଞ୍ଜନ କୁମାର ସାହୁ ବାରମ୍ବାର କୁକୁଡ଼ା ମୃତ୍ୟୁକୁ ନେଇ ସଚେତନତା କରୁଥିବା ବେଳେ ଏହାକୁ କେହି ଶୁଣୁ ନ ଥିବା କହିଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ପ୍ରାଣୀଧନ ଅଧିକାରୀ ରଞ୍ଜନ କୁମାର ସାହୁ କହିଛନ୍ତି, କୁକୁଡ଼ା ମଡ଼କ ଉପରେ ଖବର ରହିଛି। ଏହି କୁକୁଡ଼ା ମଡ଼କ ଉପରେ ସଚେତନତା କାର୍ଯ୍ୟକ୍ରମ କରୁଛି ବୋଲି ସେ କହିଛନ୍ତି।

## ୧,୬୧,୦୨୩ ଚାଷୀଙ୍କ ଖାତାକୁ ଗଲା କିଷାନ ଟଙ୍କା

ସାକ୍ଷୀଗୋପାଳ,୨୪।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧିର ୧୯ତମ କିସ୍ତି ସହାୟତା ପ୍ରଦାନ କାର୍ଯ୍ୟକ୍ରମ ରବିବାର ବିହାରର ଭାଗଲପୁରରୁ ଆଭାସି ମାଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ୩୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କେବିକେ ମୁଖ୍ୟ ବୈଜ୍ଞାନିକ ଡ. ସୂର୍ଯ୍ୟ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ପୁରୀ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ। ପୁରୀ ଜିଲାରେ ମୋଟ ୧ ଲକ୍ଷ ୬୧ ହଜାର ୨୩ ଚାଷୀଙ୍କ ଖାତାକୁ ୨ ହଜାର ଟଙ୍କା ହିସାବରେ ମୋଟ ୩୨ କୋଟି ୨୦ ଲକ୍ଷ ୪୬ ହଜାର ଟଙ୍କା ଦିଆଯାଇଛି। ପୁରୀ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ସାକ୍ଷୀଗୋପାଳର କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ଏଡିଭିଓ ଡ. ରାଜେଶ କୁମାର ପାଣିଗ୍ରାହୀ, ମୃତ୍ତିକା ସଂରକ୍ଷଣର ଆସିଷ୍ଟାଣ୍ଟ ଡାଇରେକ୍ଟର ସ୍ୱୟଂପ୍ରଭା ଦାସ, ସହକାରୀ ମତ୍ସ୍ୟ ଅଧିକାରୀ ଶିବାଙ୍ଗି ପଟ୍ଟନାୟକ ଯୋଗଦେଇଥିଲେ।

## ଜାଗର ପାଇଁ ସଜେଇ ହେଉଛି ଶୈବପୀଠ

ଅସ୍ତରଙ୍ଗ,୨୪।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ରାତି ପାହିଲେ ମହାଶିବରାତ୍ରି ଅଥବା ଜାଗର। ଏହି ଅବସରରେ ଅସ୍ତରଙ୍ଗ ଅଞ୍ଚଳର ସର୍ବପୁରାତନ ଶୈବପୀଠ ସହ ବିଭିନ୍ନ ଶୈବପୀଠରେ ଜାଗର ପାଇଁ ଚଳଚଞ୍ଚଳ ହୋଇଉଠିଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସଜେଇ ହେଉଛି ମନ୍ଦିର। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତିବର୍ଷ ପରି ଶିବ ମନ୍ଦିର ପରିସରକୁ ସଫାସୁତୁରା କରିବା ସହିତ ରଙ୍ଗ ମାରିବା, ସୁନ୍ଦର ସାଜସଜ୍ଜା ପାଇଁ ଜୋର୍‌ଦାର ପ୍ରୟାସ ଚାଲିଥିବା ଦେଖିବାକୁ ମିଳିଛି।

ଅସ୍ତରଙ୍ଗ ବ୍ଲକର ବାବା ପଶ୍ଚିମେଶ୍ୱର, ଐଶାନେଶ୍ୱର, ସିଦ୍ଧେଶ୍ୱର, ଗ୍ରାମେଶ୍ୱର, ଧବଳେଶ୍ୱର, ବେଲେଶ୍ୱର ସମେତ ବିଭିନ୍ନ ଶୈବପୀଠରେ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମନ୍ଦିର ପରିଚାଳନା କମିଟି, ସେବାୟତ ସମ୍ମିଳିତ ଭାବେ ସ୍ୱତନ୍ତ୍ର ଦେବନୀତି ସମୟ ନିର୍ଘଣ୍ଟ କରାଯାଇଛି। ଜାଗର ଅମାବାସ୍ୟା ବୁଧବାର ପ୍ରାତଃ ୩ଘଟିକାରୁ ମହାଦେବଙ୍କ ଦ୍ୱାରଫିଟା, ପହୁଡ଼ ଭାଜି, ଅବକାଶ, ମଇଲମ, ଉପଚାର ପୂଜା, ନବବସ୍ତ୍ର ପରିଧାନ, ବାଲ ଭୋଗ, ସାହାଣ ମେଲା ହୋଇ ସର୍ବସାଧାରଣଙ୍କ ଦର୍ଶନ ହେବ। ଦିବା ୧୧ଘଟିକାରେ ନୀତିଭୋଗ ଓ ଖେଚୁଡ଼ି ଲାଗି ହେବ। ସନ୍ଧ୍ୟାରେ ସନ୍ଧ୍ୟା ଆଳତି, ପ୍ରସିଦ୍ଧ ଚୁଡ଼ାଘଷା ଭୋଗ ଲାଗି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଲାଗି ରହିବ। ରାତି ୯ଟା ୧୦ମିନିଟ୍ ସମୟରେ ବେଢ଼ାଧୂପ, ଖିରି ଧୂପ ପରେ ଅଭିଷେକ କରାଯିବ। ରୁଦ୍ରାଭିଷେକ, ମହାଦୀପ ପୂଜନ, ବେଢ଼ା ପରିକ୍ରମା କରାଯାଇ ବିଳମ୍ବିତ ରାତିରେ ମହାଦୀପ ଉଠିବ ବୋଲି ବିଭିନ୍ନ ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଯାନବାହନ ରଖିବାଠାରୁ ଆରମ୍ଭ କରି ଶୃଙ୍ଖଳିତ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇଛି। ଦୀପ ଜାଳିବା ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୂପଣ ହୋଇଥିବା ବେଳେ ମନ୍ଦିର ନିକଟରେ ଶ୍ରଦ୍ଧାଳୁ ଓ ଦୀପ ଉଜାଗରୀମାନଙ୍କ ପାଇଁ ଭଜନ ଓ ବାଦୀ ପାଲା ପରିବେଷଣ ବ୍ୟବସ୍ଥା ହୋଇଛି।

## ବାଇପାସ୍ ରାସ୍ତାରେ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରସ୍ତାବ

ସାକ୍ଷୀଗୋପାଳ,୨୪।୨(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)



ବୈଠକରେ ବିଧାୟକ ଓମ୍ ପ୍ରକାଶ ମିଶ୍ର ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ସାକ୍ଷୀଗୋପାଳ ବଜାର ମଧ୍ୟରେ ଥିବା ରେଳଫାଟକ ନିକଟରେ ପ୍ରସ୍ତାବିତ ରେଳ ଓଭରବ୍ରିଜ୍ ନିର୍ମାଣରେ କ୍ଷତିଗ୍ରସ୍ତ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିନେଇ ସାକ୍ଷୀଗୋପାଳ ବଜାରସ୍ଥିତ ରାଇସ୍ ମିଲ୍ ପରିସରରେ ରବିବାର ବିଧାୟକ ମିଶ୍ର ଓ ବଜାର ବ୍ୟବସାୟୀ ସଂଘ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ମିଶ୍ର ସଂଘର ଦାବିଗୁଡ଼ିକୁ ବିଚାରକୁ ନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କହିଥିଲେ। ଦାବି ଅନୁଯାୟୀ, ପ୍ରସ୍ତାବିତ ଓଭରବ୍ରିଜ୍‌ର ଲମ୍ବା ୭୫୦ ମିଟର ଏବଂ ଓସାର ୮୬ ଫୁଟ ଜାଗା ମାପ କରି ଚିହ୍ନିତ ହୋଇଛି, ଯାହାକି ସମୁଦାୟ ବଜାରର ୩୦ରୁ ୪୦ ପ୍ରତିଶତ ଅଞ୍ଚଳ ପ୍ରଭାବିତ ହେବ ବୋଲି ଜଣାପଡ଼ିଛି। ତେବେ ଭଡ଼ା ଦେଇଥିବା ମାଲିକ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ସେମାନେ ତାଙ୍କର ପ୍ରାପ୍ୟ ପାଇବେ। ଅନ୍ୟପଟେ ଭଡ଼ା ଦେଇଥିବା ମାଲିକ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ସେମାନେ ତାଙ୍କର ପ୍ରାପ୍ୟ ପାଇବେ। କିନ୍ତୁ ଭଡ଼ାସୂତ୍ରରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଓଭରବ୍ରିଜ୍ ନିର୍ମାଣରେ କ୍ଷତିପୂରଣ ରାଶି ମିଳିବ କି ନାହିଁ, ତାହା ସନ୍ଦେହ ସୃଷ୍ଟି କରିଛି। ଫଳରେ ସେମାନେ ସମ୍ପୂର୍ଣ୍ଣ ବ୍ୟବସାୟ ହରାଇବା ଆଶଙ୍କାରେ।

ଏଥିପାଇଁ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ୩ଟି ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ବଜାରର ଉଭୟପାର୍ଶ୍ୱ ସମ୍ପ୍ରସାରଣ ସହ ଆଲୋକୀକରଣ କରାଯାଇ

**ବିଧାୟକଙ୍କୁ ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ କ୍ଷତିଗ୍ରସ୍ତଙ୍କ ଦାବିପତ୍ର**

ରେଳଲାଇନଠାରେ ଅଣ୍ଡରପାସ୍ ରୋଡ୍‌ର ବ୍ୟବସ୍ଥା, ସାକ୍ଷୀଗୋପାଳ କଲେଜ ଛକଠାରୁ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ବାଇପାସ୍ ରାସ୍ତାରେ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ବ୍ୟବସ୍ଥା, ପ୍ରସ୍ତାବିତ ଓଭରବ୍ରିଜ୍ ଓସାର ୮୬ ଫୁଟ ପରିବର୍ତ୍ତେ ୫୦ରୁ ୫୫ ଫୁଟ ମଧ୍ୟରେ କରାଯିବାକୁ ସଂଘ ଅନୁରୋଧ କରିଛି।

ଅନ୍ୟପଟେ ବିସ୍ଥାପିତ ହେବାକୁଥିବା ଦୋକାନୀଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ଏବଂ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଉପକରଣ ପ୍ରଭୃତିର କ୍ଷତିପୂରଣ ଦେବାକୁ ଅନୁରୋଧ କରାଯାଇଛି। ସାକ୍ଷୀଗୋପାଳ ବଜାର କମିଟି ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଉପସଭାପତି ଶଙ୍କର୍ଷଣ ପ୍ରଧାନ, ସହସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ରଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ।

# ଜିଲା ମହୋତ୍ସବ, ପଲ୍ଲିଶ୍ରୀ-ପୁସ୍ତକ ମେଳା ଉଦ୍‌ଯାପିତ

■ କଣ୍ଢେଇ ନାଚ, ଷ୍ଟାର ନାଇଟ ଆକର୍ଷଣ
■ ୧କୋଟି ଟପିଲା ବେପାର

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ(ଓରମାସ) ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡ଼ିଆରେ ଚାଲିଥିବା ଜିଲା ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ହସ୍ତତନ୍ତ ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୋଇଥିବା ଜଣାପଡ଼ିଛି।

ଏହି ମେଳାରେ ୧୨ଟି ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଜିଲାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଓ ବିଭିନ୍ନ ଉପକରଣ ଷ୍ଟଲ୍ ଖୋଲିଥିଲା। ପିପିଲି ଚାନ୍ଦୁଆ, ଟେରାକୋଟା ସାମଗ୍ରୀ, ଝୁଣ୍ଟିଆ, ମସଲା, ବିଭିନ୍ନ ପ୍ରକାର ଆଚାର, ବଡ଼ି, ପାମ୍ପଡ଼, କାନ୍ଦୁଲ ଡାଲି, ଦେଶୀ ମୁଗ ଡାଲି, ପଥର ଖୋଦିତ ମୂର୍ତ୍ତି, ହସ୍ତତନ୍ତ ପୋଷାକ, ରେଶମ ପାଟ ଏବଂ ସୂତା ଶାଢ଼ି, ହାତ ତିଆରି ସାମଗ୍ରୀ, ଜୈବିକ ପରିବା, ମାଟି ତିଆରି ଉପକରଣ, ବାଉଁଶ ତିଆରି ଘରୋଇ ସାଜସଜ୍ଜା, କାଷ୍ଠ, ପଥର, ପିତଳ ମୂର୍ତ୍ତି, ବନାରସୀ ଶାଢ଼ୀ, ପାରମ୍ପରିକ ହସ୍ତତନ୍ତ, ପଶମ ପୋଷାକ, ଚିନାମାଟି ଉପକରଣ, ସୂତା ତିଆରି ପୋଷାକ, ବାନ୍ଧନୀ, ସିଲ୍କ ଶାଢୀ ଭିଳି ପାଇଁ ଗ୍ରାହକଙ୍କ ଭିଡ଼ ରହିଥିଲା। ସେହିପରି ପୁସ୍ତକ ଷ୍ଟଲରେ ବିଭିନ୍ନ ସ୍କୁଲ, କଲେଜ, ଇଞ୍ଜିନିୟରିଂ ଛାତ୍ରୀଛାତ୍ର, ଗବେଷକ, ସାହିତ୍ୟିକ, ଶିକ୍ଷାବିତ୍‌ଙ୍କ ଗହଳି ରହିଥିବା ଦେଖିବାକୁ ମିଳିଥିଲା। ରାଜସ୍ଥାନୀ ଥାଳି, ମଥୁରା କେକ୍, ମାଣ୍ଡିଆ ଚପ, ବରା, ଚହ୍ଲା ଓ ଚାହା ଗ୍ରାହକଙ୍କ ବେଶ ପସନ୍ଦ ରହିଥିଲା।

ଅନ୍ତିମ ସନ୍ଧ୍ୟାର ପ୍ରାରମ୍ଭରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ପରବେଷଣ କରିଥିଲେ। ମୋନାଲିସା ଇଂରାଜୀ ମାଧ୍ୟମ ସ୍କୁଲ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବା ବେଳେ ଜଗଣୀ ନୃତ୍ୟାନୁଷ୍ଠାନ ନୀଳଶୈଳ ଓଡ଼ିଶୀ, ସମ୍ବଲପୁରୀ ରସରକେଳି ନୃତ୍ୟ ପରିବେଷଣ କରିଥିଲେ। ଖୋର୍ଦ୍ଧା ଗୋରୀ ସାଂସ୍କୃତିକ ପ୍ରତିଷ୍ଠାନର କଳାକାରମାନେ ଓଡ଼ିଶୀ, ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିବା ବେଳେ ଗଞ୍ଜାମ ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର କଳାକାରମାନେ ପଶୁମୁଖା, କଣ୍ଢେଇନାଚ ପରିବେଷଣ କରିଥିଲେ। ସେହିପରି ବଳାଙ୍ଗୀର ସଙ୍ଗୀତ ସାଧନା ପଶ୍ଚିମ ଓଡ଼ିଶାର ପାରମ୍ପରିକ ନୃତ୍ୟ ଡାଲଖାଇ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଶେଷରେ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଷ୍ଟାର ନାଇଟ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଜିଲାପାଳ ଚଞ୍ଚଳ ରାଣା ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବିଡିଓ କ୍ଷିରାବ୍ଧି ତନୟା ସାହୁ, ତହସିଲଦାର ନିବେଦିତା ପରିଡ଼ା, ଓରମାସ ସିଇଓ ରାଜଗୋପାଳ ଦାସ, ଡେପୁଟି କଲେକ୍ଟର(ଜରୁରିକାଳୀନ) ଶ୍ରୀତପା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମେଳାରେ ଅଧିକ ବେପାର କରିଥିବା ୩ଜଣ ବ୍ୟବସାୟୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ମହିଳାଙ୍କ ଦକ୍ଷତା, ଆର୍ଥିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପଲ୍ଲିଶ୍ରୀ ମେଳା ବିଭିନ୍ନ ଅଞ୍ଚଳର ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନୀ ସ୍ଥାନରେ ପାଇଛି। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶର ଏହା ହେଉଛି ଏକ ମାଧ୍ୟମ ବୋଲି ମତପ୍ରକାଶ ପାଇଥିଲା।


ଖୋର୍ଦ୍ଧା ଜିଲା ମହୋତ୍ସବ, ପଲ୍ଲିଶ୍ରୀ-ପୁସ୍ତକ ମେଳାର ଉଦ୍‌ଯାପନୀ ଦିବସରେ ପରିବେଷିତ ସମ୍ବଲପୁରୀ ନୃତ୍ୟ।

# ଗୋଦାବରୀଶ ମହାବିଦ୍ୟାଳୟର ବିକାଶ ପାଇଁ ୪ କୋଟି

ବାଣପୁର,୨୪।୨(ଦିଲୀପ କୁମାର ସ୍ୱାଇଁ)

ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ୪କୋଟି ଟଙ୍କା ସରକାରୀ ଅନୁଦାନ ମିଳିଛି। ଗତ ଜୁଲାଇ ୨୭ତାରିଖରେ ମହାବିଦ୍ୟାଳୟର ୬୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ମହାବିଦ୍ୟାଳୟର କ୍ରୀଡ଼ା ଭିତ୍ତିଭୂମି, ଛାତ୍ରାନିବାସ, ପାଠାଗାର ଆଦିର ନିର୍ମାଣ ପାଇଁ ଯେଉଁ ଘୋଷଣା କରିଥିଲେ ତଦନୁଯାୟୀ ମହାବିଦ୍ୟାଳୟକୁ ଏହି ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିନିମନ୍ତେ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତିଜିତେନ୍ଦ୍ରକୁମାର ଭୋଳ ଏବଂ ଅଧକ୍ଷ ବିନାୟକ ହୋତାଙ୍କ ଚେଷ୍ଟା ପ୍ରଶଂସନୀୟ। ଏନେଇ ବାଣପୁରର ଜନସାଧାରଣ, ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଆଇନ ସଚେତନତା ଶିବିର


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗସ୍ଥିତ ନବୋଦୟ ବିଦ୍ୟାଳୟରେ ତାଲୁକ ଆଇନ ସେବା କମିଟି ଖୋର୍ଦ୍ଧା ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ୨ୟ ଅତିରିକ୍ତ ଜିଲା ଜଜ୍ ସୁଷମା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମହିଳା କୋର୍ଟ ଜଜ୍ ରେଖାରାଣୀ ନାୟକ, ଏସ୍‌ଡିଜେଏମ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ସିଭିଲ ଜଜ୍ କନିଷ୍ଠ ଶ୍ରୀପଣ୍ଡା ମହାପାତ୍ର, ଜେଏମ୍‌ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ବିଦ୍ୟାଳୟ ଅଧକ୍ଷା ଡ. କବିତା କର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିଜୟ ସାମନ୍ତସିଂହାର, ବିକ୍ରମ କେଶରୀ ଚମ୍ପତି, ଶିବପ୍ରସାଦ ତ୍ରିପାଠୀ, ଶିକ୍ଷକ ଜୟପ୍ରକାଶ ସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପୋକ୍ସୋ ଆଇନ ଏବଂ ପ୍ରବାସୀ ଶ୍ରମିକ ଆଇନ ବିଷୟରେ ଆଲୋଚନା କରିଥିଲେ। ଅଧକ୍ଷା କବିତା କର ଧନ୍ୟବାଦ ଦେଇଥିଲେ। ତାଲୁକା ଆଇନ କମିଟି ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ।

# ୧୨ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

ଜଟଣୀ,୨୪।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ସୋମବାର ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଚଣ୍ଡିଚୁଆ ଅଞ୍ଚଳର ସ୍ୱରାଜ ରାୟ(୨୭)। ତାଙ୍କ ନିକଟରୁ ୧୨ଗ୍ରାମ୍ ବ୍ରାଉନ୍‌ସୁଗାର, ପଲ୍‌ସର ଏବଂ ୧ହଜାର ଟଙ୍କା ଜବତ ହୋଇଛି। ରବିବାର ବିଳମ୍ବିତ ରାତିରେ ଜଣେ ଯୁବକ ବ୍ରାଉନସୁଗାର ବେପାର କରିବା ପାଇଁ ଖୋର୍ଦ୍ଧାରୁ ଜଟଣୀ ଆସୁଥିବା ପୋଲିସକୁ ସୂଚନା ମିଳିଥିଲା। ପୂର୍ବ ପ୍ରସ୍ତୁତି ଅନୁସାରେ ପୋଲିସ ଖୋର୍ଦ୍ଧା-ଜଟଣୀ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସ୍ୱରାଜ ଏକ ପଲ୍ସରରେ ଦ୍ରୁତଗତିରେ ଜଟଣୀ ଅଭିମୁଖେ ଆସୁଥିବା ବେଳେ ବଡ଼ତୋଟା ନିକଟ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ତାଙ୍କୁ ପୋଲିସ ଅଟକାଇବା ସହ ଧରିଥିଲା। ଏଥିସହ ତାଙ୍କ ନିକଟରୁ ବ୍ରାଉନସୁଗାର ଜବତ ହୋଇଥିଲା।

# ଜନଶୁଣାଣି ଶିବିରରେ ୧୮୮ ଅଭିଯୋଗ

## ଚଣ୍ଡେଶ୍ୱର ପରିବର୍ତ୍ତେ ଚାଣ୍ଡେଶ୍ୱର ଲେଖାଯାଇଥିବା ନେଇ ଅସନ୍ତୋଷ

ଟାଙ୍ଗୀ,୨୪।୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି। ଏହିପରିପ୍ରେକ୍ଷୀରେ ସୋମବାର ଚିଲିକା ବ୍ଲକ୍ ଅନ୍ତର୍ଗତ ଚଣ୍ଡେଶ୍ୱର ପଞ୍ଚାୟତରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ମୋଟ୍ ୧୮୮ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୧୭୫ଟି ବ୍ୟକ୍ତିଗତ ଏବଂ ୭ଟି ଅଭିଯୋଗ ସାମୂହିକ ସମସ୍ୟା ରହିଛି। ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରାଜ୍ୟଲକ୍ଷ୍ମୀ ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ସହ ବିଡିଓ, ତହସିଲଦାର, ସରପଞ୍ଚ ଉପସ୍ଥିତ ରହିଥିଲେ। ତେବେ ଅଭିଯୋଗ ଶୁଣାଣି ଶିବିର ସ୍ଥାନ ଫ୍ଲେକ୍ସରେ ଚଣ୍ଡେଶ୍ୱର ପରିବର୍ତ୍ତେ ଚାଣ୍ଡେଶ୍ୱର ଲେଖାଯାଇଥିଲା। ପ୍ରଶାସନର ଏଭଳି ତ୍ରୁଟିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।


ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

# ବିଦ୍ୟୁତ୍ କାଟ ନେଇ କର୍ମଚାରୀ ଅଟକ

ବାଣପୁର, ୨୪।୨ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ୍‌ର ନୀଳାଦ୍ରିପ୍ରସାଦ ଓ ଦାମିଆ ବରବରାରେ କିଛିଦିନ ହେବ ସନ୍ଧ୍ୟା ୬ରୁ ସକାଳ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଛି। ଏ ନେଇ ସୋମବାର ଦୁଇ ପଞ୍ଚାୟତର ଅଧିବାସୀମାନେ ବିଦ୍ୟୁତ୍ ବିଭାଗର କର୍ମଚାରୀ ଏବଂ ଗାଡ଼ିକୁ ନୀଳାଦ୍ରିପ୍ରସାଦ ଠାରେ ଅଟକ ରଖିଥିଲେ। ପ୍ରକାଶଥାଉ କି, କିଛିଦିନ ହେବ ଅଧିବାସୀମାନେ ବିଦ୍ୟୁତ ସମସ୍ୟା ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ଶୁଣୁ ନ ଥିଲେ। ସୋମବାର ବିଭାଗୀୟ ଯନ୍ତ୍ରୀଙ୍କ ସମେତ କର୍ମଚାରୀମାନଙ୍କୁ ଅଟକ ରଖି ନିଜର ସମସ୍ୟା ବିଷୟରେ ଜଣାଇଥିଲେ। ଏନେଇ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଅଞ୍ଚଳରେ ହାତୀ ଯାତାୟାତ କରୁଛନ୍ତି। ତେଣୁ ଏକ ବୈଠକରେ ସବୁଦିନ ସନ୍ଧ୍ୟାରେ ବିଦ୍ୟୁତ୍ କାଟ କରିବା ପାଇଁ ଜଙ୍ଗଲ ବିଭାଗ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ଏନେଇ ସ୍ଥାନୀୟ ଲୋକେ କହିଛନ୍ତି, ଏବେ ଦଶମ ଓ ଯୁକ୍ତ ୨ ପରୀକ୍ଷା ଚାଲୁରହିଛି। ତେଣୁ ପାଠପଢ଼ାରେ ବ୍ୟାହତ ହେଉଛି। ବିଦ୍ୟୁତ୍ କାଟ୍ ନେଇ ବିଭାଗ ଅବଗତ କରୁନାହାନ୍ତି। ତେଣୁ କର୍ମଚାରୀଙ୍କୁ ଅଟକ ରଖି ସମସ୍ୟାର ପ୍ରକୃତ କାରଣ କ'ଣ ଜାଣିବା ସହିତ ସବୁଦିନ ବିଦ୍ୟୁତ୍ କିପରି ରହିବ ତାହାର ସମାଧାନ କରିବାକୁ ଦାବି କରିଥିଲେ। ଖବରପାଇ ବିଭାଗୀୟ ଉଚ୍ଚ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଘଟଣାର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରେ କର୍ମଚାରୀମାନେ ଫେରିଥିଲେ।

# ଆହତ ହରିଣ ଛୁଆ ମୃତ୍ୟୁକୁ ନେଇ ଅସନ୍ତୋଷ

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

ବନ ବିଭାଗ ଏବଂ ପ୍ରାଣୀ ଚିକିତ୍ସାଳୟର ଅବହେଳା ଯୋଗୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏକ ହରିଣ ଛୁଆର ସୋମବାର ମୃତ୍ୟୁ ଘଟିଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ କୁମାରବସ୍ତ ଗ୍ରାମ୍ୟ ଜଙ୍ଗଲରେ ହରିଣପଲ ବିଚରଣ କରୁଥିଲେ। ଏହି ସମୟରେ କୁକୁର ଆକ୍ରମଣରେ ଏକ ହରିଣଛୁଆ ରକ୍ତାକ୍ତ ଅବସ୍ଥାରେ ଛଟପଟ ହେଉଥିବା ବେଳେ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି ଜିଲା ପ୍ରାଣୀଧନ ଚିକିତ୍ସାଳୟକୁ ନେଇଥିଲେ। ତେବେ ବିନା ବନ ବିଭାଗର ଚିଠିରେ ଚିକିତ୍ସା କରିପାରିବେ ନାହିଁ ବୋଲି ଦାୟିତ୍ୱରେ ଥିବା ଡାକ୍ତର କହିଥିଲେ। ଏହା ପରେ ଯୁବକମାନେ ବନ ଅଧିକାରୀ ଜୟକୃଷ୍ଣ ପଣ୍ଡାଙ୍କୁ ଫୋନ ମାଧ୍ୟମରେ ଘଟଣା ସମ୍ପର୍କରେ କହିଥିଲେ। ପୁଅ ବାହାଘର ପାଇଁ ଛୁଟିରେ ଅଛି, ଚିକିତ୍ସାଳୟକୁ ନେଇଯାଅ ବୋଲି କହିଥିଲେ। ତେବେ ଚିକିତ୍ସାଳୟ ଡାକ୍ତର ମନା କରିଥିଲେ। ଖବରପାଇ କେତେଜଣ ଖବରଦାତା ବନ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ବନ ଅଧିକାରୀ ପଣ୍ଡାଙ୍କ ସହ ଫୋନରେ କଥା ହେବା ପରେ ସେ ଆସିଥିଲେ। ପରେ ବନ କର୍ମଚାରୀ ସାଧୁଚରଣ ମହାପାତ୍ରଙ୍କୁ ଚିକିତ୍ସା ପାଇଁ କହି ସେଠାରୁ ପଳାଇଥିଲେ। ବନ ବିଭାଗ ପକ୍ଷରୁ ଚିଠି ଯିବା ପରେ ପ୍ରାଣୀ ଚିକିତ୍ସକ ହରିଣ ଛୁଆର ପ୍ରାଥମିକ ଚିକିତ୍ସା କରିଥିଲେ। ବନ ବିଭାଗ ଆହତ ହରିଣ ଛୁଆକୁ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ହରିଣ ଛୁଆର ମୃତ୍ୟୁ ଘଟିଥିବା ଜଣାପଡିଛି।

# ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୨୪।୨
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବଡ଼ବେରଣା ଗ୍ରାମର ଗୋପୀନାଥ ଦେବଙ୍କ ପୀଠରେ ପଞ୍ଚମ ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୋପୀନାଥ ଦେବ ସଂକୀର୍ତ୍ତନ ମଣ୍ଡଳୀର ଗାୟକ ଅଖିଳ କୁମାର ବେହେରା, ସୁଧାଂଶୁ ଶେଖର ମହାପାତ୍ର ଓ ବେଣୁଧର ମହାରଣା, କାଦୁଅପଡ଼ା ଗ୍ରାମର ବାବା ନୀଳକଣ୍ଠେଶ୍ୱର ଦେବ ମଣ୍ଡଳୀର ଗାୟକ ଅଭିଜିତ ହୋତା, ପଳାଶପୁର ଗ୍ରାମର ମା'ବାଣକୁମାରୀ ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀ ଗାୟକ ରଶ୍ମି ରଞ୍ଜନ ବେହେରା, ଅସରଳା ଗ୍ରାମର ମାୟାଧର ହୋତା, ଖେଲାର ଗ୍ରାମର ମା'ଉକୁଲେଇ ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀ ଗାୟକ ଧନେଶ୍ୱର ମାଝୀ ପ୍ରମୁଖ ଓଡ଼ିଶୀ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ନାମ ସଂକୀର୍ତ୍ତନ ମଣ୍ଡଳୀର ରାଜ୍ୟ ସମ୍ପାଦକ ସୁଦର୍ଶନ ଚମ୍ପତି, ଲାବଣ୍ୟ ଜୟସିଂହ, ପ୍ରଶାନ୍ତ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ଦେଉଳଟାଙ୍ଗୀ କ୍ରିକେଟ ଟୁର୍ନାମେଣ୍ଟ

# କଲ୍ୟାଣପୁର, ଘାଟିକିଆ ବିଜୟୀ

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା' ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ କଲ୍ୟାଣପୁର ଏବଂ ଘାଟିକିଆ ଟିମ୍ ବିଜୟୀ ହୋଇଛି। ସୋମବାର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ଏବଂ ଭଗବାନପୁର ଟିମ୍ ମଧ୍ୟରେ ହୋଇଥିଲା। ଭଗବାନପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୮ଉଇକେଟ ବିନିମୟରେ ୧୮୪ରନ ସଂଗ୍ରହ କରିଥିଲା। ଜବାବରେ କଲ୍ୟାଣପୁର ଟିମ୍ ୧୩.୩ ଓଭରରେ ୩ ଉଇକେଟ ବିନିମୟରେ ୧୮୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପଳାସପୁର ଏବଂ ଘାଟିକିଆ ଟିମ୍ ମଧ୍ୟରେ ହୋଇଥିଲା। ଘାଟିକିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ପଳାସପୁର ଟିମ୍ ୧୪.୪ ଓଭରରେ ୯ ଉଇକେଟ ବିନିମୟରେ ୧୨୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା।

# ମା' ଅଁଳାଇ କ୍ରିକେଟ ଟୁର୍ନାମେଣ୍ଟ: ନୂଆଗାଁ ଜିତିଲା

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

୨୫ତମ ମା' ଅଁଳାଇ କ୍ରିକେଟ ଟୁର୍ନାମେଣ୍ଟରେ ନୂଆଗାଁ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଆୟୋଜକ ମା' ଅଁଳାଇ କ୍ରିକେଟ କ୍ଲବ୍ ନୂଆଗାଁ ଏବଂ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ପାନବରଜ ମଧ୍ୟରେ ହୋଇଥିଲା। ଟସ୍ ଜିତି ନୂଆଗାଁ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯.୨ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୫୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମ୍ଲାନ ରାଉତରାୟ ୧୦୦ ରନ କରିଥିଲେ। ଜବାବରେ ପାନବରଜ ଟିମ୍ ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ ବିନିମୟରେ ୨୩୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ଲାନ ରାଉତରାୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଜୟଦୀପ ପଟ୍ଟନାୟକ ଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର, ସୁମିତ ବିଶ୍ୱାଳଙ୍କୁ ଶ୍ରେଷ୍ଠ ବୋଲର ପୁରସ୍କାର, ସାଗର ବଳିୟାରସିଂ ଶ୍ରେଷ୍ଠ ଫିଲ୍ଡର, ଦେବବ୍ରତ ସାହୁ ସବୁଠାରୁ ଫଳପ୍ରଦ ଖେଳାଳି ପୁରସ୍କାର, ଧର୍ମେନ୍ଦ୍ର ବିଶ୍ୱାଳଙ୍କୁ ସବୁଠାରୁ ମୂଲ୍ୟବାନ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସଞ୍ଜୀବ ବିଶ୍ୱାଳ ଏବଂ ମିହିର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ଗ୍ରାମର ଗୋପାଳ କୃଷ୍ଣ ପ୍ରଧାନ, ନିର୍ମଳ କାନ୍ତ ବିଶ୍ୱାଳ, ଆକାଶ କୁମାର ବିଶ୍ୱାଳ, କବିରାଜ ପ୍ରଧାନ, ସନ୍ତୋଷ ପ୍ରଧାନ, ହିମାଂଶୁ ବରାଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନରଅପ୍ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ।

# ୨ ସୁନାଚେନ୍ ଲୁଟେରା ଗିରଫ

ନିରାକାରପୁର,୨୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ପୋଲିସ ସୋମବାର ୨ଜଣ ସୁନାଚେନ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ଜଙ୍କିଆ ଥାନା ଅଧୀନ ଓଲସିଂହ ପଞ୍ଚାୟତ ଓଲସିଂ ପରିଡାସାହିର ଶୁକଦେବ ରାଉତରାୟ ଏବଂ ବରାଳସାହିର ଦିଲୀପ ମହାରଣା। ତେବେ ଗିରଫ ଶୁକଦେବ ଜଣେ ଏଲ୍‌ଆଇ କର୍ମଚାରୀ ଭାବେ ଓଲସିଂହରେ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ନିକଟରୁ ସୁନାଚେନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୭/୨୫)ରୁଜୁ ହୋଇଛି। ମଙ୍ଗଳବାର ଲୁଟେରାଦ୍ୱୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ରବିବାର ରାତି ସାଢ଼େ ୯ଟାରେ ରାମେଶ୍ୱର ଖେଳପଡିଆ ଆଗରେ ଥିବା ଏକ ଦୋକାନରେ ଲୁଟେରାଦ୍ୱୟ ପହଞ୍ଚି ବ୍ରସ ଓ ପେଷ୍ଟ କିଣିବାର ବାହାନା କରିଥିଲେ। ତେବେ ମାଲିକ ପ୍ରଶାନ୍ତ ଛୁଆଳସିଂଙ୍କ ବେକରେ ଥିବା ସୁନାଚେନକୁ ଭିଡିନେଇ ବାଇକ୍‌ରେ ପଳାଇଥିଲେ।

## କଳିଙ୍ଗ ପାଇକ କପ୍

# ସେଞ୍ଚୁରିଆନ କ୍ଲବ ଚାମ୍ପିୟନ

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଷ୍ଟାଡିୟମରେ ଚାଲିଥିବା ପଞ୍ଚଦିବସୀୟ ରାତ୍ରିକାଳୀନ କଳିଙ୍ଗ ପାଇକ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମର୍ଣ୍ଣିଂଷ୍ଟାର ଖୋର୍ଦ୍ଧା ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ସୋମବାର ଆୟୋଜକ ଟିମ୍ ଏବଂ ସେଞ୍ଚୁରିଆନ କ୍ଲବ ଜଟଣୀ ମଧ୍ୟରେ ହୋଇଥିଲା। ପ୍ରଥମାର୍ଦ୍ଧରେ ଆୟୋଜକ ଟିମ୍ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ସେଞ୍ଚୁରିଆନ କ୍ଲବ ମଧ୍ୟ ଗୋଟିଏ ଗୋଲ ଦେଇଥିଲା। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ସେଞ୍ଚୁରିଆନ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏମ୍.ଡି ସେଖାବତ୍, ବିଦେଶୀ ନାୟକ, ପ୍ରଫୁଲ୍ଲ ବେହେରା, ତନୁଶ୍ରୀଚନ୍ଦନ, ସାଗୀର ଅହମ୍ମଦ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା, ଦେବବ୍ରତ ମହାନ୍ତି, ଦେବ ଦାସ, ଚିକୁନ ସିଂ, ବଦ୍ରିନାରାୟଣ ରାମ, ଶାରଳା ପଟ୍ଟନାୟକ, ଦେବାଶିଷ ନାୟକ ପ୍ରମୁଖ ସହଯୋଗ କରିଥିଲେ। କ୍ଲବର ଉପଦେଷ୍ଟା ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର, ପୂର୍ବତନ ଫୁଟବଲ ଖେଳାଳି ଦିଲୀପ ପଟ୍ଟନାୟକ, ବ୍ୟବସାୟୀ ଚକ୍ରଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ଶୁଭେନ୍ଦୁ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


କଳିଙ୍ଗ ପାଇକ କପ୍ ଫାଇନାଲ ମ୍ୟାଚରେ ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଖୋର୍ଦ୍ଧା

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେ ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଗୋପାଳ ଜୀଉ ଓ ଶ୍ରୀଜଗନ୍ନାଥ ମନ୍ଦିର ପରିଚିତ। ଗଜପତି ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ ୧୫୬୮ରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନା କରିଥିଲେ। ପରେ ଖ୍ରୀ.୧୫୭୫ରେ କୁଜଙ୍ଗଗଡ଼ରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧାସ୍ଥିତ ମନ୍ଦିରରେ ପ୍ରଥମ ନବକଳେବର କରାଇ କଳାପାହାଡ଼ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ଏହି କାର୍ଯ୍ୟ ପାଇଁ ଗଜପତି ରାମଚନ୍ଦ୍ର ଦେବ ଭାରତବର୍ଷରେ ପ୍ରଂଶସିତ ହେବା ସହ ଶ୍ରୀମନ୍ଦିର ସେବାୟତ, ୧୬ଶାସନ ବ୍ରାହ୍ମଣ ତାଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ବିଭୂଷିତ କରିଥିଲେ। ପୁନଶଃ ଖ୍ରୀ ୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡ଼ି ଏଠାରେ ଅବସ୍ଥାନ କରିଥିଲେ। ଏହି ସମୟରେ ଭକ୍ତ ସାଲବେଗ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥିବାରୁ ଏହି ସ୍ଥାନର ଗୁରୁତ୍ୱ ବହନ କରେ। ଗଡ଼ଖୋର୍ଦ୍ଧାଠାରେ ମହାପ୍ରଭୁ ୩ଥର ପଦାର୍ପଣ କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଖୋର୍ଦ୍ଧା ଜିଲା ଓତପ୍ରୋତ ଭାବେ ଜଡ଼ିତ। ଏହା ଉପରେ ଅଧିକ ଗବେଷଣା ଜରୁରୀ ବୋଲି ସ୍ଥାନୀୟ ହାବେଳି ପଡ଼ିଆରେ ଚାଲିଥିବା ଖୋର୍ଦ୍ଧା ଜିଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳାର ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ଷ୍ଟଲରେ ସୋମବାର ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ବକ୍ତାଭାବେ ଐତିହ୍ୟ ଗବେଷକ ଗୋପାଳ କୃଷ୍ଣ ଦାସ ଯୋଗଦେଇ ଏହା କହିଛନ୍ତି।

ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଗବେଷକ ତଥା ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ କହିଥିଲେ, ଶ୍ରୀଜଗନ୍ନାଥ ମନ୍ଦିର ଉପରେ ମୋଟ୍ ୧୮ଥର ଆକ୍ରମଣ ହୋଇଥିଲା। ମହାପ୍ରଭୁ ୨୧ଥର ଶ୍ରୀମନ୍ଦିର ରତ୍ନସିଂହାସନରୁ ସ୍ଥାନାନ୍ତର ହୋଇଥିଲେ। ସେଥିରୁ ଶ୍ରୀକ୍ଷେତ୍ର ମଧ୍ୟରେ ଦୁଇଥର ଲୀଳା କରିଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ୧୯ଥର ଲୀଳା କରିଥିଲେ। ସେହିପରି ବରିଷ୍ଠ ନାଗରିକ ବୈକୁଣ୍ଠ ମହାପାତ୍ର ଖୋର୍ଦ୍ଧା-ନୟାଗଡ଼ ରୋଡ ଜାଗୁଳିପାଟଣାସ୍ଥିତ ପୂର୍ଣ୍ଣ ବିଗ୍ରହଙ୍କ ଇତିହାସ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନ, ସୁରମଣି ପାତ୍ର, ପ୍ରଦ୍ୟୁମ୍ନ ମହାପାତ୍ର, ଡ. ପ୍ରଫୁଲ୍ଲ କୁମାର ସାମନ୍ତରରାୟ, ନିରୁପମା ନାୟକ, ବଂଶୀଧର ଦାସ, ଦିପକ ସାମନ୍ତରାୟ, ସନ୍ତୋଷ କୁମାର ଦାଶ, ମୃତ୍ୟୁଞ୍ଜୟ ଛୋଟରାୟ ଦଳବେହେରା, ଶଙ୍କର ସାହୁ, ନାରାୟଣ ଦାସ, ଗୋବିନ୍ଦ ଚନ୍ଦ୍ର ଦାଶ, କ୍ଷୀତିଶ ମୋହନ ଦାସ, ଶୋଭନ ଘୋଷ, ନିବାସ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଧରିତ୍ରୀ ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ସଂଯୋଜନା କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ଗାଡ଼ି ଡିକି ଭାଙ୍ଗି ଦେଢ଼ ଲକ୍ଷ ଲୁଟ୍**

**ଛତ୍ରପୁର,(ଦିଲ୍ଲୀପ ସାମଲ):** ଗଞ୍ଜାମ ଜିଲା ଛତ୍ରପୁର ସହରର ଲାଇନସାହିସ୍ଥିତ ବନ୍ଧ ନିକଟରେ ଏକ ଗାଡ଼ି ଡିକିରୁ ଦେଢ଼ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଛତ୍ରପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ପ୍ରତାପ ମିଶ୍ର ସୋମବାର ଛତ୍ରପୁର ଷ୍ଟେଟ ବ୍ୟାଙ୍କ ବଜାର ଶାଖାରୁ ଦେଢ଼ ଲକ୍ଷ ଟଙ୍କା ଉଠାଇ ଆଣି ଗାଡି ଡିକିରେ ରଖିଥିଲେ। ପରେ ସେ ଧାନ ଟଙ୍କା ଉଠାଇବା ପାଇଁ ସ୍ଥାନୀୟ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଶାଖାକୁ ଆସି ସେଠାରେ ଗାଡ଼ି ରଖି ବ୍ୟାଙ୍କ ଭିତରକୁ ଯାଇଥିଲେ। ସେ ଫେରିଲା ବେଳକୁ ତାଙ୍କ ଗାଡ଼ି ଡିକି ଭାଙ୍ଗି କେହି ଦେଢ଼ଲକ୍ଷ ଟଙ୍କା ଲୁଟି ନେଇଥିବା ଦେଖିବାକୁ ପାଇଥିଲେ।



# ୫ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର

## ଏସ୍ଆଇଟି ଗଠିତ, ୧୮ ନାବାଳକ ଅଟକ

ଖୁଣ୍ଟି(ଝାଡ଼ଖଣ୍ଡ), ୨୪।୨

ବିବାହ ଉତ୍ସବରୁ ଫେରୁଥିବାବେଳେ ୫ଜଣ ଆଦିବାସୀ ନାବାଳିକାଙ୍କୁ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ଘଟିଛି ଝାଡ଼ଖଣ୍ଡର ଖୁଣ୍ଟି ଜିଲା ରାଣିଆ ପୋଲିସ ଥାନା ଅଞ୍ଚଳରେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି) ଗଠନ କରି ସୋମବାର ୧୮ଜଣ ନାବାଳକଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ, ଗତ ଶୁକ୍ରବାର ଆଦିବାସୀ ନାବାଳିକାମାନେ ବିବାହ ଉତ୍ସବରୁ ଫେରୁଥିବାବେଳେ ବାଟରେ ସେମାନଙ୍କୁ କେତେଜଣ



ନାବାଳକ ଅଟକାଇ ଗଣବଳାତ୍କାର କରିଥିଲେ। ଏପରି କି ଏହି ଘଟଣା ବିଷୟରେ କାହାକୁ ଜଣାଇଲେ ସେମାନଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୀଡ଼ିତା ନାବାଳିକାମାନେ ଘରକୁ ଫେରିବା ପରେ ଶନିବାର ସେମାନଙ୍କ ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଏନେଇ ରାଣିଆ ଥାନାରେ ଅଭିଯୋଗ ହେବାପରେ ପୋଲିସ ମାମଲା ରୁଜୁ କରି ଏଏସ୍ପି ଖ୍ରୀଷ୍ଟୋଫର କେରକେଟାଙ୍କ ନେତୃତ୍ୱରେ ଏକ ଏସ୍ଆଇଟି ଗଠନ କରି ତଦନ୍ତ ଆରମ୍ଭ କରିଛି। ଏସ୍ପି ଅମନ କୁମାରଙ୍କ କହିବା ହେଲା, ୫ଜଣ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଏବଂ ଗଣବଳାତ୍କାର ଘଟଣା ଘଟିଛି। ଅଭିଯୋଗକୁ ଆଧାର କରି ମାମଲା ରୁଜୁ ହେବା ସହ ୧୮ଜଣ ନାବାଳକଙ୍କୁ ଅଟକ ରଖାଯାଇ ପଚରାଉଚରା ଜାରି ରହିଛି ବୋଲି ଏସ୍ପି କହିଛନ୍ତି। ସୂଚନାଯୋଗ୍ୟ, ଗତ ୩ବର୍ଷ ମଧ୍ୟରେ ଖୁଣ୍ଟି ଜିଲାରେ ୧୬ଟି ଗଣବଳାତ୍କାର ଘଟଣା ଘଟିଛି। ୨୦୨୩ରେ କେବଳ ୫ ଗଣବଳାତ୍କାର ଘଟଣା ଘଟିଥିବାବେଳେ ୨୦୨୪ରେ ୩ ଏବଂ ୨୦୨୫ରେ ୫ ଘଟଣା ଘଟିଥଲା। ଖୁଣ୍ଟି ପୋଲିସ ଏହିସବୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନାବାଳକ ଥିବା ଜଣାପଡ଼ିଛି। ୨୦୨୪ ସେପ୍ଟେମ୍ବରରେ ଜଣେ ଆଦିବାସୀ ନାବାଳିକା ସ୍କୁଲରୁ ଫେରୁଥିବାବେଳେ ତାଙ୍କୁ ୧୦ଜଣ ଯୁବକ ଗଣବଳାତ୍କାର କରିଥିଲେ। ସେହିପରି ଗତ ବର୍ଷ ମାର୍ଚ୍ଚରେ ରାଞ୍ଚିରେ ଜଣେ ନାବାଳିକାଙ୍କୁ ୪ଜଣ ଯୁବକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

# ବିବାହ ଲାଗି ମନା କରିବାରୁ ଯୁବତୀଙ୍କୁ ଗଳାକାଟି ହତ୍ୟା

ସୋର, ୨୪।୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଲିଙ୍ଗପଡ଼ା ଗ୍ରାମରେ ସୋମବାର ଦିନଦ୍ୱିପ୍ରହରରେ ଜଣେ ଯୁବତୀଙ୍କ ଗଳା କାଟି ହତ୍ୟା କରାଯାଇଛି। ମୃତା ଯୁବତୀ ହେଲେ ସୋର ପୌରାଞ୍ଚଳ ଲିଙ୍ଗପଡ଼ା ଗ୍ରାମର ଜ୍ୟୋତିର୍ମୟୀ ରଣା(୨୫)। ବିବାହ ଲାଗି ମନା କରିବାରୁ ବିଶ୍ୱରଞ୍ଜନ କୁଅଁର ନାମକ ଜଣେ ଯୁବକ ଜ୍ୟୋତିର୍ମୟୀଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ସୋର ଥାନାରେ ମୃତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ. ୧୬୨/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

ପ୍ରକାଶ ଯେ, ଜ୍ୟୋତିର୍ମୟୀ ବାଙ୍ଗାଲୋରରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଦୁଇମାସ ତଳେ ସେ



ମୃତ ଯୁବତୀ ଜ୍ୟୋତିର୍ମୟୀ ରଣା

ଘରକୁ ଆସିଥିଲେ। ସୋମବାର ଘରେ ସେ ଏକାକୀ ଥିଲେ। ପରିବାର ଲୋକେ ଘରକୁ ଫେରି ତାଙ୍କ ଗଳା କଟାଯାଇଥିବା ଦେଖି ତୁରନ୍ତ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତ ୨ଦିନ ତଳେ ବାସୁଦେବପୁର ଥାନା ଚୂଡ଼ାମଣି ଅଞ୍ଚଳର ବିଶ୍ୱରଞ୍ଜନ ତାଙ୍କୁ ହଇରାଣ କରୁଥିବା ନେଇ ଜ୍ୟୋତିର୍ମୟୀ ସୋର ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ଜ୍ୟୋତିର୍ମୟୀ ଓ ବିଶ୍ୱରଞ୍ଜନ ଉଭୟ ବାଙ୍ଗାଲୋରରେ ରହୁଥିଲେ। ଦୁହେଁ ଅଲଗା ଅଲଗା କମ୍ପାନୀରେ କାମ କରୁଥିଲେ। ଯୁବତୀ ଜଣକ ସେଠାରେ କାମ କରୁଥିବାବେଳେ ଯୁବକଜଣକ ଚାକିରି ଛାଡ଼ି ପଳାଇଆସିଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଯୁବକ ଜଣକ ଦୀର୍ଘବର୍ଷ ହେବ ମା' ଓ ବାପାଙ୍କ ଜାଣତରେ ଯୁବତୀଙ୍କ ଘର ସୋର ଲିଙ୍ଗପଡ଼ା ଗ୍ରାମକୁ ଯା'ଆସ କରନ୍ତି। ତେବେ ବିଶ୍ୱରଞ୍ଜନ କୌଣସି କାମ କରୁ ନ ଥିବାରୁ ଜ୍ୟୋତିର୍ମୟୀ ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ହେଲେ ଜ୍ୟୋତିର୍ମୟୀ ତାଙ୍କୁ ବାହା ନ ହେଲେ ହତ୍ୟା କରିବେ ବୋଲି ବିଶ୍ୱରଞ୍ଜନ ଧମକ ଦେଇଥିଲେ। ସୋର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କକାଙ୍କ ମୃତ୍ୟୁ, ପୁତୁରା ଗିରଫ

### ସନ୍ଦେହଜନକ ଅବସ୍ଥାରେ ମୃତଦେହ ଜବତ ଘଟଣା

ପାଟଣା,୨୪।୨(ବୀର କିଶୋର ଦାଶ)

ହାତୀଙ୍କ ଦାଉରୁ ସୁରକ୍ଷା ପାଇଁ ବିଦ୍ୟୁତ୍ ତାରବାଡ଼ ଲଗାଇଥିଲେ। ହେଲେ ସେହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କକାଙ୍କ ଜୀବନ ଗଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ଥାନା କାଶିଆ ମାଣ୍ଡୁଆ ସାହିରେ। ମୃତକ ହେଲେ ଲାଗ ମୁଣ୍ଡା(୫୫)। ପୋଲିସ ଘଟଣାର ତଦନ୍ତ କରି ବିଦ୍ୟୁତ୍ ତାର ବିଛାଇଥିବା ପୁତୁରା ବଂଶୀଧର ମୁଣ୍ଡା(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ବଂଶୀଧରଙ୍କ ଅଗଣାରୁ ତାଙ୍କ କକା ଲାଗଙ୍କ ସନ୍ଦେହ ଜନକ ଭାବେ ମୃତଦେହ ଜବତ ହୋଇଥିଲା। ବିଦ୍ୟୁତ୍ କରେଣ୍ଟ ଲାଗି ମୃତ୍ୟୁ ଘଟିଥିବା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର କୁମାର ନାଏକ ସୂଚନା ଦେଇଥିଲେ। ଏନେଇ ଅବହେଳାଜନିତ ହତ୍ୟା ମାମଲା ଭାରତୀୟ ନ୍ୟାୟ ସଂହିତା ଧାରା ୧୦୫ରେ ପୋଲିସ ଏକ ମାମଲା (ନଂ.୨୯/୨୫) ରୁଜୁ କରି ପୁତୁରାଙ୍କୁ ଗିରଫ କରିଥିଲା। ହାତୀ ଦାଉରୁ ରକ୍ଷା ପାଇବା ପାଇଁ ଘର ସମ୍ମୁଖରେ ତାର ଟାଣି ବିଦ୍ୟୁତ୍ ଚାର୍ଜ କରିଥିବା ବଂଶୀଧର ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି।

# ଦୁଇଗୁଣା ଲାଭ ଦେବା ଆଳରେ ୫ କୋଟି ଠକେଇ

**ହାଇଦ୍ରାବାଦରୁ ମୁଖ୍ୟ ଅଭିଯୁକ୍ତ ଗିରଫ**

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଇଓଡବ୍ଲ୍ୟୁ
- ୨୦୦ ଲୋକଙ୍କୁ ଚୂନ, ଗିରଫ ଭୟରେ ରାଜ୍ୟରୁ ରାଜ୍ୟ ବୁଲୁଥିଲେ
- ୧୦ ମାସରେ ଦୁଇଗୁଣା ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ

ଭୁବନେଶ୍ୱର,୨୪।୨(ସତ୍ୟଜିତ୍ ରାଉତ)

ଦୁଇଗୁଣା ଲାଭ ଦେବାକୁ କହି ୫ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମୁଖ୍ୟ ଅଭିଯୁକ୍ତଙ୍କୁ ହାଇଦ୍ରାବାଦରୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ସରସଦା ଗ୍ରାମର ଧନଞ୍ଜୟ ସାହୁ। ଶୁକ୍ରବାର ଗିରଫ ପରେ ଧନଞ୍ଜୟଙ୍କୁ ଇଓଡବ୍ଲ୍ୟୁ ଟିମ୍ ହାଇଦ୍ରାବାଦସ୍ଥିତ ନାମପଲ୍ଲୀ ପ୍ରଥମ ଅତିରିକ୍ତ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ସେଠାରୁ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ସୋମବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଧନଞ୍ଜୟଙ୍କୁ ବିଚାର



ଅଭିଯୁକ୍ତ ଧନଞ୍ଜୟ ସାହୁ।

ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଧନଞ୍ଜୟଙ୍କ ଠାରୁ ଲାପଟପ୍, ମୋବାଇଲ, ପେନ୍‌ଡ୍ରାଇଭ୍, ଏଟିଏମ୍ କାର୍ଡ, ପାସ୍‌ପୋର୍ଟ ଓ ବ୍ୟାଙ୍କ ଆକାଉଣ୍ଟ ଆଦି ଜବତ ହୋଇଛି।

ଠକେଇର ଶିକାର ଯାଜପୁର ଜିଲା ବିଚିତ୍ରପୁର ଗାଁର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଏତଲାକୁ ଆଧାର କରି ଇଓଡବ୍ଲ୍ୟୁ ଗତ ଜାନୁଆରୀ ୩୧ରେ ଏ ସଂକ୍ରାନ୍ତରେ ମାମଲା (ନଂ.୨/୨୦୨୫) ରୁଜୁ କରି ତଦନ୍ତ କରିଥିଲା। 'ମ୍ୟୁଚୁଆଲ ଆଲିଆନ୍ସ ଗ୍ଲୋବାଲ ପ୍ରାଇଭେଟ ଲିଃ' କମ୍ପାନୀ ଜରିଆରେ ଟଙ୍କା ଜମା କଲେ ଏହା ୧୦ ମାସରେ ଦୁଇଗୁଣା ହୋଇଯିବ ବୋଲି ଧନଞ୍ଜୟ ମିଛ ପ୍ରତିଶ୍ରୁତି ଦେଇ ନିବେଶକାରୀଙ୍କଠୁ ଟଙ୍କା ହଡ଼ପ କରିଥିଲେ। ଧନଞ୍ଜୟ ୨୦୧୧ରୁ ୨୦୨୧ ମଧ୍ୟରେ ୫ଟି କମ୍ପାନୀ ଖୋଲି ଚୂନା ଲଗାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ୨୦୨୦ରେ ସେ ଭୁବନେଶ୍ୱର ଚିନ୍ତାମଣିଶ୍ୱର ମନ୍ଦିର ପାଖରେ 'ମ୍ୟୁଚୁଆଲ ଆଲିଆନ୍ସ ଗ୍ଲୋବାଲ ପ୍ରାଇଭେଟ ଲିଃ' କମ୍ପାନୀର ଅଫିସ ଖୋଲିଥିଲେ। ସହଯୋଗୀମାନଙ୍କ ଜରିଆରେ ଲୋକମାନଙ୍କୁ ଡାକି ଭୁବନେଶ୍ୱରର ପ୍ରତିଷ୍ଠିତ ହୋଟେଲଗୁଡ଼ିକରେ ବୈଠକ କରିଥିଲେ। ତାଙ୍କ କମ୍ପାନୀରେ ଟଙ୍କା ନିବେଶ କରିବାକୁ ଲୋକଙ୍କୁ ମିଠା କଥା କହି ପ୍ରବର୍ତ୍ତାଇଥିଲେ। ଏପରିକି ଉକ୍ତ ଟଙ୍କା ରିୟଲ ଇଷ୍ଟେଟ୍ ମାର୍କେଟ, ଇ-କମର୍ସ ଓ ଅନ୍‌ଲାଇନ ଗେମିଂ ପ୍ଲାଟଫର୍ମ ଜରିଆରେ ଲାଗି ଖୁବ୍ କମ୍ ଦିନରେ ବହୁଗୁଣ ହୋଇଯିବ ବୋଲି କହିଥିଲେ। ବିଶେଷ କରି କଟକ, ଖୋର୍ଦ୍ଧା, ଯାଜପୁର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ୨୦୦ ଜଣଙ୍କୁ ଫସାଇ ୫କୋଟି ଟଙ୍କା ନେଇଯାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗୋଟିଏ କିମ୍ବା ଦୁଇ ମାସର ଲାଭ ଦେବା ପରେ ଧନଞ୍ଜୟ ତାଙ୍କ ଅଫିସ ବନ୍ଦ କରି ଫେରାର ହୋଇଯାଇଥିଲେ। ଏପରିକି ଗିରଫ ଭୟରେ ଧନଞ୍ଜୟ ରାଜ୍ୟରୁ ରାଜ୍ୟ ଘୁରି ବୁଲୁଥିଲେ। ତେବେ ଠକେଇ ଟଙ୍କାରେ ଧନଞ୍ଜୟ ଦୁବାଇ, ଥାଇଲାଣ୍ଡ ଓ ଜର୍ମାନୀ ଭଳି ବିଦେଶକୁ ବୁଲିଯାଇଥିବା ଇଓଡବ୍ଲ୍ୟୁ ପ୍ରମାଣ ପାଇଛି। ଏହି ମାମଲାରେ ତଦନ୍ତ ଜାରି ରଖିବା ସହ ଧନଞ୍ଜୟଙ୍କ ସହଯୋଗୀମାନଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ପ୍ରୟାସ କରୁଛି।

## ସ୍ତ୍ରୀଙ୍କୁ ମାଡ଼ ମାରି ନିର୍ଯାତନା, ସ୍ୱାମୀ ଗିରଫ

ଭୁବନେଶ୍ୱର,୨୪।୨(ସୂର୍ଯ୍ୟକାନ୍ତ ବେହେରା)

ଟପି ଗଲା ସ୍ୱାମୀଙ୍କ ବର୍ବରତା। ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ମାଡ଼ ମାରିବାରୁ ତାଙ୍କର ଗର୍ଭ ନଷ୍ଟ ହୋଇଯାଇଛି। ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ଏଭଳି ଘଟଣା ଘଟିଥିବାବେଳେ ପୀଡ଼ିତାଙ୍କ ଅଭିଯୋଗ ପରେ ସ୍ଥାନୀୟ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସ୍ୱାମୀ ହେଲେ ବିଶ୍ୱରଞ୍ଜନ ପ୍ରଧାନ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୋଗକାରିଣୀ ୨୦୨୨ରେ ବିଶ୍ୱରଞ୍ଜନଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ପୀଡ଼ିତା ମୈତ୍ରୀବିହାର ଥାନା ଅଞ୍ଚଳରେ ଶାଶୁଙ୍କ ଘରେ ରହୁଥିଲେ। ବିବାହର କିଛି ଦିନ ପରେ ବିଶ୍ୱରଞ୍ଜନ ଓ ତାଙ୍କ ପରିବାର ସଦସ୍ୟମାନେ ନିୟମିତ ଭାବେ ପୀଡ଼ିତାଙ୍କୁ ଗାଳିଗୁଲଜ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବିଶ୍ୱରଞ୍ଜନ ପୀଡ଼ିତାଙ୍କୁ ନିୟମିତ ମାଡ଼ ମାରିବା ଫଳରେ ତାଙ୍କର ଗର୍ଭନଷ୍ଟ ହୋଇଯାଇଥିଲା। ଏନେଇ ପୀଡ଼ିତା ସ୍ୱାମୀଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରିବା ସହ ଥାନାରେ ଅଭିଯୋଗ କରିଥିଲେ।

# ଅଧିକ ସୁଧ ଲୋଭ ଦେଖାଇ ଠକେଇ, ୩ ଗିରଫ



ଅସିମ ମିଶ୍ର



ପ୍ରଫୁଲ କୁମାର ବେଜ



ସିଦ୍ଧେଶ୍ୱର ଜେନା

ଭୁବନେଶ୍ୱର,୨୪।୨(ସୂର୍ଯ୍ୟକାନ୍ତ ବେହେରା)

**ନିବେଶ ଠକେଇର ଅସ୍ତ୍ର ପାଲଟିଛି ସୋସିଆଲ ମିଡିଆ**

ସୋସିଆଲ ମିଡିଆ ଏବେ ନିବେଶ ଠକେଇର ପ୍ରମୁଖ ମାଧ୍ୟମ ପାଲଟିଛି। ବିଭ୍ରାନ୍ତିକର ପରାମର୍ଶ, ଅଧିକ ରିଟର୍ନ ଭଳି ଆଶା ଦେଖାଇ କେତେକ ବ୍ୟକ୍ତି ଲୋକଙ୍କୁ ନିବେଶ କରିବାରୁ ପ୍ରବର୍ତ୍ତାଉଛନ୍ତି। ଯାହାଫଳରେ ନିବେଶ କରୁଥିବା ବ୍ୟକ୍ତିମାନେ କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲୋଭର ବଶବର୍ତ୍ତୀ ହୋଇ ପରବର୍ତ୍ତୀ ସମୟରେ ଠକାମିରେ ପଡୁଛନ୍ତି। ଏହିଭଳି ଆକ୍ସିସ୍ ସିକ୍ୟୁରିଟି ଟ୍ରେଡିଂ ସଂସ୍ଥାରେ ନିବେଶ କରିବାକୁ ଯାଇ ଯଶୋବନ୍ତ କୁମାର ବେଜ ନାମକ ଜଣେ ବ୍ୟକ୍ତି ୧୧ ଲକ୍ଷ ୬୨ ହଜାର ୫୦୦ ଟଙ୍କା ହରାଇଛନ୍ତି। କୌଣସି ଟଙ୍କା ଫେରି ନ ପାଇବା ପରେ ଏନେଇ ଯଶୋବନ୍ତ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରି ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ବୋଇସିଂହା ଥାନା ଅଞ୍ଚଳର ସିଦ୍ଧେଶ୍ୱର ଜେନା ଓ ବାରିପଦାର ଅସିମ ମିଶ୍ର ଏବଂ ବାଲେଶ୍ୱରର ପ୍ରଫୁଲ କୁମାର ବେଜ। ସେମାନଙ୍କଠାରୁ ୩ଟି ମୋବାଇଲ, ଗୋଟିଏ ଲାପଟପ୍ ଓ ଅଭିଯୁକ୍ତ ସିଦ୍ଧେଶ୍ୱରଙ୍କ ଆକାଉଣ୍ଟରେ ଥିବା ୬ ଲକ୍ଷ ୯୧ ହଜାରରୁ ଅଧିକ ଟଙ୍କା ଫ୍ରିଜ କରାଯାଇଛି। ଜାମିନ ନ ମିଳିବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବନ୍ଧୁକ ଦେଖାଇ ୧୦ ଲକ୍ଷ ଲୁଟ

**ବ୍ୟାଙ୍କକୁ ଜମା କରିବାକୁ ନେଉଥିଲେ ପେଟ୍ରୋଲ ପମ୍ପ ମ୍ୟାନେଜର**

ଅନୁଗୋଳ,୨୪।୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ଗାନ୍ଧୀ ମାର୍ଗସ୍ଥିତ ଏକ ସ୍କୁଲ ନିକଟରେ ସୋମବାର ଅପରାହ୍ନରେ ହୋଇଛି ୧୦ ଲକ୍ଷ ଟଙ୍କା ଲୁଟ୍। ଏକ ପେଟ୍ରୋଲ ପମ୍ପ ମ୍ୟାନେଜର ଓ ସହଯୋଗୀ ବାଇକ୍‌ରେ ଟଙ୍କା ନେଇ ବ୍ୟାଙ୍କକୁ ଯାଉଥିବା ବେଳେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ଟଙ୍କା ଛଡ଼ାଇ ନେଇଛନ୍ତି। ଏ ନେଇ ଚଣ୍ଡୀ ବଜାର ଶୁଭମ କିଷାନ ସେବା କେନ୍ଦ୍ର ପେଟ୍ରୋଲ ପମ୍ପର ମ୍ୟାନେଜର ବଶିଷ୍ଠ କୁମାର ସାହୁ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଉକ୍ତ ପେଟ୍ରୋଲ ପମ୍ପ ମ୍ୟାନେଜର ସାହୁ ଜଣେ ସହଯୋଗୀଙ୍କ ସହ ପେଟ୍ରୋଲ ପମ୍ପର ୧୦ ଲକ୍ଷ ଟଙ୍କା ଜମା କରିବାକୁ ବ୍ୟାଙ୍କକୁ ଯାଉଥିଲେ। ଏହି ସମୟରେ ଏକ ହମ୍ପସ ନିକଟରେ ୩ ଜଣ ମୁଖାପିନ୍ଧା



ଅନୁଗୋଳ ଟାଉନ ଥାନା ସମ୍ମୁଖରେ ଅଭିଯୋଗକାରୀ ପଟ୍ରୋଲ ପମ୍ପ ମ୍ୟାନେଜର।

ଦୁର୍ବୃତ୍ତ ବାଇକ୍‌ରେ ଆସି ମ୍ୟାନେଜରଙ୍କ ହାତକୁ ପିଟିଥିଲେ। ଏଥିସହ ତାଙ୍କ ଗାଡ଼ିକୁ ଗୋଇଠା ମାରିଥିଲେ। ଫଳରେ ପେଟ୍ରୋଲ ପମ୍ପ ମ୍ୟାନେଜର ଓ ତାଙ୍କ ସହଯୋଗୀ ପଡିଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ଭର୍ତ୍ତି ବ୍ୟାଗ ଧରି ଚମ୍ପଟ ମାରିଥିଲେ। ଘଟଣା ନେଇ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ହିନ୍ଦୀ ଓ ଓଡ଼ିଆରେ କଥାବାର୍ତ୍ତା କରୁଥିବା ପେଟ୍ରୋଲ ପମ୍ପ ମ୍ୟାନେଜର କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ତ ଧାଉଁଛୁ ତୋହରି ପାଇଁ,**
**ମତେ କାହିଁକି ନିଦ ନାହିଁ।**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ନିଜେ ଠିଆହେବା ଶ୍ରେୟସ୍କର। ନିଜେ ପରିଶ୍ରମ କରି ପାଞ୍ଚ ଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥା ନେଇ ଚିନ୍ତା କରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତନ୍ତି ସାହିରେ କଟାଶ ମହାବଳ ବାଘ।**

ସାଧାରଣତଃ ସରଳ ନିଷ୍କପଟ ବ୍ୟକ୍ତିଙ୍କୁ ଅନ୍ୟମାନେ ଅତି ସହଜରେ ବୋକା ବନାଇପାରନ୍ତି। ନିର୍ବୋଧ ଲୋକଙ୍କ ନିକଟରେ ଅତି ସାମାନ୍ୟ ବ୍ୟକ୍ତି ପ୍ରତିପତ୍ତି ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜମିବାଡ଼ି ବିବାଦରୁ ଗୋଷ୍ଠୀ ସଂଘର୍ଷ: ୭ ଗୁରୁତର

ଆଳି,୨୪।୨ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅର୍ନ୍ତଗତ ମାଣିକପାଟଣା ଗାଁରେ ରବିବାର ବିଳମ୍ବିତ ରାତିରେ ଜମି ବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ୭ ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଆଳିରେ ସେମାନଙ୍କର ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ପୋଲିସ ସୂଚନା ମୁତାବକ, ମାଣିକପାଟଣା ଗ୍ରାମର ଶୁଭଶ୍ରୀ ଦାସ ଓ ମମତା ଦାସଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଏହି ଜମିବାଡିକୁ ନେଇ ସେମାନେ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ରବିବାର ଶୁଭଶ୍ରୀଙ୍କ ପରିବାର ପକ୍ଷରୁ ଏକ ଠାକୁର ଚଉଁରା ନିର୍ମାଣ କରାଯାଉଥିବାବେଳେ ମମତାଙ୍କ ପରିବାର ଲୋକ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ରାତି ପ୍ରାୟ ସାଢ଼େ ଏଗାରଟାରେ ଉଭୟ ପରିବାର ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ଉଭୟ ପରିବାର ଲୋକ ଭୁଜାଲି, ଖଣ୍ଡା ସହିତ ବିଭିନ୍ନ ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିଥିଲେ। ଏହି ସଂଘର୍ଷରେ ଉଭୟ ପରିବାରର ଶଙ୍କର ଦାସ, ସଞ୍ଜୀବ ଦାସ, ଚିରଞ୍ଜିବି ଦାସ, ମମତା ଦାସ, ଭରତ ଦାସ, ଶରତ ଦାସ, ଅଶୋକ ଦାସ ଗୁରୁତର ଆହତ ହୋଇଥିଲେ। ଉଭୟ ପରିବାର ଲୋକଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାକୁ ନେଇ ଉଭୟ ପରିବାର ପକ୍ଷରୁ ଆଳି ଥାନାରେ ଶୁଭଶ୍ରୀ ଦାସ ଓ ମମତା ଦାସଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ଅଭିଯୋଗ କରାଯାଇଥିଲା। ପୋଲିସ ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୯୨/୨୫ ଓ ୯୩/୨୫ରେ ମାମଲା ରୁଜୁ କରିଛି।





ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସ୍ୱାମୀଙ୍କ ଚାପୁଡ଼ାରେ ସ୍ତ୍ରୀଙ୍କ ମୃତ୍ୟୁ

ଢେଙ୍କାନାଳ,୨୪।୨(ରତନ ନାୟାର)

**ଚିକେନ୍ ନ ରାନ୍ଧିବାରୁ ହୋଇଥିଲା କଳହ**

ଢେଙ୍କାନାଳ ଜିଲା ଗଁଦିଆ ଥାନା ନୀଳକଣ୍ଠପୁର ଧନିଆନାଳୀ ମୁଣ୍ଡା ସାହିରେ ରବିବାର ବିଳମ୍ବିତ ରାତିରେ ଚିକେନ୍ ରାନ୍ଧି ନ ଦେବାରୁ ସ୍ୱାମୀ ଜେନା ପିଙ୍ଗୁଆ(୪୦)ଙ୍କ ଚାପୁଡ଼ାରେ ସ୍ତ୍ରୀ କୁନି ପିଙ୍ଗୁଆ(୩୦)ଙ୍କ ମୃତ୍ୟୁ ହୋଇଛି। ସୋମବାର ଏ ସଂକ୍ରାନ୍ତରେ ଖବରପାଇ ଗଁଦିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ଏଥିସହିତ ଅଭିଯୁକ୍ତ ସ୍ୱାମୀ ଜେନା ପିଙ୍ଗୁଆକୁ ଗିରଫ କରିଛି। ପୋଲିସ କହିଛି, ରାତିରେ ଚିକେନ ନ ରାନ୍ଧିବାରୁ ସ୍ୱାମୀ ଜେନା ପିଙ୍ଗୁଆ ସ୍ତ୍ରୀ କୁନିଙ୍କ ସହ ପାଟିତୁଣ୍ଡ କରିଥିଲେ। ଉଭୟଙ୍କ ମଧ୍ୟରେ କଳହ ଉଗ୍ରରୂପ ନେଇଥିଲା। ଏହି ସମୟରେ ଉତ୍ୟକ୍ତ ଜେନା ପିଙ୍ଗୁଆ ସ୍ତ୍ରୀ କୁନି ପିଙ୍ଗୁଆଙ୍କ ବାମ କାନମୁଣ୍ଡାକୁ ଏକ ଶକ୍ତ ଚାପୁଡ଼ା ମାରିଥିଲେ। ଫଳରେ ଘଟଣାସ୍ଥଳରେ କୁନିଙ୍କ ମୃତ୍ୟୁ ହୋଇଯାଇଥିଲା। ଉଭୟଙ୍କ ୧୮ ବର୍ଷ ଓ ୧୦ ବର୍ଷର ପୁଅ ଏବଂ ୧୨ ବର୍ଷର ଝିଅ ଅଛନ୍ତି। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ନଂ. ୭୫।୨୫ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ ସୂଚନା ଦେଇଛନ୍ତି।

# ସାଙ୍ଗ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୨୪।୨(ସୁବାସ ଚନ୍ଦ୍ର ପାଢ଼ୀ)

ବନ୍ଧା ରଖିଥିବା ମୋବାଇଲ ଫୋନ୍ ନ ଫେରାଇବାରୁ ଛୁରି ଭୁସି ସାଙ୍ଗଙ୍କୁ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍ (ଏଡିଜେ-୧) ଡ. ଇନ୍ଦୁ ଶର୍ମା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧୮ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜଣଙ୍କ ହେଲେ ଆସିକା ବ୍ରଜରାଜନଗରର ପିଣ୍ଟୁ ସାହୁ (୨୮)। ଘଟଣା ବେଳେ ସେ ବଡ଼ବଜାର ଥାନା ଅନ୍ତର୍ଗତ ଗଣପତି ନଗର ତୃତୀୟ ଲାଇନ୍‌ରେ ରହୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ, ପିଣ୍ଟୁ ଓ ପାଣିଗ୍ରାହୀପେଣ୍ଠର ପପୁନ ସାହୁ ୨ ସାଙ୍ଗ ଥିଲେ। ୨୦୨୧ରେ ପିଣ୍ଟୁ ନିଜ ମୋବାଇଲ ଫୋନ୍ ବନ୍ଧା ରଖି ପପୁନଙ୍କଠାରୁ ୫ହଜାର ଟଙ୍କା ଧାର ନେଇଥିଲେ। କିଛିମାସ ପରେ ମୋବାଇଲ ଫୋନ୍‌ଟି ଫେରାଇ ଦେବାକୁ ପପୁନଙ୍କୁ ପିଣ୍ଟୁ କହିଥିଲେ। ଟଙ୍କା ନ ଦେଲେ ଫୋନ୍ ଫେରାଇବି ନାହିଁ ବୋଲି ପପୁନ କହିବାରୁ ପିଣ୍ଟୁ ରାଗି ଯାଇଥିଲେ। ସେହିବର୍ଷ ମେ ୧୭ ତାରିଖରେ ପପୁନ ୨ ଜଣ ସାଙ୍ଗ ସୁରଜ ସାହୁ ଓ କାହ୍ନା ସାହୁ ସାହି ଛକରେ ଛିଡ଼ା ହୋଇଥିବା ବେଳେ ପିଣ୍ଟୁ ପହଞ୍ଚି ଫୋନ ପାଇଁ ଝଗଡା କରିଥିଲେ। ପରେ ସେ ଏକ ଛୁରିରେ ପପୁନଙ୍କ ପେଟକୁ ବାରମ୍ବାର ଭୁସିଥିଲେ। ସେଠାରେ ଥିବା ୨ ସାଙ୍ଗ ଏହାର ପ୍ରତିବାଦ କରିଥିବା ବେଳେ ପିଣ୍ଟୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପପୁନଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ମା' ଏ ନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୬/୨୧ରେ ମାମଲା ରୁଜୁ କରିଥିଲା। ଘଟଣାର ଦୁଇଦିନ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆହତ ପପୁନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୦ଦିନ ପରେ ପପୁନଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପୂର୍ବରୁ ରୁଜୁ କରିଥିବା ମାମଲକୁ ହତ୍ୟା ମାମଲାରେ ରୂପାନ୍ତର କରିଥିଲା। ମାମଲାର ବିଚାର ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ସୌଭାଗ୍ୟ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ।

## ଭୁବନେଶ୍ୱର ଜଗିବ ଏଆଇ କ୍ୟାମେରା

ଭୁବନେଶ୍ୱର,୨୪।୨(ସତ୍ୟଜିତ୍ ରାଉତ)- ଭୁବନେଶ୍ୱରରେ ଦିନକୁ ଦିନ ଅପରାଧ ବଢ଼ିଚାଲିଛି। ଅପରାଧୀଙ୍କୁ ଠାବ କରିବାକୁ ସିସିଟିଭି ଲାଗିଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ସହରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ଲଗାଇବାକୁ କମିଶନରେଟ୍ ପୋଲିସ ନିଷ୍ପତ୍ତି ନେଇଛନ୍ତି। ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୋମବାର ଗଣମାଧ୍ୟମରେ କହିଛନ୍ତି, ରାଜଧାନୀରେ ଏବେ ପ୍ରାୟ ୧୦୦୦ କ୍ୟାମେରା ରହିଛି। ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ଉପରେ ତୀକ୍ଷ୍ଣ ନଜର ଏବଂ ଅପରାଧୀଙ୍କ ଗତିବିଧି ଜାଣିବା ପାଇଁ ଅଧିକ କ୍ୟାମେରା ଲଗାଇବାକୁ ସରକାରଙ୍କୁ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଅପରାଧୀମାନେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ଏଆଇ କ୍ୟାମେରା ଚିହ୍ନଟ କରିବ। କ୍ୟାମେରା ଲାଗିବା ଫଳରେ ଅତିଶୀଘ୍ର ଅଭିଯୁକ୍ତଙ୍କୁ ଧରିବା ସହଜ ଓ ଅନ୍ୟାନ୍ୟ ତଦନ୍ତ କରିହେବ। ତେବେ ଲୋକମାନଙ୍କୁ ମଧ୍ୟ ସାବଧାନତାର ସହ ସତର୍କତା ଅବଲମ୍ବନ କରି ରହିବାକୁ ହେବ ବୋଲି କମିଶନର ପରାମର୍ଶ ଦେଇଛନ୍ତି।

# ମହିଳା ବୁଣାକାର ଓଡ଼ିଶା ବୟନ ଅର୍ଥନୀତିର ମେରୁଦଣ୍ଡ

### ମହିଳା ଏସ୍ଏଚ୍‌ଜିଙ୍କ ସ୍ୱତନ୍ତ୍ର ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୨ (ସୌମ୍ୟରଞ୍ଜନ ରାଉତ)

ମହିଳା ବୁଣାକାରମାନେ ହେଉଛନ୍ତି ଓଡ଼ିଶା ବୟନ ଅର୍ଥନୀତିର ମେରୁଦଣ୍ଡ। ପୁରାତନ ଓ ନୂତନ ବୟନ କଳାର ଅଭିନବ ସମ୍ମିଶ୍ରଣ ଦ୍ୱାରା ସେମାନେ ଆକର୍ଷଣୀୟ ବୟନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏକାମ୍ର ହାଟଠାରେ ମହିଳା ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀର ସ୍ୱତନ୍ତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଏହା କହିଛନ୍ତି। ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ କହିଛନ୍ତି, ମହିଳା ବୁଣାକାରଙ୍କ ଶ୍ରମ ଓ ବୟନଭିତ୍ତିକ ନବସୃଜନ ଓଡ଼ିଶାକୁ ନୂଆ ପରିଚୟ ଦେଇଛି। ସେମାନଙ୍କ ପ୍ରଚେଷ୍ଟାକୁ ଅଧିକ ପ୍ରେରିତ କରିବା ସହ ଆର୍ଥିକ ସଶକ୍ତୀକରଣ ଦିଗରେ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ସେ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ସଂସ୍ଥା ଦ୍ୱାରା



ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଓ ଅନ୍ୟମାନେ ଷ୍ଟଲ ବୁଲି ଦେଖୁଛନ୍ତି।

ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ୧୦ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲା ରହିବ। ଏଥର ମୋଟ ୩୩ଟି ଷ୍ଟଲ୍ ଖୋଲାଯାଇଥିବାବେଳେ ବରଗଡ଼, କଟକ, ସୋନପୁର, ଆଠଗଡ଼, ବୌଦ୍ଧ, ବଲାଙ୍ଗିର, ଖୋର୍ଦ୍ଧା, ବାରିପଦା, ବାଲେଶ୍ୱର, ବ୍ରହ୍ମପୁର, ନୟାଗଡ଼, ଢେଙ୍କାନାଳ, କୋରାପୁଟ, ସୁନ୍ଦରଗଡ ଅଞ୍ଚଳର ମହିଳା ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ମହିଳା ବୁଣାକାରଙ୍କ ହସ୍ତତନ୍ତ ଉତ୍ପାଦ ମଧ୍ୟରେ ସମ୍ବଲପୁରୀ, ମାଣିଆବନ୍ଧ, ସୋନପୁର ବାନ୍ଧ ଶାଢ଼ି, ବୌଦ୍ଧ, ସୋନପୁର ବମକାଇ ଶାଢ଼ି, କୋରାପୁଟ ଓ ମୟୂରଭଞ୍ଜ ଆଦିବାସୀ ଶାଢ଼ି, ନୂଆପାଟଣା ଓ ବ୍ରହ୍ମପୁର ପାଟ ଶାଢ଼ି, ଗୋପାଳପୁର ଓ ମାଙ୍କିଡିଆ ଟସର ଶାଢ଼ି, ପୋଷାକ ସାମଗ୍ରୀ, କପଡ଼ା, ଘର ସାଜସଜ୍ଜା ଉପକରଣ ସମେତ ବିଭିନ୍ନ ପ୍ରକାରର ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ କରାଯାଉଛି। ଉଦ୍‌ଘାଟନୀ ଉତ୍ସବରେ ବୟନଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା, ଯୁଗ୍ମ ସଚିବ ମମତା ନାୟକ, ରେଶମ ଚାଷର ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ବୟନଶିଳ୍ପର ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ, ଉପ-ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା ପ୍ରମୁଖ ଯୋଗଦେବା ସହ ଷ୍ଟଲ୍ ବୁଲି ଦେଖିଥିଲେ।



ପଙ୍କୋଦ୍ଧାର ଏକାଦଶୀ ଅବସରରେ ସୋମବାର ପୁରୀର ଶ୍ରୀଲୋକନାଥଙ୍କ ପୀଠରେ ବୃହତ ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳନ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ପ୍ରଜ୍ୱଳିତ ହେଲା ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ

### ଶ୍ରୀଲୋକନାଥଙ୍କ ପୀଠ

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ମହାଶିବରାତ୍ରୀ ଅବ୍ୟବହିତ ପୂର୍ବରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ସୋମବାର ପୁରୀସ୍ଥିତ ଶ୍ରୀଲୋକନାଥଙ୍କ ପୀଠରେ ପଞ୍ଚଦଶତମ ବୃହତ ଜଗତମଙ୍ଗଳ ଜାଗର ଦୀପ ପ୍ରଜ୍ୱଳିତ ହୋଇଛି। ସନ୍ଧ୍ୟାରେ ଶ୍ରୀଲୋକନାଥଙ୍କ ଗମ୍ଭୀରାରୁ ଦୀପ ଆସି ଏହି ବୃହତ୍ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀମନ୍ଦିରର ଦେବୀ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ଉପଜିଲାପାଳ ରାଜକିଶୋର ଜେନା ଏବଂ ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବରୁ ଏହି ବୃହତ ଦୀପ ମାଟିରେ ପ୍ରସ୍ତୁତ କରାଯାଉଥିବା ବେଳେ ଗତବର୍ଷ ଠାରୁ ଅଷ୍ଟଧାତୁରେ ନିର୍ମିତ ହୋଇଛି। ପ୍ରାୟ ୬ଫୁଟ ଲମ୍ବ, ୪ଫୁଟ ଓସାର ଏବଂ ୩ଫୁଟ ଗଭୀର ଏହି ଦୀପରେ ଏକାଥରେ ଦେଢ଼ କୁଇଣ୍ଟାଲ ଭଲ ଘିଅ ଜଳାଯିବ। ପଙ୍କୋଦ୍ଧାର ଏକାଦଶୀ ସନ୍ଧ୍ୟାରୁ ମହାଶିବରାତ୍ରି ଜାଗର ଦିନ ଶ୍ରୀଲୋକନାଥଙ୍କ ମହାଦୀପ ଉଠିବା ପର୍ଯ୍ୟନ୍ତ ଏହା ପ୍ରଜ୍ୱଳିତ ହେବ। ୬ଇଞ୍ଚ ଚଉଡ଼ା ଏବଂ ୧୦ ମିଟର ଲମ୍ବର ବଳିତା ଏହି ଦୀପରେ ବ୍ୟବହାର କରାଯିବ। ବିଶ୍ୱ ଶାନ୍ତି ତଥା ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଏହି ଦୀପ ପ୍ରତ୍ୟେକ ବର୍ଷ ଶ୍ରୀଲୋକନାଥଙ୍କ ପୀଠରେ ପ୍ରଜ୍ୱଳନ କରାଯାଉଥିବା ଉଦ୍ୟୋକ୍ତା ରାମକୃଷ୍ଣ ହୋତା କହିଛନ୍ତି।

# ଓଡ଼ିଶାରୁ ଯୋଗଦେବେ ୧୦୦ ଛାତ୍ରୀଛାତ୍ର

### ୨୭ରେ ମନାଲିରେ ଶୀତକାଳୀନ ଦୁଃସାହସିକ ଶିବିର

### ଶୁଭେଚ୍ଛା ଜଣାଇଲେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର,୨୪।୨(ସୁଚିସ୍ମିତା ସାହୁ)

ହିମାଚଳ ପ୍ରଦେଶ ମନାଲିଠାରେ ଆସନ୍ତା ୨୭ ତାରିଖରୁ ମାର୍ଚ୍ଚ ୫ ପର୍ଯ୍ୟନ୍ତ ଶୀତକାଳୀନ ଦୁଃସାହସିକ ଶିବିର (ୱିଣ୍ଟର ଆଡ୍‌ଭେଞ୍ଚର କ୍ୟାମ୍ପ) ଆୟୋଜିତ ହେଉଛି। ଏହି ଶିବିରରେ ଓଡ଼ିଶାରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଟ୍ରେକିଙ୍ଗ, ରକ୍ କ୍ଲାଇମ୍ବିଂ, ରିଭର କ୍ରସିଂ, ରିଭର ରାଫ୍‌ଟିଂ, ଜିପ-ଲାଇନିଂ ଆଦି ଦୁଃସାହସିକ କ୍ରୀଡାରେ ଯୋଗଦେବେ। ଏଥିପାଇଁ ଛାତ୍ରୀଛାତ୍ର ସୋମବାର ମନାଲି ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଛାତ୍ରୀଛାତ୍ରଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରୀଛାତ୍ରମାନେ ନୂତନ ଅଭିଜ୍ଞତା ଓ ଅନୁଭୂତି ସାଉଁଟିବା ସହ ଜଣେ ଯୁବ ପ୍ରତିନିଧି ଭାବେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ବୋଲି ମନ୍ତ୍ରୀ ସୂରଜ କହିଛନ୍ତି। ଏଥିସହ ସେମାନେ ଶିବିରରୁ ଫେରି ସେମାନଙ୍କ ଅନୁଭୂତି ଓ ଅଭିଜ୍ଞତାକୁ ନିଜ ସହପାଠୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ମୋ ସହ ବାଣ୍ଟିବେ। ଶିବିରରୁ କ'ଣ ନୂଆ ଜାଣିବାକୁ ପାଇଲେ ତାହା ମୋତେ ଜଣାଇବେ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ମନାଲି ଯାତ୍ରା ପୂର୍ବରୁ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ଅଗ୍ନିକାଣ୍ଡ: ୧୪ ବଖରା ଜଳିଗଲା

ବାଣପୁର,୨୪।୨(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଧୀନ ନାରୁଣୀ ପୁରୁଣା ସାହିରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ୫ ପରିବାର ବୈଷ୍ଣବ ସୁବୁଦ୍ଧି, କପିଳା ସୁବୁଦ୍ଧି, ବିରଞ୍ଚି ରାଉତ, ମନୁ ରାଉତ ଓ ଧନୁ ରାଉତଙ୍କ ୧୪ବଖରା ଘର ସହିତ ଧାନ ଏବଂ ଆସବାବପତ୍ର ପୋଡ଼ିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଥିବା ଅନୁମାନ କରାଯାଉଛି। ଅପରାହ୍ନ ୫ଟାରେ ଏକ ଘରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଚାଳଘରଗୁଡ଼ିକ ପାଖାପାଖି ଥିବାରୁ ନିମିଷେକେ ମଧ୍ୟରେ ନିଆଁ ବ୍ୟାପିଯାଇଥିଲା। ଖବରପାଇ ପ୍ରଥମେ ଗଙ୍ଗାଧରପୁର ଅଗ୍ନିଶମକେନ୍ଦ୍ର କର୍ମଚାରୀ ପହଞ୍ଚିଥିଲେ। ମାତ୍ର ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ପାଣି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପାଇଥିଲା। ପରେ ବାଲୁଗାଁ ଏବଂ ଟାଙ୍ଗୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# 'ରତ୍ନଭଣ୍ଡାର ମରାମତି କାମ ସରିବା ବିଳମ୍ବ ହେବ'

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ ଜାରି ରହିଛି। ତେବେ ପୂର୍ବରୁ ୩ ମାସ ମଧ୍ୟରେ ଅର୍ଥାତ ଆସନ୍ତା ମାର୍ଚ୍ଚରେ ମରାମତି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏହି କାର୍ଯ୍ୟ ସରିବାରେ ବିଳମ୍ବ ହେବ। ରତ୍ନଭଣ୍ଡାରରେ ଫାଟ ଅଧିକ ରହିଛି। ତେଣୁ କାର୍ଯ୍ୟ ସରିବାରେ ବିଳମ୍ବ ହେଉଛି। ମରାମତି କାର୍ଯ୍ୟ ସରିବାକୁ ଆଉ ମାସେ କି ଦୁଇମାସ ସମୟ ଲାଗିବ। ମରାମତି କାର୍ଯ୍ୟ ସରିବା ପରେ ଅଳଙ୍କାରଗୁଡିକର ମରାମତି ଓ ଗଣତିମଣତି କରାଯିବ। ରଥଯାତ୍ରା ପୂର୍ବରୁ ଗଣତିମଣତି ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତିରାଜ



@ ପୂଜା



@ ସିନା



@ ସୁଜିତ୍



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧରାପଡ଼ିଲେ ନକଲି ମାଟ୍ରିକ୍ ପରୀକ୍ଷାର୍ଥୀ

ନିମାପଡ଼ା,୨୪।୨(ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ସମଗ୍ର ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଚାଲୁ ରହିଛି। ତେବେ ପରୀକ୍ଷାର ଦ୍ୱିତୀୟ ଦିନ ସୋମବାର ପୁରୀ ଜିଲା ନିମାପଡ଼ା ବ୍ଲକ ଅଧୀନ ନହନ୍ତରା ଉଚ୍ଚ ବିଦ୍ୟାଳୟ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ଜଣେ ନକଲି ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ସେ ହେଲେ ସାକ୍ଷୀଗୋପାଳ ଥାନା ଅଧୀନ ଡାଙ୍ଗୁରା ଗ୍ରାମର ରାଜା ଭୋଇ(୧୯)। ନିମାପଡ଼ା ପୋଲିସ ତାଙ୍କୁ ଗିରଫ କରି ପଚରାଉଚରା କରୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଉକ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ପୁଷ୍ପାଞ୍ଜଳି ସେଠୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ଜାଲିଆତି, ଚଞ୍ଚକତା ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଥିବା ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୫୦/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗିରଫ ନକଲି ପରୀକ୍ଷାର୍ଥୀଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି, ନହନ୍ତରା ଉଚ୍ଚ ବିଦ୍ୟାଳୟ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ନିମାପଡ଼ା ଅଧୀନ ସଲଙ୍ଗ ପଞ୍ଚାୟତର ମଧୁବନ ଶିକ୍ଷାଶ୍ରମ ସମେତ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ସୋମବାର ଦ୍ୱିତୀୟ ଦିବସରେ ଇଂଲିଶ୍ ପରୀକ୍ଷା ଚାଲିଥିବାବେଳେ ସଲଙ୍ଗ ମଧୁବନ ଶିକ୍ଷାଶ୍ରମର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ର ଶେକ୍ ମୁସଲିମ୍ ଉଦ୍ଦିନଙ୍କ ପରିବର୍ତ୍ତେ ରାଜା ୧୨୧ ବିଏ ୦୧୧୮ ରୋଲ ନମ୍ବରରେ ପରୀକ୍ଷା ଦେଉଥିଲେ। ଏହି ସମୟରେ ଆଡମିଟ୍ କାର୍ଡ ଯାଞ୍ଚବେଳେ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ସେଠୀ ସନ୍ଦେହ କରି ତାଙ୍କୁ ଧରିଥିଲେ। ଏ ସମ୍ପର୍କରେ ପୁରୀ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନଙ୍କ ସହ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ। ଘଟଣା ବାବଦରେ ସଲଙ୍ଗ ମଧୁବନ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ମନୋଜ ବେହେରାଙ୍କୁ ପଚାରିବାରେ, ଶେକ୍ ମୁସଲିମ୍ ଉଦ୍ଦିନ ପ୍ରଥମ ଦିନର ସାହିତ୍ୟ ପରୀକ୍ଷା ଦେଇଥିଲେ। ହେଲେ ସୋମବାର ଘଟଣା ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି ପ୍ରଧାନ ଶିକ୍ଷକ ବେହେରା କହିଛନ୍ତି।

# ଇକୋ ଫ୍ରେଣ୍ଡ୍‌ଲି 'ଇକୋଦର୍ଶିନୀ ଅଳଙ୍କାର'

### ପ୍ରିୟଦର୍ଶିନୀଙ୍କ ନିଆରା ପ୍ରୟାସ

ଭୁବନେଶ୍ୱର,୨୪।୨(ସୌମ୍ୟରଞ୍ଜନ ରାଉତ)







ଆମେ ଫୋପାଡ଼ି ଦେଉଥିବା ତଥା ସାଧାରଣ ସାମଗ୍ରୀରୁ ମଧ୍ୟ ବେଶ୍ ସୁନ୍ଦର ଅଳଙ୍କାର ପ୍ରସ୍ତୁତ ହୋଇପାରେ। ଯାହାକୁ କରି ଦେଖାଇଛନ୍ତି ଭୁବନେଶ୍ୱର କଳିଙ୍ଗ ବିହାରର ବାସିନ୍ଦା ପ୍ରିୟଦର୍ଶିନୀ ଦାସ। ତାଙ୍କ ହାତ ତିଆରି ଏହି ଅଳଙ୍କାର ସାଧାରଣ ଅଳଙ୍କାରଠାରୁ ନିଆରା ଦେଖାଯାଉଥିବାରୁ ମହିଳାଙ୍କର ଅଧିକ ପସନ୍ଦ ପାଲଟିଛି। ଅନ୍ୟପକ୍ଷରେ ଏହା ଇକୋ ଫ୍ରେଣ୍ଡ୍‌ଲି ହୋଇଥିବାରୁ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ଏକ ସୁନ୍ଦର ପଦକ୍ଷେପ ବୋଲି କୁହାଯାଉଛି। କାଠ, ବାଉଁଶ, ଖୋଟ, ମାଟି, ତାଳପତ୍ର, ନିମ୍ବ, ବେଲ, ତୁଳସୀ, କାଇଁଚ ଭଳି ସାମଗ୍ରୀରୁ ହାର, କାନଫୁଲ, ଚୁଡ଼ି, ବ୍ରେସଲେଟ୍, ଆଙ୍କଲେଟ୍, ମୁଦି ଭଳି ବିଭିନ୍ନ ଅଳଙ୍କାର, ଉପହାର ଓ ଘରର ବିଭିନ୍ନ ସାଜସଜ୍ଜା ସାମଗ୍ରୀ ତିଆରି କରୁଛନ୍ତି। ଏହି ଅଳଙ୍କାରର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇ ୧ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଫର୍ନିଚର୍ ଦୋକାନରୁ ଫିଙ୍ଗି ଦିଆଯାଉଥିବା ଛୋଟ କାଠ ଏବଂ ଦର୍ଜିର ଅଦରକାରୀ କପଡ଼ା ଖଣ୍ଡକୁ ସଂଗ୍ରହ କରି ସେଥିରେ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ତିଆରି କରିଥାନ୍ତି। ପଟିଆ ଅଞ୍ଚଳରେ ପ୍ରିୟଦର୍ଶିନୀଙ୍କର ଏକ ଦୋକାନ ରହିଛି। ସେଠାରେ ସେ ଏସବୁ ଜିନିଷ ବିକ୍ରି କରିଥାନ୍ତି। ଏଥିସହ ବିଭିନ୍ନ ପ୍ରଦର୍ଶନୀ ଓ ଅନ୍‌ଲାଇନ୍‌ରେ ନିଜ ତିଆରି ସାମଗ୍ରୀର ବିକ୍ରିବଟା କରିଥାନ୍ତି। ସେ ପ୍ରସ୍ତୁତ କରୁଥିବା ସାମଗ୍ରୀଗୁଡ଼ିକ ପରିବେଶ ଅନୁକୂଳ (ଇକୋ ଫ୍ରେଣ୍ଡ୍‌ଲି) ହୋଇଥିବାରୁ ସେ ଏହାର ନାମ 'ଇକୋଦର୍ଶିନୀ' ରଖିଛନ୍ତି। ତାଙ୍କ ଦୋକାନରେ ଉପହାର ସାମଗ୍ରୀରେ ମେକଅପ ବକ୍ସ, ଫୁଲକୁଣ୍ଡ, ବୋତଲ, ପେନ୍‌ଷ୍ଟାଣ୍ଡ, ଘଡ଼ି ଏବଂ ଘର ସାଜସଜ୍ଜା ସାମଗ୍ରୀ ରହିଛି। ସେ ଏହି ବ୍ୟବସାୟରୁ ମାସକୁ ୫୦ ହଜାର ଟଙ୍କାରୁ ଅଧିକ ଟଙ୍କା ଉପାର୍ଜନ କରିପାରୁଛନ୍ତି। ସେ ନିଜେ ଏହି କାମ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଶିଖାଉଛନ୍ତି। ବିନା ପ୍ରଶିକ୍ଷଣରେ ବହୁତ ଭଲ ଜିନିଷ ପ୍ରସ୍ତୁତ କରୁଥିବାରୁ ବହୁ ଲୋକ ତାଙ୍କୁ ଏ ବିଷୟରେ ପଚାରି ବୁଝନ୍ତି। ଏନେଇ ପ୍ରିୟଦର୍ଶିନୀ କୁହନ୍ତି, ପିଲାବେଳେ କଳା କ୍ଷେତ୍ରରେ ମୋର ରୁଚିଥିଲା। ମାଟିରେ ପ୍ରସ୍ତୁତ ସାମଗ୍ରୀ, ତାଳପତ୍ର ସାମଗ୍ରୀ ଓ ଅଦରକାରୀ କପଡାରେ ପ୍ରସ୍ତୁତ ସାମଗ୍ରୀକୁ ଦେଖି ଏହି ପ୍ରସ୍ତୁତି କଳା ଶିଖିଥିଲି। ପରେ ଦେଖିଲି, ଦିନକୁ ଦିନ ସମସ୍ୟା ସୃଷ୍ଟିକାରୀ ପ୍ଲାଷ୍ଟିକ ଓ ପଲିଷ୍ଟରର ବ୍ୟବହାର ବଢିଚାଲିଛି। ତେଣୁ ଲୋକମାନଙ୍କୁ ଏହାଠାରୁ ଦୂରେଇ ପରିବେଶ ଅନୁକୂଳ ସାମଗ୍ରୀ ପ୍ରତି ଆଗ୍ରହ ବଢ଼ାଇବା ଲକ୍ଷ୍ୟରେ ଏହି ପ୍ରୟାସ ଜାରି ରଖିଛି। ସୁନାରୁପା ଭଳି ଏବେ ମହିଳାମାନେ ଏହି ସାମଗ୍ରୀଗୁଡିକରେ ନିଜ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିବାକୁ ଆଗ୍ରହୀ ହେଉଛନ୍ତି। କେବଳ ରାଜଧାନୀରେ ନୁହେଁ, ଆମର ଏହି ଅଳଙ୍କାରକୁ ରାଜ୍ୟ ତଥା ଦେଶ ବାହାରେ ପସନ୍ଦ କରୁଥିବାରୁ ଅନ୍‌ଲାଇନ୍ କାରବାର ମାଧ୍ୟମରେ ସେମାନଙ୍କ ପାଖକୁ ପଠାଇ ପାରୁଛୁ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୪ ଲକ୍ଷ କୋଟି

ମୁମ୍ବାଇ,୨୪।୨

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀର ପ୍ରଭାବ ସିଧାସଳଖ ଭାରତୀୟ ପୁଞ୍ଜି ବଜାର ଏବଂ ଷ୍ଟକ ମାର୍କେଟ କାରବାର ଉପରେ ପଡୁଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ପ୍ରତିଦିନ ବହୁ ଲକ୍ଷ କୋଟି ଟଙ୍କାର ନିବେଶ ହରାଉଛନ୍ତି। ଗୋଟିଏ ପଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ନୀତି ଓ ନିଷ୍ପତ୍ତି ବୈଶ୍ୱିକ ବଜାରରେ ପ୍ରଭାବ ପକାଉଥିବାବେଳେ ଅନ୍ୟପଟରେ ବିଦେଶୀ ନିବେଶକମାନେ ଘରୋଇ ପୁଞ୍ଜି ବଜାରରୁ ନିବେଶ ପ୍ରତ୍ୟାହାର କରିବା ସହିତ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଷ୍ଟକ ବଜାରର କାରବାର ବିଶେଷ ଭାବେ ପ୍ରଭାବିତ ହେଉଛି ବୋଲି ବଜାର ବିଶେଷଜ୍ଞମାନେ ଆଶାପ୍ରକଟ କରିଛନ୍ତି। ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ) ର କାରବାର କ୍ରମାଗତ ଭାବେ ହ୍ରାସ ଘଟୁଛି। ଫଳରେ ନିବେଶକ ନିରାଶ ଓ ଆଶଙ୍କା ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରର ନିବେଶକମାନେ ପ୍ରାୟ ୪ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ପୂର୍ବ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୦୨ ଲକ୍ଷ କୋଟି ଥିଲା। ସୋମବାରର ବଜାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪ ଲକ୍ଷ କୋଟି କମି ୩୯୮ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ସୋମବାର ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର କାରବାର ୧.୧୪% ହ୍ରାସ ଘଟି ୭୪,୪୫୪.୪୧ଅଙ୍କରେ ରହିଥିଲାବେଳେ ଏନଏସଇ ନିଫ୍ଟିର କାରବାର ୧.୦୬% କମି ୨୨,୫୫୩.୩୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ବିଏସଇ ସେନସେକ୍ସର ମିଡକ୍ୟାପ କାରବାରରେ ୦.୭୮% ଏବଂ ସ୍ମଲକ୍ୟାପ ରେ ୧.୩୧% କାରବାର ହ୍ରାସ ଘଟିଛି। ଅପରପକ୍ଷରେ ନିଫ୍ଟି ମିଡକ୍ୟାପର କାରବାର ୪୩୭.୧୦ ପଏଣ୍ଟ କମି ୫୦,୦୧୩.୧୦ ଅଙ୍କରେ ଏବଂ ସ୍ମଲକ୍ୟାପ କାରବାରରେ ୧.୧୦% ହ୍ରାସ ଘଟି୭୪୦୧.୪୦ ଅଙ୍କରେ ରହିଛି। ନିଫ୍ଟି ବ୍ୟାଙ୍କର କାରବାରରେ ୩୨୯.୨୫ ପଏଣ୍ଟ ହ୍ରାସ ଘଟି ୪୮,୬୫୧.୯୫ ଅଙ୍କରେ କାରବାର ବନ୍ଦ ହୋଇଛି।



## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୮୫୭ (୮୫୬.୬୫) ପଏଣ୍ଟ କମି ୭୪,୪୫୪(୭୪,୪୫୪.୪୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୨୪୨ (୨୪୨.୫୫) ପଏଣ୍ଟ ହ୍ରାସ ଘଟି ୨୨,୫୫୩(୨୨,୫୫୩.୩୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଓଡ଼ିଶା ଟ୍ରାଭେଲ ବଜାର ଉଦ୍‌ଘାଟିତ



ଓଡ଼ିଶା ଟ୍ରାଭେଲ ବଜାର ଉଦ୍‌ଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୪।୨ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରରେ ଏକ ୪ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଓଡ଼ିଶା ଟ୍ରାଭେଲ ବଜାର-୨୦୨୫' ସୋମବାର ମେ ଫେୟାର କନ୍‌ଭେନଶନରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଭାଗିତାରେ ଆୟୋଜିତ ଏହି ପ୍ରଦର୍ଶନୀ ଏବଂ ବି୨ବି ସଭା ଆରମ୍ଭ ହୋଇଛି। ଏହି ୪ ଦିନିଆ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି, ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ବିଶ୍ୱର ଅଂଶୀଦାରମାନଙ୍କ ମଧ୍ୟରେ ବ୍ୟବସାୟିକ ସହଯୋଗକୁ ପ୍ରୋତ୍ସାହିତ କରିବା। ଏହି ପ୍ରଦର୍ଶନୀକୁ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଓଡ଼ିଶାର ସ୍ୱତନ୍ତ୍ରତା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅର୍ଥନୈତିକ ବିକାଶରେ ପର୍ଯ୍ୟଟନର ମହତ୍ତ୍ୱ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ବିଭାଗୀୟ କମିଶନର ବଲୱନ୍ତ ସିଂହ ଓଡ଼ିଶାର ବିବିଧ ପର୍ଯ୍ୟଟନ ସ୍ଥଳୀ ଏବଂ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ସରକାରଙ୍କ ଦୃଷ୍ଟିକୋଣକୁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ବିଭାଗୀୟ ନିର୍ଦ୍ଦେଶକ ସମର୍ଥ ବର୍ମା ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଫିକି ପର୍ଯ୍ୟଟନ କମିଟିର ସହ-ଅଧ୍ୟକ୍ଷ ତଥା ଏଚ୍‌ଆରଏଓର ଲାଇଫ୍ ଟାଇମ୍ ଅଧ୍ୟକ୍ଷ ଜେ.କେ. ମହାନ୍ତି ଆସନ୍ତା ବର୍ଷର କାର୍ଯ୍ୟକ୍ରମରୁ ଟ୍ରାଭେଲ ଏଜେଣ୍ଟ ଏବଂ ଟୁର୍ ଅପରେଟରମାନଙ୍କୁ ଅତି କମରେ ୧୦ରାତି ଓଡ଼ିଶାରେ ରହିବାକୁ ଆମନ୍ତ୍ରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବିସ୍ତୃତ ରହଣି ସେମାନଙ୍କୁ ଅଧିକ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରିବ ଏବଂ ସେମାନେ ଓଡ଼ିଶାର ବିଭିନ୍ନ ଆକର୍ଷଣକୁ ଅନୁସନ୍ଧାନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବିଷୟରେ ଗଭୀର ଭାବରେ ବୁଝିପାରିବେ ବୋଲି ମହାନ୍ତି କହିଥିଲେ।

# ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ପ୍ରାୟୋରିଟିରେ ଖୋଲିଲା ପ୍ରାୟୋରିଟି ବ୍ୟାଙ୍କିଙ୍ଗ ସେଣ୍ଟର

ଭୁବନେଶ୍ୱର,୨୪।୨ (ଅନୁରାଧା ମହାରଣା)

ଭୁବନେଶ୍ୱର ରାଜମହଲସ୍ଥିତ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ଓଡ଼ିଶା ଶାଖାରେ ଏକ ପ୍ରାୟୋରିଟି ବ୍ୟାଙ୍କିଙ୍ଗ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ବୃତ୍ତିଧାରୀ, ଉଦ୍ୟୋଗୀ ଏବଂ ବିତ୍ତଶାଳୀ ବ୍ୟକ୍ତିବିଶେଷ (ଏଚ୍‌ଏନ୍‌ଡବ୍ଲ୍ୟୁଆଇ) ପାଇଁ ସ୍ୱତନ୍ତ୍ର ସେବା ଲାଗି ଏହି ସେଣ୍ଟର ଖୋଲାଯାଇଛି। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ମ୍ୟାନେଜିଂ ଡାଇରେକ୍ଟର ତଥା ଆଫ୍ଲୁଏଣ୍ଟ ଡିଷ୍ଟ୍ରିବ୍ୟୁଶନ୍ ବ୍ରାଞ୍ଚ ବ୍ୟାଙ୍କିଙ୍ଗ ହେଡ୍ ନୀତିନ ଚେଙ୍ଗାପ୍ପା ଏ ଅବସରରେ କହିଛନ୍ତି, ଓଡ଼ିଶାର ଅଭିବୃଦ୍ଧିଶୀଳ ଅର୍ଥନୀତି ଏବଂ ସମ୍ଭ୍ରାନ୍ତମୂଳକ ବ୍ୟାଙ୍କିଙ୍ଗ ସେବାର ଚାହିଦା ବଢୁଛି। ଭୁବନେଶ୍ୱରର ବିତ୍ତଶାଳୀବର୍ଗ ପାଇଁ ସେମାନଙ୍କର ନିବେଶରେ ବୃଦ୍ଧି ଘଟାଇବା ହେଉ, ସେମାନଙ୍କ ପରିବାରର ଆର୍ଥିକ ଭବିଷ୍ୟତ ସୁରକ୍ଷିତ କରିବା, ସେମାନଙ୍କର ଏକ ଲିଗାସି ନିର୍ମାଣ ଆଦି ପ୍ରିମିୟମ ଆର୍ଥିକ ସେବାର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଏହି ସେଣ୍ଟର ସହାୟକ ହେବ। ବିଶେଷଜ୍ଞଙ୍କ ମାର୍ଗଦର୍ଶନ ଜରିଆରେ ସମ୍ପତ୍ତି ପରିଚାଳନା ସଶକ୍ତ କରିବାକୁ ଚାହୁଁଛି ବୋଲି ନୀତିନ କହିଛନ୍ତି। ସୂଚନା ଥାଉକି, ଭାରତର ଶୀର୍ଷ ୬ଟି ସହରରେ ସଫଳତା ପରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଆଗକୁ ୧୦ ସହରରେ ବ୍ୟବସାୟ ବିସ୍ତାର ସହ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖିଛି। ଭାରତରେ ବାସକରୁଥିବା ପ୍ରାୟ ୩,୫୦,୦୦୦ ଏଚଏନଡବ୍ଲ୍ୟୁଙ୍କ କମ୍ପାଉଣ୍ଡ ଆନୁଆଲ ଗ୍ରୋଥ୍ (ସିଏଜିଆର) ପ୍ରାୟ ୧୨% ହାରରେ ଗତ ୫ବର୍ଷ ଧରି ବୃଦ୍ଧିପାଉଛି। ବ୍ୟାପକ ଶିଳ୍ପାୟନ, ରିଅଲ ଇଷ୍ଟେଟ କ୍ଷେତ୍ରର ବିକାଶ ଏବଂ ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧି କାରଣରୁ ସମ୍ପତ୍ତି ଏବେ ଭାରତର ଅନ୍ୟୂନ ୩୦ଟି ବୃହତ ସହରରେ ବୃଦ୍ଧିପାଇଛି। ଭୁବନେଶ୍ୱରରେ ଟେକ୍ନୋଲୋଜି, ରିଅଲ ଇଷ୍ଟେଟ ଏବଂ ଶିକ୍ଷା ଭଳି ପ୍ରମୁଖ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟୁଛି। ଏଠାରେ ପ୍ରବାସୀ ଭାରତୀୟ (ଏନଆରଆଇ)ମାନଙ୍କର ସଂଖ୍ୟା ବଢୁଛି। ବିଦେଶରେ ବାସକରୁଥିବା ବ୍ୟକ୍ତି ମାତୃଭୂମିରେ ନିବେଶ କରିବା, ବାସ କରିବା ଅଥବା ସମ୍ପର୍କ ବଜାୟ ରଖିବାକୁ ଫେରୁଛନ୍ତି। ଏହି ବିତ୍ତଶାଳୀ ବର୍ଗର ଗ୍ରାହକଙ୍କର ବର୍ଦ୍ଧିତ ସଂଖ୍ୟା ସହିତ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ସ୍ଥାନୀୟ ବ୍ୟବସାୟୀବର୍ଗ ଏବଂ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ସମ୍ପତ୍ତି ପରିଚାଳନା, ଅଭିବୃଦ୍ଧି ଓ ତାହାର ସୁରକ୍ଷା ପାଇଁ ସେବା ପ୍ରଦାନ କରୁଛି। ଏହି ବ୍ୟାଙ୍କ ଗତବର୍ଷ ମୁମ୍ବାଇ ଓ ଚେନ୍ନାଇରେ ଦୁଇଟି ଆନ୍ତର୍ଜାତିକ ବ୍ୟାଙ୍କିଙ୍ଗ କେନ୍ଦ୍ର ସ୍ଥାପନ କରିଥିଲା।




# ରିଲାଏନ୍ସ ଜିଓର ନୂଆ ମାଇଲଖୁଣ୍ଟ

ମୁମ୍ବାଇ,୨୪।୨

ରିଲାଏନ୍ସ ଗ୍ରୁପର ପ୍ରମୁଖ କମ୍ପାନୀ ରିଲାଏନ୍ସ ଜିଓକୁ ଆଉ ଏକ ସଫଳତା ମିଳିଛି। ଏପରିକି ରିଲାଏନ୍ସ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଅପରପକ୍ଷରେ ଭାରତ ୫ଜି ଷ୍ଟାଣ୍ଡ-ଏଲୋନ (ଏସଏ) ନେଟୱର୍କ ସ୍ଥାପନରେ ଆମେରିକା ଓ ୟୁରୋପକୁ ମଧ୍ୟ ପଛରେ ପକାଇ ଦେଇଛି ଏବଂ ଏଥିରେ ରିଲାଏନ୍ସ ଜିଓ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉଲ୍ଲେଖଯୋଗ୍ୟ, ଟେଲିକମ କ୍ଷେତ୍ରର ଅନୁଶୀଳନକାରୀ ସଂସ୍ଥା ଓକଲାର ସଦ୍ୟତମ ରିପୋର୍ଟ ଅନୁଯାୟୀ ଘରୋଇ ବଜାରରେ ୫୨% ୫ଜି ଷ୍ଟାଣ୍ଡ-ଏଲୋନ/ଷ୍ଟାଣ୍ଡାଲୋନ ସେବା ଉପଲବ୍ଧତା ସହ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାରୀ କରିଥିବାବେଳେ ଚାଇନ ୮୦% ଉପଲବ୍ଧତା ସହ ଏହି ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଛି। ସେହିପରି ୟୁରୋପରେ ଏହି ସଂଖ୍ୟା ମାତ୍ର ୧% ରହିଛି, ଯାହା ଭାରତର ଦ୍ରୁତ ଅଗ୍ରଗତିକୁ ଦର୍ଶାଉଛି। ଏହି ରିପୋର୍ଟ ଅନୁଯାୟୀ ଭାରତର ୫ଜି ଷ୍ଟାଣ୍ଡ-ଏଲୋନ/ଷ୍ଟାଣ୍ଡାଲୋନ ନେଟୱର୍କର ବ୍ୟାପକ ଉପଲବ୍ଧତା ପଛରେ ଜିଓର ଦ୍ରୁତ ୫ଜି ନେଟୱର୍କ ସମ୍ପ୍ରସାରଣ ଏବଂ ୭୦୦ ମେଗାହର୍ଜ ସ୍ପେକ୍ଟ୍ରମର ବ୍ୟାପକ ବ୍ୟବହାର ରହିଛି। ଏହି ଲୋ-ବ୍ୟାଣ୍ଡ୍ ସ୍ପେକ୍ଟ୍ରମ୍ ସମଗ୍ର ଦେଶରେ ପ୍ରଭାବଶାଳୀ ଏବଂ ନିର୍ଭରଯୋଗ୍ୟ କଭରେଜ୍ ସୁନିଶ୍ଚିତ କରିଛି, ଯାହା ଗ୍ରାମାଞ୍ଚଳ ତଥା ସୁଦୂର ଅଞ୍ଚଳରେ ମଧ୍ୟ ୫ଜି ଉପଲବ୍ଧତାକୁ ସୁନିଶ୍ଚିତ କରିଛି। ଭାରତ ୫ଜି ଷ୍ଟାଣ୍ଡ-ଏଲୋନ/ଷ୍ଟାଣ୍ଡାଲୋନ ଡାଉନଲୋଡ୍ ସ୍ପିଡରେ ମଧ୍ୟ ଆଗରେ ରହିଛି,ଯେଉଁଠାରେ ଜିଓ ସହାୟତାରେ ହାରାହାରି ସ୍ପିଡ୍ ୨୬୦.୭୧ ଏମବିପିଏସରେ ପହଞ୍ଚିଛି। ଏହାର ତୁଳନାରେ ଚାଇନରେ ୨୨୪.୮୨ ଏମବିପିଏସ ଏବଂ ଜାପାନରେ ୨୫୪.୧୮ ଏମବିପିଏସ ସ୍ପିଡ୍ ରେକର୍ଡ କରାଯାଇଥିବାବେଳେ ୟୁରୋପରେ ଏହା ମାତ୍ର ୨୨୧.୧୭ ଏମବିପିଏସ ରହିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

# ଓଡ଼ିଶା ଡିସ୍‌କମ୍‌କୁ ଶ୍ରେଷ୍ଠ ଜାତୀୟ ର୍‌ୟାଙ୍କିଙ୍ଗ୍

ନୂଆଦିଲ୍ଲୀ,୨୪।୨

ଓଡ଼ିଶାରେ ଟାଟା ପାୱାର ବିଦ୍ୟୁତ ବିତରଣ କରୁଛି। ଏପରିକି ଟାଟା ପାୱାର ନେତୃତ୍ୱାଧୀନ ବିଭିନ୍ନ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସ୍‌କମ୍)ଗୁଡ଼ିକ ଭାରତର ୬୩ଟି ବିଦ୍ୟୁତ୍ ୟୁଟିଲିଟି ମଧ୍ୟରେ ଶ୍ରେଷ୍ଠ ଜାତୀୟ ର୍‌ୟାଙ୍କିଙ୍ଗ ହାସଲ କରିଛନ୍ତି। ଯାହା ଏହି କ୍ଷେତ୍ରରେ କମ୍ପାନୀର ନେତୃତ୍ୱକୁ ଦୋହରାଉଛି, ଆର୍ଥିକ ସ୍ଥାୟିତ୍ୱ, ଉତ୍କର୍ଷ ପ୍ରଦର୍ଶନ ଓ ବାହ୍ୟ ପରିବେଶ ଭଳି ମାନଦଣ୍ଡ ଆଧାରରେ ୟୁଟିଲିଟିଗୁଡ଼ିକୁ ଅନୁଶୀଳନ କରି ପ୍ରସ୍ତୁତ କରାଯାଇଥିବା ରିପୋର୍ଟକୁ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ନିକଟରେ ଉନ୍ମୋଚନ କରାଯାଇଛି। ସେହିଭଳି ନୂଆଦିଲ୍ଲୀଠାରେ ଆୟୋଜିତ ବିଦ୍ୟୁତ୍ କ୍ଷେତ୍ରର ଏକ ଆଞ୍ଚଳିକ ସମୀକ୍ଷା ବୈଠକରେ ଏହି ର୍‌ୟାଙ୍କିଙ୍ଗ ଲିଷ୍ଟକୁ ସର୍ବସମ୍ମୁଖରେ ଜାରି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହର ଲାଲ ଖଟ୍ଟର ୬୩ ବିତରଣ ୟୁଟିଲିଟିର ତ୍ରୟୋଦଶ ସମନ୍ୱିତ ରେଟିଂ (୨୦୨୩-୨୪ ଆର୍ଥିକ ବର୍ଷ), ଡିସ୍‌କମଗୁଡ଼ିକର ଗ୍ରାହକ ସେବା ରେଟିଂ (ସିଏସଆରଡି) ରିପୋର୍ଟର ଚତୁର୍ଥ ସଂସ୍କରଣ ଏବଂ ବିତରଣ ୟୁଟିଲିଟି ର୍‌ୟାଙ୍କିଙ୍ଗ (ଡିୟୁଆର୍) ରିପୋର୍ଟର ପ୍ରଥମ ସଂସ୍କରଣ ଭଳି ତିନିଟି ରିପୋର୍ଟକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏ ସମ୍ପର୍କରେ ଟାଟା ପାୱାରର ଏମ୍‌ଡି ତଥା ସିଇଓ ଡ. ପ୍ରବୀର ସିହ୍ନା କହିଛନ୍ତି, ଏହି ଜାତୀୟ ମାନ୍ୟତା ଦେଶର ଅଗ୍ରଣୀ ସରକାରୀ-ଘରୋଇ ବିଦ୍ୟୁତ ବିତରଣ କମ୍ପାନୀ ଭାବେ ଓଡ଼ିଶା ଡିସ୍‌କମଗୁଡ଼ିକର ସ୍ଥିତିକୁ ଦୃଢ଼ କରିଛି।

# ଆଦାନୀ ପୋର୍ଟଫୋଲିଓ ଭାରତର ଅନ୍ୟତମ ଟିକସଦାତା

**୨୦୨୩-୨୪ ଆର୍ଥିକ ବର୍ଷରେ ୫୮,୧୦୪.୪ କୋଟିର ଟିକସ ପୈଠ**

ନୂଆଦିଲ୍ଲୀ,୨୪।୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦାନୀ ଗ୍ରୁପ (ଆଦାନୀ ପୋର୍ଟଫୋଲିଓ କମ୍ପାନିଜ)ର ବହୁ ପ୍ରତୀକ୍ଷିତ ଟ୍ୟାକ୍ସ ଟ୍ରାନ୍ସପରେନ୍ସି ରିପୋର୍ଟ ବା ଟିଟିଆରକୁ ନିକଟରେ ଘୋଷଣା କରାଯାଇଛି। ଏପରିକି ଏହି ରିପୋର୍ଟରେ ଆଦାନୀ ଗ୍ରୁପର ବୈଶ୍ୱିକ ଟିକସ ସମେତ ୨୦୨୩-୨୪ ଆର୍ଥିକ ବର୍ଷର ଅବଦାନ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ଗ୍ରୁପ ମୋଟ ୫୮,୧୦୪.୪ କୋଟି ଟଙ୍କାର ଟିକସ ପୈଠ କରିଥିଲାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଆଦାନୀ ପୋର୍ଟଫୋଲିଓ ସମୁଦାୟ ୪୬,୬୧୦.୨ କୋଟି ଟଙ୍କା ଟିକସ ପୈଠ କରିଥିଲା। ଏ ସମ୍ପର୍କରେ ଆଦାନୀ ଗ୍ରୁପର ଚେୟାରମ୍ୟାନ ଗୌତମ ଆଦାନୀ କହିଥିଲେ, ଆମେ ଦେଶର ଅନ୍ୟତମ ସର୍ବବୃହତ ଟିକସଦାତା ହୋଇଥିଲାବେଳେ ଏକ ଦାୟିତ୍ୱବାନ ଘରୋଇ ସଂସ୍ଥା ଭାବେ ଦେଶର ଅର୍ଥନୀତିରେ ଯୋଗଦାନ କରି ବେଶ୍ ଉତ୍ସାହିତ ଅଛୁ।





**K.G.SARAFF PUBLIC SCHOOL**
KHARIAR ROAD, DIST - NUAPADA

**ADVERTISEMENT**

Applications are invited for admission of the eligible candidates in Class-I under RTE (2009) for the session 2025-26 up to 20th March 2025.
Contact the undersigned or apply through https://rteparadarshi.odisha.gov.in

Contact No. 8926376859
PRINCIPAL,
K.G.S.P. SCHOOL, Khariar Road



# Classified Everyday
**0674-2580101, 9692975378**


**REAL ESTATE**
**SALE**

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

**ଭୁବନେଶ୍ୱର Sum Hospital-2 ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9090142564, 8018608500.** D-76243

**Gharabari converted plots available near Hitech Square, Sundarpada, Bhubaneswar. For more details contact: 6370277334.** D-3059

G+2 storied building, opposite Hyundai Showroom, Uttara, Bhubaneswar. Call- 8917520527. D-3062




**1200sqft fully furnished office space available for rent in 2nd and 3rd floor at Omm Complex, Bomikhal, Bhubaneswar. Contact: 9880193309/ 7411536937.** D-75596




Positivelyhealthbenefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positivelyhealthbenefited SPA by expert female therapist, Bapujinagar. 8018429809. D-76198

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## AFFIDAVIT

By virtue of an affidavit sworn before Notary Public, Bhubaneswar, dated- 17 Feb. 2025 GAGAN MOHANTY, Address: Qtr No.- 1R-72, Road No.- 02, P.O.- Bhoi Nagar, Unit- 9, P.S.- Saheed Nagar, Bhubaneswar, Dist.- Khordha, Odisha, PIN- 751007 declare that I have changed my name from Gagan Mahanti to Gagan Mohanty. Henceforth, I shall be known as Gagan Mohanty for all purposes.
GAGAN MOHANTY
D-3061

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Pattamundai, AF No.- 07/2025, dt 21.02.2025, I Prasant Kumar Mohanty, At/P.O.- Sansarfal, P.S.- Pattamundai, Dist.- Kendrapara- 754217 declare that I have changed my son's name from Suprva Mohanty to new name Supravat Mohanty. That now he shall be known as Supravat Mohanty for all purposes. D-3060

By virtue of an affidavit sworn before the Executive Magistrate, Bhubaneswar, dated 18.02.2025, I MONALISA NAYAK, Address: At- Jagannathpur, P.O.- Kakarudrapur, P.S.- Balianta, Dist.- Khordha, Odisha, PIN- 752102 declare that I have changed my name from TAPANA NAYAK to MONALISA NAYAK. Henceforth, I shall be known as MONALISA NAYAK for all purposes. D-3058

Affidavit before Magistrate, Khalikote, Ganjam No.- A/409/ 06.02.2025 I Rilu Sethy (43) S/o- Rabi Sethy, At/P.O.- Bikrampur, P.S./ Tahasil- Khalikote, Ganjam as per my Aadhaar Card but I changed my name Rilu Sethy to Bhagaban Sethy. Henceforth, I shall be known as Bhagaban Sethy for all future purposes. D-3063

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏଅଶୋକ କୁମାର ନାୟକ
ଡେପୁଟି ମ୍ୟାନେଜର, SBI, SME, CTC.
ଆବିର୍ଭାବ: ୦୧।୧୦।୧୯୬୪
ତିରୋଧାନ: ୦୮।୦୩।୨୦୨୪
"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ। ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି।"
ତୁମର ହସ ହସ ମୁହଁ, ସ୍ନେହ, ଭଲପାଇବା ଓ ଉଦାରତା ମନୋଭାବ ଆମମାନଙ୍କ ପାଇଁ ଚିରଦିନ ଅବିସ୍ମରଣୀୟ ହୋଇ ରହିବ। ତୁମର ସ୍ମୃତି ଆମମାନଙ୍କ ବି ସ୍ମୃତି ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:- ପିତା: ଲକ୍ଷ୍ମୀଧର, ମାତା- ପାର୍ବତୀ, ପତ୍ନୀ- ଶଶିପ୍ରଭା, ପୁଅ- ଅର୍ପଣ, ଝିଅ- ଅର୍ଚ୍ଚନା, ବନ୍ଧୁ ଓ ପରିଜନବର୍ଗ।
ଧ-୩୦୫୭

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଘିଅ ସହ ଗୁଡ଼ ଖାଇବା ଉପକାରୀ

**ପ୍ରତିଦିନ ଖାଦ୍ୟରେ ଅଳ୍ପ ପରିମାଣର ଘିଅ ସାମିଲକଲେ ତାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟକରେ। ବିଶେଷକରି ଆଣ୍ଠୁ, ଗଣ୍ଠି ଆଦିକୁ ମଜଭୁତ ରଖିବା ଲାଗି ଏହା ଖୁବ୍ ଦରକାର। ହେଲେ ଆପଣ ଜାଣନ୍ତିକି ଘିଅ ସହ କ'ଣ ମିଶାଇ ଖାଇଲେ ତାହା କେତେକ ରୋଗ ଦୂରକରିବାରେ ବେଶ୍ ସାହାଯ୍ୟ କରିଥାଏ, ଜାଣନ୍ତୁ ସେ ସମ୍ପର୍କରେ...**



- ଏହାକୁ ଖାଇଲେ ପାଚନଶକ୍ତି ବୃଦ୍ଧି ପାଇଥାଏ। ଫଳରେ ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦୂରହୋଇଥାଏ। ଗୁଡ଼ରେ ଥିବା ପ୍ରାକୃତିକ ଶର୍କରା ଶରୀରକୁ ଏନର୍ଜି ଯୋଗାଇଥାଏ।
- ମଧ୍ୟାହ୍ନଭୋଜନ ପରେ ଅଳ୍ପ ଘିଅ ଏବଂ ଗୁଡ଼ ମିଶାଇ ଖାଇଲେ ଖାଦ୍ୟ ଭଲ ଭାବେ ହଜମ ହେବା ସହ ଥକାପଣ ଦୂରହୋଇଥାଏ ଏବଂ ସତେଜତା ଅନୁଭବ ହୋଇଥାଏ।
- ଘିଅରେ ଭିଟାମିନ୍ ଏ ଏବଂ ଇ ରହିଛି, ଯାହାକି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ତେଣୁ ଘିଅ-ଗୁଡ଼ ମିଶାଇ ଖାଇଲେ ଥଣ୍ଡା, କାଶ ଏବଂ ଅନ୍ୟ ଇନ୍‌ଫେକ୍ସନ ସମସ୍ୟା ଦେଖାଦେଇ ନ ଥାଏ।
- ଘିଅରେ ଥିବା ଫ୍ୟାଟି ଏସିଡ୍ ତ୍ୱଚାକୁ ପୋଷଣ ଯୋଗାଇ ଦେଇଥାଏ ଏବଂ ଚମକପ୍ରଦ କରାଇଥାଏ। ତା'ଛଡ଼ା ଏହି ଦ୍ରବ୍ୟକୁ ମିଶାଇ ଖାଇଲେ ତାହା କେଶ ଝଡ଼ିବା ରୋକିବା ସହ ଷ୍ଟ୍ରଙ୍ଗ୍ ଏବଂ ସାଇନିଂ କରାଇଥାଏ।

# ଘରୁ ଦୂରାନ୍ତୁ ପିମ୍ପୁଡ଼ି

**ଶୀତ ଛାଡ଼ିବା ପରେ ଏବେ ପିମ୍ପୁଡ଼ିଙ୍କ ଉପଦ୍ରବ ଆରମ୍ଭ ହୋଇଯାଇଛି। ଖାଦ୍ୟ ସାମଗ୍ରୀରୁ ଆରମ୍ଭକରି ଲୁଗାପଟା ଏବଂ ଘରର ଅନ୍ୟାନ୍ୟ ସାମଗ୍ରୀରେ ପିମ୍ପୁଡ଼ି ଲାଗୁଥିବାରୁ ଅନେକେ ଚିନ୍ତିତ। ତେଣୁ ଏମାନଙ୍କୁ ଦୂରେଇବା ଲାଗି ଆପଣାନ୍ତୁ କେତୋଟି ଉପାୟ...**



- ପିମ୍ପୁଡ଼ି ଆସୁଥିବା ସ୍ଥାନରେ ଲେମ୍ବୁଚୋପା ରଖନ୍ତୁ କିମ୍ବା ପାଣିରେ ଲେମ୍ବୁରସ ମିଶାଇ ଘରକୁ ଭଲଭାବେ ପୋଛିଦିଅନ୍ତୁ, ଦେଖିବେ ଏହି ଗନ୍ଧରେ ପିମ୍ପୁଡ଼ି ଆସିବେ ନାହିଁ।
- ଡାଲଚିନି ଖଣ୍ଡର ଗନ୍ଧ ପିମ୍ପୁଡ଼ିଙ୍କୁ ଆଦୌ ପସନ୍ଦ ନୁହେଁ। ତେଣୁ ପିମ୍ପୁଡ଼ି ହେଉଥିବା ସ୍ଥାନରେ ଏହାକୁ ରଖନ୍ତୁ ସେମାନେ ପାଖକୁ ଆସିବେ ନାହିଁ। ପାଣିରେ ଡାଲଚିନି ତେଲ ମିଶାଇ ସ୍ପ୍ରେ କଲେ ମଧ୍ୟ ଉପକୃତ ହେବେ।
- ଖଣ୍ଡେ ଚକ୍‌କୁ ଗୁଣ୍ଡକରି ଏହାକୁ ସ୍ପ୍ରେ ବୋତଲରେ ପୂରାଇ ପିମ୍ପୁଡ଼ି ହେଉଥିବା ସ୍ଥାନରେ ସ୍ପ୍ରେ କରନ୍ତୁ। ଚକ୍‌ରେ କ୍ୟାଲ୍‌ସିଅମ୍ କାର୍ବୋନେଟ୍ ରହିଛି ଯାହାକି ପିମ୍ପୁଡ଼ି ଦୂରକରିବାରେ ବେଶ୍ ସାହାଯ୍ୟ କରିଥାଏ। ମାର୍କେଟ୍‌ରେ ମିଳୁଥିବା ପିମ୍ପୁଡ଼ିମରା ଚକ୍(ଲକ୍ଷ୍ମଣରେଖା) ଲଗାଇଲେ ବି ଏହି ସମସ୍ୟା ଦୂରହୋଇପାରିବ।
- ଭିନେଗାରର ଗନ୍ଧ ବି ପିମ୍ପୁଡ଼ିଙ୍କୁ ପସନ୍ଦ ନୁହେଁ। ତେଣୁ ପିମ୍ପୁଡ଼ି ହେଉଥିବା ସ୍ଥାନରେ ଭିନେଗାର ପକାଇଲେ ପିମ୍ପୁଡ଼ି ଆସିବେ ନାହିଁ।
- ସେହିପରି ଅଳ୍ପ ଗରମପାଣିରେ କମଳାଚୋପା ପକାଇ ବାଟିଦିଅନ୍ତୁ। ଏହି ପେଷ୍ଟକୁ କିଚେନ ସ୍ଲାବ୍ ଏବଂ ଘରକୁ ପିମ୍ପୁଡ଼ି ଆସୁଥିବା ସ୍ଥାନରେ ଲଗାଇ କିଛି ସମୟ ରଖିବା ପରେ ପୋଛି ଦିଅନ୍ତୁ। ଲେମ୍ବୁ ପରି କମଳାଚୋପା ଗନ୍ଧ ମଧ୍ୟ ପିମ୍ପୁଡ଼ିଙ୍କୁ ପସନ୍ଦ ନୁହେଁ।

# ଶିଶୁଙ୍କ ଶ୍ୱାସ, କାଶ ସମସ୍ୟା

ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

**"ଡାକ୍ତର, ମୋ ପିଲାର ୧ ମାସ ହେବ କାଶ ହେଉଛି। କୌଣସି ଔଷଧରେ ଭଲ ହେଉନାହିଁ। ଆପଣ ତାଙ୍କୁ ଭଲ ଔଷଧ ଲେଖିଦିଅନ୍ତୁ।" - ଏହା ଜଣେ ମା'ଙ୍କ ଡାକ୍ତରଙ୍କ ନିକଟରେ ଅନୁରୋଧ। ଏହି କିଛି ମାସ ହେବ ଭୁବନେଶ୍ୱର ଓ ଆମ ରାଜ୍ୟର ଅନେକ ସ୍ଥାନରେ ପିଲାମାନଙ୍କୁ ଥଣ୍ଡା ପରେ ଅନେକଦିନ ଧରି କାଶ ଲାଗି ରହୁଛି। କାଶ ଭଲ ହେବାକୁ ବହୁଦିନ ଧରି ଔଷଧ ସେବନ କରିବାକୁ ପଡୁଛି। ତେବେ ଜାଣିବା ଏହି ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର ସମ୍ପର୍କରେ...**



କାଶକୁ ସାଧାରଣତଃ ୩ ଭାଗରେ ବିଭକ୍ତ କରାଯାଇଥାଏ। ଯଥା ଆକ୍ୟୁଟ୍ କଫ୍, ସବ୍ ଆକ୍ୟୁଟ୍ କଫ୍, କ୍ରନିକ୍ କଫ୍।

**୧. ଆକ୍ୟୁଟ୍ କଫ୍**- ଏହି କାଶ ପିଲାଙ୍କଠାରେ ୩ ସପ୍ତାହରୁ କମ୍ ହୋଇଥାଏ। ଏହି ବର୍ଗରେ ଫ୍ଲୁ, ବ୍ରୋଙ୍କିଓଲାଇଟିସ୍, ବାର୍ଡ ଫ୍ଲୁ, ନ୍ୟୁମୋନିଆ, ହ୍ୟୁମାନ୍ ମେଟା ନ୍ୟୁମୋ ଭାଇରସ୍(HMPV), ପାରା ଇନ୍‌ଫ୍ଲୁଏଞ୍ଜା, H1N1। ଏହିପରି ୧୦୦ ପ୍ରକାର ଭୂତାଣୁ ଦ୍ୱାରା ଥଣ୍ଡା ରୋଗ ହୋଇଥାଏ। ପ୍ରଥମେ ଅତ୍ୟଧିକ ଜ୍ୱର ହୋଇଥାଏ। ୧୦୩ ଡିଗ୍ରୀରୁ ୧୦୪ଡିଗ୍ରୀ ପର୍ଯ୍ୟନ୍ତ, ନାକରୁ ପାଣି ବାହାରେ, ସମୟେ ସମୟେ ଜ୍ୱର ଔଷଧ ମଧ୍ୟ କାମ କରେନାହିଁ।

ଧୀରେ ଧୀରେ ଜ୍ୱର ଥଣ୍ଡା ଛାଡ଼ିଗଲା ପରେ ଅତ୍ୟଧିକ କାଶ ହୋଇଥାଏ। ଶିଶୁଟି କାଶି କାଶି ବାନ୍ତି କରିପକାଏ। ଏଥିରେ କୌଣସି ଆଣ୍ଟିବାୟୋଟିକ୍ କାମ କରି ନ ଥାଏ। କାଶ ପ୍ରାୟ ୨ ସପ୍ତାହରୁ ୩ ସପ୍ତାହ ପର୍ଯ୍ୟନ୍ତ ଲାଗିଥାଏ। ବର୍ତ୍ତମାନ ଏହି ରୋଗ ପାଇଁ କେତେକ ଭୂତାଣୁକୁ ଦାୟୀ କରାଯାଉଛି। ସେଥିମଧ୍ୟରୁ HMPV ଭୂତାଣୁ ଗୋଟିଏ। ଏହା ବ୍ୟତୀତ ବ୍ରୋଙ୍କିଓଲାଇଟିସ୍, ନ୍ୟୁମୋନିଆ, ଫ୍ୟାରିଞ୍ଜାଇଟିସ୍ ପୋଷ୍ଟ ନାଜାଲ୍ ଡ୍ରିପ୍, ଫରେନ୍ ବଡି ଆସ୍ପିରେଶନ୍ ଓ ଜୀବାଣୁଜନିତ କାଶ ହୋଇଥାଏ।



ନ୍ୟୁମୋନିଆ ରୋଗ ଶିଶୁ ପାଇଁ ଅଧିକ ମାରାତ୍ମକ ହୋଇଥାଏ। ଏହାକୁ ଜାଣିବା ପାଇଁ ଅତି ସାଧାରଣ ଉପାୟ ରହିଛି। ଜନ୍ମରୁ ୨ମାସ ପର୍ଯ୍ୟନ୍ତ ଶିଶୁର ଶ୍ୱାସର ଗତି ୧ ମିନିଟ୍‌ରେ ୬୦ରୁ ଅଧିକ ହେଲେ ନ୍ୟୁମୋନିଆ ହୋଇଛି ବୋଲି ଜାଣିବେ। ସେହିପରି ୨ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଶିଶୁର ଶ୍ୱାସର ଗତି ୫୦ରୁ ଅଧିକ, ୧-୫ବର୍ଷ ପର୍ଯ୍ୟନ୍ତ ଶ୍ୱାସର ଗତି ୪୦ରୁ ଅଧିକ ହେଲେ ନ୍ୟୁମୋନିଆ ବୋଲି ଜାଣି ଚିକିତ୍ସା କରିବାକୁ ପଡ଼ିବ।

HMPV ଭୂତାଣୁ ଦ୍ୱାରା ସଂକ୍ରମଣରେ ନାକରୁ ପାଣି ବାହାରିବା, କାଶ, ନିଃଶ୍ୱାସ ନେବାରେ କଷ୍ଟ, ତଣ୍ଟି ଦରଜ, ଦେହରେ ଲାଲ୍ ଦାଗ, ଦମା ହେବା ଲକ୍ଷଣ ଦେଖାଯାଏ। ସାନ ପିଲା ଓ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କଠାରେ ଏହାର କମ୍ପ୍ଲିକେଶନ ଦେଖାଯାଏ।

**୨. ସବ୍ ଆକ୍ୟୁଟ୍ କଫ:** ଏହି କାଶ ୩ ସପ୍ତାହରୁ ୮ ସପ୍ତାହ ମଧ୍ୟରେ ହୋଇଥାଏ। ହୁପିଂ କାଶ, ସାଇନସାଇଟିସ୍, ମାଇକୋପ୍ଲାଜ୍‌ମା, କ୍ଲାମାଇଡିଆ ଆଲର୍ଜି, ଫରେନ୍‌ବଡି ଆସ୍ପିରେଶନ୍।

**୩. କ୍ରନିକ କାଶ:** ଏହା ୮ ସପ୍ତାହରୁ ଅଧିକ ହୋଇଥାଏ। ଏହି କାଶର କାରଣଗୁଡ଼ିକ ହେଲା, ଶ୍ୱାସ କାଶ, ସିଷ୍ଟିକ୍ ଫ୍ରାଇବ୍ରୋସିସ୍, ଟିବି, ଗ୍ୟାଷ୍ଟ୍ରୋଲୋଜିକାଲ୍ ରିଫ୍ଲକ୍ସ, ପୋଷ୍ଟ ନାଜାଲ୍ ଡ୍ରିପ୍।

**କାଶରୋଗର ନିଦାନ:** ଏହି କାଶର ପ୍ରକୃତ କାରଣ ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶକ୍ରମେ ବ୍ଲଡ୍ କାଉଣ୍ଟ, ESR, CRP, ଥ୍ରୋଟ୍ ସ୍ୱାବ୍ କଲ୍‌ଚର, ଚେଷ୍ଟ ଏକ୍ସ-ରେ, HRCT(ହାଇ ରିଜୋଲ୍ୟୁଶନ୍ କମ୍ପ୍ୟୁଟେଡ୍ ଟୋମୋଗ୍ରାଫି), ସ୍ପୁଟମ ଫର୍ afb, ବ୍ରୋଙ୍କୋସ୍କୋପି ଭଳି ଟେଷ୍ଟ କରାଇବା ଦରକାର।

**ଚିକିତ୍ସା:** ଭୂତାଣୁଜନିତ କାଶ ପାଇଁ ନାକ ଡ୍ରପ୍, ଆଣ୍ଟି ହିଷ୍ଟାମିନ୍, ଜ୍ୱର ପାଇଁ ପାରାସିଟାମଲ୍, ଗରମ ଲୁଣପାଣି ଗାର୍ଗଲିଂ, ମହୁ ୧୦ମିଲିରେ ଲେମ୍ବୁରସ ୫ମିଲି ଉଷୁମ ପାଣିରେ ମିଶାଇ ପିଇଲେ କାଶ କମିଥାଏ। ମନଇଚ୍ଛା ଆଣ୍ଟି ବାୟୋଟିକ୍ ଖାଇଲେ କୌଣସି ଉପକାର ମିଳି ନ ଥାଏ।



**କେତେକ କାଶରୋଗୀ ପାଇଁ ବିପଜ୍ଜନକ ଲକ୍ଷଣ:**

- ଦୀର୍ଘଦିନ କଫ ଲାଗି ରହିବା
- ଓଜନ କମିବା ଓ ଭୋକ ନ ଲାଗିବା
- ଖାଇବା ସମୟରେ ଅସୁବିଧା, ବାରମ୍ବାର ତଣ୍ଟିରେ ଲାଗିବା।
- ଛାତି ବ୍ୟଥା
- ଅଣନିଃଶ୍ୱାସୀ ହେବା
- ଅତ୍ୟଧିକ ଜ୍ୱର ୭୨ଘଣ୍ଟାରୁ ଅଧିକ
- ରୁଗ୍‌ଣ ଦେଖାଯିବା
- କଫରେ ରକ୍ତ ପଡ଼ିବା
- ବାନ୍ତି ଲାଗି ରହିବା
- ଶିଶୁ ଓଠ, ହାତ ଆଙ୍ଗୁଠି ନୀଳ ଦେଖାଯିବା
- ୧ବର୍ଷରୁ କମ୍ ଶିଶୁର କାଶ ଲାଗିରହିବା

ଉପରୋକ୍ତ ଲକ୍ଷଣ ଦେଖାଦେଲେ ଶିଶୁକୁ ଡାକ୍ତରଖାନାରେ ରଖି ଚିକିତ୍ସା କରାଇବା ଉଚିତ।

**ଫ୍ଲୁ ଟିକା ଓ ପ୍ରତିଷେଧକ:** ନ୍ୟୁମୋକୋକାଲ ଟିକା ଦେବା ଉଚିତ। ମାସ୍କ ବ୍ୟବହାର, ଦୂରତା ରକ୍ଷାକରିବା, ହାତ ଧୋଇବା, ମୁହଁରେ ହାତ ନ ମାରିବା, ବାୟୁମଣ୍ଡଳ ପ୍ରଦୂଷଣ ସହ କାଶ ରୋଗର ସିଧାସଳଖ ସମ୍ପର୍କ ରହିଛି। ଗୃହଠାରୁ ଆରମ୍ଭକରି ବାହାର ପର୍ଯ୍ୟନ୍ତ ସୁସ୍ଥ ପରିବେଶ ଶିଶୁମାନଙ୍କୁ ଶ୍ୱାସ, କାଶରୁ ରକ୍ଷା କରିପାରିବ।

*- ଶିଶୁରୋଗ ବିଶେଷଜ୍ଞ, ଲିଙ୍ଗରାଜ ବିହାର, ଭୁବନେଶ୍ୱର*





ସୌନ୍ଦର୍ଯ୍ୟ

# ତ୍ୱଚାକୁ ଉଜ୍ଜ୍ୱଳକରେ ଶଜନାଶାଗ



**ଶଜନାଶାଗ ଖାଇଲେ ଶରୀରକୁ ବିଭିନ୍ନ ପ୍ରକାର ଉପକାର ମିଳିଥାଏ। ତେବେ ଜାଣନ୍ତିକି ଏହାକୁ ଖାଇବା ସହ ବ୍ୟବହାରକଲେ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ହୋଇଥାଏ...**

- ଶଜନାଶାଗ ପେଷ୍ଟ ଲଗାଇଲେ ଡାର୍କ ସ୍କିନ୍ ଟୋନ୍ ଲାଇଟ୍ ହୋଇଥାଏ। ଏହା ସ୍କିନ୍‌କୁ ସ୍ପଟ୍‌ଲେସ୍ କରିବା ସହ ସ୍କିନ୍‌ଟୋନ୍ ବଢ଼ାଇ ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ।
- ଶଜନାଶାଗରେ କୋଲାଜେନ୍ ପ୍ରୋଟିନ୍ ଭରି ରହିଛି। ତେଣୁ ଏହା ଖାଇବା ଯେତିକି ଭଲ ଲଗାଇବା ସେତିକି ଲାଭଦାୟକ। ଏହାର ପେଷ୍ଟ ଲଗାଇବା ଦ୍ୱାରା ସ୍କିନ୍ ଟାଇଟ୍ ଏବଂ ସୁନ୍ଦର ରହିଥାଏ।
- ଶଜନାଶାଗ ପ୍ୟାକ୍ ଲଗାଇଲେ ତ୍ୱଚାରେ ରିଙ୍କଲ ମାର୍କ ଦେଖାଯାଇ ନ ଥାଏ। ଏହା ତ୍ୱଚାକୁ ସଫା, ଟାଇଟ୍ ରଖିବା ସହ ଏଜିଂ ସମସ୍ୟା ଦୂରକରି ୟଙ୍ଗର ଲୁକ୍ ଦେଇଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବା ଲାଗି ଶଜନାଶାଗକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ୧ ଚାମଚ ଗୁଣ୍ଡରେ ଅଧା ଚାମଚ ଲେମ୍ବୁରସ, ୧ ଚାମଚ ଲେଖାଏ ମହୁ ଏବଂ ଗୋଲାପଜଳ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦ ମିନିଟ୍ ରଖନ୍ତୁ। ପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ।
- ବ୍ରଣ ସମସ୍ୟା ଦୂରକରିବାରେ ଏହା ବେଶ୍ ଲାଭଦାୟକ। ଏଥିପାଇଁ ଶଜନାତେଲ ବ୍ୟବହାର କରନ୍ତୁ। କାରଣ ଏଥିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଛି। ଶଜନାଶାଗକୁ ପେଷ୍ଟକରି ବି ଆପଣ ବ୍ରଣ ହୋଇଥିବା ସ୍ଥାନରେ ଲଗାଇଲେ ଉପକୃତ ହେବେ।
- ଓଠ ପାଇଁ ସବୁଠୁ ଭଲ ମଶ୍ଚରାଇଜର ଭାବେ କାମ କରିଥାଏ ଶଜନାତେଲ ; ଯେଉଁଥି ଲାଗି ବିଭିନ୍ନ ଲିପ୍‌ବାମ୍ ଏବଂ ଲିପ୍ କେୟାର ପ୍ରଡକ୍ଟଗୁଡ଼ିକରେ ଏହାକୁ ବ୍ୟବହାର କରାଯାଇଥାଏ।



ଖାଦ୍ୟରୁଚି

# କ୍ୟାବେଜ୍ ଥୋରାନ୍

**ଆବଶ୍ୟକ ସାମଗ୍ରୀ:** ଛୋଟ ଛୋଟ କଟାହୋଇଥିବା ଏକ ଛୋଟ ବନ୍ଧାକୋବି, ୨୦୦ ଗ୍ରାମ ନଡ଼ିଆକୋରା, ଭୃର୍ସୁଙ୍ଗପତ୍ର, ୨ଟି ଛୋଟ କଟାହୋଇଥିବା କଞ୍ଚାଲଙ୍କା, ଛୋଟ କଟାହୋଇଥିବା ରସୁଣ ୨ ଚାମଚ, ୧ ଇଞ୍ଚର ଅଦା ଛୋଟ ଛୋଟ କଟାହୋଇଥିବା, ୧୦୦ ଗ୍ରାମ୍ ଛୋଟ କଟାହୋଇଥିବା ପିଆଜ, ଗୋଟିଏ ଶୁଖିଲା ଲଙ୍କା(ଭାଙ୍ଗି ମଞ୍ଜି କଢ଼ାଯାଇଥିବା), ୩ ଚାମଚ ତେଲ, ଅଧା ଚାମଚ ସୋରିଷ, ଅଧା ଚାମଚ ଜିରା, ଅଧା ଚାମଚ ହଳଦୀଗୁଣ୍ଡ, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପ୍ୟାନ୍‌ରେ ତେଲ ନେଇ ମିଡିଅମ ଫ୍ଲେମ୍‌ରେ ଗରମ କରନ୍ତୁ। ସେଥିରେ ସୋରିଷ, ଶୁଖିଲା ଲଙ୍କା ପକାଇ ଧୀରେ ଧୀରେ ଗୋଳାନ୍ତୁ। ସୋରିଷ ଫୁଟିବା ଆରମ୍ଭ ହେଲେ ସେଥିରେ କଟା ପିଆଜ ଏବଂ ଭୃର୍ସୁଙ୍ଗପତ୍ର ପକାଇ ଭାଜନ୍ତୁ। ସାମାନ୍ୟ ବ୍ରାଉନ୍ ହୋଇଆସିଲେ ସେଥିରେ ଜିରା, କଟା ରସୁଣ ଏବଂ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ। ସେଥିରେ କଟା ବନ୍ଧାକୋବି, ହଳଦୀଗୁଣ୍ଡ ଏବଂ ଲୁଣ ପକାଇ ୪-୫ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ ନଡ଼ିଆ କୋରା ପକାଇ ୨-୩ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ସାମାନ୍ୟ କ୍ରଞ୍ଚି ରଖିଲେ ଅଧିକ ସ୍ୱାଦିଷ୍ଟ ଲାଗିଥାଏ। ପ୍ରସ୍ତୁତ ହୋଇଗଲା କ୍ୟାବେଜ୍ ଥୋରାନ୍। ଏହାକୁ ଭାତ କିମ୍ବା ରୁଟି ସହ ଖାଆନ୍ତୁ।



**ଏଫ୍ଆଇଏଚ୍ ପ୍ରୋ-ଲିଗ୍**

(ପୁରୁଷ)

✲ ଜର୍ମାନୀ ବନାମ ଆୟର୍ଲାଣ୍ଡ
ସମୟ: ଅପରାହ୍ନ ୩ଟା।
✲ ଭାରତ ବନାମ ଇଂଲଣ୍ଡ
ସମୟ: ସନ୍ଧ୍ୟା ୭ଟା ୩୦।

(ମହିଳା)

✲ ଭାରତ ବନାମ ନେଦରଲାଣ୍ଡ
ସମୟ: ସନ୍ଧ୍ୟା ୫ଟା ୧୫।
ସ୍ଥାନ: କଳିଙ୍ଗ ଷ୍ଟାଡିୟମ।

# ଏମ୍ଏମ୍ସିସି ସମ୍ବଲପୁର ବିଜୟୀ

**ତମାଣ୍ଡୋ କପ୍ ଟି୨୦**

ଯାଁଳା,୨୪।୨ (ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଏମ୍ଏମ୍ସିସି ସମ୍ବଲପୁର ବିଜୟୀ ହୋଇଛି। ଟସ୍ ଜିତି ଏମ୍ଏମ୍ସିସି ସମ୍ବଲପୁର ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। କନିକା ୱାରିଅର୍ସ କେନ୍ଦ୍ରାପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୭.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମିତ୍ କୁମାର ରାଉତ ୩୨ ଏବଂ ସତ୍ୟରଞ୍ଜନ ସାମଲ ୧୭ରନ କରିଥିଲେ। ଜବାବରେ ଏମ୍ଏମ୍ସିସି ସମ୍ବଲପୁର ଟିମ୍ ୧୦.୩ ଓଭରରେ ୮ଉଇକେଟ ବିନିମୟରେ ୯୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ୱାଲଟ ଟପ୍ପୋ ୪୮ ଏବଂ ତସରିଫ୍ ଖାନ ୨୯ରନ କରିଥିଲେ। ବିଜୟୀ ଟିମ୍ର ଅନିକେତ ସିଂ ୩ଟି ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦୁର୍ଗା ଦତ୍ତ, ଧୀରଜ ସିଂ ଏବଂ ସୁଶିଲ କୁମାର ସୁନ୍ଦରାୟ ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ଏମ୍ଏମ୍ସିସି ସମ୍ବଲପୁର ଏବଂ ରୁବି ରକଷ୍ଟାର ପ୍ରାତପଡ଼ା ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ସବିତା ଖେଳିଲେ ୩୦୦ତମ ମ୍ୟାଚ



ନେଦରଲାଣ୍ଡ ବିପକ୍ଷ ମ୍ୟାଚ ପୂର୍ବରୁ ଗୋଲକିପର ସବିତାଙ୍କୁ ସାଥୀ ଖେଳାଳିମାନେ ମଥା ନୁଆଁଇ ସମ୍ମାନ ଜଣାଉଛନ୍ତି। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ମହିଳା ପ୍ରୋ ଲିଗ୍ରେ ଭାରତର ସବିତା ପୁନିଆ ସୋମବାର ନେଦରଲାଣ୍ଡ ବିପକ୍ଷରେ କ୍ୟାରିୟରର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଦ୍ୱିତୀୟ ଭାରତୀୟ ମହିଳା ଭାବେ ସେ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ଅନ୍ତର୍ଜାତୀୟ ସ୍ତରରେ ଭାରତର କେବଳ ବନ୍ଦନା କାଟରିୟା ଏହି କ୍ଲବର ସଦସ୍ୟା ଥିଲେ। ଅର୍ଜୁନ ପୁରସ୍କାରପ୍ରାପ୍ତ ଗୋଲକିପର ସବିତା ଅନେକ ଟୁର୍ନାମେଣ୍ଟରେ ଭାରତୀୟ ଦଳର ସଫଳତାରେ ସାମିଲ ରହିଛନ୍ତି। ୩୦୦ ମାଇଲଖୁଣ୍ଟ ସ୍ପର୍ଶ ପାଇଁ ହକି ଇଣ୍ଡିଆ ପକ୍ଷରୁ ସବିତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ମ୍ୟାଚ ପୂର୍ବରୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିବାବେଳେ ସମ୍ପାଦକ ଭୋଳାନାଥ ସିଂ ୩୦୦ ଲେଖାଥିବା ଜର୍ସି ପ୍ରଦାନ କରିଥିଲେ। ଭାରତୀୟ ମହିଳା ଓ ପୁରୁଷ ଦଳରେ କେବଳ ପି.ଆର. ଶ୍ରୀଜେଶଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଗୋଲକିପର ଏପରି ସଫଳତା ପାଇ ନାହାନ୍ତି।

ମାତ୍ର ୨୦ ବର୍ଷ ବୟସରେ ସବିତା ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଏବେ ସେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗୋଲକିପର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳ ଚତୁର୍ଥ ସ୍ଥାନ ହାସଲ କରିବାରେ ସବିତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହା ବ୍ୟତୀତ ତାଙ୍କ ଅଭିଜ୍ଞତା ଯୋଗୁ ଭାରତ ୨୦୧୬ ରିଓ ଅଲିମ୍ପିକ୍ସ ଏବଂ ୨୦୧୮ ମହିଳା ହକି ବିଶ୍ୱକପର କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା। ସବିତାଙ୍କ ନେତୃତ୍ୱରେ ଭାରତ ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକଏବଂ ଏଫ୍ଆଇଏଚ୍ ନେସନ୍ସ କପ୍ରେ ଟାଇଟଲ ବିଜୟୀ ହୋଇଥିଲା। ଏହା ବ୍ୟତୀତ ନିଜ ଅଧିନାୟକତ୍ୱରେ ସେ ୨୦୨୩ ଓ ୨୦୨୪ରେ କ୍ରମାଗତ ଏସିଆନ ମହିଳା ଚାମ୍ପିୟନ୍ସ ଟ୍ରଫିରେ ଭାରତକୁ ସ୍ୱର୍ଣ୍ଣ ପଦକ ବିଜୟୀ କରାଇଥିଲେ।





ସବିତାଙ୍କୁ ହକି ଇଣ୍ଡିଆ ସମ୍ପାଦକ ଭୋଳା ନାଥ ସିଂ ୩୦୦ ଲେଖାଥିବା ଜର୍ସି ପ୍ରଦାନ କରୁଛନ୍ତି।

ଅଭୂତପୂର୍ବ ପ୍ରଦର୍ଶନ ପାଇଁ ସବିତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହା ବ୍ୟତୀତ ସେ ୨୦୨୨ ଓ ୨୦୨୩ରେ ହକି ଇଣ୍ଡିଆ ପକ୍ଷରୁ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇବାରେ ମଧ୍ୟ ଗୌରବ ଅର୍ଜନ କରିଥିଲେ। ଗୋଲପୋଷ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ସବିତାଙ୍କୁ ଲଗାତର ୨୦୨୦-୨୧, ୨୦୨୧-୨୨ ଓ ୨୦୨୨-୨୩ ସିଜନ ପାଇଁ ଏଫ୍ଆଇଏଚ୍ଗୋଲକିପରଅଫ୍ଦିଇୟର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

## 'ଯାତ୍ରା ଅବିସ୍ମରଣୀୟ'

''ଭାରତ ପାଇଁ ୩୦୦ ମ୍ୟାଚ ଖେଳିବା ମୋ ଲାଗି ସ୍ୱତନ୍ତ୍ର । ଯାତ୍ରା ଅବିସ୍ମରଣୀୟ ରହିଥିଲା। ମୋତେ ସମର୍ଥନ କରି ଆସିଥିବାରୁ ହକି ଇଣ୍ଡିଆ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ, ମୋ ପରିବାର, ଟିମ୍ମେଟ୍ ଓ ସପୋର୍ଟ ଷ୍ଟାଫ୍ଙ୍କ ନିକଟରେ ମୁଁ ଚିର କୃତଜ୍ଞ। ଭାରତୀୟ ଜର୍ସିରେ ଖେଳିଥିବା ମୋ ପାଇଁ ସମ୍ମାନ ସଦୃଶ। ଯେତେଦିନ ପର୍ଯ୍ୟନ୍ତ ଖେଳୁଥିବି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନିଶ୍ଚିତ ଚେଷ୍ଟା କରିବି'' ବୋଲି ସବିତା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଜର୍ମାନୀ ୮, ଆୟର୍ଲାଣ୍ଡ ୨

**ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ):** ଏଫ୍ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ବିଭାଗର ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଜର୍ମାନୀ ବୃହତ୍ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଏହି ଦଳ ଆୟର୍ଲାଣ୍ଡକୁ ୮-୨ ଗୋଲରେ ହରାଇ ଦେଇଛି। ଜର୍ମାନୀ ପକ୍ଷରୁ ମିଚେଲ ଷ୍ଟ୍ରୁଥୋଫ୍ ୧୦ ଓ ୫୯ତମ ମିନିଟରେ ୨ଟି ଏବଂ ଥିଏସ ପ୍ରିଞ୍ଜ ୭ମ, ପଲ୍-ଫିଲିପ କୁଫମାନ ୨୮, ରାପେଲ ହାର୍ଟକୋଫ ୩୦, ହେନରିକ ମେର୍ଟଗେନ୍ସ ୪୨, ବେନେଡିକ୍ଟ ସ୍ୱାର୍ଜହୁପ୍ଟ ୪୪ ଓ ଗୋଞ୍ଜାଲୋ ପିଲାଟ ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ମାଥ୍ୟୁ ନେଲସନ ୨୭ ଓ ପିଟର ମ୍ୟାକକିବିନ ୨୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

# ଭାରତୀୟ ପୁରୁଷ ଦଳର ତୃତୀୟ ପରାଜୟ



ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ପୁରୁଷ ହକି ମ୍ୟାଚ୍।

**ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ):** ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ରେ ସୋମବାର ଭାରତୀୟ ଦଳକୁ ଭଲ ଫଳ ମିଳିନାହିଁ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ଭାରତ ୨-୪ ଗୋଲରେ ନେଦରଲାଣ୍ଡଠାରୁ ହାରିଥିବାବେଳେ ପୁରୁଷ ବର୍ଗରେ ଲଚ୍ଚୁଆ ପ୍ରଦର୍ଶନ କରିଥିଲେ ହେଁ ଇଂଲଣ୍ଡଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ଇଂଲଣ୍ଡ ପକ୍ଷରୁ ଅଧିନାୟକ ସାମ୍ ୱାର୍ଡ ୧୯ ଓ ୨୯ ମିନିଟରେ ୨ଟି ଏବଂ ଜ୍ୟାକବ ପେଟନ ୧୫ଶ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅଭିଷେକ ୧୮ ଓ ସୁଖଜିତ ସିଂ ୩୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ୭ ମ୍ୟାଚରୁ ୩ୟ ପରାଜୟ ଦ୍ୱାରା ଭାରତ ୧୨ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୭ ମ୍ୟାଚରୁ ୧୬ ପଏଣ୍ଟ ସହିତ ଶୀର୍ଷସ୍ଥାନ ଅଧିକାର କରିଛି।

# ପାକିସ୍ତାନ ବିଦା, ସେମିରେ ନ୍ୟୁଜିଲାଣ୍ଡ

ରାୱଲପିଣ୍ଡି,୨୪।୨: ଆଇସିସି ଚାମ୍ପିୟନ୍ସ ଟ୍ରଫିର ଷଷ୍ଠ ମ୍ୟାଚରେ ନ୍ୟୁଜିଲାଣ୍ଡ ୫ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ବାଂଲାଦେଶ ଦ୍ୱାରା ପ୍ରଦତ୍ତ ୨୩୭ ରନର ଟାର୍ଗେଟକୁ ରାଚିନ ରବୀନ୍ଦ୍ରଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ୪୬.୧ ଓଭରରେ ୫ ଉଇକେଟ ବିନିମୟରେ ହାସଲ କରି ନେଇଛି। ଏହି ବିଜୟରୁ ୨ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ ଗ୍ରୁପ-ଏ'ରେ ଟପରେ ରହିବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଆୟୋଜକ ପାକିସ୍ତାନ ଓ ବାଂଲାଦେଶ ସେମିଫାଇନାଲ ଦୌଡ଼ରୁ ବାଦ ପଡ଼ିଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୯ ଉଇକେଟ ହରାଇ ୨୩୬ ରନ କରିଛି। ଦଳ ପକ୍ଷରୁ ଅଧିନାୟକ ନଜମୁଲ ହୋସେନ ଶାନ୍ତୋ ସର୍ବାଧିକ ୭୭, ଜାକର ଅଲୀ ୪୫, ରିଶାଦ ହୋସେନ ୨୬ ଓ ତଜିଦ ହାସନ ୨୪ ରନ କରିଥିଲେ। ନ୍ୟୁଜିଲାଣ୍ଡ ଲାଗି ବୋଲିଂରେ ମାଇକେଲ ବ୍ରେସୱେଲ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ୱିଲିୟମ ଓରର୍କେ ଦୁଇଟି ଉଇକେଟ ହାତେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୪୬.୧ ଓଭରରେ ୫ ଉଇକେଟ ବିନିମୟରେ ୨୪୦ କରି ନେଇଥିଲା। ଦଳ ପକ୍ଷରୁ ରାଚିନ ୧୨ ଚୌକା ଓ ୧ ଛକା ସହିତ ୧୧୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟମ ଲଥାମ ୫୫ ଓ ଡେଭନ କନୱେ ୩୦ ରନ କରିଥିଲେ। ବାଂଲାଦେଶ ଲାଗି ତସ୍କିନ ଅହମ୍ମଦ, ନାହିଦ ରାଣା ଓ ମୁସ୍ତାଫିଜୁର ରହମାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମାଇକେଲ ବ୍ରେସୱେଲ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୨୩୬/୯ (ନଜମୁଲ ହୋସେନ ଶାନ୍ତୋ-୭୭, ଜାକର ଅଲୀ -୪୫, ମାଇକେଲ ବ୍ରେସୱେଲ-୪/୨୬, ୱିଲିଅମ ଓରର୍କେ-୨/୪୮)। ନ୍ୟୁଜିଲାଣ୍ଡ ୪୬.୧ ଓଭରରେ ୨୪୦/୫ (ରାଚିନ ରବିନ୍ଦ୍ର-୧୧୨, ଟମ ଲଥାମ-୫୫, ଡେଭନ କନୱେ-୩୦, ତସ୍କିନ ଅହମ୍ମଦ-୧/୨୮, ନାହିଦ ରାଣା-୧/୪୩)।

**ଚାମ୍ପିୟନ୍ସ ଟ୍ରଫି**

**ଆଜିର ମ୍ୟାଚ**

ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା
ସ୍ଥାନ: ରାୱଲପିଣ୍ଡି ସମୟ: ଅପରାହ୍ନ ୨:୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ-୧୮

# ନେଦରଲାଣ୍ଡଠାରୁ ଭାରତ ପରାସ୍ତ

**ଏଫ୍ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି**

ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋ ଲିଗ୍ ମହିଳା ହକିରେ ସୋମବାର ଭାରତ ୨-୪ ଗୋଲରେ ନେଦରଲାଣ୍ଡଠାରୁ ହାରିଯାଇଛି। ଫଳରେ ଭାରତୀୟ ଦଳ ୭ ମ୍ୟାଚରୁ ୫ମ ପରାଜୟ ସହ ୭ମ ସ୍ଥାନରେ ରହିଛି। ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ନେଦରଲାଣ୍ଡ ଫାଇଦାରେ ରହିଥିଲା। ୭ମ ମିନିଟରେ ଇମା ରେଜନେନ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମ କ୍ୱାର୍ଟରରେ ଦଳକୁ ଅଗ୍ରଣୀ କରିଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ୧୮ଶ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଭାରତର ଉଦିତା ଗୋଲରେ ପରିଣତ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଦ୍ୱିତୀୟାର୍ଦ୍ଧରେ ନେଦରଲାଣ୍ଡ ଆକ୍ରମଣକୁ ଜୋରଦାର କରିଥିଲା। ଫଳରେ ତୃତୀୟ କ୍ୱାର୍ଟରରେ ୨ଟି ଗୋଲ ଦେଇ ଦଳ ମନସ୍ତାତ୍ତ୍ୱିକ ଅଗ୍ରଣୀ ହାସଲ କରିଥିଲା।



ଭାରତ ଓ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରୋ ଲିଗ୍ ମହିଳା ହକି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

୩୪ତମ ମିନିଟରେ ଫେଲିସ ଆଲବର୍ସେ ପେନାଲ୍ଟି କର୍ନରରୁ ଏବଂ ୪୦ତମ ମିନିଟରେ ଭାନ୍ ଡର୍ ଏଲେଷ୍ଟ ଫେ୍ ଏକ ଫିଲ୍ଡ ଗୋଲ ଦେଇଥିଲେ। ୪୨ତମ ମିନିଟରେ ଉଦିତା ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ମ୍ୟାଚରେ ରୋମାଞ୍ଚ ଭରିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଭାରତ କଡ଼ା ଟକ୍କର ଦେଇଥିଲେ ହେଁ ଫିନିସିଂ କରିପାରି ନ ଥିଲା। ଅନ୍ୟପକ୍ଷରେ ନେଦରଲାଣ୍ଡର ଫେଲିସେ ଆଲବର୍ସ ବ୍ୟକ୍ତିଗତ ୨ୟ ଏବଂ ଦଳ ପକ୍ଷରୁ ୪ର୍ଥ ଗୋଲ ସ୍କୋର କରି ଭାରତ ହାତରୁ ମ୍ୟାଚ ଛଡ଼ାଇ ନେଇଥିଲେ। ଏହି ବିଜୟ ଫଳରେ ନେଦରଲାଣ୍ଡ ୭ ମ୍ୟାଚରୁ ୧୮ ପଏଣ୍ଟ ପାଇ ଟେବୁଲରେ ନିଜର ଶୀର୍ଷସ୍ଥାନକୁ ଦୃଢ଼ କରିଛି।

# ଅମିତଙ୍କୁ ସ୍ୱର୍ଣ୍ଣ, ଜାଇନୁଲ ରୌପ୍ୟ





ଅତିଥିଙ୍କ ସହ ଓଡ଼ିଶାର ସଫଳ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୨୪।୨ (ବିଜୟ ରଣା)

ଉତ୍ତର ପ୍ରଦେଶର ଲକ୍ଷ୍ନୌ ଅନ୍ତର୍ଗତ ଇନ୍ଦିରାଗାନ୍ଧୀ ପ୍ରତିଷ୍ଠାନରେ ୧୪ତମ ଜାତୀୟ ଫେଡେରେଶନ କପ୍ ୨୦୨୫ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ଏକ ୯ଜଣିଆ ଦଳ ପ୍ରବନ୍ଧକ ପ୍ରଦୀପ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିଲେ। ଏଥିରେ ୬୫ କି.ଗ୍ରା ଓଜନ ବର୍ଗରେ ଓଡ଼ିଶାର ଶେକ୍ ଜାଇନୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୭୫ କି.ଗ୍ରା ଓଜନ ଶ୍ରେଣୀରେ ଅମିତ କୁମାର ଭୂୟାଁ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁଆରୀ ୧୪ରୁ ୧୬ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଲ୍ଗାଭିଠାରେ ଅନୁଷ୍ଠିତ ୧୬ତମ ଜାତୀୟ ସିନିୟର ପୁରୁଷ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଇଣ୍ଡିଆ ୨୦୨୫ର ୭୫ କି.ଗ୍ରା ଓଜନ ଶ୍ରେଣୀରେ ଅମତ କୁମାର ଭୂୟାଁ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଜିତିଥିଲେ। ଜିତେନ୍ଦ୍ର କୁମାର ପଲାଇ ୮୦ କି.ଗ୍ରା ଓଜନ ଶ୍ରେଣୀରେ ୩ୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ଏହି ସଫଳତା ପାଇଁ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ସୁପ୍ରିମକୋର୍ଟ ସିନିୟର ଆଡ୍ଭୋକେଟ ମାନସ ରଞ୍ଜନ ମହାପାତ୍ର , ଉପଦେଷ୍ଟା ଡଃ ହରିପ୍ରସାଦ ପଟ୍ଟନାୟକ, ସଭାପତି ତଥା ଅନ୍ତର୍ଜାତୀୟ ବିଚାରକ ସୁମିତ୍ରା ତ୍ରିପାଠୀ ଓ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରମୁଖ ଖୁସି ବ୍ୟକ୍ତ କରିବା ସହ କୃତୀ ପ୍ରତିଯୋଗୀଙ୍କ ଅଭିନନ୍ଦନଜ୍ଞାପନ କରିବା ସହ ସେମାନଙ୍କ ଶୁଭକାମନା କରିଛନ୍ତି।

# ରାଜ୍ୟ କରାଟେ ପ୍ରତିଯୋଗିତା ଉଦ୍ଯାପିତ

ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ କରାଟେ ସଂଘ (ଓସ୍କା) ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲ ପରିସରରେ ୩୬ତମ ରାଜ୍ୟ ସିନିୟର ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଓସ୍କା ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୮ ଜିଲା ସଂଘରୁ ୧୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ କରାଟେ ସଂଘ ପ୍ରତିଷ୍ଠାତା ସଦସ୍ୟ ସଞ୍ଜୟ ଦାସ, ସନତ କୁମାର ନାୟକ, ପ୍ରଦୀପ କୁମାର ସରକାର, ପ୍ରକାଶ କୁମାର ପଟ୍ଟନାୟକ, କାଳୀ ପ୍ରସାଦ ନନ୍ଦ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରୁ ଆସନ୍ତା ମାର୍ଚ୍ଚରେ ହାଇଦ୍ରାବାଦରେ ହେବାକୁଥିବା ଜାତୀୟ ସିନିୟର ଓ ୨୧ ବର୍ଷରୁ କମ୍ ପ୍ରତିଯୋଗିତା ପାଇଁ ରାଜ୍ୟ କରାଟେକା ମନୋନୀତ ହେବେ। ପ୍ରତିଯୋଗିତା ଅବସରରେ ଓଡ଼ିଶା ରାଜ୍ୟ କରାଟେ ସଂଘର ବାର୍ଷିକ ଅଧିବେଶନ ବସି ରାଜ୍ୟରେ କରାଟେର ଅଧିକ ବିକାଶ ନିମନ୍ତେ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା ବୋଲି ଓସ୍କାର ସାଧାରଣ ସମ୍ପାଦକ ଗୌରୀ ମହାନ୍ତି ପ୍ରକାଶ କରିଛନ୍ତି। ପ୍ରତିଯୋଗିତାକୁ ଖାରବେଳ ମଲିକ, ଦୀପକ ସାମନ୍ତରା, ରାଜୀବ କୁମାର ସିଂ, ସୁରେଶ ଚନ୍ଦ୍ର ଜାଲ, ଶୁଭାଶିଷ ମହାପତ୍ର, ରାଜେନ୍ଦ୍ର କେଶରୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ।





କୃତୀ କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ